# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୭/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, April 17/2019 | ★★★★

୪୫ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






ଆମର ‘କାଳିଆ’ ଯୋଜନାରେ ଏ ପର୍ଯ୍ୟନ୍ତ ୪୦ ଲକ୍ଷ ଚାଷୀ ଉପକାର ପାଇଲେଣି ।
ଆଉ ୨୫ ଲକ୍ଷ ଚାଷୀଙ୍କ ଲିଷ୍ଟ୍ ତିଆରି ହୋଇଛି ।
ଲିଷ୍ଟରେ ଥିବା ସବୁ ଚାଷୀ ଯୋଜନାର ଲାଭ ପାଇବେ ।
କେହି ବି ଜଣେ ଚାଷୀ ବଞ୍ଚିତ ହେବେ ନାହିଁ । ଏବେ ନୁହେଁ କି କେବେ ନୁହେଁ ।

‘ଶଙ୍ଖ’ ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



ମେ ୨୩ରେ ସାଧାରଣ ନିର୍ବାଚନର ଫଳାଫଳ ଘୋଷିତ ହେବା ପରେ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ପାଲଟିଯିବେ।

-ଅହମ୍ମଦ ପଟେଲ,
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ଭେଲୋର ଆସନରେ ନିର୍ବାଚନ ବାତିଲ

ନୂଆଦିଲ୍ଲୀ,୧୬।୪: ତାମିଲନାଡୁର ଭେଲୋର ଲୋକ ସଭା ଆସନରେ ନିର୍ବାଚନ ବାତିଲ କରିଦିଆଯାଇଥିବା ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ଜଣେ ଡିଏମ୍‌କେ ପ୍ରାର୍ଥୀଙ୍କ ଗୋଦାମଘରୁ ୧୧.୫କୋଟି ଟଙ୍କା ଜବତ ହେବା ପରେ ନିର୍ବାଚନ ପାଇଁ ବିପୁଳ ଲାଞ୍ଚ କାରବାର ହେଉଥିବା ସୂଚନା ମିଳିଥିଲା। ଏହି ଘଟଣାକୁ ଆଧାର କରି ଉକ୍ତ ଆସନରେ ନିର୍ବାଚନ ସ୍ଥଗିତ ରଖାଯାଇଛି। ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ଅନ୍ୟ ୩୮ଟି ଆସନ ସହିତ ଏଠାରେ ଭୋଟ ଗ୍ରହଣ ହେବାର ଥିଲା। ଏପ୍ରିଲ ୧୪ରେ ନିର୍ବାଚନ କମିଶନ୍‌ଙ୍କ ସୁପାରିସକୁ ଗ୍ରହଣ କରି ରାଷ୍ଟ୍ରପତି ତାମିଲନାଡୁର ଭେଲୋର ଲୋକ ସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନକୁ ରଦ୍ଦ କରିଦେଇଥିବା କମିଶନ୍‌ଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଭୋଟରଙ୍କୁ ଲାଞ୍ଚଦେବା ଉଦ୍ଦେଶ୍ୟରେ ଅର୍ଥ କାରବାର ଅଭିଯୋଗରେ ଏକ ଲୋକ ସଭା ନିର୍ବାଚନମଣ୍ଡଳୀର ଭୋଟଗ୍ରହଣ ବାତିଲ କରିବା ପ୍ରଥମ ଘଟଣା। ଏ ପର୍ଯ୍ୟନ୍ତ ତାମିଲନାଡୁରୁ ୨୦୫କୋଟି ନଗଦ ଟଙ୍କା ଓ ସୁନାର ପରିମାଣକୁ ମିଶାଇ ୫୦୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜବତ ହେଲାଣି। ନିର୍ବାଚନ ବାତିଲ ଦ୍ୱାରା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ଡିଏମ୍‌କେ ଅଭିଯୋଗ କରିଛି। ତେବେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭେଲୋର ନିର୍ବାଚନମଣ୍ଡଳୀରେ ୨୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### ୱେବ୍‌ସାଇଟ୍ ହ୍ୟାକ୍ କରି ଦୁବାଇରେ ଭାରତୀୟ ଦଣ୍ଡିତ

ଦୁବାଇ,୧୬।୪(ପି.ଟି): ଏଠାରେ ୩୩ ବର୍ଷୀୟ ଜଣେ ଭାରତୀୟ ଆଇଟି ପ୍ରୋଗ୍ରାମର ୧୫ଜଣ କ୍ଲାଏଣ୍ଟଙ୍କ ୱେବ୍‌ସାଇଟ୍ ହ୍ୟାକିଙ୍ଗ୍ କରିବା ଅଭିଯୋଗରେ ତାଙ୍କୁ ୩ମାସ ଜେଲ ଦଣ୍ଡାଦେଶ ହୋଇଛି। କମ୍ପାନି କର୍ତ୍ତୃପକ୍ଷ ଉକ୍ତ କର୍ମଚାରୀଙ୍କ ଦରମାରୁ ୧୦୮୦ ଆମେରିକୀୟ ଡଲାର କାଟିବା ପରେ ସେ ୧୫ଜଣଙ୍କ ୱେବସାଇଟ୍ ହ୍ୟାକ୍ କରିଥିଲେ ବୋଲି ରିପୋର୍ଟ ମିଳିଛି। ସୋମବାର ଦୁବାଇ କୋର୍ଟ ଉକ୍ତ ବ୍ୟକ୍ତିଙ୍କୁ ୱେବ୍‌ସାଇଟ୍ ହ୍ୟାକ୍ ଏବଂ ଧମକ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯାଇଛି। ସୂଚନା ଅନୁଯାୟୀ ଉକ୍ତ ପ୍ରୋଗ୍ରାମର ଏକ ମିଡିଆ କମ୍ପାନିରେ କାର୍ଯ୍ୟ କରୁଥିଲେ। ତାଙ୍କ ଦରମା କଟାଯିବାରୁ ସେ ଚାକିରିରୁ ଇସ୍ତଫା ଦେବା ସହିତ କ୍ଲାଏଣ୍ଟଙ୍କ ୱେବ୍‌ସାଇଟ୍ ହ୍ୟାକ୍ କରିବେ ବୋଲି ଧମକ ଦେଇଥିଲେ।

### ପାକିସ୍ତାନରେ ପ୍ରବଳ ଝଡ଼ବର୍ଷା: ୨୬ ମୃତ

ଇସଲାମାବାଦ,୧୬।୪: ବିଗତ ୨ ଦିନ ଧରି ପାକିସ୍ତାନରେ ପ୍ରବଳ ବର୍ଷା ଓ ଝଡ଼ତୋଫାନ ଯୋଗୁ ଅନ୍ୟୁନ ୨୬ ଲୋକଙ୍କ ମୃତ୍ୟୁ ଘଟିଛି। ଦେଶର ବେଲୁଚିସ୍ତାନ ପ୍ରଦେଶ ବର୍ଷା ଯୋଗୁ ଗୁରୁତର ପ୍ରଭାବିତ ହୋଇଛି। ଏଠାରେ ୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରିଛନ୍ତି। ପଞ୍ଜାବ ପ୍ରଦେଶରେ ଆଉ ୯ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ସିନ୍ଧ୍ ପ୍ରଦେଶର କରାଚିରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଏଠାରେ ସୋମବାର ଧୂଳିଝଡ ଯୋଗୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଖାଇବର ପାଖତୁନଖ୍ୱା ପ୍ରଦେଶରେ ଜଣେ ଶିଶୁଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ଅନେକ ସ୍ଥାନରେ ଘରର ଛାତ ଓ କାନ୍ଥ ଭାଙ୍ଗିଯାଇଛି।



ଉତ୍ତରପ୍ରଦେଶରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରର ଶେଷ ଦିନରେ ମଥୁରାର ଭାଜପା ପ୍ରାର୍ଥୀ ହେମାମାଳିନୀ ଯମୁନା ପୂଜନ କରୁଛନ୍ତି।



ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଖୁସ୍‌ବୁ ସୁନ୍ଦର କେରଳର ୱାୟନାଡ୍ ଆସନରେ କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କ ସପକ୍ଷରେ ପ୍ରଚାର ବେଳେ ଜଣେ କୁନିଝିଅ ସହ କଥା ହେଉଛନ୍ତି।



ତାମିଲନାଡୁର ଏକମାତ୍ର କିନ୍ନର ପ୍ରାର୍ଥୀ ଏମ୍. ରାଧିକା ସାଉଥ୍ ଚେନ୍ନାଇ ଲୋକ ସଭା ଆସନ ପାଇଁ ନିଜ ସମର୍ଥକଙ୍କ ସହ ଭୋଟ ମାଗୁଛନ୍ତି।

■ ଗାନ୍ଧୀନଗର ସେକ୍ଟର ୧ ପ୍ଲଟ୍‌କୁ ନେଇ ସନ୍ଦେହ

# ପ୍ରଶ୍ନର କାଠଗଡ଼ାରେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୪(ପି.ଟି.)





**ଭୁଲ୍ ତଥ୍ୟ ଦେଇଛନ୍ତି ମୋଦି: କଂଗ୍ରେସ**

**ଅଭିଯୋଗକୁ ଖଣ୍ଡନ କଲା ଭାଜପା**

ସାଧାରଣ ନିର୍ବାଚନ ପାଇଁ ଉଭୟ ଶାସକ ଓ ବିରୋଧୀ ପ୍ରସଙ୍ଗ ଖୋଜୁଥିବାବେଳେ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମିଳିଯାଇଛି ଏକ 'ବ୍ରହ୍ମାସ୍ତ୍ର'। ମୋଦି ଗୁଜରାଟର ଗାନ୍ଧୀନଗରସ୍ଥିତ ଏକ ପ୍ଲଟ୍‌କୁ ନେଇ ନିର୍ବାଚନ କମିଶନ(ଇସି)ଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ମଙ୍ଗଳବାର କଂଗ୍ରେସ ପକ୍ଷରୁ ଅଭିଯୋଗ ଅଣାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭାଜପା ଅଭିଯୋଗକୁ ଖଣ୍ଡନ କରି ଏହାକୁ ଅପପ୍ରଚାର ବୋଲି ଜବାବ ରଖିଛି।

କଂଗ୍ରେସ ମୁଖପାତ୍ର ପବନ ଖେରା ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ମୋଦି ପୂର୍ବରୁ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଦର୍ଶାଇଥିଲେ ଯେ, ଗାନ୍ଧୀନଗରର ସେକ୍ଟର ୧ ସ୍ଥିତ ପ୍ଲଟ୍ ନମ୍ବର ୪୧୧ର ସେ ହେଉଛନ୍ତି ସ୍ୱତ୍ୱାଧିକାରୀ। ପରେ ସେ ଏହି ପ୍ଲଟ୍ ସମ୍ପର୍କିତ ତଥ୍ୟକୁ ହଟାଇ ନିଜକୁ ଅନ୍ୟ ଏକ ପ୍ଲଟର ମାଲିକ ବୋଲି ସତ୍ୟପାଠରେ ଦର୍ଶାଇଥିଲେ। ସତ୍ୟପାଠରେ ଦିଆଯାଇଥିବା ତଥ୍ୟରେ ତାଳମେଳ ରହୁନାହିଁ। ମୋଦି ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ନିର୍ବାଚନ କମିଶନ ଲୋକ ପ୍ରତିନିଧି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପ୍ରଧାନମନ୍ତ୍ରୀ ନିଜ ନାମରେ ଥିବା ପ୍ଲଟର ବିବରଣୀ ସତ୍ୟପାଠରେ ଉଲ୍ଲେଖ କରୁ ନ ଥିବା ଦର୍ଶାଇ ଦାଏର ହୋଇଥିବା ଏକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହାର ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ପାଇଁ ସୋମବାର ନିଷ୍ପତ୍ତି ନେବାର ଦିନକ ପରେ କଂଗ୍ରେସ ଏହି ଅଭିଯୋଗ ଆଣିଛି। ପ୍ରକାଶ ଯେ, ମହାରାଷ୍ଟ୍ରର ସାକେତ ଗୋଖଲେ ୨୦୦୨ ଅକ୍ଟୋବରରେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ସରକାରଙ୍କ ନୀତି ଅନୁସାରେ ତାଙ୍କୁ ଏକ ପ୍ଲଟ୍ ମିଳିଥିଲା ବୋଲି ଏଥିରେ ସେ ଉଲ୍ଲେଖ କରିଥିଲେ। ପବନ ଖେରାଙ୍କ ଅଭିଯୋଗ ହେଉଛି, ୨୦୧୨ରେ ଗୁଜରାଟ ବିଧାନସଭା ନିର୍ବାଚନ ବେଳେ ମୋଦି ନିଜ ସତ୍ୟପାଠରେ ପ୍ଲଟ୍ ନଂ. ୪୧୧ ସମ୍ପର୍କରେ କିଛି ସୂଚନା ଦେଇ ନ ଥିଲେ। ଏହା ବଦଳରେ ସେ ସମାନ ଠିକଣାରେ ଥିବା ପ୍ଲଟ୍ ନଂ, ୪୦୧/ଏର ଏକଚତୁର୍ଥାଂଶ ମାଲିକ ବୋଲି ନିଜକୁ ଦର୍ଶାଇଥିଲେ। ୨୦୧୪ ଲୋକ ସଭା ନିର୍ବାଚନ ପାଇଁ ମୋଦି ନାମାଙ୍କନପତ୍ର ଦାଖଲ ବେଳେ ୪୧୧ ପ୍ଲଟ୍ ନେଇ ସତ୍ୟପାଠରେ ଉଲ୍ଲେଖ ନ କରି ପ୍ଲଟ୍ ନଂ ୪୦୧/ଏ ସମ୍ପର୍କରେ ଅବତାରଣା କରିଥିଲେ। ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ୱେବ୍‌ସାଇଟ୍‌ରେ ମଧ୍ୟ ମୋଦି ନିଜକୁ '୪୦୧/ଏ'ର ଏକଚତୁର୍ଥାଂଶ ସ୍ୱତ୍ୱାଧିକାରୀ ବୋଲି ଘୋଷଣା କରିଥିଲେ। ୨୦୦୭ରୁ ୨୦୧୫ ମଧ୍ୟରେ ପ୍ଲଟର ଏରିଆ ସମାନ ରହିଥିଲା। କିନ୍ତୁ ଏହାର ମାଲିକାନା ସ୍ୱତ୍ୱ ବଦଳିଯାଇଥିଲା। ମୋଦି ପ୍ଲଟ ନଂ. ୪୧୧ର ପୂରା ମାଲିକ ଥିବାବେଳେ ୪୦୧/ଏର ଆଂଶିକ ସ୍ୱତ୍ୱାଧିକାରୀ କିପରି ହେଲେ ବୋଲି ପବନ ପ୍ରଶ୍ନ କରିଛନ୍ତି। ପବନ ଆହୁରି କହିଛନ୍ତି, ଗୁଜରାଟ ରାଜସ୍ୱ ବିଭାଗର ଜମି ରେକର୍ଡରେ '୪୦୧/ଏ' ନାମରେ ଗାନ୍ଧୀନଗରର କୌଣସି ପ୍ଲଟ୍ ନାହିଁ। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୪ ସାଧାରଣ ନିର୍ବାଚନ ବେଳେ ସତ୍ୟପାଠରେ ନିଜକୁ ମୋଦିଙ୍କ ଭଳି ୪୦୧/ଏ ପ୍ଲଟ୍‌ର ଏକଚତୁର୍ଥାଂଶ ମାଲିକ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ସାର୍ବଜନୀନ ତଥ୍ୟାନୁସାରେ ୪୦୧ ପ୍ଲଟର ସମ୍ପୂର୍ଣ୍ଣ ମାଲିକ ହେଉଛନ୍ତି ଜେଟ୍‌ଲୀ। ସେ ନିର୍ବାଚନ କମିଶନଙ୍କ ନିକଟରେ ପୂର୍ବରୁ ଦାଖଲ କରିଥିବା ସତ୍ୟପାଠ ଓ ୨୦୧୪ର ସତ୍ୟପାଠ ମଧ୍ୟରେ ତାଳମେଳ ଖାଉନାହିଁ। ୨୦୧୨ରେ ସୁପ୍ରିମକୋର୍ଟ ଗୁଜରାଟରେ ସରକାରୀ କର୍ମଚାରୀଙ୍କୁ ଆବଣ୍ଟିତ ଜମି ମାମଲାର ଶୁଣାଣି କରିବାବେଳେ ଭାଜପା ନେତା ତଥା ଓକିଲ ମୀନାକ୍ଷୀ ଲେଖି ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷ ରଖିଥିଲେ। ଗୁଜରାଟ ସରକାର ୨୦୦୦ ମସିହାରୁ କୌଣସି ଏମ୍‌ପି/ବିଧାୟକଙ୍କୁ ନୂଆ ଜମି ଆବଣ୍ଟନ କରିନାହାନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ। ତେବେ ନରେନ୍ଦ୍ର ମୋଦି ଗାନ୍ଧୀନଗରରେ ଏହି ପ୍ଲଟ୍ କେଉଁଠୁ ପାଇଲେ ବୋଲି ପବନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲରେ ଏହାକୁ ଖଣ୍ଡନ କରାଯାଇଛି। କଂଗ୍ରେସ ଦଳରେ ପ୍ରସଙ୍ଗର ଦେବାଳିଆପଣ ସୃଷ୍ଟି ହୋଇଛି ବୋଲି ଭାଜପା କହିଛି।

■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ୧୩ ରାଜ୍ୟର ୯୭ ଆସନ

## ହାଇଭୋଲ୍‌ଟେଜ୍ ପ୍ରଚାର ଥମିଲା

ନୂଆଦିଲ୍ଲୀ,୧୬।୪(ପି.ଟି.)

ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ଚାଲିଥିବା ହାଇଭୋଲ୍‌ଟେଜ୍ ପ୍ରଚାର ମଙ୍ଗଳବାର ଶେଷ ହୋଇଛି। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୭ ଆସନରେ ଭୋଟଗ୍ରହଣ କରାଯିବ। ସେହି ଆସନଗୁଡ଼ିକ ହେଲା ଆସାମର ୫, ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ଣ୍ଣାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତାମିଲନାଡୁ (୩୯), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଏବଂ ପୁଦୁଚେରୀର ଗୋଟିଏ। ଏହାର ୪୮ ଘଣ୍ଟା ପୂର୍ବରୁ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କେତେକ ଆସନରେ ଅପରାହ୍ନ ୩ଟାରେ ପ୍ରଚାର ଶେଷ ହୋଇଥିବାବେଳେ ଆଉ କେତେକ ଆସନରେ ସନ୍ଧ୍ୟା ୬ଟା ଯାଏ ପ୍ରଚାର ଚାଲିଥିଲା। ତାମିଲନାଡୁର ମଦୁରାଇର ପ୍ରସିଦ୍ଧ ମୀନାକ୍ଷୀ ଅମ୍ମାନ୍ ମନ୍ଦିରରେ ଗୁରୁବାର ରଥଯାତ୍ରା ହେଉଥିବାରୁ ସେଠାରେ ରାତି ୮ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ଏଥିପାଇଁ ଏହି ଆସନରେ ମଙ୍ଗଳବାର ରାତି ୮ଟା ଯାଏ ନିର୍ବାଚନ ପ୍ରଚାର ପାଇଁ ଅନୁମତି ଦିଆଯାଇଥିଲା। ପ୍ରଚାର ଶେଷ ହେବା ପରଠୁ ମତଦାନ ପର୍ଯ୍ୟନ୍ତ ୪୮ ଘଣ୍ଟା ସମୟକୁ 'ନୀରବ ଅବଧି' କୁହାଯାଏ। ଏହି ସମୟରେ କୌଣସି ପ୍ରକାର ରାଜନୈତିକ ପ୍ରଚାରକୁ ନିର୍ବାଚନ କମିଶନ (ଇସି) ଅନୁମତି ଦେଇ ନ ଥାନ୍ତି। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ମେ ୧୯ରେ ଅନ୍ତିମ ତଥା ସପ୍ତମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଫଳାଫଳ ମେ ୨୩ରେ ଆସିବ।



ଥିରୁଭାନନ୍ତପୁରମ୍‌ର ଏକ ମନ୍ଦିରରେ ପୂଜାର୍ଚ୍ଚନା ବେଳେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସ୍ଥାନୀୟ କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କୁ ଭେଟୁଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ୍।

## ରାଜନାଥଙ୍କ ବିରୋଧରେ ପୁନମ୍ ସିହ୍ନା

ଲକ୍ଷ୍ନୌ,୧୬।୪(ପି.ଟି.)



ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଏସ୍‌ପି ନେତା ଡିମ୍ପଲ ଯାଦବଙ୍କ ସହ ଅଭିନେତ୍ରୀ ପୁନମ୍ ସିହ୍ନା।

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଲୋକ ସଭା ଆସନରେ ଏଥର ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ରୋଚକ ମୋଡରେ ପହଞ୍ଚିଛି। ଏହି ଆସନରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଭାଜପା ପୁଣିଥରେ ପ୍ରାର୍ଥୀ କରିଥିବାବେଳେ ତାଙ୍କ ବିରୋଧରେ ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ସିହ୍ନାଙ୍କୁ ମଇଦାନକୁ ଓହ୍ଲାଇବାକୁ ଯାଉଛି ସମାଜବାଦୀ ପାର୍ଟି (ଏସ୍‌ପି)।

ଭାଜପା ପ୍ରାର୍ଥୀ ରାଜନାଥ ସିଂ ମଙ୍ଗଳବାର ଏକ ରୋଡ୍ ଶୋ'ରେ ଯାଇ ଲକ୍ଷ୍ନୌ ଆସନ ପାଇଁ ଜିଲାପାଳ କୌଶଲରାଜ ଶର୍ମାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ତାଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରୋଡ୍ ଶୋ' ପୂର୍ବରୁ ରାଜନାଥ ରାଜ୍ୟ ଭାଜପା ମୁଖ୍ୟାଳୟରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଥିଲେ।

ଅନ୍ୟପକ୍ଷରେ ଗତ ୬ ତାରିଖରେ ଭାଜପା ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ ବିହାରର ପାଟନା ସାହିବ୍ ଏମ୍‌ପି ଶତ୍ରୁଘ୍ନ ସିହ୍ନା। ସେ

**ଲକ୍ଷ୍ନୌରେ ରୋଚକ ଲଢ଼େଇ**

କଂଗ୍ରେସରେ ଯୋଗଦେବା ମାତ୍ରେ ଦଳ ତାଙ୍କୁ ଉକ୍ତ ଆସନ ପାଇଁ ଟିକେଟ ଦେଲା। ମଙ୍ଗଳବାର ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ପୁନମ୍ ସିହ୍ନା ଏସ୍‌ପିରେ ଯୋଗଦେଇଛନ୍ତି। ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ତଥା କନୌଜ ଏମ୍‌ପି ଡିମ୍ପଲ ଯାଦବଙ୍କୁ ପୁନମ ଭେଟିବା ପରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲଡି ମେଣ୍ଟ ପକ୍ଷରୁ ତାଙ୍କୁ ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ କରାଯାଇଛି। ଲକ୍ଷ୍ନୌ ଆସନରୁ ପୁନମ୍ ଗୁରୁବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଏସ୍‌ପି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିରୋଧୀ ମେଣ୍ଟର ଅନୁରୋଧ ରକ୍ଷାକରି ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ପାରେ।

■ ଦେବେଗୌଡ଼ାଙ୍କ ଭବିଷ୍ୟବାଣୀ

## ଏନ୍‌ଡିଏ କି ୟୁପିଏକୁ ମିଳିବନି ସଂଖ୍ୟାଗରିଷ୍ଠତା

ନୂଆଦିଲ୍ଲୀ,୧୬।୪(ପି.ଟି.)-

ଏଥର କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)କିମ୍ବା ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ସଂଖ୍ୟାଗରିଷ୍ଠତା ହାସଲ କରିପାରିବେ ନାହିଁ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଏକାଠି ହେବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ଭବିଷ୍ୟବାଣୀ କରିଛନ୍ତି।

କର୍ଣ୍ଣାଟକର ଟୁମୁକୁରୁ ଲୋକ ସଭା ଆସନରେ ନିର୍ବାଚନୀ ପ୍ରଚାର ବେଳେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମୁଖ୍ୟ ଦେବେଗୌଡ଼ା କହିଛନ୍ତି, ଚଳିତ

**ଏକାଠି ହେବେ ମମତା, ମାୟାବତୀ**

ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଫେରୁନାହାନ୍ତି। ଏନ୍‌ଡିଏ କିମ୍ବା ୟୁପିଏକୁ ସ୍ପଷ୍ଟ ଜନାଦେଶ ମିଳିବ ନାହିଁ। ନିର୍ବାଚନ ପରେ ସବୁ ବିରୋଧୀ ଦଳ ଏକାଠି ହେବେ। ମାୟାବତୀ କଂଗ୍ରେସ କିମ୍ବା ଭାଜପା ସହ ଯାଉନାହାନ୍ତି। ମମତା ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି। ଏଭଳି ସ୍ଥିତିରେ ଭୋଟ ସରିଲେ ସେମାନଙ୍କୁ ଏକାଠି କରାଯିବ। ଏହା ସମ୍ଭବ ହେଲେ ମେଣ୍ଟ ସଫଳ ହେବ।

■ ଯାତ୍ରୀଙ୍କୁ ମୋଦିଙ୍କ ଫଟୋ ଥିବା ଟିକେଟ ଦେଇ

## ୪ ରେଲୱେ ଅଧିକାରୀ ନିଲମ୍ବିତ

ନୂଆଦିଲ୍ଲୀ,୧୬।୪(ପି.ଟି.)

ଉତ୍ତରପ୍ରଦେଶର ବାରାବାଙ୍କି ରେଲୱେ ଷ୍ଟେଶନରେ ଯାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଟିକେଟ ଦେବା ଅଭିଯୋଗରେ ୪ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଜଣେ ଚିଫ୍ ରିଜର୍ଭେଶନ୍ ସୁପରଭାଇଜର୍, ଜଣେ କମର୍ସିଆଲ୍ ଇନ୍ସପେକ୍ଟର ଓ ଦୁଇ ରିଜର୍ଭେଶନ୍ କ୍ଲର୍କଙ୍କୁ ଆଚରଣ ଆଦର୍ଶ ବିଧି ଉଲ୍ଲଂଘନ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ମଙ୍ଗଳବାର ଲକ୍ଷ୍ନୌ ଡିଭିଜନାଲ ରେଲୱେ ମ୍ୟାନେଜର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଟ୍ରେନ୍‌ରେ 'ମେ ଭି ଚୌକିଦାର' ସ୍ଲୋଗାନ ଲେଖାଥିବା କପ୍‌ରେ ଚା ପରିବେଷଣ କରାଯିବା ଅଭିଯୋଗ ଆସିଥିଲା। ଏହାକୁ ନେଇ ନିର୍ବାଚନ କମିଶନ ରେଲୱେକୁ ଭର୍ତ୍ସନା କରିଥିଲେ।

ଇତିହାସର ଆଇନାରେ

### ଏପ୍ରିଲ ୧୭ର ପ୍ରମୁଖ ଘଟଣା

୧୯୭୧ ଏପ୍ରିଲ ୧୭ରେ 'ଦି ପିପୁଲ୍ସ ରିପବ୍ଲିକ୍ ଅଫ୍ ବାଂଲାଦେଶ' ଗଠିତ ହୋଇଥିଲା। ଦକ୍ଷିଣ ଏସିଆର ଏକ ସାର୍ବଭୌମ ରାଷ୍ଟ୍ର ବାଂଲାଦେଶ। ଭାରତ ଓ ମ୍ୟାନ୍‌ମାର(ବର୍ମା) ସହିତ ଏହାର ସୀମାରେଖା ସଂଲଗ୍ନ। ଜନସଂଖ୍ୟାର ସାନ୍ଦ୍ରତାରେ ବାଂଲାଦେଶ ହେଉଛି ବିଶ୍ୱରେ ଅଷ୍ଟମ।

୨୦୦୬ ଏପ୍ରିଲ ୧୭ରେ ତେଲ ଆଭିଭ୍‌ର ଏକ ଭୋଜନାଳୟରେ ଜଣେ ପାଲେଷ୍ଟିନୀୟ ଆତ୍ମଘାତୀର ବୋମା ବିସ୍ଫୋରଣ ଯୋଗୁ ୧୧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ଜଣ ଆହତ ହୋଇଥିଲେ। ପାଲେଷ୍ଟାଇନ୍‌ର ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଜିହାଦ ଉକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।

## ନ୍ୟୁୟର୍କ ଟାଇମ୍ସ, ୱାଲଷ୍ଟ୍ରିଟ୍ ଜର୍ନାଲକୁ ପୁଲିଜର ପୁରସ୍କାର

ନ୍ୟୁୟର୍କ,୧୬।୪(ଏଏଫ୍‌ପି)




ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରିବାର ସମ୍ପର୍କରେ ପୃଥକ୍ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରସ୍ତୁତ କରିଥିବାରୁ 'ଦି ନ୍ୟୁୟର୍କ ଟାଇମ୍ସ' ଏବଂ 'ଦି ୱାଲ୍‌ଷ୍ଟ୍ରିଟ୍ ଜର୍ନାଲ'କୁ ମଙ୍ଗଳବାର ପୁଲିଜର ପୁରସ୍କାର ପ୍ରଦାନ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ଟ୍ରମ୍ପଙ୍କ ପାରିବାରିକ ସମ୍ପତ୍ତିର ଅନୁସନ୍ଧାନମୂଳକ ରିପୋର୍ଟ ପ୍ରସ୍ତୁତ କରିଥିଲା। ଟ୍ରମ୍ପ ନିଜ ଅର୍ଜିତ ସମ୍ପତ୍ତିରୁ ଯେଭଳି କର ଫାଙ୍କିଆସୁଥିଲେ ତାହା ପ୍ରହେଳିକା ସୃଷ୍ଟି କରିଥିଲା। ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟର ପର୍ଦ୍ଦାଫାଶ କରି ଉକ୍ତ ଖବରକାଗଜ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଛି ବୋଲି କଲମ୍ବିଆ ୟୁନିଭର୍ସିଟିରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁଲିଜର ପ୍ରାଇଜ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା ଟ୍ରମ୍ପଙ୍କ ଗୁପ୍ତ ପ୍ରେମକାହାଣୀ। ସେ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଦୁଇଜଣ ମହିଳାଙ୍କ ସହିତ ପ୍ରେମସମ୍ପର୍କ ରଖିଥିଲେ। ଉକ୍ତ ଘଟଣା ଗୁପ୍ତ ରଖିବାକୁ ସେ ମହିଳାଙ୍କୁ ଅର୍ଥ ପ୍ରଦାନ କରିଥିବା ବିଷୟ ସେ ଦୁହେଁ ପ୍ରକାଶ କରିଥିଲେ।

ଦି ସାଉଥ୍ ଫ୍ଲୋରିଡା ସନ୍-ସେଣ୍ଟିନେଲ୍ ମଧ୍ୟ ପୁଲିଜର ପୁରସ୍କାର ଲାଭ କରିଛି। ୨୦୧୮ ଫେବୃୟାରୀରେ ମାର୍ଜରି ଷ୍ଟୋନମ୍ୟାନ୍ ଡଗଲାସ୍ ହାଇସ୍କୁଲ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୧୭ଜଣ ଛାତ୍ରୀଛାତ୍ର ଏବଂ ସ୍କୁଲ କର୍ମଚାରୀ ପ୍ରାଣ ହରାଇଥିଲେ। ଉକ୍ତ ଆକ୍ରମଣ ପୂର୍ବ ଏବଂ ପରବର୍ତ୍ତୀ ଘଟଣାବଳୀ ସମ୍ପର୍କରେ ରିପୋର୍ଟ ପ୍ରକାଶ କରି ଉକ୍ତ ପ୍ରକାଶନ ସଂସ୍ଥା ପୁଲିଜର ପୁରସ୍କାର ପାଇଛି। ଅନୁରୂପ ଆକ୍ରମଣ ସମ୍ପର୍କରେ ଖବର ପ୍ରକାଶ କରି ଦି ପିଟ୍‌ସବର୍ଗ ପୋଷ୍ଟ-ଗ୍ୟାଜେଟି ମଧ୍ୟ ସମ୍ମାନିତ ହୋଇଛି। ୨୦୧୮ ଅକ୍ଟୋବରରେ ପିଟ୍ସବର୍ଗ ସାଇନାଗଗ୍‌ଠାରେ ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନାରେ ୧୧ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ଆସୋସିଏଟେଡ ପ୍ରେସ ମଧ୍ୟ ୟେମେନ୍ ଯୁଦ୍ଧ ସମ୍ପର୍କିତ ରିପୋର୍ଟ ପ୍ରକାଶ କରି ପୁଲିଜର ପୁରସ୍କାର ବିଜୟୀ ହୋଇଛି। ମ୍ୟାନ୍‌ମାରସ୍ଥିତ ରୋହିଙ୍ଗ୍ୟା ମୁସଲମାନ ବିରୋଧୀ ଅତ୍ୟାଚାର ଖବର ପ୍ରକାଶ କରି ରଏଟର ପୁଲିଜର ସମ୍ମାନ ପାଇଛି।

ଅନ୍ୟାନ୍ୟ କାଟେଗୋରିରେ କଥା ସାହିତ୍ୟ ପାଇଁ 'ଦି ଓଭରଷ୍ଟୋରି' ଲେଖକ ରିଚାର୍ଡ ପାୱାର୍ସ ଏବଂ ଡ୍ରାମା ପାଇଁ 'ଫେୟାରଭିଉ'ର ଲେଖକ ଜ୍ୟାକି ସିବ୍‌ଲିଜଙ୍କୁ ପୁଲିଜର ପୁରସ୍କାର ପ୍ରଦାନ କରାଯାଇଛି। ସଂଗୀତ କ୍ଷେତ୍ରକୁ ବିଶେଷ ଅବଦାନ ପାଇଁ କିମ୍ବଦନ୍ତୀ କଳାକାର ଆରେଥା ଫ୍ରାଙ୍କଲିନ୍ ଏବଂ ମେରିଲାଣ୍ଡ ଅନ୍ତର୍ଗତ ଆନାପୋଲିର କ୍ୟାପିଟାଲ୍ ଗ୍ୟାଜେଟ ନ୍ୟୁଜପେପରକୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ୨୦୧୮ ଜୁନ୍‌ରେ ଜଣେ ବନ୍ଧୁକଧାରୀଙ୍କ ଆକ୍ରମଣରେ ଉକ୍ତ ଖବରକାଗଜ ସଂସ୍ଥାର ୫ କର୍ମଚାରୀ ପ୍ରାଣ ହରାଇଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୭/୨୦୧୯ | Bhubaneswar, Wednesday, April 17/2019 | ପୃଷ୍ଠା-୧




## ସଙ୍ଗୀତା ଅଧିନାୟିକା

ମହାରାଷ୍ଟ୍ରର କୋହ୍ଲାପୁରଠାରେ ହେବାକୁଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ପାଇଁ ସଙ୍ଗୀତା ଦାସ ଓଡ଼ିଶା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି।

୧୬ ୦୨

## ଅଶ୍ୱତ୍ଥମା ଚରିତ୍ରରେ ଭିକି

ଅଭିନେତା ଭିକି କୌଶଲ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପରବର୍ତ୍ତୀ ଫିଲ୍ମରେ ଅଶ୍ୱତ୍ଥମା ଭୂମିକାରେ ଅଭିନୟ କରିବେ।








## କୁଶଭଦ୍ରାରେ ବୁଡ଼ି ୩ କଲେଜ ଛାତ୍ର ନିଖୋଜ

ନିମାପଡ଼ା,୧୬।୪(ଡି.ଏନ୍.ଏ.)

କୁଶଭଦ୍ରା ନଦୀରେ ଗାଧୋଇବା ବେଳେ ୩ଜଣ କଲେଜ ଛାତ୍ର ବୁଡ଼ିଯାଇଥିବା ଜଣାପଡିଛି। ମଙ୍ଗଳବାର ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ। ନିମାପଡ଼ାସ୍ଥିତ ସ୍ୱାଧୀନ ରେସିଡେନ୍ସିଆଲ କଲେଜର ଯୁକ୍ତ ୩ ବିଜ୍ଞାନରେ ପଢୁଥିବା ଶ୍ୟାମସୁନ୍ଦରପୁରର ଜ୍ୟୋତିରଞ୍ଜନ ସାହୁ ତାଙ୍କ ଦୁଇସାଙ୍ଗଙ୍କ ସହ ଗାଧୋଇବା ପାଇଁ କୁଶଭଦ୍ରା ନଦୀର ଧୀରପୁର ବାଲିଘାଟ ଗଣ୍ଡକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ ୩ ସାଙ୍ଗଙ୍କ ଗୋଡ ଖସିଯିବାରୁ ☞ପୃଷ୍ଠା-୧୪



ଭୁବନେଶ୍ୱରରେ ଭାଜପା ପକ୍ଷରୁ ମଙ୍ଗଳବାର ଆୟୋଜିତ ବିଜୟ ସଂକଳ୍ପ ରୋଡ୍ ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

# ୧୮ରୁ ଗ୍ରୀଷ୍ମକାଳୀନ ଛୁଟି

## ବନ୍ଦ ରହିବ ସବୁ ସରକାରୀ, ବେସରକାରୀ ସ୍କୁଲ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟଗୁଡ଼ିକ ପାଇଁ ଆଗୁଆ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏପ୍ରିଲ ୧୮ରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍ସି) ବିଷ୍ଣୁପଦ ସେଠୀ ମଙ୍ଗଳବାର ଘୋଷଣା କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଏକ ଚିଠି ଦିଆଯାଇଛି। ବର୍ତ୍ତମାନ ରାଜ୍ୟର ଅନେକ ଜିଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୨ରୁ ମେ ୫ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଚାଲିବା ସହ ପୂର୍ବାହ୍ନ ୧୦ଟାରେ ମଧ୍ୟାହ୍ନ ଭୋଜନ ଦିଆଯିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ମେ ୬ରୁ ଖରା ଛୁଟି ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ସାଧାରଣ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୮ଟାରୁ ଖରା ତାତି ଧୀରେ ଧୀରେ ବଢ଼ି ପୂର୍ବାହ୍ନ ୧୦ଟାରେ ଅସମ୍ଭାଳ ହୋଇପଡୁଛି। ଏହି ସମୟରେ ଛୋଟ ପିଲାମାନେ ବିଦ୍ୟାଳୟ ଆସି ଘରକୁ ଫେରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଆଗୁଆ ସ୍କୁଲ ଛୁଟି ଘୋଷଣା କରିଛନ୍ତି।

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ସବୁଆଡ଼େ କ୍ଷତି

## 'ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି'



ବରଗଡ଼ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ବରଗଡ଼ ଅଫିସ,୧୬।୪

କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀ ଉପକୃତ ହେଲେଣି। ହେଲେ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। କିନ୍ତୁ ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ମଙ୍ଗଳବାର ବରଗଡ଼ ଲୋକମଣ୍ଡପ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସେ କହିଥିଲେ, ବିଜେଡି ସରକାର ଆସିବାର ପ୍ରଥମ ଦିନହିଁ ବାକି ସବୁ ଚାଷୀଙ୍କୁ ୨ଟି କିସ୍ତିର ୧୦ହଜାର ଟଙ୍କା ମିଳିବ। ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨ଗୁଣା କରିବାକୁ ଘୋଷାଣା କରିଥିଲା। ତାହା ଭଲ କଥା, ଚାଷୀମାନେ ମଧ ଅପେକ୍ଷା କଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷେ ୨୦୧୬ରେ ସେ କେନ୍ଦ୍ରକୁ ଏକ ଚିଠି ଲେଖିଥିବାବେଳେ ବିଧାନସଭା ଗୃହ କମିଟି ମଧ କେନ୍ଦ୍ର ସରକାରଙ୍କ ନିକଟରେ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ କେନ୍ଦ୍ର ସରକାର ୨ମିନିଟ୍ ସମୟ ଦେଲେ ନାହିଁ କି କେନ୍ଦ୍ରରେ ରହିଥିବା ଓଡ଼ିଶାର ☞ପୃଷ୍ଠା-୧୪

## 'ଚାଉଳ ଦେଉଛୁ ଆମେ, ଫାଇଦା ନେଉଛି ରାଜ୍ୟ'

ସମ୍ବଲପୁର,୧୬।୪(ବ୍ୟୁରୋ)

**ସମ୍ବଲପୁରରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ମୋଦି**

- ରାଜ୍ୟ ସରକାର କେବଳ ଡାକ କର୍ମଚାରୀ
- ୨୦୨୨ ସୁଦ୍ଧା ସବୁ ଯୋଗ୍ୟ ପରିବାରକୁ ପକ୍କାଘର
- ମାଛଚାଷ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲିବ
- ନଦୀଗୁଡ଼ିକର ସଂଯୋଗୀକରଣ କରାଯିବ

ଖଣି ଦୁର୍ନୀତି ଭଳି ଅନେକ ଦୁର୍ନୀତିରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ରହିଛି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ନିଜ ଯୋଜନା କହି ଲୋକଙ୍କୁ ଠକି ଚାଲିଛନ୍ତି ରାଜ୍ୟ ସରକାର। ଲୋକାଭିମୁଖୀ 'ଆୟୁଷ୍ମାନ୍ ଭାରତ' ଯୋଜନା ରାଜ୍ୟରେ ଲାଗୁ କରିଦିଆଗଲା ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ 'ପିଏମ୍ କିଷାନ' ଯୋଜନା ପାଇଁ ଚାଷୀଙ୍କ ଉପଯୁକ୍ତ ତାଲିକା ଦିଆଗଲା ନାହିଁ। ମାତ୍ର ସାଢ଼େ ୮ଲକ୍ଷ ଚାଷୀଙ୍କ ଖାତାକୁ କେନ୍ଦ୍ର ସରକାର ସିଧାସଳଖ ଟଙ୍କା ଜମା କରିପାରିଛନ୍ତି। ରାଜ୍ୟରେ କୃଷକଙ୍କ ପାଇଁ ଏକ ଯୋଜନା କରି କୋଟି କୋଟି ଟଙ୍କାର ଦୁର୍ନୀତି କରାଗଲା, ଯାହା ଓଡ଼ିଶାବାସୀ ଜାଣିଛନ୍ତି। କେନ୍ଦ୍ରର ଅନେକ ଯୋଜନାକୁ ରାଜ୍ୟରେ ଲାଗୁ କରିଦିଆଯାଉ ନାହିଁ। ଫଳରେ ରାଜ୍ୟବାସୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ସରକାରର ପରିବର୍ତ୍ତନ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ନିର୍ବାଚନରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଗଢ଼ିବା ପାଇଁ ☞ପୃଷ୍ଠା-୧୪






**ଆଜିର ମନ୍ତବ୍ୟ**

"ନିର୍ବାଚନରେ ପରାଜୟ ସୁନିଶ୍ଚିତ ବୋଲି ଜାଣିବା ପରେ ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଉଛନ୍ତି ବିରୋଧୀ।

-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଇସ୍ପାତ ଆମଦାନି ୪.୭% ବୃଦ୍ଧି ଘଟି ୭.୮୪ ନିୟୁତ ଟନ୍ ଛୁଇଁଛି।

– ଇସ୍ପାତ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 16.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 88 | 142 | 152 |
| DKL | 89 | 144 | 154 |
| BDK | 89 | 144 | 154 |
| BLS | 90 | 145 | 155 |
| ANG | 89 | 144 | 154 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

## ୧୮ରେ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା

- ୫ ଲୋକ ସଭା, ୩୫ ବିଧାନସଭା ଆସନରେ ହେବ ଭୋଟଗ୍ରହଣ
- ମତଦାନ କରିବେ ୭୬,୯୩,୧୨୩ ଭୋଟର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଆସନ୍ତା ୧୮ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ନିର୍ବାଚନ ପ୍ରଚାର ଶେଷ ହୋଇଛି। ମତଦାନ ପରିଚାଳନା ପାଇଁ କର୍ମଚାରୀମାନେ ନିର୍ବାଚନ ସାମଗ୍ରୀ ଧରି ଗନ୍ତବ୍ୟସ୍ଥଳକୁ ଗସ୍ତ କରିଛନ୍ତି। ଏହି ଦ୍ୱିତୀୟ ପର୍ଯ୍ୟାୟରେ ୫ ଲୋକ ସଭା ଆସନ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସିକା ଏବଂ ଏହା ଅଧୀନ ୩୫ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ୩୫ ବିଧାନସଭା ଆସନ ପାଇଁ ୨୪୪ ଏବଂ ୫ ଲୋକ ସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର।

ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ☞ପୃଷ୍ଠା-୧୪

**କେଉଁଠି ହେବ ଭୋଟ**

**୫ ଲୋକ ସଭା ଆସନ**

ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ ଏବଂ ଆସିକା

**୩୫ ବିଧାନସଭା ଆସନ**

ପଦମ୍‌ପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, ବାଲିଗୁଡା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଜ୍ୟୋତି
ପରିବାରବର୍ଗ


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱର ସର୍ବାଧିକ ଉତ୍ତପ୍ତ ସହର

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

### ଜଳୁଛି ସାରା ଓଡ଼ିଶା

- ୪୩.୭ ଡିଗ୍ରୀରେ ରାଜଧାନୀ
- ୪୦ ଡିଗ୍ରୀ ଟପିଲା ୮ ସହର



ପ୍ରବଳ ଖରା ତାତିରେ ଜଳୁଛି ସାରା ଓଡ଼ିଶା। ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ହନ୍ତସନ୍ତ ହୋଇଗଲାଣି। ମଙ୍ଗଳବାର ରାଜଧାନୀ ଭୁବନେଶ୍ୱର ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିଲା। ଏପରି କି, ଟିଟିଲାଗଡ଼ ଓ ତାଳଚେରକୁ ପଛରେ ପକାଇ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଛି। ଏଠାରେ ତାପମାତ୍ରା ସର୍ବାଧିକ ୪୩.୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ମୁଣ୍ଡଫଟା ଖରା ସାଙ୍ଗକୁ ତତଲା ହାଓ୍ୱା ରାଜଧାନୀବାସୀଙ୍କୁ ଅସ୍ତବ୍ୟସ୍ତ କଲାଣି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ସବୁ ଶୂନ୍‌ଶାନ ହୋଇଯାଉଛି। ବୁଧବାର ମଧ୍ୟ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୫ ଡିଗ୍ରୀ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ମଙ୍ଗଳବାର ରାଜ୍ୟର ୮ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ତାଳଚେରରେ ୪୩.୩ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ଟିଟିଲାଗଡ଼ରେ ୪୨ ଡିଗ୍ରୀ, କଟକରେ ୪୧.୧ ଡିଗ୍ରୀ, ମାଲକାନଗିରିରେ ୪୦.୮ ଡିଗ୍ରୀ, ଚାନ୍ଦବାଲିରେ ୪୦.୫ ଡିଗ୍ରୀ ଓ ଝାରସୁଗୁଡ଼ାରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଉପକୂଳ ଓଡ଼ିଶାବାସୀ ମଧ୍ୟ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଆସନ୍ତା ୨ରୁ ୩ଦିନ ପର୍ଯ୍ୟନ୍ତ ଏହିଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତେବେ ଦିନବେଳା ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ନୂଆପଡ଼ା, ନବରଙ୍ଗପୁର ଓ କଳାହାଣ୍ଡିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପବନ ସାଙ୍ଗକୁ ସାମାନ୍ୟ ବର୍ଷା ହେବା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ସହ ଘଡ଼ଘଡ଼ି ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ମଧ୍ୟ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ସହ ପବନର ବେଗ ବଢ଼ିପାରେ। ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ସମ୍ବଲପୁର ଓ ଦେବଗଡ଼ର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ହେବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

■ ଲୁହାପଥର ଲିଜ୍ ମାମଲା

# ଓଡ଼ିଶା ସମେତ ୩ ରାଜ୍ୟ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୧୬।୪**

ସାରା ଦେଶରେ ରହିଥିବା ୩୫୮ ଲୁହା ପଥର ଖଣିର ଆବଣ୍ଟନ, ସମ୍ପ୍ରସାରଣ ଅଥବା ଜାରି ରହିଥିବା ଲିଜକୁ ବାତିଲ କରିବା ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଓଡ଼ିଶା, କର୍ଣ୍ଣାଟକ, ଝାଡ଼ଖଣ୍ଡ ସମେତ କେନ୍ଦ୍ର ସରକାର ଓ ସିବିଆଇକୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଏସ୍‌ଏ ବୋବଡେ ଏବଂ ଜଷ୍ଟିସ ଏସ୍.ଅବଦୁଲ ନାଜିରଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାରେ ସର୍ବୋଚ୍ଚ ଅଦାଲତକୁ ସହାୟତା କରିବା ପାଇଁ ବରିଷ୍ଠ ଓକିଲ ପି.ଏସ୍.ନରସିଂହାଙ୍କୁ ଆମିକସ୍ କ୍ୟୁରି ବା କୋର୍ଟ ମିତ୍ର ଭାବେ ନିଯୁକ୍ତ କରିଛନ୍ତି।

ଆବେଦନକାରୀ ମନୋହର ଲାଲ ଶର୍ମା ଦର୍ଶାଇଛନ୍ତି ଯେ, ବଡ଼ ଧରଣର ଡୋନେଶନ ବଦଳରେ ୨୮୮ ଖଣିର ଲିଜ୍‌କୁ ବୃଦ୍ଧି କରାଯାଇଥିବା ଜଣାପଡିଛି। ଏହାଦ୍ୱାରା ସରକାରଙ୍କ ରାଜକୋଷର ପ୍ରାୟ ୪ ଲକ୍ଷ କୋଟି ଟଙ୍କାର କ୍ଷତି ଘଟିଛି। ଲିଜ ବାତିଲ କରିବା ସହ ଲିଜଧାରୀ ଓ ଖଣି କମ୍ପାନୀଙ୍କଠାରୁ ଏହି ଅର୍ଥ ଆଦାୟ କରିବା, ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବା, ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ କରିବା ଲାଗି ସେ ନିବେଦନ କରିଛନ୍ତି। ଏହାଛଡ଼ା ୨୦୧୫ରେ ଏମ୍‌ଏମ୍‌ଡିଆର ଆଇନରେ ସଂଶୋଧନ କରାଯାଇ ଯୋଡା ଯାଇଥିବା ଧାରା ୮'କ'କୁ ରଦ୍ଦ କରିବାକୁ ଶର୍ମା ନିବେଦନ କରିଛନ୍ତି। କାରଣ ଏହାଦ୍ୱାରା ସମ୍ବିଧାନର ଧାରା ୧୪ ଏବଂ ୨୧ର ବିରୁଦ୍ଧାଚରଣ କରୁଛି। ଏହାଦ୍ୱାରା ବ୍ୟାପକ ହାରରେ ଆର୍ଥିକ ଅନୀୟମିତତା ହେଉଛି ଓ ସାଧାରଣ ଜନତା ଓ ସରକାର କ୍ଷତି ସହୁଛନ୍ତି। ଉଲ୍ଲେଖଥାଉ କି, ଉକ୍ତ ଆଇନର ଧାରା ୮'କ' ଅନୁଯାୟୀ ପ୍ରତ୍ୟେକ ଖଣି ଲିଜ ୫୦ ବର୍ଷ ପାଇଁ ଦିଆଯିବ ଏବଂ ସମୟସୀମା ଅତିକ୍ରମ କରିବା ପରେ ଆଇନାନୁଯାୟୀ ଏଗୁଡ଼ିକର ନିଲାମ ହେବ।

# ଅଶ୍ୱତ୍ଥାମା ଚରିତ୍ରରେ ଅଭିନୟ କରିବେ ଭିକି



ମୁମ୍ବାଇ: ଅଭିନେତା ଭିକି କୌଶଲ ପୁନଶ୍ଚ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'ର ନିର୍ଦ୍ଦେଶକ ଆଦତ୍ୟ ଧରଙ୍କ ପରବର୍ତ୍ତୀ ଫିଲ୍ମରେ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ପ୍ରୋଜେକ୍ଟରେ ଭିକିଙ୍କ ସହିତ କାମ କରିବାକୁ ଯାଉଥିବା ଆଦିତ୍ୟ ସୁନିଶ୍ଚିତ କରାଇଛନ୍ତି। ଉକ୍ତ ଫିଲ୍ମ ଏକ ପିରିୟଡ ଡ୍ରାମା ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ନିର୍ଦ୍ଦେଶକଙ୍କ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ ଏହା ଏକ ପିରିୟଡ ଫିଲ୍ମ ନୁହେଁ। ଏହା ଆଧୁନିକ ସମୟର ଏକ ସୁପରହିରୋ ଆକ୍ସନ ଫିଲ୍ମ। ମହାଭାରତର କଥାବସ୍ତୁ ଅନୁସାରେ ଅଶ୍ୱତ୍ଥାମା ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର। ସେ କୁରୁକ୍ଷେତ୍ର ଯୁଦ୍ଧରେ କୌରବଙ୍କ ସାଥିରେ ରହି ପାଣ୍ଡବଙ୍କ ବିରୋଧରେ ଯୁଦ୍ଧ କରିଥିଲେ।

ବର୍ତ୍ତମାନ ନିର୍ଦ୍ଦେଶକ ଉକ୍ତ ଫିଲ୍ମ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଏହାର ଶୁଟିଂ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ତେବେ ଏହାର ରିଲିଜ ୨୦୨୦ ମଧ୍ୟଭାଗରେ ହେବା ଲକ୍ଷ୍ୟ ରଖାଯାଇଛି। ଭିକି ମଧ୍ୟ ସୁଜିତ୍ ସର୍କାରଙ୍କ ଉଦ୍ଧାମ ସିଂ ବାୟୋପିକ୍‌ରେ 'ତଖତ୍' ଭୂମିକାରେ ଏବଂ କରନ୍ ଜୋହରଙ୍କ ନିର୍ଦ୍ଦେଶିତ ଏକ ହରର୍ ଫିଲ୍ମରେ ଦୃଶ୍ୟମାନ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବିଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ମନ ଅନୁଯାୟୀ କାମ ସମ୍ପନ୍ନ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଧନାଧିପ ଏକାଦଶସ୍ଥ ହେତୁ ବିବାଦର ଅବସାନ ଘଟିବ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କେତୁ ଯୁକ୍ତ ଶନିଙ୍କ ଯୋଗୁ ଆଇନ ଅଦାଲତ ସମ୍ପର୍କରେ ଟେନସନ୍ ବୃଦ୍ଧି ପାଇବ।

**ବୃଷ** ପାପଗ୍ରହ ପ୍ରଭାବରୁ ମୁକ୍ତ ଚତୁର୍ଥସ୍ଥ ଚନ୍ଦ୍ର ପାରିବାରିକ ସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ,ବସ୍ତ୍ରାଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିବାହ ହେତୁକ ଦୁଶ୍ଚିନ୍ତା ମନକୁ ସାମୟିକ ଭାରାକ୍ରାନ୍ତ କରିପାରେ।

**ମିଥୁନ** ଆଜି ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ସମସ୍ୟା ଭିତରକୁ ଟାଣି ହୋଇଯାଇପାରନ୍ତି। ବଳହୀନ ରାଶ୍ୟାଧିପତି ଅନ୍ୟମାନଙ୍କ ସାହାଯ୍ୟ ନେଇ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଧନସ୍ଥାନରେ ଚନ୍ଦ୍ର ଓ ଧନାଧିପତି ଉଚ୍ଚସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମସାଧନ, ବିଶିଷ୍ଟବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ନୂତନ ଯାନବାହନ କିମ୍ବା ବିଳାସ ଉପକରଣ କ୍ରୟ କରିବା,କଳ କାରଖାନା, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକମାନଙ୍କ ବେଖାତିର ଓ ବେପରୁଆ ମନୋଭାବରୁ କ୍ଷୁବ୍ଧ ହେବେ।

**ସିଂହ** ରାଶିରେ ମନ କାରକ ବ୍ୟୟାଧିପ ଚନ୍ଦ୍ର ଏବଂ ଏକାଦଶରୁ ରାହୁଙ୍କ ଦୃଷ୍ଟି ଶିକ୍ଷା, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ପାଇ ନ ପାରନ୍ତି। ତଥାପି ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। ନୂତନ କର୍ମାରମ୍ଭ,ଗବେଷଣା, ଅଧ୍ୟୟନ, ଅଧ୍ୟାପନା ଓ କଳା,ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା** ବ୍ୟୟଭାବାଧିପତି ରବି ଅଷ୍ଟମ ଭାବରେ ଅବସ୍ଥାନ କରି ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ମଧ୍ୟରେ ଆଶା ପୂରଣ ହୋଇପାରିବ। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳି ଯିବ। ପରିବାର ସଦସ୍ୟମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିବେ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବାପନ୍ନରୁ ପ୍ରଶଂସିତ ହେବେ।

**ତୁଳା** ଭାଗ୍ୟସ୍ଥାନରେ ଅଷ୍ଟମାଧିପତି ଓ ଭାଗ୍ୟସ୍ଥାନକୁ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ହେତୁ ଚେଷ୍ଟା କରୁଥିବା କାମରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖାଦେବ। କୌଣସି ପ୍ରକାରର ଅଭାବ ଅସୁବିଧା ନ ଥିଲେ ମଧ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ। ତଥାପି ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରଯତ୍ନ କରିବେ।

**ବିଛା** ଆଜି ଚନ୍ଦ୍ରଙ୍କ ସ୍ଥିତି ବହୁତ ଭଲ ରହିଥିବାରୁ ମନସ୍କାମନା ପୂର୍ଣ୍ଣ ହେବା ସହ ମାନସିକ ସ୍ତରରେ ଶାନ୍ତି ଅନୁଭବ କରିବେ। ପରିଚିତ ବ୍ୟକ୍ତିମାନଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ମହିଳାଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ** ଦୁଃସ୍ଥାନାଧିପ ଚନ୍ଦ୍ର ଧର୍ମଭାବରେ ରହି ଆପଣଙ୍କ ଚେଷ୍ଟା, ଆଶା ଓ ଅଭିଳାଷକୁ ଅପୂର୍ଣ୍ଣ ରଖିପାରନ୍ତି। ଅବଶ୍ୟ ସାମାୟିକ ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପୂର୍ବାଷାଢା ନକ୍ଷତ୍ର ସକାଶେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଓ ଶିଳ୍ପ, ବାଣିଜ୍ୟରୁ ମଧ୍ୟ ଶୁଭଫଳ ପାଇବେ।

**ମକର** ସାମୟିକ ଭାବରେ ଚନ୍ଦ୍ରଙ୍କ ରାଶି ପରିବର୍ତ୍ତନ ଆପଣଙ୍କ ପାଇଁ ଦୈହିକ ଓ ମାନସିକ ଅସୁସ୍ଥତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟ ସାଧନ, ବ୍ୟବସାୟ,ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଙ୍ଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କୁମ୍ଭ** ଭାଗ୍ୟାଧିପତି ଶୁକ୍ର ଉଚ୍ଚ ଧନ ସ୍ଥାନରେ ଥିବାରୁ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ବ୍ୟସ୍ତ ହୋଇ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ରାଶିରେ ବୁଧ ଓ ଶୁକ୍ର ଥିଲେ ମଧ୍ୟ ଚନ୍ଦ୍ରଙ୍କ ସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ। ତଥାପି ରେବତୀ ନକ୍ଷତ୍ର ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ଦମନକ ଯାତ୍ରା, ଦୟଣା ଚୋରି ନୀତି, ରାମଲୀଳା, ମାୟାମୃଗ ପ୍ରସ୍ତାବ, ଏପ୍ରିଲ ୧୭ ତାରିଖ, ବିଶ୍ୱ ହେମୋଫୋଲିଆ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଉତ୍ତରାଫାଲଗୁନୀ/ସିଂହ, କର୍କଟ ରାଶିର ଘାତବାର, ସକାଳ ଘ୭।୩୪ମି. ଗତେ, କନ୍ୟା ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ଗତେ ଘ୮।୩୪ମି. ମଧ୍ୟେ, ଘ୨।୫୩ମି. ଗତେ ଘ୪।୨୮ମି. ମଧ୍ୟେ ଅମୃତ ବେଳା।

# classifieds




### BRIDE WANTED

ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସ୍‌ରୁ ପାସ୍ କରିଥିବା ଆଲାଏଡ଼୍ ବ୍ରାହ୍ମଣ ପାତ୍ର ପାଇଁ ଡ଼ାକ୍ତର ଝିଅ ଦରକାର। ଯୋଗାଯୋଗ: ୯୪୩୭୦୧୦୯୮୯, ୮୦୧୮୮୪୫୪୦୪. D-12110

Now Matrimonial ads. only on Wednesday & Sunday Book 1 Get 1 FREE

Wanted suitable Bangalore service Brahmin girl for Bangalore service software Engineer boy, 1990, 5'10": 9439630459, 8079961511. D-12130

Divorcee groom class-1 officer 38, clerk 42 (caste-no-bar). Contact: 7873374269. D-66430

### GROOM WANTED

୨୩ ବୟସ୍କା ଛାଡ଼ପତ୍ରପ୍ରାପ୍ତ, ପୁଅ ସନ୍ତାନଥିବା ସୁନ୍ଦର ବ୍ରାହ୍ମଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ପାଇଁ ପୁଅ ଦରକାର। ୭୦୦୮୦୮୦୯୬୭. ଧ-୭୦୮୨୯

ଖଣ୍ଡାୟତ 47 ବର୍ଷ, Post Officeରେ SA, ଛାଡ଼ପତ୍ର ଥିବା ଝିଅ ପାଇଁ ସାଧାରଣ ଘରର ବରପାତ୍ର ଆବଶ୍ୟକ ଯେକୌଣସି ଜାତିର। 8895411143.D-63766

real estate

### SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

Book 3BHK duplex having land area 1300 sqft. and construction area 1900 sqft. at Jagamara, Bhubaneswar. Price- 72 lakhs. 9078151122. D-66087

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952.D-66343

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

2BHK simplex 24,50,000/- finishing Hanspal, Gharabari plot Rangabazar, Atala: 9556261421. D- 66431

2400 sft. GA plot sale at SUM Hospital, (Bharatpur), Bhubaneswar. Contact Deepak- 9937329999 (Brokers excuse). D-66217

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D- 66125

### LEASE

Land requires on basis of outright, sharing, marketing. 9583295832, 9437261587. D-12164

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451 . D-65877

Newly opening ayurvedic body massage smart therapist Shree herbal. 7750020754.D-66079

Newly open body massage by ladies/ gents Samantrapur, BBSR. 7749975576. D-65875

Sampark ayurvedic massage club fully relaxed by smart lady, home service available. 8280102993. D-65873

Physiotherapy, full body massage by trained Ladies/ Gents Therapist: 7008773793. D-66432

### ଜୀବ ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ"Identification of morphological, histological and enzymatic markers in some exotic and native earthworm species for the detection of soil contamination due to agrochemicals and industrial wastes" ଉପରେ ଉଚ୍ଚତର ଗବେଷଣା କରି ସୂର୍ଯ୍ୟଶିଖା ସାମଲ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଛନ୍ତି। ଡକ୍ଟର ସୂର୍ଯ୍ୟଶିଖା ଉକ୍ତ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ଡକ୍ଟର ସୁନନ୍ଦା ସାହୁ ଓ OUATର ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ରଙ୍କ ମିଳିତ ତତ୍ତ୍ୱାବଧାନରେ Science & Technology Dept., Odisha ରୁ Fellowship ପାଇ ଗବେଷଣା କରୁଥିଲେ। ତାଙ୍କର ନିବନ୍ଧଟି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର C.P. Srivastava ଏବଂ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର J.K. Dutta ଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ସୂର୍ଯ୍ୟଶିଖାଙ୍କର ଅନେକ ଗବେଷଣା ଜନିତ ନିବନ୍ଧ ବିଭିନ୍ନ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। BHU, NISER, KIIT ଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ଓ ଜାତିୟ ସମ୍ମିଳନୀରେ ଡକ୍ଟର ସୂର୍ଯ୍ୟଶିଖାଙ୍କୁ ତାଙ୍କର ଉଚ୍ଚକୋଟିର ଗବେଷଣା ନିମନ୍ତେ ସମ୍ମାନିତ କରାଯାଇଛି। ସେ ଭୁବନେଶ୍ୱର ଶାନ୍ତି ନଗର ନିବାସୀ ଶ୍ରୀଯୁକ୍ତ କମଳ କାନ୍ତ ସାମଲ ଏବଂ ଶ୍ରୀମତୀ ସରୋଜନଳିନୀ ପଟ୍ଟନାୟକଙ୍କ ଜ୍ୟେଷ୍ଠା କନ୍ୟା ଏବଂ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲର ପୂର୍ବତନ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ୰ କାହ୍ନୁଚରଣ ସାମଲ ଏବଂ ୰ଶୋଭାରାଣୀ ସାମଲଙ୍କ ନାତୁଣୀ ଅଟନ୍ତି। ଡକ୍ଟର ସୂର୍ଯ୍ୟଶିଖା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ଅଫ୍ ବେସିକ ସାଇନ୍ସର ପ୍ରାଣୀବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ତାଙ୍କର ସଫଳତାର ଶ୍ରେୟ ନିଜ ପିତା-ମାତା, ସାନଭଉଣୀ ରଶ୍ମିରେଖା ସାମଲ, ପିଉସୀ ଡକ୍ଟର ମଣିମାଳା ସାମଲ, ଗାଇଡ୍, କୋ-ଗାଇଡ୍, ଏବଂ ସମସ୍ତ ହିତାକାଂକ୍ଷିଙ୍କୁ ଜଣାଇ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଉଛନ୍ତି।

D-66432

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ସାଇ ଶ୍ରଦ୍ଧା ପଟ୍ଟନାୟକ**
CDA, Sector- 7, Plot No.E/159, Cuttack

ଜନ୍ମବାର୍ଷିକ ଅବସରରେ ପ୍ରଭୁ ସାଇବାବାଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ବାପା, ବୋଉ, ପରିବାରବର୍ଗ।

ଧ-୬୩୨୧୬

### ଜନ୍ମଦିନ ଶୁଭେଚ୍ଛା



**ଅବନିଶ୍**
ପ୍ଲଟ୍ ନଂ.୧୨୪୮/୧୪୭୬, ବାଙ୍କୁଆଳ, ଭୁବନେଶ୍ୱର

ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋ ଭବିଷ୍ୟତ ଜୀବନ ହସଖୁସି, ଧନଧାନ୍ୟରେ ଭରିରହୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ବନ୍ଧୁ ଓ ପରିବାରବର୍ଗ।

ଧ-୧୨୧୬୩

### ଜନ୍ମଦିନ ଶୁଭେଚ୍ଛା



(ପୁପୁନ୍)
**ପ୍ରଭୁ ପ୍ରସାଦ ଦାସ**
ଶ୍ରୀରାମ ନଗର, ଓଲ୍ଡ ଟାଉନ

ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ତିନି ଜେଜେ, ତିନି ମା, ଅଜା, ଆଈ, ମାମୁ, ବଡ ବାବା, ବଡ ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଇସା, ସୋମ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି ଏବଂ ଓମ୍।

ଧ-୫୮୦୭୮

### ୭ମ ଜନ୍ମଦିନ ଶୁଭେଚ୍ଛା




**ଶୁଭମ ଭୋଇ (ସିପୁ)**
ଜଗନ୍ନାଥପୁର, ବାଲିପାଟଣା, ଖୋର୍ଦ୍ଧା

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ:**
ଜେଜେ ମା, ବୋଉ।

ଧ-୬୫୮୮୧





ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ତଦନ୍ତ ଭାର ନେଲା କ୍ରାଇମବ୍ରାଞ୍ଚ, ୨ ଅଟକ

**ଖୋର୍ଦ୍ଧା ଅଫିସ,୧୬।୪**

ଖୋର୍ଦ୍ଧା ଆଦର୍ଶ ଥାନା ନବୀନାବାଗରେ ରବିବାର ରାତିରେ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟାକାଣ୍ଡର ତଦନ୍ତ ଭାର ଜିଲା ପୋଲିସ କ୍ରାଇମବ୍ରାଞ୍ଚକୁ ମଙ୍ଗଳବାର ହସ୍ତାନ୍ତର କରିଛି। ଏହି ଘଟଣାରେ ଆଦର୍ଶ ଥାନା ପୋଲିସ ୨ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅପରାହ୍ନରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉପରୋକ୍ତ ସୂଚନା ଦେଇଛନ୍ତି।

ଆଇଜିଙ୍କ ସୂଚନା ଅନୁସାରେ, ହତ୍ୟାକାଣ୍ଡର ଗୁରୁତ୍ୱକୁ ଆଖି ଆଗରେ ରଖି ଡିଜିପି ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହତ୍ୟା ପରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରଥମରୁ କ୍ରାଇମ୍‌ବ୍ରାଞ୍ଚର ସାଇବର ସେଲ ଟିମ୍ ସହଯୋଗ କରୁଛି। ପୁଣି କ୍ରାଇମବ୍ରାଞ୍ଚର ଏକ ଇନ୍‌ଭେଷ୍ଟିଗେଶନ ଟିମ ମଙ୍ଗଳବାର କ୍ୟାମ୍ପ ଆରମ୍ଭ କରିଛି। ଆଇଜି କ୍ରାଇମବ୍ରାଞ୍ଚ ଅରୁଣ ବୋଥ୍ରା ନିଜେ ସୋମବାରଠାରୁ ଉପସ୍ଥିତ ରହି ସହଯୋଗ ଓ ତଦନ୍ତ କରୁଛନ୍ତି। ଜିଲା ପୋଲିସ ସମସ୍ତ ପ୍ରକାର ସହଯୋଗ କ୍ରାଇମବ୍ରାଞ୍ଚକୁ କରିବ। ହତ୍ୟା ପଛରେ ପୂର୍ବ ଶତ୍ରୁତା ଓ ରାଜନୈତିକ ହିଂସା ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବଡ଼ପୋଖରିଆରେ ୨୦୧୫ରୁ ରାଜନୈତିକ ହିଂସା ଲାଗି ରହିଛି। ମୃତ ମଙ୍ଗୁଳି ପୂର୍ବତନ ସରପଞ୍ଚ ଥିଲେ। ସେହିପରି ସିସିଟିଭି, ମୋବାଇଲ ଟ୍ରାକିଂକୁ ଆଧାର କରି ତଦନ୍ତ ଚାଲୁ ରହିଛି।

ପ୍ରକାଶ ଯେ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନାଙ୍କୁ ଗତ ୧୪ ରବିବାର ରାତି ପ୍ରାୟ ୧୧ଟା୪୫ମିନିଟ୍‌ରେ ଖୋର୍ଦ୍ଧା ଆଦର୍ଶ ଥାନାର ନବୀନାବାଗରେ ହତ୍ୟା କରାଯାଇଥିଲା। ଏହି ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ନିରାକାରପୁର ଓ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ରବିବାର ରାତିରୁ ଉତ୍ତେଜନା ଲାଗି ରହିଥିଲା। ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନ ଓ ନିରାକାରପୁର ଥାନାର ବଡ଼ପୋଖରିଆରେ ରାସ୍ତାରୋକୋ ହୋଇଥିଲା।

## ମୋବାଇଲ ବ୍ୟାଟେରି ଫାଟି ୩ ବାଳକ ଆହତ


**ଢୁଙ୍ଗୁରିପାଲି, ୧୬।୪ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଢୁଙ୍ଗୁରିପାଲି ବ୍ଲକ ଟାଙ୍ଗରକର୍ଲେ ପଞ୍ଚାୟତ ଅନ୍ତର୍ଗତ ଅଡାକଶା ଗ୍ରାମରେ ମୋବାଇଲ ବ୍ୟାଟେରୀ ଫାଟି ମଙ୍ଗଳବାର ୩ ଜଣ ବାଳକ ଆହତ ହୋଇଛନ୍ତି। ସେମାନଙ୍କୁ ଢୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗୁରୁତର ହୋଇଥିବା ବାଳକ ହେଲେ ନବକୁମାର ଘୁସୁରୀଙ୍କ ପୁଅ ହେମନ୍ତ(୧୨)। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ପ୍ରାୟ ୧୨ଟା ବେଳେ ଏହି ୩ ଜଣ ବାଳକ ମୋବାଇଲର ଫୋନ ବ୍ୟାଟେରୀ ଖୋଲୁଥିବା ସମୟରେ ତାହା କୌଣସି କାରଣରୁ ହଠାତ୍ ଫାଟି ଥିଲା। ଭୟରେ ସେମାନେ ଚିତ୍କାର କରିବାରୁ ପରିବାର ଲୋକ ସେଠାକୁ ଧାଇଁ ଆସିଥିଲେ। ହେଲେ ସେତେବେଳକୁ ହେମନ୍ତଙ୍କ ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଭଲ ଥିବା ପରିବାର ଲୋକେ କହିଛନ୍ତି।






## ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ମୃତ

**କୋଦଳା,୧୬।୪(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ଥାନା ଶାଳବଣ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆଦିକନ୍ଦ ଦେଓ (୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶାଳବଣ ଗ୍ରାମ ମଝିଦାଣ୍ଡ ସାହିର ଆଦିକନ୍ଦ ଦେଓ ଓ ସମ୍ପର୍କୀୟ ପୁତୁରା ଡାକ ଦେଓଙ୍କ ମଧ୍ୟରେ କୌଣସି କାରଣରୁ ଶତ୍ରୁତା ଲାଗି ରହିଥିଲା। ସୋମବାର ରାତିରେ ଆଦିକନ୍ଦଙ୍କ ପୁଅ ମନୀନ୍ଦ୍ର ତାଙ୍କ ଘର ଛାତ ଉପରେ ଶୋଇଥିଲେ। ରାତିରେ ଡାକଙ୍କ ଅଗଣା ମଝିକୁ ମନୀନ୍ଦ୍ର ଲୁଚି ଚାହୁଁଥିବା ଅଭିଯୋଗ କରି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶେଷରେ ୨ ପରିବାରଙ୍କ ମଧ୍ୟରେ ଏହାକୁ ନେଇ ମାରପିଟ୍ ହୋଇଥିଲା। ଆଦିକନ୍ଦ ମାଡଖାଇ ତଳେ ପଡିଯିବା ପରେ ଡାକଙ୍କ ସ୍ତ୍ରୀ କୁଆଡେ ତାଙ୍କ ଗୁପ୍ତାଙ୍ଗକୁ ଆଘାତ କରିଥିଲେ। ଫଳରେ ଘଟଣାସ୍ଥଳରେ ଆଦିକନ୍ଦଙ୍କ ମୃତ୍ୟୁ ହୋଇଥିବା ପୁଅ ମନୀନ୍ଦ୍ର ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମନୀନ୍ଦ୍ର କୋଦଳା ଥାନାରେ ଡାକ, ତାଙ୍କ ସ୍ତ୍ରୀ, ୨ ପୁଅ ଓ ଶାଳକଙ୍କ ନାମରେ ଏତଲା ଦେଇଛନ୍ତି। ପୋଲିସ ନଂ.୮୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏନେଇ କୋଦଳା ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଡାକଙ୍କ ପେଟରେ ଆଘାତ ଲାଗିଥିବାରୁ ସେ ସ୍ତ୍ରୀଙ୍କ ସହ ବ୍ରହ୍ମପୁର ବଡ ମେଡିକାଲକୁ ଯାଇଛନ୍ତି। ତାଙ୍କ ପୁଅ ଓ ଶାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

“ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ୍ତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।

–ଶ୍ରୀମା

# ସବୁଆଡ଼େ କ୍ଷତି

୧୯୯୧ରେ ଭାରତୀୟ ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିଥିଲା। ଉଦାରୀକରଣ ନୀତି ଅବଲମ୍ବନ କରାଯିବା ପରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆସିବା ସହ ଘରୋଇ କ୍ଷେତ୍ର ବ୍ୟାପକ ହୋଇଥିଲା। ଭାରତରେ ପୁଞ୍ଜିନିବେଶ ପାଇଁ ବିଦେଶୀଙ୍କୁ ଅନୁମତି ଦିଆଯାଇଥିଲା। ମୁକ୍ତ ଅର୍ଥନୀତି ଯୋଗୁ ସରକାରୀ ସ୍ତରରେ ଥିବା ଲାଇସେନ୍ସରାଜ୍ ପ୍ରତ୍ୟାହାର ହେଲା ବୋଲି କୁହାଯାଇଥିଲା। ଏଭଳି ସଂସ୍କାରର ସୁଫଳ ଅବଶ୍ୟ କିଛି ବର୍ଷ ପରେ ଦେଶକୁ ମିଳିଥିଲା। ହେଲେ ଏବର ସ୍ଥିତି ଦେଖିଲେ ଅଧିକାଂଶ ସରକାରୀ ଓ ଘରୋଇ ସଂସ୍ଥା କ୍ଷତିରେ ଚାଲୁଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଓ ଏୟାର ଇଣ୍ଡିଆ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏବେ ଅନ୍ୟତମ ପ୍ରମୁଖ ସରକାରୀ ସଂସ୍ଥା ଇଣ୍ଡିଆ ପୋଷ୍ଟ (ଭାରତୀୟ ଡାକସେବା) ୨୦୧୮-୧୯ ଆର୍ଥିକବର୍ଷରେ ୧୫ ହଜାର କୋଟି ଟଙ୍କା କ୍ଷତି କରିଛି। ବିଏସ୍ଏନ୍ଏଲ୍ ଓ ଏୟାର ଇଣ୍ଡିଆଠାରୁ ଏହାର କ୍ଷତି ପରିମାଣ ଟପିଯାଇଛି। ଉଲ୍ଲେଖଯୋଗ୍ୟ, ବିଏସ୍ଏନ୍ଏଲ୍ ୮ ହଜାର କୋଟି ଟଙ୍କା କ୍ଷତି ସହିଥିବା ବେଳେ ଏୟାର ଇଣ୍ଡିଆର ପରିମାଣ ରହିଥିଲା ୫,୩୪୦ କୋଟି ଟଙ୍କା। କେବଳ ରାଷ୍ଟ୍ରାୟତ୍ତ ସଂସ୍ଥା ନୁହନ୍ତି, ଘରୋଇ ଟେଲିକମ୍ ଓ ଏୟାରଲାଇନ୍ସ ମଧ୍ୟ ସଙ୍କଟରେ ପଡ଼ିଛନ୍ତି। ସଦ୍ୟ ହଇରାଣରେ ପଡ଼ିଥିବା ଜେଟ୍ ଏୟାରୱେଜ୍ ବନ୍ଦ ହେବା ଅବସ୍ଥାରେ ଆସି ପହଞ୍ଚିଛି। ଗୋଟିଏ ପରେ ଗୋଟିଏ ସରକାରୀ ଓ ଘରୋଇ ଉଦ୍ୟୋଗ ଆର୍ଥିକ ସଙ୍କଟ ଦେଇ ଗତିକରିବା ଭାରତୀୟ ଅର୍ଥନୀତି ପାଇଁ ସତର୍କଘଣ୍ଟି ପାଲଟିଲାଣି।

ଭାରତରେ ଏବେ ସାଧାରଣ ନିର୍ବାଚନ ଚାଲିଛି। ପ୍ରତ୍ୟେକ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। କୌଣସି ଦଳ ଆର୍ଥିକ ଦିଗକୁ ଦୃଷ୍ଟି ନ ଦେଇ ଯେଉଁଭଳି ଭାବେ ସୁବିଧା ଘୋଷଣା କରିଚାଲିଛନ୍ତି, ତାହାକୁ ସୁସ୍ଥ ମସ୍ତିଷ୍କର ଜଣେ ବ୍ୟକ୍ତି କେବେହେଲେ ଗ୍ରହଣ କରିପାରିବେ ନାହିଁ। କିନ୍ତୁ ଏ ଦେଶରେ ସୁବିଧା ଓ ଫାଇଦା କେଉଁଠାରୁ ମିଳିପାରିବ ତାହାକୁ ଜନସାଧାରଣ ଯେଭଳି ସହଜରେ ଜାଣିପାରିଥାଆନ୍ତି, ଅର୍ଥନୀତି ଭଳି ଜଟିଳ ପ୍ରସଙ୍ଗକୁ ବୁଝିପାରୁ ନ ଥିବାରୁ ରାଜନୈତିକ ଦଳ ଓ ନେତାମାନେ ସେମାନଙ୍କୁ ଭକୁଆ କରି ରଖୁଛନ୍ତି। ସମାଜର ବିଭିନ୍ନ ବର୍ଗଙ୍କୁ ସନ୍ତୁଷ୍ଟ କରିବା ଲାଗି ସରକାରୀ ତହବିଲରେ ଅର୍ଥ ପର୍ଯ୍ୟାପ୍ତ ନ ଥିଲା ବେଳେ ମାଗଣା ଘୋଷଣା କିଭଳି ଫଳବତୀ ହୋଇପାରିବ, ସେ ସଂକ୍ରାନ୍ତ ପ୍ରଶ୍ନ କୌଣସି ଭୋଟର ପଚାରୁଥିବା ଲକ୍ଷ୍ୟ କରାଯାଉ ନାହିଁ। କେନ୍ଦ୍ରରେ ଭାଜପା ସରକାରଙ୍କ ବିଗତ ୫ ବର୍ଷର ଶାସନକୁ ଦେଖିଲେ ଏ ଦେଶରେ କେବଳ ଏକ ପ୍ରଚାରସର୍ବସ୍ୱ ବାତାବରଣ ସୃଷ୍ଟି କରାଯାଇଥିବା କୁହାଯାଉଛି। ଏହି ସରକାର ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରି ସମଗ୍ର ଅର୍ଥନୀତିକୁ ପଙ୍ଗୁ କରିଦେଇଛି। ଏହାର ସବୁଠାରୁ ଖରାପ ପ୍ରଭାବ ନିଯୁକ୍ତି କ୍ଷେତ୍ରରେ ପଡ଼ିଛି। ନିକଟ ଅତୀତରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ନିଯୁକ୍ତି ହାର ବିଗତ ୪୫ ବର୍ଷ ମଧ୍ୟରେ ଅତ୍ୟନ୍ତ ନିମ୍ନ ସ୍ତରକୁ ଚାଲିଯାଇଛି। ତ୍ରୁଟିପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ନୀତି ଯୋଗୁ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ (ଏନ୍‌ପିଏ) ୧୦ ଲକ୍ଷ କୋଟି ଟଙ୍କାକୁ ଟପିଯାଇଛି। ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସିଙ୍କ ସହିତ ଆହୁରି ୩୬ ଜଣ ବ୍ୟବସାୟୀ ଦେଶ ଛାଡ଼ି ପଳାଇ ଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସ୍ୱୀକାର କରିଛି। ପୁଣି ନିର୍ଦ୍ଦିଷ୍ଟ ଘରୋଇ କମ୍ପାନୀକୁ ଅତ୍ୟଧିକ ଅନୁଗ୍ରହ ଦିଆଯିବା ଦ୍ୱାରା ପ୍ରତିଦ୍ୱନ୍ଦ୍ୱିତା ସ୍ତର ଦୁର୍ବଳ ହୋଇଯାଇଛି। ଟେଲିକମ୍ କ୍ଷେତ୍ର ଏହାର ଜ୍ୱଳନ୍ତ ଉଦାହରଣ।

ଭୁଲ ଅର୍ଥନୈତିକ ନୀତି ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିଦେଇଥାଏ। ଭାରତରେ ରାଜନୈତିକ ଦଳ ଓ ନେତାମାନେ ଦେଶ ସମ୍ମୁଖୀନ ହେଉଥିବା ବାସ୍ତବ ସମସ୍ୟାକୁ ଗୁରୁତ୍ୱ ନ ଦେଇ ଲୋକଙ୍କୁ ନିମ୍ନ ସ୍ତରର ସୁବିଧା ଯାଚି ଦୀର୍ଘ ସମୟ ଶାସନ ଗାଦିରେ ବସିବାକୁ ଉଚିତ ମଣୁଛନ୍ତି। କେଉଁ କାରଣ ଯୋଗୁ ଗାଁଠୁ ସହରଯାଏ ଶାଖା ମେଲିଥିବା ବୃହତ୍ ଡାକ ସଂସ୍ଥା କ୍ଷତିରେ ପଡ଼ିଲା, ତାହା ଉପରେ ଅନୁଧ୍ୟାନ କରାଯାଉ ନାହିଁ। ଦେଶର ଆର୍ଥିକ ମେରୁଦଣ୍ଡ ସବଳ ନ ହେଲେ ସାମାଜିକ ସ୍ତରରେ ବିକାଶ ହୋଇପାରିବ ନାହିଁ। ବର୍ତ୍ତମାନ ନିର୍ବାଚନ ଚାଲୁଥିବାରୁ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ‘ବିକାଶ’କୁ ବିଭିନ୍ନ ତରିକାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରିବାରେ ବ୍ୟସ୍ତ। ‘ଚୂନା ନ ଦେଖି ପିଠା’ ତିଆରି କରୁଥିବା ରାଜନୈତିକ ଦଳ ଓ ନେତାମାନେ ବାସ୍ତବ ପରିସ୍ଥିତିକୁ ବୁଝିବା ଆବଶ୍ୟକ ହୋଇପଡ଼ିଲାଣି। ‘ଋଣ କରି ଘିଅ ପିଇବା’ ଭଳି ମନୋବୃତ୍ତି ବ୍ୟକ୍ତିଗତ ସ୍ତରରୁ ସରକାରଯାଏ ରହିଲେ, କୌଣସି ଜାତୀୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଆଗକୁ ଯେଉଁଠାରେ ଯେଉଁ ଦଳ କ୍ଷମତାକୁ ଆସନ୍ତୁ ନା କାହିଁକି, କଠୋର ଅର୍ଥନୈତିକ ସ୍ଥିତି ଏକ ବୃହତ୍ ସମସ୍ୟା ଭାବେ ଉଭା ହେବା ଥୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଏପ୍ରିଲ ୧୯୯୪

- ବିଭିନ୍ନ ରେଳ ଓ ରାସ୍ତା ନିର୍ମାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଏବଂ ଭାରତ-ନେପାଳ ରେଳରାସ୍ତାକୁ ଓସାରିଆ କରିବା କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ଭାରତ ନେପାଳ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ନିଷ୍ପତ୍ତି ଗ୍ରହଣ କରିଛି।
- ଆଫ୍ରିକୀୟ ଜାତୀୟ କଂଗ୍ରେସ ଏବଂ ଇନ୍‌କାଥା ପାର୍ଟି ମଧ୍ୟରେ ଦେଖାଦେଇଥିବା ରାଜନୈତିକ ଅଚଳାବସ୍ଥାକୁ ଟାଳିଦେବା ପାଇଁ ଆନ୍ତର୍ଜାତିକ ମଧ୍ୟସ୍ଥତାରେ ହୋଇଥିବା ଉଦ୍ୟମ ବିଫଳ ହେବା ପରେ ମଧ୍ୟସ୍ଥତା କରୁଥିବା ଭାରତର ପୂର୍ବତନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ପି.ଏନ. ଭଗବତୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | D | 7 | 4 | | E | | | | 5 | | A | | |
| | | 6 | | A | 1 | D | | 8 | | E | | | | 4 |
| 3 | | | | | 6 | | | | | | A | | | 5 |
| A | | E | | | 2 | | 9 | | | | | 1 | | |
| | | | | | 5 | 2 | 1 | | | 3 | | | | |
| | 8 | | | 2 | | | D | | A | | | 0 | 3 | |
| | | | B | | | 9 | | | 0 | | | 4 | | 6 |
| | | | 0 | | 9 | | 8 | 1 | | | | 5 | | |
| | | | | | | | | 5 | | 1 | | | | C |
| | 7 | 3 | | E | | | | 0 | | C | 4 | 9 | | |
| | | C | | | | 6 | | | | | | | | |
| 4 | | 5 | | | E | 0 | 2 | | | | B | | 9 | |
| | 1 | A | | B | 3 | | E | 4 | | 6 | | C | 8 | |
| 0 | | | 4 | 6 | | | | 9 | 8 | | | | | |
| | | B | | 5 | | | A | | D | 2 | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | 7 | E | D | 8 | 4 | C | 5 | 2 | 6 | 0 | 9 | 3 | B |
| 8 | B | 6 | 3 | C | A | 0 | E | D | 9 | 7 | 5 | 1 | 4 | 2 |
| 0 | D | 3 | 4 | 7 | 2 | 1 | 6 | 9 | B | A | 8 | E | C | 5 |
| 2 | 5 | E | 1 | 9 | 6 | 3 | B | 7 | C | 4 | D | A | 0 | 8 |
| 9 | 4 | C | 5 | 0 | B | A | 2 | 8 | 3 | E | 1 | D | 6 | 7 |
| 3 | C | 2 | 9 | E | 0 | B | 4 | 1 | A | D | 7 | 8 | 5 | 6 |
| B | 0 | A | 7 | 5 | 3 | 2 | 8 | C | 6 | 1 | 9 | 4 | E | D |
| 5 | E | 9 | D | 8 | 1 | 6 | 7 | 0 | 4 | 3 | 2 | C | B | A |
| 1 | 7 | 8 | B | 6 | 4 | D | A | E | 5 | 0 | C | 3 | 2 | 9 |
| 4 | 6 | D | 2 | A | C | 5 | 9 | 3 | E | 8 | B | 0 | 7 | 1 |
| 6 | 3 | 0 | C | 4 | D | 7 | 5 | 2 | 8 | 9 | A | B | 1 | E |
| C | 9 | 4 | 0 | B | E | 8 | 1 | A | 7 | 2 | 6 | 5 | D | 3 |
| E | 8 | 5 | 6 | 2 | 9 | C | D | 4 | 1 | B | 3 | 7 | A | 0 |
| 7 | 2 | 1 | A | 3 | 5 | 9 | 0 | B | D | C | E | 6 | 8 | 4 |
| D | A | B | 8 | 1 | 7 | E | 3 | 6 | 0 | 5 | 4 | 2 | 9 | C |

ଗତକାଲିର ଉତ୍ତର

# ନିର୍ବାଚନ ଓ ଦେଶଭାବନା



ଡ. ଶରତଚନ୍ଦ୍ର ରଥ

କିଛି ଲୋକ ଅଛନ୍ତି ଯାହାଙ୍କର କେବଳ ନୋଟ ପାଇଁ ଚିନ୍ତା। ଶୟନେ ସ୍ୱପନେ ଜାଗରଣେ କେବଳ ସେଇ ନୋଟ କଥା ହିଁ ଭାବୁଥାଆନ୍ତି। ଭୋଟ ବେଳ ଆସିଗଲେ ନୋଟ ଚିନ୍ତାଟା ଟିକିଏ ଦାନା ବାନ୍ଧିଲାପରି ଲାଗେ। ସେମାନେ ବୁଝିପାରନ୍ତି ଯେ ଠିକଣା ବେଳ ଆସିଗଲା। ନୋଟ ରୂପକ ମୁଗୁରାରେ ଏଥର ଭୋଟ ରୂପକ ମାଛ ପଡିବ। ଖାଲି ମୁଗୁରା ଝାଡିବା କଥା, ଯଦି ମୁଗୁରା ପଛ ମେଲା ଥିବ, ତେବେ ସରିଲା କଥା। ବେଳେବେଳେ ମାଛ ପଡୁପଡୁ ଖସିଯାଆନ୍ତି କିନ୍ତୁ ମୁଗୁରା ବସିଥାଏ। ମୁଗୁରା ନ ବସିଲେ ମାଛ ଧରିବାର ଉପାୟ ନାହିଁ, ତେଣିକି ଭାଗ୍ୟ।

ଭୋଟବେଳେ ନୋଟର ଆକର୍ଷଣ ନିଆରା। ସେତେବେଳର ନୋଟ ଲାଗେ ଆକାଶରୁ ଗୋଟା ଗୋଟା ରୋହି, ଭାକୁଡ ରୋଷେଇ ଘରେ ଖସିଲା ପରି। ବିଶେଷ କିଛି କଷ୍ଟ ପଡେନାହିଁ, ଯାହା କଷ୍ଟ ତାହା ଖାଲି ମୁଣ୍ଡ ଖେଳାଇବାର କଷ୍ଟ, ବିନିମୟରେ ବିଡାବିଡା ନୋଟ। କିଏ କିଏ ହୁଏତ କହିବେ ଦେବାଲୋକ ତ ଦେବ, ନେବା ଲୋକ ତ ନେବ, ମଝିରେ ଅନ୍ୟମାନଙ୍କର କାହିଁକି ମୁଣ୍ଡ ବଥାଇବ, ତା’ ଅବଶ୍ୟ ଠିକ୍ କଥା, ‘ଅନାହୂତେ ପ୍ରବିଶତି’।

ନେବା ଲୋକର ଖୁସି ବଡ଼ ନିଆରା, ସେ ବୁଝେନା ଭୋଟର ମହତ୍ତ୍ୱ, ଗୁରୁତ୍ୱ। ସେ କେବଳ ବୁଝେ, କିଏ କେତେ ଦେଇଛି ବା ଦବ। ଦବାଟା କିଛି ଲୋକଙ୍କର କାମ ଆଉ ନବାଟା ଆମ କାମ। କେହି କାହା ହାତରୁ ଦେଉନାହିଁ ତେଣୁ ନେବାରେ ଏତେ କୁଣ୍ଠିତ କାହିଁକି ? ଆମ ଜିନିଷ ଆମେ ନେଲୁ। ‘ନେଲ ଯାହା ଦେଲ ତାହା’- ଦବାନବା ଚାଲିଛି, ମାଛତେଲରେ ମାଛ ଭଜା ହେଉଛି, ଆମେ ତ ଖାଇବା ଲୋକ, ଏତେ କଥା ବୁଝିବୁ କାହିଁକି ? ଚକୁଳି ଖାଇବା ଲୋକ ବିନ୍ଧ ଗଣି ଲାଭ କ’ଣ ? ଆଉ କିଛି ଲୋକ ବଙ୍କା ନୋଟର ବ୍ୟବସ୍ଥା କଥା ଭଲଭାବରେ ଜାଣନ୍ତି। ଭୋଜିଭାତ, ପ୍ରଚାର, ବ୍ୟାନର ପାଇଁ ନୋଟ ବ୍ୟବସ୍ଥା ପରୋକ୍ଷ ବ୍ୟବସ୍ଥା। କଥାଟି ହେଉଛି, ‘ଦୀପ ତେଜିଲେ ହାତ ଚିକ୍କଣ।’

ସିଧା ନୋଟରେ ମନଟିକେ ଅଧିକ ଖୁସି, ପରିଶ୍ରମ ନାହିଁ, ବିଶେଷ ଧାଁ ଦଉଡ ନାହିଁ। କିଛି ଲୋକଙ୍କୁ କହିବୋଲି ବୁଝାଇବା କଥା। ଏଥିପାଇଁ ଯେଉଁ ନୋଟ ମିଳେ ତାହା ପାଇଲେ ନିଜକୁ ଓଜନିଆ ଲାଗେ। ମନେହୁଏ, ‘ମୋର ଗୋଟାଏ ଗୁରୁତ୍ୱ ଅଛି’- ନ ହେଲେ ମୋତେ ଖୋଜା ହୁଅନ୍ତା କାହିଁକି ? ପ୍ରକୃତରେ ମୋ ପାଖରେ କିଛି ନିଆରା ଗୁଣ ଅଛି, ଦକ୍ଷତା ଅଛି, କିଏ ମାନୁ କି ନ ମାନୁ, କିଏ ବୁଝୁ କି ନ ବୁଝୁ ମୁଁ ତ ବୁଝୁଛି, ଆପେ ବୁଝିଲେ ହେଲା।

ନୋଟ ବିକଳିଆଙ୍କୁ ଦେଖିଲେ ଯେତିକି ଖୁସି ଲାଗେ ତା’ଠାରୁ ଅଧିକ ଦୁଃଖ ଲାଗେ ସେମାନଙ୍କ ମାନସିକ ସ୍ଥିତି କଥା ଭାବି। ଦବାଲୋକ କେତେ ଖୁସି ତାହା ଅଲଗା କଥା ମାତ୍ର ନବାଲୋକର ଖୁସି ଦେଖି ଦବାଲୋକ ଖୁସି ହେବାକୁ ବାଧ୍ୟ ହୁଏ, କାରଣ କେରାଣ୍ଡି ଗୁଣ୍ଡା ହେଲା, ବାଳିଆ ମାଛ ବନିଶୀରେ ପଡିବ। ଆଉ ମଝିରେ ଥିବା ଲୋକଟି ହାତ କେତେ ଖୋଲିବ କେତେ ବନ୍ଦ କରିବ, ସେକଥା ଭାବୁଥାଏ, ଅଙ୍କ କଷୁଥାଏ, ଲାଭକ୍ଷତି ମାପୁଥାଏ, ଦୀପ ତେଜୁଥାଏ।

ଏ ତ ଗଲା କେନାଲ, ସବ୍‌କେନାଲ ପୁଣି ଶସ୍ୟକ୍ଷେତ୍ରର କଥା। ବର୍ତ୍ତମାନ ଦେଖିବା ତା’ ଉତ୍ସର କଥା। କେତେ କବାଟ କେଉଁଦିଗରୁ କେତେ ସମୟ ପାଇଁ ଖୋଲାହେବ, ଏ ଅଙ୍କକଷା ବଡ଼ ଜଟିଳ। ତଥାପି ଅଙ୍କକଷା ହୁଏ, ଭାଗଫଳ ମିଳେ। ଜନସମୁଦ୍ରରୁ ପାଣି ବାଷ୍ପରୂପେ ଆସି ଘନୀଭୂତ ହୋଇ ଜଳଭଣ୍ଡାର ଭରିଥାଏ। ପୁଣି ସେହି ଜଳ ଜନସମୁଦ୍ର ନିକଟକୁ ଯାଏ, ଖାଲି କବାଟ ଖୋଲିବା କଥା। ନ୍ୟାୟଟି ଏହିପରି ‘‘ନେଲେ ଯାହା, ଦେଲେ ତାହା, ମଝିରେ ଖାଲି ନେଲେ ନାଁ’’। ଖାଲି ନାଁ ନୁହେଁ, ଯଶ, ପ୍ରଶଂସା ଓ କ୍ଷମତା ଇତ୍ୟାଦି। ସଙ୍କଳ୍ପ ଦେଶସେବାର, ବିକଳ୍ପ ଚଉକି ଚିନ୍ତା। ଅବଶ୍ୟ ନେତୃତ୍ୱ ଭିତରେ ଦେଶପ୍ରେମୀ ବ୍ୟକ୍ତିତ୍ୱ ଯେ ନାହାନ୍ତି ଏପରି ନୁହେଁ, ସମସ୍ତେ ସମାନ ନୁହନ୍ତି, ପାଞ୍ଚ ଆଙ୍ଗୁଠି ସମାନ ନୁହେଁ।

ଏପରି ନେତୃବର୍ଗ ଅଛନ୍ତି ଯେଉଁମାନେ ଦେଶକୁ ଏକ ଶକ୍ତି, ଏକ ସାମର୍ଥ୍ୟ ବୋଲି ବିଚାର କରନ୍ତି, ‘ବହୁଜନ ସୁଖାୟ, ବହୁଜନ ହିତାୟ’ ନୀତିକୁ ଗୁରୁତ୍ୱ ଦିଅନ୍ତି। ଅନ୍ତତଃପକ୍ଷେ ସେମାନେ ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କୁ ପଢିଛନ୍ତି ଓ ଜାଣିଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କର ଦେଶାତ୍ମବୋଧଭିତ୍ତିକ ଓଜସ୍ୱିନୀ ବାଣୀକୁ ପଢିଛନ୍ତି ଓ ତାହାର ଗମ୍ଭୀରତାକୁ ଅନୁଭବ କରିଛନ୍ତି। ସିଏ କହୁଥିଲେ, ‘‘ସଦର୍ପରେ କହ, ମୁଁ ଭାରତବାସୀ, ଭାରତବାସୀ ମୋର ଭାଇ, ଦରିଦ୍ର ଭାରତବାସୀ ମୋର ଭାଇ, ଭାରତର ସମାଜ ମୋର ଶୈଶବର ଶିଶୁଶଯ୍ୟା, ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ। ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣ ମୋର କଲ୍ୟାଣ।’’

ସେମାନେ ଶ୍ରୀଅରବିନ୍ଦଙ୍କୁ ପଢିଛନ୍ତି, ତାଙ୍କର ଅଗ୍ନିବର୍ଷୀ ବାଣୀର ମହତ୍ତ୍ୱକୁ ଉପଲବ୍ଧି କରିଛନ୍ତି। ଶ୍ରୀଅରବିନ୍ଦ କହିଥିଲେ- ‘‘ଭାରତବର୍ଷ ମାଟି, ଗୋଡି ଓ ପଥରରେ ଗଢା ଏକ ଜଡପିଣ୍ଡ ନୁହେଁ, ଏହା ଏକ ଜାଗ୍ରତ ଚେତନା। ଭାରତ ହିଁ ଜଗତର ଗୁରୁ, ପୃଥିବୀର ଭବିଷ୍ୟତ ରୂପରେଖ ଭାରତ ଉପରେ ନିର୍ଭର କରେ। ଭାରତ ଯଦି ସଙ୍କଳ୍ପ କରେ, ତେବେ ମାନବଜାତି ଆଜି ଯେଉଁ ସମସ୍ତ ସମସ୍ୟା ନେଇ ବିବ୍ରତ ହୋଇପଡିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା। ଭାରତ ହିଁ ଜୀବନ୍ତ ଆତ୍ମା। ଭାରତ ହିଁ ଏକମାତ୍ର ଦେଶ ଯାହା ଶାନ୍ତି ଓ ସାମାଜିକ ଶୃଙ୍ଖଳା ସ୍ଥାପନରେ ପୃଥିବୀକୁ ନେତୃତ୍ୱ ଦେବ।’’ ସେମାନେ ମଧ୍ୟ ପଢିଛନ୍ତି ଓ ଜାଣିଛନ୍ତି କେତେ ପ୍ରାତଃସ୍ମରଣୀୟ ଦେଶପ୍ରେମୀ ବ୍ୟକ୍ତିତ୍ୱଙ୍କୁ। ଖାଲି ଜାଣିନାହାନ୍ତି ବା ପଢିନାହାନ୍ତି, ଉଦ୍‌ବୁଦ୍ଧ ମଧ୍ୟ ହୋଇଛନ୍ତି ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବାଲଗଙ୍ଗାଧର ତିଲକ, ବିପିନଚନ୍ଦ୍ର ପାଲ, ଭଗତ୍ ସିଂହ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଆଦର୍ଶ ଦ୍ୱାରା।

ସେମାନେ ପଢିଛନ୍ତି ଜର୍ମାନ ମନୀଷୀ ମାକ୍ସମୁଲରଙ୍କୁ ଯିଏ କହିଥିଲେ, ‘‘ଯଦି ମୁଁ ନିଜକୁ ପଚାରେ ଆମେ ୟୁରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣଭାବରେ ଗ୍ରୀକ୍ ଓ ରୋମାନ୍ ଚିନ୍ତାଧାରାରେ ବଢିଆସିଛୁ, ଆମର ଅନ୍ତର୍ଜୀବନକୁ ଆହୁରି ପୂର୍ଣ୍ଣ, ଆହୁରି ସାର୍ବଜନୀନ ଓ ବାସ୍ତବରେ ମାନବିକ କରିବାକୁ ହେଲେ କେଉଁ ଦେଶର ସାହିତ୍ୟରୁ ଆମେ ଯଥାର୍ଥ ପ୍ରେରଣା ପାଇବୁ, ତେବେ ମୁଁ ନିର୍ଦ୍ଦେଶ କରିବି, ସେହି ଦେଶ ହେଉଛି ଭାରତବର୍ଷ।’’

ସେମାନେ ପଢ଼ିଛନ୍ତି ଜର୍ମାନ କବି ଗେଟେଙ୍କର କାଳିଦାସଙ୍କ ‘ଅଭିଜ୍ଞାନଶାକୁନ୍ତଳମ୍’ ପାଠ ପରେ ପ୍ରଦତ୍ତ ମତାମତକୁ, ଯାହାର ଅନୁବାଦ ଏହିପରି- ‘‘ବସନ୍ତର କୁସୁମ ଓ ଗ୍ରୀଷ୍ମର ଫଳ ଏକାବେଳକେ ମିଳିବ। ମନର ଆଉ କିଛି ରସାୟନ ଅଛି ଯାହା କି ସ୍ୱର୍ଗ ଓ ପୃଥିବୀ ଲୋକକୁ ଏକାକାର କରିଦେଇଛି ? ସବୁ ଐଶ୍ୱର୍ଯ୍ୟକୁ ଯଦି ଚାହୁଁଛ, ତେବେ ‘ଶକୁନ୍ତଳା’ ପଢ଼।’’

ସେମାନେ ନିଶ୍ଚୟ ପଢିଛନ୍ତି ଓ ଜାଣିଛନ୍ତି ଋଗ୍‌ବେଦର ଏହି ମନ୍ତ୍ର ‘‘ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍। ଦେବାଭାଗଂ ଯଥାପୂର୍ବେ ସଂଜାନନା ଉପାସତେ।।’’ ଯାହାର ଅର୍ଥ ହେଉଛି ଆମେ ଏକତାବଦ୍ଧ ହେବା, ଏକସ୍ୱରରେ କହିବା, ଏକମନ ହେବା, ଦେବତାମାନେ ଯେପରି ନିଜ ନିଜ ପରିସୀମାରେ ସନ୍ତୁଷ୍ଟ ରହୁଥିଲେ, ସେପରି ଆମେ ସନ୍ତୁଷ୍ଟ ରହିବା।

ଏପରି ନେତୃବର୍ଗଙ୍କ ଦ୍ୱାରା ଅନ୍ୟ ନେତୃବର୍ଗ ତଥା ସମଗ୍ର ଦେଶବାସୀ ବହୁଳଭାବେ ଅନୁପ୍ରାଣିତ ହୁଅନ୍ତୁ, ନିର୍ବାଚନ ପ୍ରେକ୍ଷାପଟରେ ଆଜି ଏତିକି ସଦିଚ୍ଛା ରଖିବା।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ- ୯୪୩୭୭୫୬୨୪୦

# ଜୈନ ଦର୍ଶନ ଓ କର୍ମବାଦ



ଡ. ଭାଗ୍ୟଲିପି ମଲ୍ଲ

ବସନ୍ତର ମହୋତ୍ସବ। ଚତୁର୍ଦ୍ଦିଗରେ ବର୍ଣ୍ଣିଳ ସମାବେଶ। ପ୍ରକୃତିର ଅଙ୍ଗେ ଅଙ୍ଗେ ନବ ଉନ୍ମାଦନାର ଶିହରଣ। ଏହିଭଳି ଏକ କମନୀୟ ସକାଳରେ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହେଲେ ଭଗବାନ ମହାବୀର। ବୈଶାଳୀ ରାଜକନ୍ୟା ତ୍ରିଶଳା ଏବଂ ରାଜା ସିଦ୍ଧାର୍ଥଙ୍କର ଦ୍ୱିତୀୟ ସନ୍ତାନ। ଏକଦା ସୁପ୍ତ ନିଶିଥିନୀର ବିଳମ୍ବିତ ପ୍ରହରରେ ମହାରାଣୀ ତ୍ରିଶଳା ସ୍ୱପ୍ନବିଭୋରା। ସ୍ୱପ୍ନରେ ଦେଖୁଛନ୍ତି ଏକ ଶ୍ୱେତହସ୍ତୀ, ଏକ ବିଶାଳ ବୃଷଭ ଏବଂ ପରେ ପରେ ଏକ ବିରାଟକାୟ ସିଂହ। ପଦ୍ମପରିଶୋଭିତ ସମଗ୍ର ପରିମଣ୍ଡଳ। ପଦ୍ମାସୀନା ଲକ୍ଷ୍ମୀଦେବୀ ହସ୍ତୀମାନଙ୍କଦ୍ୱାରା ଅଭିଷିକ୍ତା। ବରଦ-ମୁଦ୍ରାରେ ଦେବୀ। ଠିକ୍ ଏତିକିବେଳେ ଅନ୍ତଃସତ୍ତ୍ୱା ହେବାର ଅନୁଭବରେ ପୁଲକିତା ତ୍ରିଶଳା। ମହାବୀର ସେହି ଅମୃତ ଅନୁଭବର ଫଳ। ତାଙ୍କର ଜନ୍ମ ହୁଏ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ। ପୃଥିବୀର କଲ୍ୟାଣ ପାଇଁ ତାଙ୍କର ଆବିର୍ଭାବ। ମାନବସେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ। ତେଣୁ ବୋଧହୁଏ ଜୈନଧର୍ମୀ, କୌଣସି ଦେବଦେବୀଙ୍କୁ ପୂଜା କରନ୍ତି ନାହିଁ। ଜୈନଧର୍ମର ମୂଳମନ୍ତ୍ର- ଆତ୍ମାର ମୁକ୍ତି, ବନ୍ଧନରୁ ମୁକ୍ତି। ତେଣୁ ଜୈନଧର୍ମରେ ମଣିଷମାନେ ହିଁ ପାଲଟି ଯାଇଛନ୍ତି ଦେବତା।

ସେହି ମଣିଷ-ଦେବତାମାନେ ହେଉଛନ୍ତି ଚବିଶ ତୀର୍ଥଙ୍କର। ପ୍ରତ୍ୟେକେ ଜଣେଜଣେ ପରିବ୍ରାଜକ। ପ୍ରତ୍ୟେକଙ୍କ କଣ୍ଠରେ ମୁକ୍ତିବୋଧର କଥା। ଅହିଂସାର କଥା। ଜୈନଧର୍ମକୁ ପୃଥିବୀରେ ପ୍ରତିଷ୍ଠା କରାଇବାରେ ଏଇମାନେ ପ୍ରମୁଖ ବ୍ୟକ୍ତିତ୍ୱ। ଏମାନଙ୍କ ମଧ୍ୟରେ ଋଷଭନାଥ ପ୍ରଥମ ତୀର୍ଥଙ୍କର ଏବଂ ମହାବୀର ସର୍ବଶେଷ। ୨୪ ତୀର୍ଥଙ୍କର ହେଲେ ଋଷଭନାଥ, ଅଜିତନାଥ, ସମ୍ଭବନାଥ, ଅଭିନନ୍ଦନ, ସୁମତି, ପଦ୍ମପ୍ରଭ, ସୁପାର୍ଶ୍ୱ, ଚନ୍ଦ୍ରପ୍ରଭ, ପୁଷ୍ପଦନ୍ତ, ଶୀତଳ, ଶ୍ରେୟାଂଶ, ବାସୁପୂଜ୍ୟ, ବିମଳ, ଅନନ୍ତ, ଧର୍ମ, ଶାନ୍ତିନାଥ, କୁନ୍ଥୁ, ଅର, ମଲ୍ଲିନାଥ, ମୁନିସୁବ୍ରତ, ନିମି, ଅରିଷ୍ଟନେମି, ପାର୍ଶ୍ୱନାଥ ଏବଂ ମହାବୀର। ବେଳେବେଳେ ମନରେ ପ୍ରଶ୍ନ ଆସେ ସବୁ ମୂର୍ତ୍ତି ତ ପ୍ରାୟ ଏକାଭଳି, ତେବେ କେଉଁ ମୂର୍ତ୍ତି କିଏ, କିପରି ଜାଣିବା ? ଜାଣିବା- ଶାସ୍ତ୍ରରେ ବର୍ଣ୍ଣିତ ଏଗୁଡ଼ିକର ରୂପ ଓ ସ୍ୱରୂପ ବା ଆଇକନୋଗ୍ରାଫିର ସୂଚନା ମାଧ୍ୟମରେ। ଏହି ଆଇକନୋଗ୍ରାଫିରୁ ହିଁ ଜଣାପଡ଼ିଯାଏ କିଏ ଋଷଭନାଥ, କିଏ ପାର୍ଶ୍ୱନାଥ, କିଏ ଅଜିତନାଥ ବା କିଏ ମହାବୀର ଇତ୍ୟାଦି।

ଜୈନଧର୍ମର ମୂଳରେ ଅଛି ‘ଜୀନ’। ‘ଜୀନ’ ମାନେ ବିଜେତା ବା ଯିଏ ଜୟକରେ। ପ୍ରଶ୍ନ ଉଠେ, ଜଣେ କାହାକୁ ଜୟ କରିବ ? ସେ କାମନା ବା ବାସନା ଉପରେ ଜୟଲାଭ କରିବ। ପୃଥିବୀର ପ୍ରାଚୀନ ଧର୍ମଗୁଡ଼ିକ ମଧ୍ୟରେ ଜୈନଧର୍ମ ଅନ୍ୟତମ। ଏହା ବ୍ରାହ୍ମଣ୍ୟବାଦର ବିରୋଧୀ। ଆଦର୍ଶ- ଦୟା ଓ କ୍ଷମା। ଅନ୍ୟକୁ ଦୟା, କ୍ଷମା କରିବାଦ୍ୱାରା ଜଣେ ଉଚ୍ଚତର ଜୀବନର ଅଧିକାରୀ ହୋଇପାରେ ଏବଂ ପ୍ରଚଣ୍ଡ ଇଚ୍ଛାଶକ୍ତି ବଳରେ ହିଁ କାମନାକୁ ଦମନ କରିପାରେ- ଏହା ଜୈନଧର୍ମର ମୂଳ ବିଶ୍ୱାସ। ସୁତରାଂ, ଜୈନଧର୍ମରେ ତ୍ରିରତ୍ନ ଆଦର୍ଶ- ଯଥାର୍ଥ ଭକ୍ତି, ଯଥାର୍ଥ ଜ୍ଞାନ, ଯଥାର୍ଥ କର୍ମକୁ ଗୁରୁତ୍ୱ ଦିଆଯାଇଛି। ପ୍ରଚଣ୍ଡ ଇଚ୍ଛାଶକ୍ତି ବା ଆତ୍ମଶକ୍ତିକୁ ଏହି ତିନୋଟି ମାର୍ଗଦ୍ୱାରା ଆୟତ୍ତ କରାଯାଇପାରିବ। ଏହି ପ୍ରାଚୀନ ଧର୍ମର ବାସ୍ତବ ସ୍ଥପତି ଅବଶ୍ୟ ମହାବୀର।

### ମହାବୀର ଜୟନ୍ତୀ ଉପଲକ୍ଷେ

ଚବିଶ ତୀର୍ଥଙ୍କରଙ୍କ ମଧ୍ୟରୁ ସର୍ବକନିଷ୍ଠ ଓ ସର୍ବଶେଷ। ସେ ଧର୍ମର ବ୍ୟାଖ୍ୟାକାର, ପରିବ୍ରାଜକ ଓ ନିଷ୍ପାଦକ। ମହାବୀରଙ୍କ ଆବିର୍ଭାବ ପୂର୍ବରୁ ପାର୍ଶ୍ୱନାଥ ଅହିଂସା ଓ ସଂଯମର ବାର୍ତ୍ତା ପ୍ରଚାର କରିଛନ୍ତି ସତ, ମାତ୍ର ଏହାର ବାସ୍ତବ ପ୍ରସ୍ଫୁଟନ କରିଛନ୍ତି ମହାବୀର।

ତୀର୍ଥଙ୍କରମାନଙ୍କର ମୁହଁ ଉଭୟପାର୍ଶ୍ୱିକ ଓ ପୂର୍ଣ୍ଣ-ପ୍ରକାଶିତ। ବହୁ ଭାବରେ ଗୋଲାକାର। ଚକ୍ଷୁ ଯେପରି ଧ୍ୟାନମୁଦ୍ରାରେ ସମାହିତ। ମଥାରେ କେଉଁଠି ପଗଡ଼ି, କେଉଁଠି ସୁଗ୍ରଥିତ ଜଟା। ପ୍ରତ୍ୟେକ ସାଧକ ଏକ ପୀଠିକାରେ ଆସୀନ ଏବଂ ପଛପଟ କାରୁକାର୍ଯ୍ୟସମ୍ପନ୍ନ। ଅଧିକ ସଂଖ୍ୟକ ମୂର୍ତ୍ତିଙ୍କ ମଥା ଉପରେ ଛତ୍ରପରି ରହିଛନ୍ତି ଏକ ଅଥବା ଏକାଧିକ ଫଣାଯୁକ୍ତ ସାପ। କେତେକ ପଶୁପକ୍ଷୀଙ୍କ ପାର୍ଶ୍ୱିକ ପ୍ରତିମା ଦେଖିଲେ ଲାଗେ ସେମାନେ ଯେପରି ପଶୁ କି ପକ୍ଷୀ ନୁହନ୍ତି, ସେମାନଙ୍କ ଭିତରେ ଜୀବନ୍ତ ରହିଛି ମାନବୀୟ ଅହଂମୁକ୍ତ ସତ୍ତା। ଅକ୍ରୋଧ ଓ କରୁଣାର ପ୍ରତୀକ। ପରବର୍ତ୍ତୀ ଗୁପ୍ତ ଶାସନକାଳ (ଚତୁର୍ଥ ଶତାବ୍ଦୀ)ରେ ସ୍ଥାପତ୍ୟ ଓ ମୂର୍ତ୍ତି ଗଠନ ଶୈଳୀରେ ପୁଣି ପରିବର୍ତ୍ତନ ସ୍ପଷ୍ଟ ହୋଇଛି। ସନାତନ ଧର୍ମ ବ୍ୟବସ୍ଥାରେ ଏହା ଜ୍ଞାନମାର୍ଗ ଓ ନୀତିମାର୍ଗ ପ୍ରାବଲ୍ୟର କାଳ। ମନୁଷ୍ୟର ପରମ ଲକ୍ଷ୍ୟ ହେଉଛି ଈଶ୍ୱରପ୍ରାପ୍ତି। ମୂର୍ତ୍ତି ଓ ମନ୍ଦିରଗୁଡ଼ିକ ସମଭାବାଦର୍ଶକୁ ଆଧାର କରି ଗଢ଼ିଉଠିଛନ୍ତି। ବୁଦ୍ଧ ଓ ତୀର୍ଥଙ୍କରମାନଙ୍କ ସହିତ ମିଶି ଯାଇଛନ୍ତି ଶିବ, ପାର୍ବତୀ, ଗଣେଶ, ବିଷ୍ଣୁ ଓ ଅନ୍ୟମାନେ। ବିଶ୍ୱାସଗତ ଦ୍ୱନ୍ଦ୍ୱ ଓ ସହାବସ୍ଥାନର ଏକ ଅଦ୍ଭୁତ ପରିମଣ୍ଡଳ ସମକାଳର ଭାରତବର୍ଷ। ଆମ ଭୂମି ମଧ୍ୟ ସମଭାବାଦର୍ଶରୁ ମୁକ୍ତ ହୋଇନାହିଁ।

ଜୈନ ଦର୍ଶନ ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ରକୁ ବିଶ୍ୱାସ କରେ। ମାନସିକ ଓ ଶାରୀରିକ କର୍ମର ସମ୍ବନ୍ଧ ପ୍ରତିପାଦନ କରେ। ଏମାନେ କୌଣସି କାଳରେ ଭାଗ୍ୟବାଦୀ ନୁହନ୍ତି। କର୍ମରୁ ଉପଜାତ ଏବଂ କର୍ମଦ୍ୱାରା ଭାଗ୍ୟର ନିୟନ୍ତ୍ରଣ ହୁଏ ବୋଲି ବିଶ୍ୱାସ କରନ୍ତି। ମହାବୀରଙ୍କର ଦୁଇଶହ ପଚାଶ ବର୍ଷ ପୂର୍ବରୁ ଭଗବାନ ପାର୍ଶ୍ୱନାଥଙ୍କର ବାରାଣସୀରେ ଜନ୍ମ। ତାଙ୍କ ସମୟରେ ଭାରତର ବିଭିନ୍ନ ସ୍ଥାନରେ ଜୈନଧର୍ମ ବହୁଳ ପ୍ରସାରଲାଭ କରିଛି। ତାଙ୍କ ପ୍ରଣୀତ ଚାରୋଟି ବ୍ରତ- ଅହିଂସା, ସତ୍ୟ, ଅଚୌର୍ଯ୍ୟ ଓ ଅପରିଗ୍ରହ ଲୋକଙ୍କଦ୍ୱାରା ଆଦୃତ ହୋଇଛି। ପାର୍ଶ୍ୱନାଥଙ୍କ ପରେ ମହାବୀର ଜୈନଧର୍ମକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଛନ୍ତି। ପରେ ଜୈନଧର୍ମ ଦୁଇଭାଗରେ ବିଭକ୍ତ ହୋଇଛି- ଶ୍ୱେତାମ୍ବର ଓ ଦିଗମ୍ବର। ଶ୍ୱେତାମ୍ବର ଜୈନମାନେ ଶ୍ୱେତବସ୍ତ୍ର ପରିଧାନ କରନ୍ତି। ଏହି ଶୁଭ୍ରବସ୍ତ୍ର ସେମାନଙ୍କର ପବିତ୍ରତାର ପ୍ରତୀକ। ସେମାନେ ନରମପନ୍ଥୀ। ଦିଗମ୍ବର ମାନେ ଆକାଶ ଯାହାର ବସ୍ତ୍ର, ଅର୍ଥାତ୍ ନଗ୍ନ। ଏମାନେ ଉଲଗ୍ନ ରହି ସବୁ କାମନା ଓ ବାସନାକୁ ଜୟ କରିଥାନ୍ତି।

ଖାରବେଳ ଜୈନ-ଅନୁରାଗୀ। ଖଣ୍ଡଗିରି-ଉଦୟଗିରିର ସ୍ଥାପତ୍ୟ ଓ ମୂର୍ତ୍ତିକଳାରେ ତେଣୁ ଜୈନ ତୀର୍ଥଙ୍କରମାନଙ୍କର ମୂର୍ତ୍ତି ବର୍ତ୍ତମାନ। ମୂର୍ତ୍ତି କହିଲେ କେବଳ ପଥର ଦେହରେ ଉତ୍କୀର୍ଣ୍ଣ ବସ୍ତୁ ବା ଜୀବର ସ୍ଥୂଳ ରୂପ ମାତ୍ର ନୁହେଁ ଜୀବନର ଭାବ, ଅନୁଭବ ଓ ବିଚାରର ଅଭିବ୍ୟକ୍ତି। ଜୈନଧର୍ମ ମୂର୍ତ୍ତିପୂଜାକୁ ବିଶ୍ୱାସ କରେନାହିଁ। ମାତ୍ର ଜୈନ ବିଚାର ସହିତ ମୂର୍ତ୍ତିକଳାର ସମ୍ପର୍କ କେଉଁଠୁ ଯୋଡ଼ି ହୋଇଗଲା ତାହା ହିଁ ଚର୍ଚ୍ଚାର ପ୍ରସଙ୍ଗ।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଅଭ୍ୟାସ ରହିଥାଏ। କେତେକ ଲୋକଙ୍କର ନିର୍ବାଚନ ଲଢ଼ିବା ମଧ୍ୟ ଏକ ରୁଚି। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ଡାକ୍ତର ପଦ୍ମରାଜନ୍। ସେ ପଞ୍ଚାୟତଠାରୁ ଆରମ୍ଭ କରି ଲୋକ ସଭା ପର୍ଯ୍ୟନ୍ତ ଇତିମଧ୍ୟରେ ୨୦୦ ଥର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ମଧ୍ୟ ହାରିଯାଇଛନ୍ତି। ତଥାପି ପ୍ରତିଦ୍ୱନ୍ଦ୍ୱିତା କରିବାର ନିଶା ଛାଡ଼ିନାହାନ୍ତି। ଦେଶର ପ୍ରମୁଖ ରାଜନେତାଙ୍କ ବିରୋଧରେ ସେ ନିର୍ବାଚନ ଲଢ଼ିଛନ୍ତି। ଚଳିତ ଲୋକ ସଭା ନିର୍ବାଚନରେ ସେ ୨୦୧ ଥର ପାଇଁ ଲଢୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ସେ ୱାୟନାଡ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପଦ୍ମରାଜନ୍ ତାମିଲନାଡୁ ସାଲେମ୍‌ର ଏକ ସହରରେ ହୋମିଓପ୍ୟାଥିକ୍ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ୧୯୮୮ ମସିହାରୁ ସେ ନିର୍ବାଚନ ଲଢ଼ିବା ଆରମ୍ଭ କରିଛନ୍ତି। ନିର୍ବାଚନ ଲଢ଼ିବାରେ ସେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ନିର୍ବାଚନ ଲଢ଼ିବା ପାଇଁ ପଦ୍ମରାଜନ୍‌ଙ୍କ ସଉକ ସ୍ଥାନୀୟ ଲୋକଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

‘‘କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା ?
‘‘ଆଶାର ଆଲୋକେ ତେଣୁ
ଜୀବନର ମହାଦୀପ ଜାଳି
‘‘ସହଜ ସମ୍ମୁଖ ପଥେ
ପଦ ଦୁଇ ନିଅ ବେଗେ ଚାଳି।
‘‘ଦୀପର ତଇଲ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
‘‘ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି ?
‘‘ଭାଙ୍ଗି ବନ୍ଧ ନଦୀ ଯେବେ
ଭୀମ ବେଗେ ପ୍ଲାବଇ ଧରଣୀ
‘‘ଆସଇ କି ଫେରି ତାହା
ଖୋଜି ନିଜ ସାଗର ସରଣୀ ? (ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ଇସ୍ତାହାରର ଭବିଷ୍ୟତ

ମହାଶୟ,

୨୦୧୯ ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳ କ୍ଷମତା ହାସଲ ପାଇଁ ଲୋଭନୀୟ ଇସ୍ତାହାର ପ୍ରକାଶ କରିସାରିଛନ୍ତି। ଏଗୁଡ଼ିକ ନିଶ୍ଚିତ ଅସମ୍ଭବ ଘୋଷଣାନାମା। କାରଣ ସେଗୁଡିକର କାର୍ଯ୍ୟକାରିତା ପାଇଁ ଏତେ ବିପୁଳ ପରିମାଣର ଅର୍ଥ ଆସିବ କେଉଁଠୁ ? ଏମିତି ତ ରାଜ୍ୟ ଓ ଦେଶ ଋଣଭାରରେ ବୁଡିରହିଛି। ଏଗୁଡିକ କାର୍ଯ୍ୟକାରୀ ହେଲେ ରାଜ୍ୟ ଓ ଦେଶ ଆହୁରି ଋଣରେ ବୁଡିଯିବ। ତା’ଛଡ଼ା ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଲେ ସମାଜରେ ଏକ ନିକମା ଗୋଷ୍ଠୀ ସୃଷ୍ଟି ହେବ। ସେମାନେ କାମଦାମ ନ କରି ସରକାରଙ୍କ ଯୋଜନାକୁ ଅନାଇ ବସିବେ। ଫଳରେ ଜମିବାଡି ପଡିଆ ପଡିବ। ଶସ୍ୟ ଉତ୍ପାଦନ ନ ହେଲେ ଲୋକେ ଖାଇବେ କ’ଣ ? ରାଜନେତାମାନଙ୍କର ସେ ଦିଗ ପ୍ରତି ଆଦୌ ନିଘା ନାହିଁ। କେବଳ କ୍ଷମତାର ଆସନରେ ବସିବା ପାଇଁ ପାଗଳ।


ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ବୁଦ୍ଧିଜୀବୀଙ୍କ ଆହ୍ୱାନ

କେନ୍ଦ୍ରର ଏନ୍‌ଡିଏ ସରକାର ଗତ ୫ ବର୍ଷ ମଧ୍ୟରେ ଦେଶକୁ ଏକ ଦୃଢ଼ ନେତୃତ୍ୱ ଦେବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିଥିବାରୁ ଭାଜପା ପୁଣି କ୍ଷମତାସୀନ ହେବ ବୋଲି ଏହି ଦଳର କାର୍ଯ୍ୟକର୍ତ୍ତା ଦୃଢୋକ୍ତି କରୁଛନ୍ତି। ଅପରପକ୍ଷେ ଏହି ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବାରୁ ଭାଜପା କ୍ଷମତାଚ୍ୟୁତ ହୋଇ କେନ୍ଦ୍ରରେ ନୂଆ ସରକାର ଗଠନ ହେବ ବୋଲି ବିରୋଧୀ ଦଳଗୁଡ଼ିକ ଦମ୍ଭୋକ୍ତି କରୁଛନ୍ତି। ଏପରି ଏକ ସନ୍ଧିକ୍ଷଣରେ ୧୦୭ ଜଣ ଅର୍ଥନୀତିଜ୍ଞ ଓ ସମାଜବିଜ୍ଞାନୀ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯେ ଦେଶର ପରିସଂଖ୍ୟାନରେ ରାଜନୈତିକ ହସ୍ତକ୍ଷେପ କରାଯାଉଛି। ୧୦୦ରୁ ଊର୍ଦ୍ଧ୍ୱ ଫିଲ୍ମ ନିର୍ମାତା, ୨୦୦ରୁ ଅଧିକ ଲେଖକ ଓ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ କଳାକାର ଭାଜପା ବିରୋଧରେ ଭୋଟ ଦେବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଏହି ବୁଦ୍ଧିଜୀବୀମାନଙ୍କର ପ୍ରଭାବ କ’ଣ ରହିବ ତାହା ଭବିଷ୍ୟତ କହିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ଫେଲ୍ ମାରୁଛି ଓଡ଼ିଶା ଟୁରିଜମ୍‌ର ଡିଜିଟାଲ କ୍ୟାମ୍ପେନ୍

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଡିଜିଟାଲ ମାର୍କେଟିଂ ପାଇଁ ଖୁବ୍‌ଶୀଘ୍ର ପର୍ଯ୍ୟଟନ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ କରିବ। ନିର୍ଦ୍ଦିଷ୍ଟ ବଜେଟରେ ଡିଜିଟାଲ ମିଡିଆରେ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯିବ। ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବର୍ତ୍ତମାନ ସମୟରେ ଡିଜିଟାଲ ପ୍ଲାଟଫର୍ମ ଏକ ଉତ୍କୃଷ୍ଟ ମାଧ୍ୟମ ହୋଇଥିବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ୱେବ୍‌ସାଇଟ୍‌ରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ, ଅନ୍ୟ ରାଜ୍ୟର ପର୍ଯ୍ୟଟନ ବିଭାଗ ଭଳି ଓଡ଼ିଶା ପର୍ଯ୍ୟଟନ ମଧ୍ୟ ନିଜକୁ ଆକ୍ଟିଭ୍ ରଖିବ। ବାରମ୍ବାର ଏହି କଥା ଦୋହରାଇ ଆସୁଥିଲେ ବିଭାଗର ବରିଷ୍ଠ ଅଧିକାରୀମାନେ। ଗତ ଏକବର୍ଷ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ନିଜର ଡିଜିଟାଲ କ୍ୟାମ୍ପେନ୍‌କୁ ଜୋରଦାର କରିଥିଲେ ମଧ୍ୟ ଏବେ ଏହାର ଏକ ନକାରାତ୍ମକ ଦିଗ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଅଭିଯୋଗ କିମ୍ବା ଉଚିତ ପରାମର୍ଶ ଦେଲେ ଓଡ଼ିଶା ଟୁରିଜମ୍ ଅଭିଯୋଗକାରୀଙ୍କୁ ବ୍ଲକ୍ କରିଦେଉଛି। କେବଳ ବ୍ଲକ୍ ନୁହେଁ, ଅଫିସିଆଲ ହ୍ୟାଣ୍ଡେଲ୍ ସହ ଅନ୍ୟ କେତୋଟି ଫେକ୍ ହ୍ୟାଣ୍ଡେଲ୍‌ର ବ୍ୟବହାର କରି ବ୍ୟକ୍ତିଗତ ଭାବେ ଅନୁପଯୋଗୀ ମେସେଜ୍ ମଧ୍ୟ ପଠାଉଥିବା ଅଭିଯୋଗ ଉଠିଛି।

ଦିନେ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ ପାଇଁ ଦେଶ ବିଦେଶରେ ପରିଚିତ ହୋଇଥିବା ଓଡ଼ିଶା ଟୁରିଜମ୍ ଏବେ 'ଫିଡ୍‌ବ୍ୟାକ୍ ବାଇ ମର୍ନିଂ, ବ୍ଲକ୍‌ଡ ବାଇ ଇଭିନିଂ' କ୍ୟାମ୍ପେନ୍‌ରେ ଟ୍ରୋଲ ହେଉଛି। ସୋସିଆଲ ମିଡିଆରେ ଅଭିଯୋଗ କିମ୍ବା ପରାମର୍ଶ ଦେଉଥିବା ଲୋକଙ୍କୁ ନିଜ ହ୍ୟାଣ୍ଡେଲ୍‌ରୁ ବ୍ଲକ୍ କରି ପର୍ଯ୍ୟଟନ ବିଭାଗକୁ ଏଭଳି ହଟହଟା ହେବାକୁ ପଡ଼ିଛି। ଜଣେ କି ଦୁଇଜଣ ନୁହେଁ, ଏକାଧିକ ଟୁଇଟର୍ ବ୍ୟବହାରକାରୀ ଓଡ଼ିଶା ଟୁରିଜମ୍‌ର ଅଫିସିଆଲ ହ୍ୟାଣ୍ଡେଲ୍‌ରୁ ବ୍ଲକ୍ ହୋଇଥିବା ଅଭିଯୋଗ କରିଛନ୍ତି। ଏଥିଲାଗି ଟୁଇଟର୍‌ରେ 'ବ୍ଲକ୍‌ଡ ବାଇ ଓଡ଼ିଶା ଟୁରିଜମ୍' ହାସଟ୍ୟାଗ୍ ଟ୍ରେଣ୍ଡ୍ କରୁଛି। କେତେଜଣ ଅଣଓଡ଼ିଆଙ୍କ ଦ୍ୱାରା ଓଡ଼ିଶା ଟୁରିଜମ୍‌ର ସୋସିଆଲ ମିଡିଆ ପରିଚାଳିତ ହେଉଥିବାରୁ ଏଭଳି ସମସ୍ୟା ହେଉଥିବା ବ୍ୟବହାରକାରୀମାନେ ଅଭିଯୋଗ କରିଛନ୍ତି।

## ଅଭିଯୋଗ କଲେ ଟୁଇଟର୍‌ରୁ ବ୍ଲକ୍




ଅନ୍ୟପକ୍ଷରେ ଯୁବବର୍ଗଙ୍କ ପାଇଁ ପର୍ଯ୍ୟଟନ ଶିଳ୍ପର ବ୍ୟାପକତା ବୃଦ୍ଧି ପାଉଥିବାରୁ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟେକ୍ନୋଲୋଜିରେ ଉନ୍ନତ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନର ଯୁବପିଢ଼ି ୫୦ ପ୍ରତିଶତ ସମୟ ସୋସିଆଲ ମିଡିଆରେ ଅତିବାହିତ କରୁଥିବା ବେଳେ ଏହା ମାଧ୍ୟମରେ ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯିବା ଆବଶ୍ୟକ ବୋଲି ରାଜ୍ୟର ଟୁର୍ ଅପରେଟର୍ ଏବଂ ହୋଟେଲିୟର୍‌ମାନେ ବାରମ୍ବାର ଦାବି କରିଆସୁଛନ୍ତି। ଏଥିଲାଗି ଓଡ଼ିଶା ପର୍ଯ୍ୟଟନ ଏକ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖିବା ସହ ଅତିକମ୍‌ରେ ବଜେଟର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଦାବି ହୋଇଛି। ଏ ନେଇ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)କୁ ମଧ୍ୟ ବାରମ୍ବାର କୁହାଯାଇଛି। ହେଲେ ଡିଜିଟାଲ ପ୍ଲାଟଫର୍ମରେ ଏକ ସରକାରୀ ବିଭାଗର ଏଭଳି ନକାରାତ୍ମକ ବ୍ୟବହାର ଓଡ଼ିଶା ପର୍ଯ୍ୟଟନର ଛବିକୁ ଖରାପ କରିନାହିଁ, ବରଂ ଏଥିପାଇଁ ନିନ୍ଦା ମୁଣ୍ଡାଇବାକୁ ପଡ଼ିଛି। ସେପଟେ ରାଜ୍ୟର ୩୫୭ ପର୍ଯ୍ୟଟନସ୍ଥଳୀରେ ମୌଳିକ ସୁବିଧା ଉପଲବ୍ଧ ନ ଥିବାବେଳେ ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ସ୍ପୋର୍ଟସ, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର, ଷ୍ଟାର୍ ହୋଟେଲ ଆଦିର ଅଭାବ ଯୁବ ପର୍ଯ୍ୟଟକଙ୍କୁ ନିରାଶ କରୁଛି।

# ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

ଫୁଲବାଣୀ ଅଫିସ, ୧୬।୪

କନ୍ଧମାଳ ପୋଲିସ ନିକଟରେ ଜଣେ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଗୋଚ୍ଛାପଡା ଥାନା ପାହିରାଜୁ ପଞ୍ଚାୟତ ବରହଲା ଗ୍ରାମର ଭରତ କହଁର ଓରଫ ରାକେଶ। ଭରତ ୨୦୧୮ ମାର୍ଚ୍ଚ ୮ରୁ ୨୦୧୯ ଏପ୍ରିଲ ୧୩ ପର୍ଯ୍ୟନ୍ତ କେକେବିଏନ ଡିଭିଜନ କାଡାଙ୍ଗା ଏରିଆ କମିଟିରେ କାର୍ଯ୍ୟ କରୁଥିଲେ। ଗାଡିମାସ୍କା କ୍ୟାମ୍ପ, ଗାଗରପଟାରେ ଗୁଳି ବିନିମୟ, ସୁଡ୍ରୁକୁମ୍ପା ରବୀନ୍ଦ୍ର ମଲ୍ଲିକ ହତ୍ୟା ଘଟଣାରେ ଭରତ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା। ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସପି ପ୍ରତୀକ ସିଂ ଏହି ସୂଚନା ଦେଇଛନ୍ତି। ସରକାରଙ୍କ ଯୋଜନା ଅନୁସାରେ ଭରତଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ଆତ୍ମ ସମର୍ପଣ କରିଥିବା ଭରତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

## ଅଭିଯୁକ୍ତଙ୍କୁ ଧରି ଛେଚିଲେ ଲୋକେ

ବାରିପଦା ଅଫିସ,୧୬।୪: ବାରିପଦା ସହରରେ ବିଜୁ ପଟ୍ଟନାୟକ ଗୋଲେଇଠାରେ ମଙ୍ଗଳବାର ଜଣେ ଯୁବକ ଜଣେ ଯୁବତୀଙ୍କୁ ଟଣାଓଟରା କରି ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଏକ ଇଲେକ୍ଟ୍ରିକ୍ ଖୁଣ୍ଟରେ ତାଙ୍କୁ ବାନ୍ଧି ମାଡ ମାରିଥିଲେ। ଅଭିଯୁକ୍ତ ଯୁବକ ଭୁଲ ସ୍ୱୀକାର କରିବା ପରେ ଲୋକେ ତାଙ୍କୁ ଛାଡି ଦେଇଥିଲେ। ଏନେଇ ପୋଲିସ ପାଖରେ କିଛି ସୂଚନା ନ ଥିବା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି।

■ ବେଲ୍‌ବଣ୍ଡ ଦେବା ପାଇଁ ଲାଞ୍ଚ

# ଭିଜିଲାନ୍ସ ଜାଲରେ ବାଲେଶ୍ୱର ଟାଉନ୍ ଥାନା ଏଏସ୍‌ଆଇ

ବାଲେଶ୍ୱର ଅଫିସ, ୧୬।୪

ଏକ ମାରପିଟ୍ ମାମଲାରେ ଜାମିନ ବଣ୍ଡ ଦେବା ଲାଗି ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଟାଉନ ଥାନା ଏଏସ୍‌ଆଇ ନରହରି ମହାଳିକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏଥିପାଇଁ ସେ ପ୍ରଥମେ ୧୫ହଜାର ଟଙ୍କା ଓ ପରେ ୭୦ହଜାର ଟଙ୍କା ଚେକ୍ ନେବା ପରେ ମଧ୍ୟ ଆଉ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।



ନରହରି ମହାଳିକ

ଟାଉନ ଥାନାରେ ଏକ ମାରପିଟ୍ ମାମଲା (ନଂ. ୪୦/୨୦୧୯)ରେ ଛନ୍ଦି ହୋଇଥିବା ଭଉଣୀଭାଇଙ୍କୁ ତାଙ୍କର ସମ୍ପର୍କୀୟ ସକିଲ ଅହମ୍ମଦ ହାଇକୋର୍ଟରୁ ବେଲ୍ କରିଥିଲେ। ବେଲ୍‌ବଣ୍ଡ ଦେବା ପାଇଁ ଅହମ୍ମଦ ଏଏସ୍‌ଆଇ ମହାଳିକଙ୍କୁ ୧୫ହଜାର ଟଙ୍କା ଓ ୭୦ହଜାର ଟଙ୍କାର ବ୍ୟାଙ୍କ ଚେକ୍ ଦେଇଥିଲେ ମଧ୍ୟ ସେ ବାରମ୍ବାର ହଇରାଣ କରିଆସୁଥିଲେ। ଏଥିପାଇଁ ଏଏସ୍‌ଆଇ ପୁଣି ୧୦ହଜାର ଟଙ୍କା ମାଗିଥିଲେ। ଅହମ୍ମଦ ଏଥିରେ ଅତିଷ୍ଠ ହୋଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ନିର୍ମଳ କୁମାର ମହାନ୍ତି ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ଅହମ୍ମଦ ଏଏସ୍‌ଆଇ ମହାଳିକଙ୍କୁ ଟାଉନ ଥାନା ନିକଟସ୍ଥ କ୍ରିଷ୍ଣା ସୁଇଟ୍ ଷ୍ଟୋରରେ ଟଙ୍କା ଦେଉଥିଲା ବେଳେ ଭଦ୍ରକ ଡିଏସ୍‌ପି ସଞ୍ଜୟ କୁମାର ଦାସମହାପାତ୍ର, ବାଲେଶ୍ୱର ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ମାନସୀ ଜେନା, ବାରିପଦା ଇନ୍ସପେକ୍ଟର ପ୍ରଦୀପ କୁମାର ସାମନ୍ତଙ୍କ ସହ ଅନ୍ୟ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ ସହ ତାଙ୍କୁ ଗିରଫ କରିଥିଲେ। ୨ଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ବାଲେଶ୍ୱର ଭିଜିଲାନ୍ସ ଅଫିସରେ ମାମଲା (ନଂ.୮/୧୯) ରୁଜୁ କରାଯାଇଛି। ଏଏସ୍‌ଆଇ ମହାଳିକଙ୍କ ଅଫିସ୍ ଓ ଆଇଟିଆଇସ୍ଥିତ ବାସଭବନରେ ଚଢ଼ାଉ ଜାରି ରହିଛି।









## ସଂକ୍ଷେପରେ

### ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

**ବଡ଼ମ୍ବା,୧୬।୪(ଡି.ଏନ.ଏ.):** ଅଂଶୁଘାତରେ ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଧୀନ ଖଲିଡ଼ିପ ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ(୬୨)। ସେ ସବୁଦିନଭଳି ବିଲକୁ କାମ କରିବାକୁ ଯାଇଥିଲେ। ହେଲେ ମଧ୍ୟାହ୍ନ ସୁଦ୍ଧା ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରଫୁଲ୍ଲ ବିଲରେ ସଂଜ୍ଞାହୀନ ହୋଇ ପଡ଼ିଥିବା ଦେଖିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଫୁଲ୍ଲଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅଭିଯୋଗ କରିଛନ୍ତି। ଖବର ପାଇ ବଡ଼ମ୍ବା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୫/୧୯ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି।

### ପ୍ରଥମ ମହିଳା ଛଉ ନୃତ୍ୟଶିଳ୍ପୀ ସୁମିତ୍ରାଙ୍କ ପରଲୋକ

**ବାରିପଦା ଅଫିସ,୧୬।୪:** ମୟୂରଭଞ୍ଜ ଜିଲାର ପାରମ୍ପରିକ ଛଉ ନୃତ୍ୟରେ ପ୍ରଥମ ମହିଳା କଳାକାର ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ବିଶିଷ୍ଟ ନୃତ୍ୟଶିଳ୍ପୀ ସୁମିତ୍ରା ଦେବୀଙ୍କର ବାରିପଦା ବାଘଡାରୋଡ଼ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁବିଶିଷ୍ଟ କଳାକାର , ଛଉ ନୃତ୍ୟଶିଳ୍ପୀ ଓ ସ୍ଥାନୀୟ ଲୋକେ ଆସି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସୁମିତ୍ରା ୯ ବର୍ଷ ବୟସରେ ଛଉ ନୃତ୍ୟ ଶିଖିବା ଆରମ୍ଭ କରିଥିଲେ। ସେତେବେଳେ ଝିଅପିଲା ଘରୁ ଗୋଡ କାଢ଼ିବା ସହଜ ନ ଥିଲା। ହେଲେ କୌଣସି କଟକଣା ଓ ବାଧାବନ୍ଧନ ସୁମିତ୍ରାଙ୍କ କଳା ପ୍ରତିଭାକୁ ଅଟକାଇ ପାରି ନ ଥିଲା। ସେ ସାହସର ସହିତ ସମର ନୃତ୍ୟ କଳା ଭାବେ ପ୍ରସିଦ୍ଧ ଛଉ ନୃତ୍ୟ ଶିକ୍ଷା ଲାଭ କରି ରାଜ୍ୟ ଓ ପରେ ଦେଶ ବିଦେଶର ବିଭିନ୍ନ ମଞ୍ଚରେ କଳା ପରିବେଷଣ କରିଥିଲେ। ବାରିପଦା ଉତ୍ତର ସାହି ଅନୁଷ୍ଠାନ ପକ୍ଷରୁ ସେ ନୃତ୍ୟ ପରିବେଷଣ କରି ଆସୁଥିଲେ। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କଠାରୁ ସେ କଳାକାର ଭତ୍ତା ପାଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସବୁଠି ଶୋକର ଛାୟା ଖେଳି ଯାଇଛି। ଉତ୍ତର ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ମଧ୍ୟ ଗଭୀର ଶୋକ ବ୍ୟକ୍ତ କରାଯାଇଛି।

# ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବା ବିଦେଶୀଙ୍କ ପସନ୍ଦ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୧୬।୪**



ଇଲେକ୍ସନ ଟୁରିଜମ୍



ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ନେଇ କେବଳ ଭାରତୀୟ ଉତ୍ସାହୀ ନୁହନ୍ତି, ସମଗ୍ର ବିଶ୍ୱ ଏହି 'ସେଲିବ୍ରେଶନ ଅଫ୍ ଡେମୋକ୍ରାସି'ର ଅନୁଭବ ନେବାକୁ ଆଗ୍ରହୀ। ଦେଶରେ ବଢୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଆଗମନରୁ ଏହା ସ୍ପଷ୍ଟ ବାରିହୋଇ ପଡୁଛି। ଭାରତର ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ଗାଁଗହଳିରେ ନେତାଙ୍କ ଭୋଟ ପ୍ରଚାରରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ସଭା ପର୍ଯ୍ୟନ୍ତ, ସବୁକିଛି ସେମାନଙ୍କ ପାଇଁ ଆକର୍ଷଣ ସାଜୁଛି। ଏଜୁକେଶନ, ମେଡିକାଲ ଓ କ୍ରୁଜ୍ ଟୁରିଜମ୍ ଭଳି ନୂଆ କନ୍‌ସେପ୍ଟ ପରେ ଏବେ ଭାରତରେ 'ଇଲେକ୍ସନ ଟୁରିଜମ୍' ଆରମ୍ଭ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ସହ ଦକ୍ଷିଣ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଇଲେକ୍ସନ ଟୁରିଜମ୍‌କୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।

୨୦୧୮ ନଭେମ୍ବରରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ଓଡ଼ିଶାକୁ ଆଖିଦୃଶିଆ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ମିଶାଇ ପ୍ରାୟ ୬୦% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ। ହେଲେ ପ୍ରାୟ ୧୫ ହଜାର ଅଧିକ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ସାଧାରଣତଃ ଟ୍ରାଇବାଲ୍ ଓ ରୁରାଲ୍ ଟୁରିଜମ୍ ପାଇଁ ଓଡ଼ିଶା ବିଦେଶୀଙ୍କ ପ୍ରମୁଖ ପସନ୍ଦର ଅଞ୍ଚଳ। ଏବେ ନିର୍ବାଚନ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି। ଗାଁ ଗାଁ ବୁଲୁଥିବା ନିର୍ବାଚନୀ ଗାଡ଼ି, ଭଳିକି ଭଳି ଗୀତ, ନେତାଙ୍କ ଡୋର୍ ଟୁ ଡୋର୍ କ୍ୟାମ୍ପେନ୍ ଓ ଘନଘନ ସଭାସମିତିର ମଜା ନେବାକୁ ବିଦେଶୀ ପର୍ଯ୍ୟଟକ ବିଶେଷ ଉତ୍ସାହ ଦେଖାଉଛନ୍ତି।

'ଦି ବିଗ୍ ଫ୍ୟାଟ୍ ଇଣ୍ଡିଆନ୍ ଇଲେକ୍ସନ' କ୍ୟାମ୍ପେନ୍ ମାଧ୍ୟମରେ ଟୁର୍ ଅପରେଟରମାନେ ବିଦେଶୀଙ୍କୁ ଆକୃଷ୍ଟ କରୁଛନ୍ତି। ହନିମୁନ୍ ପ୍ୟାକେଜ୍ ଭଳି ଏଥିପାଇଁ ସ୍ୱତନ୍ତ୍ର ଇଲେକ୍ସନ ଟୁର୍ ପ୍ୟାକେଜ୍ ରହିଛି। ରାଜନୀତି ଓ ପର୍ଯ୍ୟଟନର ଏହି ଅପୂର୍ବ ସମାହାର ଟୁର୍ ଅପରେଟରମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ପ୍ରାୟ ୩ ହଜାର ବିଦେଶୀ ପର୍ଯ୍ୟଟକ ଉପଭୋଗ କରିଛନ୍ତି। ଶତାଧିକ ଟୁର୍ ଅପରେଟର୍ସ ସଂସ୍ଥା ଏଥର ଇଲେକ୍ସନ ଟୁରିଜମ୍ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଥିବା ବେଳେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ବିଦେଶୀଙ୍କୁ ଭାରତକୁ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପର୍ଯ୍ୟଟନ ପାଇଁ ଖରାଦିନ ଏକ ଡାଉନ୍ ସିଜନ୍ ହୋଇଥିଲେ ମଧ୍ୟ ଏପ୍ରିଲ ପହିଲାରୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧି ହୋଇଛି। ମିଳିଥିବା ସୂଚନା ଅନୁସାରେ, ମୋଦିଙ୍କୁ ନେଇ ବିଦେଶୀଙ୍କ ମଧ୍ୟରେ ଅଧିକ କ୍ରେଜ୍ ରହିଥିବା ବେଳେ ଏଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଇଲେକ୍ସନ ଟୁରିଜମ୍‌ର ବହୁଳ ଲୋକପ୍ରିୟତା ରହିଛି।

ଓଡ଼ିଶାରେ ପୁରୀ, ଭୁବନେଶ୍ୱର ସମେତ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ବୁଲିବାକୁ ବିଦେଶୀ ପର୍ଯ୍ୟଟକ ଆଗ୍ରହ ଦେଖାଉଥିବା ଓଡ଼ିଶା ଟୁର୍ ଅପରେଟରମାନେ କହିଛନ୍ତି। ରାଜ୍ୟର ଜଣାଶୁଣା ଟୁର୍ ଅପରେଟର ତଥା ଟ୍ରାଭେଲ୍ ଇଣ୍ଡଷ୍ଟ୍ରି ଏକ୍ସପର୍ଟ ବେଞ୍ଜାମିନ୍ ସାଇମନ୍‌ଙ୍କ କହିବାନୁଯାୟୀ, ସମର ସିଜିନ୍ ଆମ ପାଇଁ ଲୋ ଫୁଟ୍‌ଫଲ୍ ସିଜନ୍ ହୋଇଥିଲେ ବି ଏପ୍ରିଲ ଆରମ୍ଭରୁ ୨୦୦ରୁ ୩୦୦ ବିଦେଶୀ ପର୍ଯ୍ୟଟକ ଓଡ଼ିଶାର ଗ୍ରାମାଞ୍ଚଳ ବୁଲିବାକୁ ଆସିଛନ୍ତି। ଅଧିକାଂଶ ପର୍ଯ୍ୟଟକ ଗ୍ରାମାଞ୍ଚଳ ଯାଇ ସେଠାରେ କ୍ୟାମ୍ପେନ୍ ଦେଖିବା, ଲୋକଙ୍କ ସହ କଥାହେବା ଓ ନିର୍ବାଚନ ପ୍ରକ୍ରିୟା ଦେଖିବାକୁ ପସନ୍ଦ କରୁଛନ୍ତି। କେବେ ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଭାରତର ନିର୍ବାଚନ ଏକପ୍ରକାର ପ୍ରେରଣା ସାଜିଛି। ସେମାନେ ଏଠାରୁ ଯାଇ ନିଜ ପରିବାର ଓ ଜଣାଶୁଣା ଲୋକଙ୍କ ସହ ଅନୁଭୂତି ବାଣ୍ଟୁଛନ୍ତି। ଏହା ଏକ ଭିନ୍ନ କନ୍‌ସେପ୍ଟ ଓ ଭଲ ଭାବେ ପ୍ରମୋଟ କରାଗଲେ ପର୍ଯ୍ୟଟନ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସାଇମନ୍ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜ ସଜ ସଜ;
ପର ସଜ ଅସଜ ।**

ନିଜର ଯନ୍ତ୍ରପାତି, ଜିନିଷପତ୍ରର ଭଲମନ୍ଦ କଥା ନିଜକୁ ଜଣାଥାଏ। କ'ଣ କେମିତି କଲେ ସେ ସବୁଥିରେ କାମ ସହଜରେ କରିହେବ ତା'ର ଧାରଣା ବେଶ୍ ଭଲ ଭାବେ ମାଲୁମ ଥାଏ। ପରଠୁ ମାଗି ଆଣିଲେ ତା'ର ଭଲ ମନ୍ଦ, ଭୁଲ୍‌ଭଟକା କ'ଣ ସହଜରେ ଜାଣିହୁଏନି, ଅସୁବିଧାରେ ପଡ଼ିବାକୁ ହୁଏ। ନିଜର ଯେଉଁ ଯନ୍ତ୍ରପାତିରେ ଭଲ ଅଭ୍ୟାସ ଥାଏ ତହିଁରେ କାମ କରିବା ସହଜ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନୂଆ ଚାଦର,
ନୂଆ ନୂଆ ବେଳେ କେତେ ଆଦର ।**

ବାସ୍ତବିକ ନୂଆ ଜିନିଷ ପ୍ରତି ସମସ୍ତଙ୍କର ରୁଚି ରହିଥିବା ବେଳେ ତାହାଠାରେ ଆଦର ବା ଆସକ୍ତିଭାବ ପ୍ରକାଶ ପାଇଥାଏ। ସମୟକ୍ରମେ ଏହା ପୁରୁଣା ହୋଇଗଲେ ପୂର୍ବପରି ପାଉଥିବା ଆଦରଭାବ କମି ଯାଇଥାଏ। ପୁରୁଣା ଜିନିଷ ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## ଆଜି ଠାକୁରମୁଣ୍ଡା ଆସିବେ ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ,୧୬।୪**

କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଲାଗି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠାକୁରମୁଣ୍ଡାକୁ ବୁଧବାର ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଠାକୁରମୁଣ୍ଡା ପଣସଡିହାଠାରେ ଆୟୋଜିତ ସମାବେଶ ତଥା ସାଧାରଣ ସଭାରେ ସେ ଉଦ୍‌ବୋଧନ ଦେବେ। ସକାଳ ୯ଟା ୪୫ମିନିଟ୍‌ରେ ସେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ବାହାରି ୧୦ଟା ୧୫ରେ ଠାକୁରମୁଣ୍ଡାରେ ପହଞ୍ଚିବେ। ସଭା କାର୍ଯ୍ୟ ସାରି ପୂର୍ବାହ୍ନ ୧୦ଟା ୪୦ମିନିଟ୍ ବେଳକୁ କେନ୍ଦୁଝରଜିଲା ସାହାରପଡା ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଥିବା ଦଳ ସୂତ୍ରରୁ ଜଣାପଡିଛି।

# ରଘୁନାଥପାଲିରେ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'

**ରାଉରକେଲା ଅଫିସ, ୧୬।୪**



ଦକ୍ଷିଣ ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ' ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରଘୁନାଥପାଲି ଗସ୍ତରେ ଆସି ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇଙ୍କ ପାଇଁ ନିର୍ବାଚନ ପ୍ରଚାର ସାରି ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଆଇଡିଏଲ ଖେଳ ପଡ଼ିଆରେ ଆସି ହେଲିକପ୍ଟର ଯୋଗେ ଓହ୍ଲାଇବା ପରେ ଅପରାହ୍ନ ୩ଟାବେଳେ ରୋଡ ଶୋ' କରିଥିଲେ। ସେ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଲକ୍ଷ୍ମୀ ମାର୍କେଟ, ତାରପୁର, ଲାଲଟାଙ୍କି, ଅଟୋ କଲୋନୀ, ମଡର୍ଣ୍ଣ ଇଣ୍ଡିଆ, ଲୋକନାଥ ମାର୍କେଟ, ପାଣିଟାଙ୍କି ବଜାର, ନବକୃଷ୍ଣ ନଗର ଛକ, ଫର୍ଟିଲାଇଜର ଟାଉନସିପ୍ ମୁଖ୍ୟରାସ୍ତା ଦେଇ ୧୪୩ ନଂ. ଜାତୀୟ ରାଜପଥ ରଙ୍ଗିଲା ଛକ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ସେ ଲକ୍ଷ୍ମୀ ମାର୍କେଟ, ଟାଙ୍ଗରପାଲ୍ଲୀ, ନବକୃଷ୍ଣ ନଗର ଓ ଫର୍ଟିଲାଇଜର ମଙ୍ଗଳା ଛକ ଭଳି କେତେକ ସ୍ଥାନରେ ଗାଡ଼ିରେ ଥାଇ ଲୋକଙ୍କୁ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ଜୟ ଜଗନ୍ନାଥ। ଆପଣମାନେ ଖୁସି ତ ମୁଁ ବି ଖୁସି। ନିର୍ବାଚନରେ ରଘୁନାଥପାଲି ବିଧାୟକ ପ୍ରାର୍ଥୀ ସୁବ୍ରତ ତରାଇ ଓ ଲୋକ ସଭା ପ୍ରାର୍ଥିନୀ ସୁନୀତା ବିଶ୍ୱାଳଙ୍କୁ ଜିତାଇବାକୁ ସେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ସ୍ଥାନୀୟ ବାସିନ୍ଦା ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଅପେକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ବାଜା ଓ ଆତସବାଜି ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଅଞ୍ଚଳବାସୀ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଶହଶହ ମହିଳା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ଘଣ୍ଟାଏ ଧରି ମୁଖ୍ୟମନ୍ତ୍ରୀ ଦକ୍ଷିଣ ରାଉରକେଲାର ମୁଖ୍ୟ ରାସ୍ତାରେ ପଥପ୍ରାନ୍ତ ସଭା କରି ବିଜେଡି କର୍ମୀଙ୍କ ମନରେ ଉତ୍ସାହ ଭରି ଦେଇଥିଲେ।

# ଆନ୍ତଃ ରାଜ୍ୟ ଚୋର ର୍‍ୟାକେଟ୍‌ର ଜଣେ ଗିରଫ

## ୧୬ ବାଇକ, ୨୨ ମୋବାଇଲ, ଲାପ୍‌ଟପ୍ ଉଦ୍ଧାର

**କେନ୍ଦ୍ରାପଡ଼ା ଅଫିସ, ୧୬।୪**



ରାଜକିଶୋର ମଲ୍ଲିକ

ଆନ୍ତଃରାଜ୍ୟ ଚୋରି ସହ ସମ୍ପୃକ୍ତି ଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡବାରଙ୍ଗ ଗ୍ରାମର ରାଜକିଶୋର ମଲ୍ଲିକ ଓରଫ ରାଜୁ। ତାଙ୍କ ନିକଟରୁ ୧୬ ବାଇକ, ୨୨ ମୋବାଇଲ ଓ ଗୋଟିଏ ଲାପ୍‌ଟପ୍ ଉଦ୍ଧାର କରାଯାଇଛି। ଏନେଇ ଏସ୍‌ପି ନୀତିଶେଖର ସଦର ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୭ରେ ସହରର ଗୋପ ଛକଠାରେ ପାଟକୁରା ଥାନା ଅନ୍ତର୍ଗତ ଶାସନୀପଡା ଗ୍ରାମର ସୂର୍ଯ୍ୟକାନ୍ତ ବେହେରାଙ୍କ ମୋଟରସାଇକେଲ ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସର ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରେ ରାଜୁଙ୍କ ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ତାଙ୍କ ଉପରେ ନଜର ରଖିଥିଲେ। ସୋମବାର ସନ୍ଧ୍ୟାରେ ସେ ଘରକୁଆସୁଥିବା ବେଳେ ପୋଲିସ ତାଙ୍କୁ ଉଠାଇନେଇ ପଚରାଉଚୁରା କରିଥିଲା। ସେ ଏହି ଚୋରି ଘଟଣା ସହ ବହୁ ସମୟରେ ଜିଲା ସମେତ ଟ୍ରେନରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ଲୁଟ୍ କରିଥିବା ସ୍ୱୀକାର କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିବା ପସ୍ତା ଗ୍ରାମର ବିକି ଓ ବଡବାରଙ୍ଗ ଗ୍ରାମର ଶଙ୍କର ନାୟକ ଓରଫ ଚୁଆଁ ଫେରାର ହୋଇଯାଇଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଜଳିଗଲା କାର, ବର୍ତ୍ତିଲେ ୪ ଛାତ୍ରୀଛାତ୍ର, ଡ୍ରାଇଭର



**ବଡ଼ସାହି,୧୬।୪(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବାରିପଦା-ଉଦଳା ରାସ୍ତାର ସାନକେରକୋ ଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଇଣ୍ଡିଗୋ କାର୍‌ରେ ନିଆଁ ଲାଗି ଜଳିଯାଇଛି। ଗାଡିରେ ଥିବା ୪ଜଣ ଛାତ୍ରୀଛାତ୍ରଙ୍କ ସମେତ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାରିପଦାରୁ ଦମକଳବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପ୍ରତିଦିନ ଏହି କାର ଯୋଗେ ନାଉପାଳ ଅଞ୍ଚଳରୁ କେତେକ ଛାତ୍ରୀଛାତ୍ର ବାରିପଦାର ଏକ ଘରୋଇ ସ୍କୁଲକୁ ପାଠପଢିବାକୁ ଯିବାଆସିବା କରିଥାନ୍ତି। ମଙ୍ଗଳବାର ସ୍କୁଲରୁ ୪ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ସମୟରେ ସର୍ଟସର୍କିଟ ଯୋଗୁଁ କାର୍ ଇଞ୍ଜିନରେ ନିଆଁ ଲାଗି ଯାଇଥିବା କୁହାଯାଉଛି। ଡ୍ରାଇଭର ନିଆଁ ଲାଗିବା ଦେଖି ଗାଡି ଅଟକାଇ ତୁରନ୍ତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ସୋନ ସେତୁ ଉପରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଉଦଳା, ୧୬।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଅଠଣଗାଁ ରାସ୍ତାର ସୋନ ସେତୁ ଉପରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଉଦଳା ଥାନା ପୋଲିସ ମଙ୍ଗଳବାର ସକାଳେ ଉଦ୍ଧାର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୧୯ )ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତ ପରେ ପୋଲିସ ମୃତଦେହକୁ ଚିହ୍ନଟ କରିଥିବା କହିଛି। ଏହି ମୃତକ ହେଲେ କପ୍ତିପଦା ଥାନା ହରଡଡାହି ଗ୍ରାମର ବୁଦ୍ଧିଆ ନାଏକ(୫୦)। ସେ ସୋମବାର ସନ୍ଧ୍ୟାରେ ନିଜ ଘରୁ ବାହାରି ଉଦଳା ଅଭିମୁଖେ ଆସିଥିଲେ। ପରେ ରାତିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କିଛିସନ୍ଧାନ ପାଇ ନ ଥିଲେ ବୋଲି ମୃତକଙ୍କ ପୁଅ ପୋଲିସ୍‌କୁ କହିଛି। ବୁଦ୍ଧିଆଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। କେହି କେହି ଏହାକୁ ଦୁର୍ଘଟଣା ଜନିତ ମୃତ୍ୟୁ କହୁଥିବା ବେଳେ ଅନ୍ୟମାନେ ନାନା ସନ୍ଦେହ ବ୍ୟକ୍ତ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

BUSINESS BUSINESS

FINANCE FINANCE

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ମୋ ପ୍ରତି ଅନୁଗତ ନ ହୋଇ
ରାଜ୍ୟର ଭାଗ୍ୟ ପ୍ରତି ନିଜର
ଆନୁଗତ୍ୟ ପ୍ରଦର୍ଶନ କର ।”

- ବିଜୁ ପଟ୍ଟନାୟକ



ମହାନ ଜାତୀୟତାବାଦୀ ନେତା,
ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ପାଇଲଟ୍,
ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ

**ବିଜୁ ପଟ୍ଟନାୟକ**

**(୫ ମାର୍ଚ୍ଚ ୧୯୧୬ - ୧୭ ଏପ୍ରିଲ ୧୯୯୭)**

୨୨ତମ ଶ୍ରାଦ୍ଧ ବାର୍ଷିକୀରେ ଆମର ବିନମ୍ର ଶ୍ରଦ୍ଧାଞ୍ଜଳି

**ବିଜୁ ଜନତା ଦଳ**

ବିଜୁ ବାବୁଙ୍କ ଅଭିଳଷିତ ଏକ ପ୍ରଗତିଶୀଳ,
ସମୃଦ୍ଧ ଏବଂ ଶାନ୍ତିପ୍ରିୟ ଓଡ଼ିଶା ନିର୍ମାଣ ଲକ୍ଷ୍ୟରେ

Published by Biju Janata Dal, Odisha



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ସାରଥିଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୧୬।୪:** କେନ୍ଦ୍ରାପଡ଼ା ବାରିମୂଳ ଆଶ୍ରମର ମୁଖ୍ୟ ସନ୍ତୋଷ ରାଉଳ ଓରଫ ସାରଥି ବାବାଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଣେ ମା' ଓ ତାଙ୍କ ଝିଅଙ୍କୁ ନିର୍ଯାତନା ଦେବା ମାମଲାରେ ଜାମିନ ପାଇଁ ସାରଥି ହାଇକୋର୍ଟକୁ ଆସିଥିଲେ। ମାତ୍ର ହାଇକୋର୍ଟ ସାରଥିଙ୍କ ଆବେଦନକୁ ଖାରଜ କରିବା ସହିତ ସିଆର୍‌ପିସିର ଧାରା ୪୩୭(କ) ଅନୁଯାୟୀ ସାରଥି ନିମ୍ନ ଅଦାଲତରେ ଆବେଦନ କରିପାରିବେ ବୋଲି କୋର୍ଟ କହିଛନ୍ତି। ସୂଚନାଥାଉକି, ବାରିମୂଳ ଆଶ୍ରମରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଓ ତାଙ୍କ ଝିଅ ଅନ୍ତେବାସୀ ଥିଲେ। ମାତ୍ର ସାରଥି ସେମାନଙ୍କ ସମ୍ପତ୍ତିକୁ ହଡ଼ପ କରିବା ସହିତ ଝିଅ ପ୍ରତି ଅସଦାଚରଣ ଉଦ୍ୟମ କରିଥିବା ଥାନାରେ ମାମଲା ରୁଜୁ ହୋଇଥିଲା।

### ପ୍ରାର୍ଥୀଙ୍କ ଖର୍ଚ୍ଚର ସମୀକ୍ଷା କରିବେ ପର୍ଯ୍ୟବେକ୍ଷକ

**ଯାଜପୁର ଟାଉନ,୧୬।୪(ଡିଏନ୍‌ଏ):** ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ବିବିଧ ଖର୍ଚ୍ଚର ସମୀକ୍ଷା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକମାନେ ତାରିଖ, ସମୟ ଓ ସ୍ଥାନ ଧାର୍ଯ୍ୟ କରିଛନ୍ତି। ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇଥିବା ଖର୍ଚ୍ଚ ରେଜିଷ୍ଟରକୁ ସେମାନେ ଉପଯୁକ୍ତ ଭାବେ ପୂରଣ କରି ପର୍ଯ୍ୟବେକ୍ଷକଙ୍କୁ ପ୍ରଦର୍ଶନ କରାଇବେ। ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ୧୮, ୨୩ ଓ ୨୭ ତାରିଖ ପୂର୍ବାହ୍ନ ୯ଟା ୩୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ସେମାନଙ୍କ ଖର୍ଚ୍ଚର ବିବରଣୀ ପ୍ରଦାନ କରିବେ। ପର୍ଯ୍ୟବେକ୍ଷକଙ୍କ ଅନୁଧ୍ୟାନ ପରେ ସେମାନଙ୍କ ବିଭିନ୍ନ ଖର୍ଚ୍ଚକୁ କିପରି ଭାବେ ଲିପିବଦ୍ଧ କରାଯାଇଛି ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚକୁ ନିୟମ ଅନୁସାରେ କିପରି ଲିପିବଦ୍ଧ କରାଯାଇ ପାରିବ ତାହାକୁ ମଧ୍ୟ ପର୍ଯ୍ୟବେକ୍ଷକ ନିରୀକ୍ଷଣ କରି ଉପଯୁକ୍ତ ପରାମର୍ଶ ପ୍ରଦାନ କରିବେ। ଏହି ଖର୍ଚ୍ଚର ହିସାବ ପ୍ରଦାନ ସମ୍ପର୍କରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ତେଣୁ ସମସ୍ତ ପ୍ରାର୍ଥୀ ବା ତାଙ୍କ ସ୍ୱୀକୃତିପ୍ରାପ୍ତ ଏଜେଣ୍ଟ ଖର୍ଚ୍ଚ ତଦାରଖ ସମୟରେ ଉପସ୍ଥିତ ରହିବାକୁ ଦାସ ଅନୁରୋଧ କରିଛନ୍ତି।

### ଶହେ ଟଙ୍କା ଦରମା ପାଉଥିବା କର୍ମଚାରୀଙ୍କୁ ନିର୍ବାଚନ ଡ୍ୟୁଟି
### ଅର୍ଥାଭାବରୁ ପ୍ରଶିକ୍ଷଣରେ ଯୋଗ ଦେଇପାରିଲେନି ସୁତ

**ଡୁବୁରୀ,୧୬।୪(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ପଞ୍ଚାୟତରେ ମାତ୍ର ଶହେ ଟଙ୍କା ମାସିକ ଦରମାରେ କାର୍ଯ୍ୟ କରୁଥିବା ପିଅନ ସୁତ ବେହେରାଙ୍କୁ ନିର୍ବାଚନରେ ୫ମ ପୋଲିଂ ଅଧିକାରୀଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ମଙ୍ଗଳବାର ଯାଜପୁରରୋଡ୍‌ରେ ତାଙ୍କର ପ୍ରଶିକ୍ଷଣର ନିର୍ଦ୍ଦେଶ ରହିଥିଲା। ମାତ୍ର ଡୁବୁରୀଠାରୁ ଯାଜପୁରର ଦୂରତା ୪୦ କିମି ଯିବା ଆସିବା ପାଇଁ ତାଙ୍କ ପାଖରେ ଆବଶ୍ୟକୀୟ ଅର୍ଥ ନ ଥିବାରୁ ସେ ପ୍ରଶିକ୍ଷଣରେ ଯୋଗ ଦେଇ ନ ଥିବା କହିଛନ୍ତି। ମାସକୁ ଶହେ ଟଙ୍କା ଦରମା ପାଉଥିବାବେଳେ ପ୍ରଶିକ୍ଷଣରେ ଯିବା ପାଇଁ ଆବଶକୀୟ ଅର୍ଥ କେଉଁଠୁ ଆସିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ସୁତ ଯାଜପୁର ଜିଲାପାଳଙ୍କୁ ଲିଖିତ ଜଣାଇବେ ବୋଲି କହିଛନ୍ତି। ପ୍ରକାଶ ଯେ, ୧୯୯୩ରୁ ସୁତ ସମ୍ପୃକ୍ତ କାର୍ଯ୍ୟାଳୟରେ ପିଅନ ଭାବେ କାମ କରୁଛନ୍ତି । ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ଦରମା ବୃଦ୍ଧି ନିମନ୍ତେ ବହୁବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ବିଡିଓଙ୍କ ମତାମତ ମିଳି ପାରି ନାହିଁ।

### ଯୁବ ସଂଘ ପକ୍ଷରୁ ଜଳଛତ୍ର

**ଚଢ଼େଇଧରା,୧୬।୪(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଅଧୀନ କୁକୁଡ଼ାଖାଲି ଛକଠାରେ ରବିବାର ଯୁବକ ସଂଘ ପକ୍ଷରୁ ଏକ ଜଳଛତ୍ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୁବ ସଂଘର ଉପଦେଷ୍ଟା ଧନେଶ୍ୱର ପରିଡ଼ା ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ର ଦୁଇମାସ ଧରି ଚାଲିବ। ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯିବ ବୋଲି ଯୁବ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସାହୁ, ପ୍ରଦୀପ ପରିଡ଼ା, ବିଶ୍ୱଭୂଷଣ ସାହୁ, ନିହାର ରଞ୍ଜନ ବେହେରା, ମୁନା ଧଳ, ଜ୍ୟୋତିପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାରରେ ବିଜେଡି, ଭାଜପା ଆଗରେ

**ଯାଜପୁର ଅଫିସ,୧୬।୪**

ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନକୁ ଆଉ ମାତ୍ର ଦୁଇ ସପ୍ତାହ ରହିଲା। ବିଜେଡିର ଦୁର୍ଗ କୁହାଯାଇଥିବା ବରୀରେ ଏବେ ସୁନନ୍ଦା ଦାସ ପ୍ରାର୍ଥୀ ହୋଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ନେତୃତ୍ୱରେ ସମିତି ଗଠନ କରି ଅଧକ୍ଷା ପଦବୀ ହାସଲ କରିଥିବା ସୁନନ୍ଦା ସକାଳେ ବିଜେଡିରେ ଯୋଗଦେଇ ସନ୍ଧ୍ୟାରେ ଟିକେଟ ହାସଲ କରିବାରେ ସକ୍ଷମ ହୋଇଥିଲେ। ୨୦୦୦ରୁ ଏଠାରେ ବିଜେଡିରୁ ବିଧାୟକ ନିର୍ବାଚିତ ହୋଇ ଆସିଥିବା ଦେବାଶିଷ ଟିକେଟ ଦୌଡ଼ରୁ ଏଥର ବାଦ ପଡିଛନ୍ତି। ସୁନନ୍ଦାଙ୍କୁ ବିଜେଡି ଟିକେଟ ମିଳିବାରେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ପ୍ରମୁଖ ଭୂମିକା ରହିଥିବା ଆଲୋଚନା ହେଉଛି। ଏପରି କି ସୁନନ୍ଦାଙ୍କ ବିଜୟ ମଧ୍ୟ ବବିଙ୍କ ପାଇଁ ସମ୍ମାନର ବିଷୟ ବୋଲି କୁହାଯାଉଛି। ଅପରପକ୍ଷରେ ସୁନନ୍ଦାଙ୍କୁ ଟକ୍କର ଦେବାକୁ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ପ୍ରଚାରକୁ ଜୋରସୋର କରିଛନ୍ତି। ଦଳୀୟ ନେତା ଓ କର୍ମୀଙ୍କୁ ଏକାଠି କରି ବିଜୟ ମୁକୁଟ ପିନ୍ଧିବା ପାଇଁ ବିଶ୍ୱ ଆପ୍ରାଣ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳୁଛି।

ଗତ ଜିଲା ପରିଷଦ ନିର୍ବାଚନ ଫଳାଫଳକୁ ତର୍ଜମା କଲେ ବରୀ ବ୍ଲକରେ ଭାଜପାର ଭୋଟହାର ବିଜେଡିଠାରୁ ଅଧିକ ରହିଥିଲା। ଏଠାରେ ବିଜେଡି ୪୦,୩୩୧ ଓ ଭାଜପାକୁ ୪୩,୮୨୮ ଭୋଟ ମିଳିଥିଲା। ବିଜେଡିଠାରୁ ପ୍ରାୟ ସାଢେ ୩ହଜାର ଅଧିକ



ବରୀ ଭାଜପାର ମିଶ୍ରଣ ପର୍ବ।



ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ୍ ରୋଡ୍ ଶୋ କରୁଛନ୍ତି।

ଭୋଟ ଭାଜପା ପାଇଥିଲା। ଯାହାକି ବିଜେଡି ନେତାଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ଯେଉଁଥିପାଇଁ ଦେବାଶିଷଙ୍କ ଉପରୁ ବିଜେଡି ଆସ୍ଥା ତୁଟାଇ ପଞ୍ଚାୟତ ନିର୍ବାଚନରେ ବିଶ୍ୱଙ୍କ ସାରଥି ସାଜିଥିବା ସୁନନ୍ଦାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସଙ୍କୁ ବିଜେଡିକୁ ଆମଦାନି କରାଯାଇଥିଲା। ଏଥିରେ ବିଜେଡି କେତେ ସଫଳ ହେଉଛି ତାହା ନିର୍ବାଚନ ଫଳାଫଳ ହିଁ ସ୍ପଷ୍ଟ କରିବ। ବିଜେଡିର ଏହି ସ୍ୱପ୍ନକୁ ଧୂଳିସାତ କରିବାକୁ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ଦିନରାତି ଏକ କରି ଦେଇଛନ୍ତି । ବ୍ରହ୍ମବରଦା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ସମର୍ଥକ ଓ କର୍ମୀ ଭାଜପାରେ ଯୋଗଦେବା ପରେ ବିଶ୍ୱରଞ୍ଜନଙ୍କୁ ଅଧିକ ବଳ ମିଳିଛି। ବରୀ ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତକୁ ବାଇକ ରାଲିରେ ପ୍ରଚାର ଆରମ୍ଭ କରି ଦେଇଛନ୍ତି।

**ବରୀ ବିଧାନସଭା ଆସନ**

- ପାରମ୍ପରିକ ଭୋଟ ଆଶାରେ କଂଗ୍ରେସ
- ବବି, ବିଶ୍ୱରଞ୍ଜନଙ୍କ ପାଇଁ ସମ୍ମାନର ପ୍ରଶ୍ନ

ମଙ୍ଗଳବାର ସାହୁପଡ଼ା, ବାରିଆ, ବ୍ରହ୍ମବରଦା, ଏରବାଙ୍କ, ସାହାସପୁର ପ୍ରମୁଖ ଗ୍ରାମରେ ପଦଯାତ୍ରା କରିଛନ୍ତି। ଘରକୁ ଘର ବୁଲି ଥରେ ସୁଯୋଗ ଦିଅନ୍ତୁ ବୋଲି ଭୋଟ ଭିକ୍ଷା କରୁଛନ୍ତି । ଧାରପୁର ଓ କିଣ୍ଟିଆପାଳ ଗ୍ରାମ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ସାମିଲ ହୋଇଥିବା ସୂଚନା ମିଳିଛି। ଗତ ସାଧାରଣ ନିର୍ବାଚନରେ ବିଶ୍ୱରଞ୍ଜନ ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡି ସହ କଡ଼ା ଟକ୍କର ଦେଇଥିଲେ। ଏଥର ଭାଜପାର ହାତ ଧରି ବରୀ ନିର୍ବାଚନ ବୈତରଣୀ ପାର ହେବାକୁ ସେ ଦୃଢ ସଂକଳ୍ପ ଥିବା ଦେଖାଯାଉଛି। ଅନ୍ୟପକ୍ଷେ ବିଜେଡିର ସୁନନ୍ଦା ସମିତି ଅଧକ୍ଷା ଭାବେ ୨ବର୍ଷର ଅଭିଜ୍ଞତାକୁ ନେଇ ଲୋକଙ୍କ ପାଖକୁ ଯାଉଛନ୍ତି । ନବୀନ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନାକୁ ପାଥେୟ କରି ବହୁ ଭାଜପା ନେତାଙ୍କୁ ବିଜେଡିକୁ ଆଣିବାରେ ସଫଳ ହେଉଛନ୍ତି। ମଙ୍ଗଳବାର ମହାକାଳପଡ଼ା ଓ ଅମଠପୁର ଗ୍ରାମ ପଞ୍ଚାୟତର ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହାବାଦ ପ୍ରଚାର ଗାଡ଼ିରେ ଗାଁ ଗାଁ ବୁଲି ଲୋକଙ୍କ ସହିତ ମିଶି ବିଜେଡିର ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ପାରମ୍ପରିକ କଂଗ୍ରେସର ଭୋଟ ଏବଂ ବ୍ୟକ୍ତିଗତ ସମ୍ପର୍କ ଆଧାରରେ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି । ତେବେ ବିଜେଡି ଦଳରେ ଅସନ୍ତୁଷ୍ଟଙ୍କ ଭୂମିକା ଏଯାଏ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀଙ୍କ ରାଜନୈତିକ ପତିଆରା ଆଗରେ ନୂଆ ମୁହଁ ସୁନନ୍ଦା କେତେଦୂର ବିଜେଡି ଦୁର୍ଗକୁ ସମ୍ଭାଳିବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

### କଂଗ୍ରେସ କର୍ମୀ ସମ୍ମିଳନୀ

**ବିଞ୍ଝାରପୁର,୧୬।୪(ଡି.ଏନ.ଏ.)**

ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଥିବା ବେଳେ ବିଞ୍ଝାରପୁର କଂଗ୍ରେସ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ୍ କରି ବିଜେଡି ଓ ଭାଜପାକୁ କଡା ମୁକାବିଲା କରିବାକୁ ପ୍ରସ୍ତୁତ ହେଉଛି। ଏହି ଅବସରରେ ୨୫ ନଂ. ଜୋନ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ଦାସ, ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, ଶିଶିର ନାୟକ, ଅଞ୍ଚଳ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ସାମଲ, ଭୁବନାନନ୍ଦ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ମିର୍ଜା କବୁଲ ବେଗ, ସେକ କୟୁମ, ମନୋଜ ସାମଲ, ବିଜନ ଦାସ, ଦୀପ୍ତିରେଖା ମିଶ୍ର,କିଶୋର ଦାସ, ଅରତି ସ୍ୱାଇଁ, ସେକ ଗୁଲସାହାନାଓାଜ, କୁଞ୍ଜବିହାରି ବେହେରା, ସୁଲୋଚନା ଦାସ, କିଶୋର ମିଶ୍ର, ରବୀନ୍ଦ୍ର ଜେନା,ବ୍ରଜସୁନ୍ଦର ଦାସ, ବିଷ୍ଣୁଚରଣ ସାମଲ, ଶରତ ଚନ୍ଦ ସାମଲ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ, ଶ୍ରମିକ ମାରଣ ନୀତି ଉପରେ ବର୍ଷିଥିଲେ। ବିଜେଡି ଓ ଭାଜପା ନିଜର ରାଜନୈତିକ ଫାଇଦା ପାଇଁ ଓଡ଼ିଶାବାସୀଙ୍କ ସହ ପ୍ରତାରଣା କରିଚାଲିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହ କଂଗ୍ରେସ ନେତୃବୃନ୍ଦ ଆସନ୍ତା ସାଧାରଣ ନିର୍ବାଚନରେ ଏକାଠି ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ସାଶନ୍ଦା, ଅରେଇ, ଉତଙ୍ଗରା, ବିତନା, ଉଡରଙ୍ଗ, ଗୁହାଳି, ଘଣ୍ଟିଆଳି, ଚିକଣା ଆଦି ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ।

**ପଦାରେ ପଡ଼ିଲା ବିଜେଡିର ଗୋଷ୍ଠୀକନ୍ଦଳ**

## ନିର୍ବାଚନୀ ସଭାମଞ୍ଚକୁ ନେଇ ସରପଞ୍ଚ, ସମିତିସଭ୍ୟ ମୁହାଁମୁହିଁ

**କୋରେଇ,୧୬।୪(ସ୍ୱ.ପ୍ର)**

କୋରେଇ ବିଜେଡିର ଗୋଷ୍ଠୀକନ୍ଦଳ ମଙ୍ଗଳବାର ପଦାରେ ପଡ଼ିଛି। ବନ୍ଦାଳ ପଞ୍ଚାୟତରେ ଦଳର ଏକ ନିର୍ବାଚନୀ ସଭା ବନ୍ଦାଳ ହାଟ ପଡିଆଠାରେ ହେବାପାଇଁ ସମିତିସଭ୍ୟ ସ୍ଥିର କରି ମଞ୍ଚ ବାନ୍ଧି ଚେୟାର ପକାଇଥିବାବେଳେ ସ୍ଥାନୀୟ ସରପଞ୍ଚ ପଞ୍ଚାୟତ ଅଫିସ ପରିସରରେ ଏକ ସଭା ଆୟୋଜନ କରିଛନ୍ତି। କୋରେଇ ବ୍ଲକ ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ କୋରେଇ ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ବଳ, ନିର୍ବାଚନମଣ୍ଡଳୀ ସଭାପତି ଧନେଶ୍ୱର ବାରିକ, ଜିଲାପରିଷଦ ସଭାପତି ମାତାଜି ଆଏଚ, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ପଣ୍ଡା , ସୁର ମିଶ୍ର, ଭିକାରି ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସେପଟେ ସମିତି ସଭ୍ୟ ସୁଶାନ୍ତ ସାହୁ କିନ୍ତୁ ପୂର୍ବ ନିର୍ଦ୍ଧାରିତ ମଞ୍ଚ ନିକଟରେ ନିଜ ସମର୍ଥକଙ୍କୁ ଧରି ବସିଥିବା ଦେଖିବାକୁ ମିଳିଥିଲା। ନିର୍ବାଚନ



ବନ୍ଦାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଦଳୀୟ ସଭା।

ପୂର୍ବରୁ ବିଜେଡିରେ କିଛି ପୁରୁଣା ବିତାଡ଼ିତ ନେତାଙ୍କ ଯୋଗୁ ଏହି ଗୋଷ୍ଠୀ ବିବାଦ ରାଜନୀତି ସୃଷ୍ଟି ହେଉଛି ବୋଲି ଆଲୋଚନା ଜୋର ଧରିଛି। ଯାହା ଫଳରେ ବିଜେଡିର ଭୋଟ ଦୁଇଭାଗ ହେବା ଆଶଙ୍କାକୁ ଦୃଢିଭୂତ କରୁଛି। କୋରେଇ ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ବିଧାୟକ ପ୍ରାର୍ଥୀ ଓ ଯାଜପୁର ଜିଲା ଯୁବ ବିଜେଡି ସଭାପତିଙ୍କ ସମାନ୍ତରାଳ ଗୋଷ୍ଠୀକୁ ନେଇ ଏହି ଘଟଣା ଘଟିଥିବା ଆଲୋଚନା ହେଉଛି। ସମିତି ସଭ୍ୟ ସୁଶାନ୍ତ ସାହୁ ଯୁବବିଜେଡି ସଭାପତିଙ୍କ ଗୋଷ୍ଠୀରେ ଥିବାରୁ ସରପଞ୍ଚଙ୍କ ମାଧ୍ୟମରେ ତାଙ୍କୁ ଦମନ କରିବାକୁ ବିଧାୟକ ପ୍ରାର୍ଥୀଙ୍କ ଗୋଷ୍ଠୀ ସରପଞ୍ଚଙ୍କ କଥାରେ ଏଭଳି ସଭା କରିଥିବା ଦେଖିବାକୁ ମିଳିଛି। ଏନେଇ ବିଧାୟକ ପ୍ରାର୍ଥୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ। ଅପରପକ୍ଷରେ ପଞ୍ଚାୟତକାର୍ଯ୍ୟାଳୟ ପରିସରରେ ନିର୍ବାଚନୀ ପ୍ରଚାର ସଭା କରିବା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଥିଲେ ମଧ୍ୟ ସ୍ଥାନୀୟ ସରପଞ୍ଚ ଏହାକୁ ଅଣଦେଖା କରି କିପରି ସଭାର ଆୟୋଜନ କଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମାରାଥନ୍ ପ୍ରଚାରରେ ପ୍ରାର୍ଥୀ

**ଡୁବୁରୀ,୧୬।୪(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଏବେ ମାରାଥନ ପ୍ରଚାର କରୁଛନ୍ତି। ମଙ୍ଗଳବାର ବିଜେଡି ଓ ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବାଇକ ଶୋଭାଯାତ୍ରା କରାଯାଇଥିବା ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ଦାନଗଦୀ ବ୍ଲକର ଶାଳିଜଙ୍ଗା, ନଡ଼ିଆଭଙ୍ଗା ଓ ରଣାଗୁଣ୍ଡି ପଞ୍ଚାୟତରେ ବାଇକ ର୍‍ୟାଲିରେ ଘରଘର ବୁଲି ପ୍ରଚାର କରିଛନ୍ତି। ତାଙ୍କ ସହ ଦାନଗଦୀ ବ୍ଲକର ପୂର୍ବତନ ଅଧକ୍ଷ ବୁଡାନ ସିଂ ଜାମୁଦା, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ସହ ବହୁଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଅପରପକ୍ଷେ ବିଜେଡିକୁ ତାଳ ଦେଇ ଭାଜପା ପକ୍ଷରୁ ମଧ୍ୟ ଏକ ବାଇକ ଶୋଭାଯାତ୍ରା କରାଯାଇଥିଲା। ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ଦଳୀୟ ସମର୍ଥକଙ୍କ ସହ ବାଇକ ଶୋଭାଯାତ୍ରାରେ ମଙ୍ଗଳପୁରରୁ ବାହାରି ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଟମକାଠାରେ ପହଞ୍ଚି ନିର୍ବାଚନ ପ୍ରଚାର କରିଥିଲେ। ଏହି କ୍ରମରେ କଂଗ୍ରେସ ପ୍ରାର୍ଥୀ ପ୍ରଚାରରେ କିଛିଟା ପଛରେ ପଡିଯାଇଥିବା ସାଧାରଣରେ ଚର୍ଚ୍ଚା ଧରିଛି।

### ଖଣି ଅଞ୍ଚଳରେ ଭାଜପାର ରୋଡ୍ ଶୋ

**କାଳିଆପାଣି,୧୬।୪(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଜେଡି ଗଡ଼ଭାବେ ପରିଚିତ କାଳିଆପାଣି ଖଣି ଅଞ୍ଚଳରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ (ଟୁଟୁ) ଓ ଏମ୍‌ପି ପ୍ରାର୍ଥୀ ଅମିୟ ମଲିକ ମଙ୍ଗଳବାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଖଣି ଅଞ୍ଚଳର ୭ଟି ପଞ୍ଚାୟତରେ ବାଇକ୍ ରାଲିରେ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଉଭୟ ଟୁଟୁ ଓ ଅମିୟ ଏକ ରୋଡ୍ ଶୋ କରି ପ୍ରଚାର କରିଛନ୍ତି। ବହୁ ସଂଖ୍ୟକ ଗେରୁଆ ଟୋପି ଓ ଉତ୍ତରୀୟରେ ଖଣି ଅଞ୍ଚଳ ରାସ୍ତା ଗେରୁଆମୟ ହୋଇଉଠିଥିଲା। ସୁକିନ୍ଦା ଭାଜପା ମୁଖ୍ୟ କାର୍ଯ୍ୟାଳୟରୁ ବାଇକ୍ ରାଲି ଆରମ୍ଭ ହୋଇ ଟମକା ମଙ୍ଗଳପୁର ରାସ୍ତାରେ ଦୀର୍ଘ ୫୦ କିଲୋମିଟର ଅତିକ୍ରମ କରିଥିଲା। ଭାଜପା କର୍ମୀ ବିଧାୟକ ପ୍ରୀତି ରଞ୍ଜନ ଘଡ଼ାଇ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ରାଲିରେ ସାମିଲ ହୋଇଥିଲେ। ବାଇକ୍ ରାଲି ସମୟରେ ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଟୁଟୁ ଓ ଅମିୟଙ୍କୁ ପୁଷ୍ପଗଚ୍ଛ ଓ ମହିଳାମାନେ ବନ୍ଦାପନା କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଯୁବ ଭାଜପା ନେତା ବାବୁନି ରାଜ, ସାମାଜିକକର୍ମୀ ମଞ୍ଜୁର ଅଲ୍ଲୀ, ଜିଲା ଯୁବ ଭାଜପା ଉପସଭାପତି ରବୀନ୍ଦ୍ର ପୁହାଣ, ମଣ୍ଡଳ ସଭାପତି ପୁଷ୍ପକ ମହପାତ୍ର, ଜିଲାପରିଷଦ ସଭ୍ୟ ପ୍ରତାପ ଧୀର, ରମଣୀ ରଞ୍ଜନ ବଳସାମନ୍ତ, ଅଞ୍ଜନ ପ୍ରଧାନଙ୍କ ସମେତ ବହୁକର୍ମୀ ରୋଡ୍‌ଶୋରେ ଯୋଗଦେଇଥିଲେ।



ଭାଜପା ପକ୍ଷରୁ ରୋଡ୍ ଶୋ କରାଯାଇଛି।

## ୧୬୧୯ ବୁଥ୍‌ରେ ହେବ ମତଦାନ

**ଯାଜପୁର ଅଫିସ,୧୬।୪**

ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନିକ ତତ୍ପରତା ସେତିକି ବୃଦ୍ଧି ପାଉଛି। ଯାଜପୁର ଜିଲାରେ ମତଦାନ ପାଇଁ ମୋଟ ୧,୬୧୯ଗୋଟି ବୁଥ ହେବାକୁ ନିଷ୍ପତ୍ତି ନିଆଯାଇଛି। ବୁଥଗୁଡ଼ିକରେ ର୍‍ୟାମ୍ପ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ବିଦ୍ୟୁତ ବ୍ୟବସ୍ଥା ଇତ୍ୟାଦକୁ ତଦାରଖ କରାଯିବା ସହ ସମ୍ବେଦନଶୀଳ ବୁଥ ଗୁଡିକୁ ଜିଲାପାଳ ଓ ଏସ୍‌ପି ମିଳିତ ଭାବେ ଅନୁଧ୍ୟାନ କରିଛନ୍ତି। ଜିଲାର ୧,୬୧୯ ବୁଥ ମଧ୍ୟରୁ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨୫୮ ଓ କୋରେଇ ନିର୍ବାଚନମଣ୍ଡଳୀରେ ୨୧୨ ବୁଥ ରହିଛି। ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୯୨ଟି ସ୍ଥାନରେ ୨୩୯ ବୁଥ ରହିଛି। ସେହିପରି ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫୯ସ୍ଥାନରେ ୨୨୪, ବଡଚଣାରେ ୧୫୪ଟି ସ୍ଥାନରେ ୨୦୬, ଧର୍ମଶାଳାରେ ୨୧୧ଟି ସ୍ଥାନରେ ୨୫୮ ବୁଥ, ଯାଜପୁରରେ ୨୫୭ଟି ବୁଥ୍ ରହିଛି। ସେଥିରୁ ୨୯ଟି ବୁଥ ସହରାଞ୍ଚଳରେ ରହିଛି । କୋରେଇ ନିର୍ବାଚନମଣ୍ଡଳୀର ୨୧୨ଟି ବୁଥ ମଧ୍ୟରୁ ସହରାଞ୍ଚଳରେ ୩୩ଟି ବୁଥ ରହିଛି । ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳିରେ ୨୨୩ ଟି ବୁଥ ରହିଛି। ଜିଲାର ସହରାଞ୍ଚଳରେ ଥିବା ୬୨ଟି ବୁଥ ମଧ୍ୟରୁ ୨୨ଟି ଗୋଟିଏ ଲେଖାଏ ସ୍ଥାନରେ ରହିଥିବାବେଳେ ୨୦ଟି ସ୍ଥାନରେ ୨ଟି ଲେଖାଏ ବୁଥ ରହିଛି। ଗ୍ରାମାଞ୍ଚଳର ୧୫୫୭ ବୁଥ ମଧ୍ୟରୁ ୮୭୪ଟି ଗୋଟିଏ ଲେଖାଏ ସ୍ଥାନରେ, ୨୮୪ଟି ସ୍ଥାନରେ ୨ଟି ଲେଖାଏ, ୨୫ଟି ସ୍ଥାନରେ ୩ଟି ଲେଖାଏ, ୬ଟି ସ୍ଥାନରେ ୪ଟି ଲେଖାଏ, ୨ଟି ସ୍ଥାନରେ ୫ଟି ଲେଖାଏ ଏବଂ ଗୋଟିଏ ସ୍ଥାନରେ ୬ଟି ବୁଥ ରହିଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

**ଯାଜପୁର ଜିଲା**

- ଧର୍ମଶାଳାରେ ସର୍ବାଧିକ ୨୫୮
- କୋରେଇରେ ସର୍ବନିମ୍ନ ୨୧୨ ବୁଥ
- ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନିକ ତତ୍ପରତା

## ବବି, ଗୌତମଙ୍କ ମଧ୍ୟରେ କଡ଼ା ଟକ୍କର

- ଦଳ ସଜାଡୁଛନ୍ତି କଂଗ୍ରେସ ପ୍ରାର୍ଥୀ

**ଯାଜପୁର ଟାଉନ,୧୬।୪(ଡି.ଏନ.ଏ.)**

ଚଳିତ ନିର୍ବାଚନରେ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ଦେଖାଦେଲାଣି। ଯାଜପୁର ବିଧାନସଭା ଆସନରୁ ବିଜେଡିର ହେଭିୱେଟ୍ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଣବପ୍ରକାଶ ଦାସ(ବବି) ଏଠାରୁ ପ୍ରାର୍ଥୀ ହୋଇଥିବାବେଳେ ଭାଜପାର ଗୌତମ ରାୟ, କଂଗ୍ରେସରୁ ସନ୍ତୋଷ କୁମାର ନନ୍ଦ, ସମତାକ୍ରାନ୍ତି ଦଳରୁ ସନ୍ତୋଷ ସୂର୍ଯ୍ୟବଂଶୀ, କଳିଙ୍ଗସେନା ଦଳରୁ ଆଦିତ୍ୟ ପ୍ରତାପ ଧୀର ଦେଓ ଓ ସ୍ୱାଧୀନ ଭାବେ ପ୍ରଦୀପ କୁମାର ବେହୁରିଆ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପ୍ରଚାରରେ ବିଜେଡିର ବବିଙ୍କ ସହ ଯାଜପୁର ଜିଲା ଭାଜପା ସଭାପତି ଗୌତମଙ୍କ ସହ କଡ଼ାମୁକାବିଲା ହେଉଥିବାବେଳେ କଂଗ୍ରେସ ବହୁପଛରେ ପଡିଥିବା ଦେଖିବାକୁ ମିଳିଛି। ଗତ ନିର୍ବାଚନରେ ବବି ୮୪,୫୫୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିବାବେଳେ ଚଳିତ ନିର୍ବାଚନରେ ଏହି ଗଣିତ ଓଲଟପାଲଟ



ଗୌତମ ରାୟ



ପ୍ରଣବପ୍ରକାଶ ଦାସ



ସନ୍ତୋଷ କୁମାର ନନ୍ଦ

**ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ହେବାର ସମ୍ଭାବନା ମଧ୍ୟ ରହିଛି।

ଚଳିତ ବର୍ଷ ଏହି ନିର୍ବାଚନମଣ୍ଡଳୀର ଭୋଟରସଂଖ୍ୟା ୨,୨୯,୧୩୦ ହୋଇଥିବାବେଳେ ସେଥିମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୨୦,୭୬୬, ମହିଳା ଭୋଟରଙ୍କ ସଂଖ୍ୟା ୧,୦୮,୩୫୨ ଓ ଅନ୍ୟାନ୍ୟ ୧୨ବୋଲି ଜଣାପଡିଛି। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ଗୌତମ ରାୟ ଦିନରାତି ଏକାଠି କରି ଗାଁ ଗାଁ ବୁଲି ଭୋଟରଙ୍କ ପାଖରେ ପହଞ୍ଚିଥିବାବେଳେ ବିଜେଡି ବହୁ ପୂର୍ବରୁ ନିର୍ବାଚନ ରଣନୀତି ଆପଣେଇ ସାରିଛି। ସବୁ ପଞ୍ଚାୟତରେ ବିଜେଡି କର୍ମୀମାନଙ୍କୁ ସଜାଗ କରିବା ସହ ନିର୍ବାଚନ ପାଇଁ ସମସ୍ତ ରଣନୀତି ପ୍ରସ୍ତୁତି ସାରିଛି। ରାଜ୍ୟ ରାଜନୀତିରେ ବବିଙ୍କ ବେଶ୍ ଦବ୍‌ଦବା ଥିବା ବେଳେ ଯାଜପୁର ଜିଲାର ସେ ଜଣେ ଟାଣୁଆ ନେତା ବୋଲି ସମସ୍ତେ ଜାଣନ୍ତି। ସଂଗଠନ କ୍ଷେତ୍ରରେ ମଧ୍ୟ ସେ ଅନ୍ୟ ଦଳ ତୁଳନାରେ ପଛରେ ନାହାନ୍ତି। ଅପରପକ୍ଷରେ ଭାଜପା ପ୍ରାର୍ଥୀ ଗୌତମ ମଧ୍ୟ ଜଣେ ସୁସଂଗଠ। ଜଣାଶୁଣା ନେତା ଭାବେ ସେ ବେଶ୍ ପରିଚିତ ହୋଇଥିବାରୁ ସାଧାରଣ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ୨୦୦୯ରେ ସେ ଏହି ଆସନରୁ ଭାଜପାର ପ୍ରାର୍ଥୀ ହୋଇ ୨୭,୭୮୫ ଖଣ୍ଡ ଭୋଟ ପାଇଥିଲେ। ପରାଜୟ ପରେ ସେ ନିଜ ନିର୍ବଚନ ମଣ୍ଡଳୀରେ ଅନୁପସ୍ଥିତ ରହିଥିଲେ । ଫଳରେ ତାଙ୍କର ଅଧିକାଂଶ ସମର୍ଥକ ବବିଙ୍କ ଶିବିରକୁ ଚାଲି ଯାଇଥିଲେ। କିନ୍ତୁ ସେ ଜିଲା ଭାଜପା ସଭାପତି ଦାୟିତ୍ୱ ନେବାପରେ ପୁନର୍ବାର ନିଜ ସଂଗଠନକୁ ସଜାଡିବାରେ ଲାଗିଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଲୋକାଭୀମୁଖୀ ଯୋଜନା ଓ ବିକାଶ ଧାରାକୁ ଲୋକଙ୍କ ନିକଟରେ ପହଞ୍ଚାଇ ସେ ଏହି ନିର୍ବାଚନ ମଣ୍ଡଳୀର ଭୋଟରଙ୍କୁ ହାତଇେବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଗୌତମଙ୍କ ନିଜସ୍ୱ ପକେଟ ଭୋଟ୍ ମଧ୍ୟ କିଛି ଅଛି। ଦଶରଥପୁର ବ୍ଲକ ହେଉ ବା ଯାଜପୁର ବ୍ଲକ ପ୍ରତ୍ୟେକ ଅଞ୍ଚଳରେ ତାଙ୍କର ସମର୍ଥକମାନେ ରହିଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରଚାର ପ୍ରସାରରେ କିଛିଟା ପଛରେ ପଡିଯାଇଥିବା ଦେଖିବାକୁ ମିଳିଛି। କଂଗ୍ରେସ ପ୍ରାର୍ଥୀ ହୋଇଥିବା ସନ୍ତୋଷଙ୍କ ବିରୋଧରେ ଟିକେଟ ପାଇବାକୁ ଆଶାୟୀ ଥିବା ବହୁ କଂଗ୍ରେସ ନେତା ତାଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି।



ସକଳ ସଂକଟରୁ ପରିତ୍ରାଣ ଲାଭ ପାଇଁ ଏକମାତ୍ର ପଥ ନାମ ଜପ। ତାହା କାତର ଭାବରେ ଅନ୍ତରର ଗଭୀର ପ୍ରଦେଶରୁ ଜାତ ହେବା ଦରକାର।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କୋରେଇ,୧୬।୪(ସ୍ୱ.ପ୍ର.)- ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର-ଯାଜପୁର ରାସ୍ତାର ଗୁଡ଼ିଆ ବ୍ରିଜ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଲୁହା ବ୍ୟାରିକେଡରେ ପିଟି ହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁରରୋଡସ୍ଥିତ ମୁଣ୍ଡମାଳ ଗ୍ରାମର ଜଗନ୍ନାଥ ମୁଣ୍ଡା (୨୮)। ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ସହ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ପ୍ରକାଶ ଯେ, ଜଗନ୍ନାଥ ଲକ୍ଷ୍ମଣପୁରଠାରେ ଡ୍ରାଇଭର ଭାବେ କାମ କରୁଥିଲେ। କୌଣସି ଏକ କାମରେ ଗୁଡ଼ିଆକୁ ବାଇକ୍ (ନଂ.ଓଡି-୩୪ଜି-୮୯୧୬) ଯୋଗେ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା।

### ସ୍ମୃତିଚାରଣ ସଭା

ରସୁଲପୁର,୧୬।୪(ଡି.ଏନ.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସାନରଣ୍ଡେଇ ଗ୍ରାମରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଫେସର ନବକିଶୋର ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶୋକ ସଭାରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ବେଣୁଧର ଦୋବାଇ, ଆଦିକନ୍ଦ ମଲିକ, ଶ୍ରୀଧର ସାହୁ, ରାମଚନ୍ଦ୍ର ରାଉତ, ପୂର୍ବତନ ଜୀବନବୀମା ଅଧିକାରୀ ହୃଦାନନ୍ଦ ରାଉତ, ଭାସ୍କର ମିଶ୍ର, ପ୍ରଦୀପ ସାମଲ, ଲକ୍ଷ୍ମଣ ରାଉତ, ଦେବୀ ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର, ସାହିତ୍ୟ ସମାଲୋଚକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସରସ୍ୱତୀ ସମ୍ମାନ ବିଜେତା ସ୍ୱର୍ଗତ ପୃଷ୍ଟିଙ୍କର ସ୍ମୃତିଚାରଣ କରିଥିଲେ। ତାଙ୍କ ପାଇଁ ଆଜି ସମଗ୍ର ଯାଜପୁର ଜିଲ୍ଲା ଗର୍ବିତ ବୋଲି ବକ୍ତାମାନେ ମତ ରଖିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ରାମଧୁନ ପରିବେଷଣ କରାଯାଇଥିଲା।

### ଟ୍ରେନ୍ ଧକ୍କାରେ ଜଣେ ଗୁରୁତର

ଯାଜପୁରରୋଡ,୧୬।୪(ନି.ପ୍ର.)- ଯାଜପୁରରୋଡ-କେନ୍ଦୁଝର ରେଳ ଷ୍ଟେଶନରେ ମଙ୍ଗଳବାର ଟ୍ରେନ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ଷ୍ଟେଶନରୁ ଭଦ୍ରକ-ପାରାଦୀପ ପାସେଞ୍ଜର ଛାଡ଼ିବା ସମୟରେ ବ୍ୟକ୍ତି ଜଣକ ଟ୍ରେନ୍ ଡବାରେ ମାଡ଼ ହୋଇ ଗୁରୁତର ହୋଇଛନ୍ତି। ଷ୍ଟେଶନରେ ଥିବା ଯାତ୍ରୀ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାବେଳେ ଯାଜପୁରରୋଡ ରେଲୱେ ଫାଣ୍ଡିରେ ମଧ କୌଣସି ଅଭିଯୋଗ ହୋଇନାହିଁ।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

କୋରେଇ,୧୬।୪(ସ୍ୱ.ପ୍ର.)- ଚୋରା ମଦ କାରବାର ଅଭିଯୋଗରେ କୋରେଇ ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ରଘୁନାଥ ବେହେରା (୪୨)। ପ୍ରକାଶ ଯେ, ଖବରପାଇ ପୋଲିସ ମକୁନ୍ଦପୁର ଗ୍ରାମରେ ଚଢ଼ାଉ କରିଥିଲା। ପୋଲିସ ରଘୁନାଥଙ୍କଠାରୁ ୧୦ ବୋତଲ ବିଦେଶୀ ମଦ ଜବତ କରିବା ସହ ଏକ ମାମଲା (ନଂ.୭୬/୧୯) ରୁଜୁ କରିଥିଲା।

# ଆମ ଗାଁ ଆମ ବିକାଶ ଯୋଜନା ଲକ୍ଷ୍ୟଚ୍ୟୁତ

ରସୁଲପୁର,୧୬।୪(ଡିଏନଏ)




**ରସୁଲପୁର ବ୍ଲକ**
- ଯୋଜନା ଜରିଆରେ ୨୫୩ ପ୍ରକଳ୍ପ ହୋଇଛି କାର୍ଯ୍ୟକାରୀ
- ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ କେବଳ ଗୋଷ୍ଠୀକେନ୍ଦ୍ର, କୋଠଘରରେ ସୀମିତ
- ଏ ନେଇ ଦେଖାଦେଇଛି ଜନ ଅସନ୍ତୋଷ

ସାଧାରଣ ନିର୍ବାଚନର ମାତ୍ର ମାସ କେଇଟା ପୂର୍ବରୁ ରାଜ୍ୟ ସରକାର ମାଳ ମାଳ ଯୋଜନା ଘୋଷଣା କରିଛନ୍ତି। ଏସବୁ ଯୋଜନା ମଧ୍ୟରୁ ଆମ ଗାଁ ଆମ ବିକାଶ ଯୋଜନା ଅନ୍ୟତମ। ଏହି ଯୋଜନା ଜରିଆରେ ସରକାର ଶହଶହ କୋଟି ଖର୍ଚ୍ଚ କରିଛନ୍ତି। ଏହି ଟଙ୍କା ଗାଁରେ ଖର୍ଚ୍ଚ ହୋଇଛି ସତ, ମାତ୍ର ଯୋଜନା ଜରିଆରେ ଗାଁର ବିଶେଷ ଉନ୍ନତି ହୋଇପାରି ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଆମ ଗାଁ ଆମ ବିକାଶ ଯୋଜନା ଲକ୍ଷ୍ୟଚ୍ୟୁତ ହୋଇଛି ବୋଲି କୁହାଯିବ। ନିର୍ବାଚନ ପୂର୍ବରୁ ଗାଁର ବିକାଶ ଆଳରେ ଦଳୀୟ ନେତା ଓ କର୍ମୀଙ୍କ ସନ୍ତୁଷ୍ଟୀକରଣ ଦିଗରେ ଯୋଜନାକୁ ବ୍ୟବହାର କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ଦିଗରେ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ସର୍ବାଗ୍ରେ ରହିଥିବା ଭଳି ମନେ ହେଉଛି।

ଏହିକ୍ରମରେ ଦେଖିବାକୁ ଗଲେ ୨୦୧୮-୧୯ ଆର୍ଥିକ ବର୍ଷରେ ରସୁଲପୁର ବ୍ଲକର ମୋଟ ୨୮ ପଞ୍ଚାୟତ ପାଇଁ ଆମ ଗାଁ ଆମ ବିକାଶ ଯୋଜନା ଜରିଆରେ ୨୫୩ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏ ବାବଦକୁ ମୋଟ ୭.୬୨କୋଟି ବ୍ୟୟବରାଦ କରାଯାଇଛି। ଏହି ଯୋଜନା ଜରିଆରେ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ଅର୍ଦ୍ଧାଧିକ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇସାରିଛି। ବିଭାଗୀୟ ଅଧିକାରୀଙ୍କ ତଦାରଖରେ କାର୍ଯ୍ୟ ଚାଲିଛି। ବାସ୍ତବରେ ସରକାରୀ ଦଳର କର୍ମୀମାନେ ନିର୍ମାଣ କାର୍ଯ୍ୟକୁ ତଦାରଖ କରୁଛନ୍ତି। କାର୍ଯ୍ୟାଦେଶ ଓ କାର୍ଯ୍ୟ ତଦାରଖ ଦାୟିତ୍ୱ ଅଧିକାରୀଙ୍କ ହାତରେ ରହିଛି। ଫଳରେ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିବାର ବହୁ ପୂର୍ବରୁ (୨୦୧୪-୧୫ ଆର୍ଥିକ ବର୍ଷରୁ) ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆମ ଗାଁ ଆମ ବିକାଶ ଯୋଜନା ପ୍ରସ୍ତୁତି ଦାୟିତ୍ୱ ପଞ୍ଚାୟତ ହାତରେ ନ୍ୟସ୍ତ କରାଯାଇଛି। ଏ ଦିଗରେ ନିୟମାବଳୀରେ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଆମ ଗାଁ ଆମ ବିକାଶ କହିଲେ ବୁଝାଯାଏ ଯେ, ଗାଁ ଲୋକେ ପଲ୍ଲୀସଭା ଓ ଗ୍ରାମ ସଭା ଜରିଆରେ ପ୍ରକଳ୍ପ ଚୟନ କରିବେ। ଗାଁର ଆବଶ୍ୟକତାକୁ ପ୍ରାଥମିକତା ଦେବେ। ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେବେ। ଫଳରେ ସାମାଜିକ ଓ ମାନବ କଲ୍ୟାଣର ବିକାଶ ଘଟି ପାରିବ। ସର୍ବୋପରି ପଞ୍ଚାୟତର ଯୁବତୀଯୁବକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିବା ସହ ପଞ୍ଚାୟତଗୁଡିକର ଅର୍ଥନୈତିକ ସ୍ଥିତି ସୁଦୃଢ ହୋଇପାରିବ। ହେଲେ ଏଠି ଆମ ଗାଁ ଆମ ବିକାଶ ଯୋଜନା ପାଇଁ ପ୍ରକଳ୍ପ ଚୟନ ପଲ୍ଲୀସଭା ଗ୍ରାମସଭା ଜରିଆରେ ହୋଇନାହିଁ। ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ନାହିଁ। ଏ ବାବଦରେ ଉଦ୍ଦିଷ୍ଟ ଅର୍ଥର ସିଂହଭାଗରେ କେବଳ ଗୋଷ୍ଠୀ କେନ୍ଦ୍ର ଓ କୋଠଘର ନିର୍ମାଣ କରାଯାଇଛି। ମାତ୍ର ଗୋଷ୍ଠୀ କେନ୍ଦ୍ର ପଞ୍ଚାୟତର ଏକ ମୌଳିକ ସମସ୍ୟା ନୁହେଁ, କିମ୍ବା ଏହାକୁ ପ୍ରାଥମିକତା ଦିଆଯାଇ ପାରିବ ନାହିଁ। ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅନେକ ମୌଳିକ ସମସ୍ୟା ରହିଥିଲେ ହେଁ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆ ନ ଯାଇ ଗୋଷ୍ଠୀ କେନ୍ଦ୍ର ଓ କୋଠଘର ପ୍ରକଳ୍ପ ୨୦୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଏହାଛଡା ପ୍ରକଳ୍ପ ତାଲିକା ଦଳୀୟ ନେତା ଓ କର୍ମୀଙ୍କ ଜରିଆରେ ପ୍ରସ୍ତୁତ କରାଯାଇଛି। ଏଥିରୁ ପଞ୍ଚାୟତର ଆର୍ଥିକ ସ୍ଥିତି ସୁଦୃଢ ହେବ ନାହିଁ କିମ୍ବା ରୋଜଗାର ସୃଷ୍ଟି କରିପାରିବାର ସମ୍ଭାବନା ବି ନାହିଁ। ଏ ସବୁକୁ ଦୃଷ୍ଟିକୁ ନେଲେ ଆମ ଗାଁ ଆମ ବିକାଶ ଯୋଜନା ଲକ୍ଷ୍ୟଚ୍ୟୁତ ହୋଇଛି ବୋଲି କୁହାଯାଉଛି। ଏ ବାବଦରେ ଅର୍ଥ ଖର୍ଚ୍ଚ କରାଯାଇ କେବଳ ସରକାରୀ ସଂଗଠନକୁ ଦୃଢ କରାଯାଇଥିବା ଆଲୋଚନା ହେଉଛି। କେତେକ ସ୍ଥାନରେ ଏହି ଯୋଜନା ଜରିଆରେ କାର୍ଯ୍ୟକାରୀ ପ୍ରକଳ୍ପକୁ ନେଇ ବିଭିନ୍ନ ସ୍ଥାନରେ ବାଦବିବାଦ ମଧ୍ୟ ଦେଖାଦେଇଛି। କିଛି ବ୍ୟକ୍ତିଙ୍କୁ ସୁବିଧା ମିଳିଥିବା ବେଳେ ସୁବିଧାରୁ ବଞ୍ଚିତ ଅନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ପଞ୍ଚାୟତରେ ବେଆଇନ ଭାବେ ଅର୍ଥ ଖର୍ଚ୍ଚକୁ ନେଇ ଅଧିକାଂଶ ଗ୍ରାମବାସୀ ସନ୍ତୁଷ୍ଟ ନୁହନ୍ତି ତ ଆଉ କେତେକ ସ୍ଥାନରେ ପ୍ରକଳ୍ପଗୁଡିକରେ ନିମ୍ନମାନର କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ବି ରହିଛି। ଏସବୁ ଅସନ୍ତୋଷ ସଂଗଠିତ ହେଲେ ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ବିଶେଷ କରି ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ବିଜେଡିର ମିଶ୍ରଣ ପର୍ବ

ବରୀ,୧୬।୪(ସ୍ୱ.ପ୍ର.)

ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ବରୀରେ ବିଜେଡିର ମିଶ୍ରଣ ପର୍ବ ଜୋରଦାର ଚାଲିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରମ୍ଭା ଓ ରତଳାଙ୍ଗ ପଞ୍ଚାୟତରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରମ୍ଭାର ଅମୂଲ୍ୟ ଦାସ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବାବେଳେ ରତଳାଙ୍ଗ ପଞ୍ଚାୟତର ରଥ ଜେନା, ଅମ୍ରେଶ ମଲିକ, ମଧୁସୂଦନ ଦାସ, ଅନାଦି ସାମଲ, ମନୋଜ ସାମଲ ପ୍ରମୁଖ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି। ସେହିପରି ବ୍ରହ୍ମବରଦା, ସୁଜନପୁର, ଅର୍ଥଙ୍ଗା, ରାଜେନ୍ଦ୍ରପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଗଧାଡିର ଭାଜପା କର୍ମୀ ବିଜେଡିର ନେତୃତ୍ୱ ଉପରେ ବିଶ୍ୱାସ ରଖି ସାମିଲ ହୋଇଛନ୍ତି। ବିଜେଡି ନେତା ଦେବେନ୍ଦ୍ର ଦାସ, ରଞ୍ଜନ ପଣ୍ଡା, ଅମୂଲ୍ୟ ପରିଡା, କେଦାର ସାମଲ, ସୌମ୍ୟରଞ୍ଜନ ସାମଲ, ବିଧାୟକ ପ୍ରାର୍ଥିନୀ ସୁନନ୍ଦା ଦାସ ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ରହି ନୂତନଭାବେ ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ। ୨ ଦିନ ପୂର୍ବରୁ ଏହି ବ୍ଲକ ଅଧୀନ ମହାକାଳପଡା, ଅମଠପୁର ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ନିର୍ବାଚନ କ୍ଷେତ୍ର ଗସ୍ତ

ଯାଜପୁର ଟାଉନ,୧୬।୪(ଡି.ଏନ୍.ଏ)

ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣ ସିଂ ମୀନା ମଙ୍ଗଳବାର ସନ୍ଧ୍ୟାରେ ଧର୍ମଶାଳା, ନିହାଲ ପ୍ରସାଦ, ଜେନାପୁର, କବାଟବନ୍ଧ, ଚଣ୍ଡିଖୋଲ ଆଦି ବିଭିନ୍ନ ନିର୍ବାଚନ କ୍ଷେତ୍ର ଗସ୍ତ କରିବା ସହ ଆଦର୍ଶ ଆଚରଣବିଧି ଅନୁଧ୍ୟାନ କରିଛନ୍ତି। ଏହି ଅଞ୍ଚଳରେ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିକ୍ ସର୍ଭିଲାନ୍ସର କାର୍ଯ୍ୟକଳାପ ସମ୍ପର୍କରେ ଅତର୍କିତ ଅନୁଧ୍ୟାନ ପାଇଁ ପହଞ୍ଚିଥିଲେ। ଏହି ଟିମ୍ କିପରି ନିଷ୍ପାପର, ନିରପେକ୍ଷ ଓ ଭଲ ବ୍ୟବହାର ପ୍ରଦର୍ଶନ କରି କାର୍ଯ୍ୟ କରିବେ, ସେ ସମ୍ପର୍କରେ ଜିଲାପାଳ ଦାସ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କୌଣସି କ୍ଷେତ୍ରରେ ଯଦି କିଛି ସମସ୍ୟା ହେଉଛି, ତେବେ ପର୍ଯ୍ୟବେକ୍ଷକ ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କ ଦୃଷ୍ଟିକୁ ତତ୍‌କ୍ଷଣାତ୍ ଆଣିବାକୁ ଜିଲାପାଳ ଓ ଏସ୍‌ପି ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ କେତେକ ଢାବା ଓ ସନ୍ଦିଗ୍ଧ ସ୍ଥାନ ଉପରେ ମଧ୍ୟ ଜିଲାପାଳ ଓ ଏସ୍‌ପି ଚଢ଼ାଉ କରିଥିଲେ। ନିର୍ବାଚନ ପର୍ଯ୍ୟନ୍ତ ଏଭଳି ଧରପଗଡ଼, ଚଢ଼ାଉ ଓ ବିଭିନ୍ନ ସ୍ଥାନକୁ ଅଚାନକ ଗସ୍ତ କରିବାକୁ ଜିଲାପାଳ ଓ ଏସ୍‌ପି ସ୍ଥିର କରିଥିବା ଜଣାପଡ଼ିଛି।



ଜିଲାପାଳ ଓ ଏସ୍‌ପି ନିର୍ବାଚନ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

## ଆମ ପୋଲିସ ସମିତି ବୈଠକ

କଳିଙ୍ଗନଗର,୧୬।୪(ଡି.ଏନ.ଏ.)- ଟମକା ପୋଲିସ ପକ୍ଷରୁ ଶୁକ୍ରବାର ଟମକା ଥାନାଠାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ, ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସର ନେତୃସ୍ଥାନୀୟ ଯୁବକ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ଟମକା ଥାନାଧିକାରିଣୀ ସଂଘମିତ୍ରା ନାୟକ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ମହାପାତ୍ର, ନରୋତ୍ତମ ବେହେରା, ଲକ୍ଷ୍ମୀଧର ବେହେରା, ବିଜୟ କୁମାର ଜେନା, କୈଳାସ ଚନ୍ଦ୍ର ନାୟକ, ବିଭୁ ପ୍ରସାଦ ରାଉତ, ବିଚିତ୍ରାନନ୍ଦ ରାଉତଙ୍କ ସମେତ ଆମ ପୋଲିସ ସମିତିର ସମସ୍ତ ସଦସ୍ୟ ଓ ଟମକା ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

# କଂଗ୍ରେସର କର୍ମୀ ସମାବେଶ

ଯାଜପୁରରୋଡ,୧୬।୪(ନି.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡ଼ାଙ୍କ ଯାଜପୁରରୋଡସ୍ଥିତ ବାସଭବନରେ ରବିବାର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଉକ୍ତ ନିର୍ବାଚନମଣ୍ଡଳୀ ଗନ୍ଧଣ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ବନ୍ଦିତାଙ୍କୁ ସମର୍ଥନ ଜଣାଇ କଂଗ୍ରେସରେ ଯୋଗଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ଅଜୟ ସାହୁ, ହୃଦାନନ୍ଦ ସାମଲ, ତପନ ନାୟକ, ଦିଲୀପ ମଲ୍ଲିକ, ୩୩ନଂ. ଜୋନର ସଭାପତି ମିହିର ମିଶ୍ର, ପରମାନନ୍ଦ ସେଠୀ, ଜଳଧର ବାରିକ ପ୍ରମୁଖ ବହୁ ନେତା ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ କୃଷିର ଉନ୍ନତି ପାଇଁ ଋଣ ଛାଡ କରିବା ସହ କୃଷକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ନେତାମାନେ କହିଥିଲେ। ଶ୍ୟାମସୁନ୍ଦର ବାରିକ, ଜଳଧର ସାହୁ, ରମେଶ ମଲ୍ଲିକ, ଦେବେନ୍ଦ୍ର ରାଉତ, ଗିରିଧାରୀ ବେହେରା, ନୃସିଂହ ମଲ୍ଲିକ, ସୁଶାନ୍ତ ଶତପଥୀ, ସୁରେନ୍ଦ୍ର ନାୟକ, କୃପାସିନ୍ଧୁ ଦାସ, ଅଶୋକ ସାହୁ, ନରହରି ଦାସ, ହରି ମଲ୍ଲିକ, ରାଜେନ୍ଦ୍ର ଦାସ, ଦେବଦତ୍ତ ଦାସ, ଗୋପୀନାଥ ବାରିକ, ଶତ୍ରୁଘ୍ନ ବେହେରା ପ୍ରମୁଖ ସମାବେଶରେ ଉପସ୍ଥିତ ଥିଲେ।

# ଇଭିଏମ୍ କମିଶନିଂ କାର୍ଯ୍ୟ ଆରମ୍ଭ

ଯାଜପୁର ଟାଉନ,୧୬।୪(ଡିଏନ୍ଏ)

ଯାଜପୁର ଜିଲାରେ ୧୬୧୯ଟି ବୁଥ୍‌ରେ ଆସନ୍ତା ୨୯ ତାରିଖ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ପ୍ରଶାସନ ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଥିବାବେଳେ ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ମଣ୍ଡଳୀ ପାଇଁ ଇଭିଏମ୍ କମିଶନିଂ କାର୍ଯ୍ୟ ମଙ୍ଗଳାରଠାରୁ ସ୍ଥାନୀୟ ଏନ୍‌ସି କଲେଜରେ ଆରମ୍ଭ ହୋଇଛି। ବିଞ୍ଝାରପୁର ବିଧାନସଭା ଆସନ ପାଇଁ ୨୩୯ଟି ପୁଲିଂ ବୁଥ୍ ଓ ଯାଜପୁର ବିଧାନସଭା ପାଇଁ ୨୫୭ଟି ପୁଲିଂ ବୁଥ୍ ଅଛି। ଏହି ବୁଥ୍ ଗୁଡିକର ଯଥାକ୍ରମେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ କମିଶନିଂ ବ୍ୟବସ୍ଥା ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କ ଉପସ୍ଥିତିରେ ଆରମ୍ଭ କରଯାଇଛି। ସେହିପରି ବରୀ ବିଧାନସଭାର ୨୨୪ଟି ବୁଥ୍ ପାଇଁ ଯାଜପୁର ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କମିଶନିଂ ଆରମ୍ଭ କରାଯାଇଥିବା ବେଳେ ବଡଚଣାର ୨୦୬ଟି ବୁଥ୍ ଓ ଧର୍ମଶାଳା ୨୫୮ଟି ବୁଥ୍ ପାଇଁ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଉପସ୍ଥିତିରେ କମିଶନିଂ ଆରମ୍ଭ କରାଯାଇଛି। କୋରେଇ ବିଧାନସଭାର ୨୧୨ଟି ଓ ସୁକିନ୍ଦା ବିଧାନସଭାର ୨୨୩ଟି ବୁଥ୍ ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶ ଓ ପରାମର୍ଶ କ୍ରମେ ସମସ୍ତ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସରଙ୍କ ତତ୍ତ୍ୱାବଧାନରେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ସତର୍କତାର ସହ କମିଶନିଂ କାର୍ଯ୍ୟ କରୁଛନ୍ତି। ଆସନ୍ତା ୨୦ତାରିଖ ସୁଦ୍ଧା ଏହି କମିଶନିଂ କାର୍ଯ୍ୟ ଶେଷ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରିଟର୍ଣ୍ଣିଂ ଅଫିସର ସୂଚନା ପ୍ରଦାନ କରିଛନ୍ତି। ସମସ୍ତ ବିଧାନସଭା ଆସନ ସହ ସମପରିମାଣର ଇଭିଏମ୍ ଲୋକସଭା ନିର୍ବାଚନ ପାଇଁ ମଧ କମିଶନିଂ କାର୍ଯ୍ୟ ଆରମ୍ଭ କରାଯାଇଛି। କମିଶନିଂ ପରେ ଏହା ପୁନଶ୍ଚ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯିବ ବୋଲି ସୂଚନା ଦେଇଛନ୍ତି।

# ପାହାଡ଼ ଉପରେ ବିତୁଛି ଜୀବନ

ଝୁମ୍ପୁରା, ୧୬।୪(ଡି.ଏନ୍.ଏ.)

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ତଥା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ପାହାଡ଼ ଉପରେ ଥିବା ୩ ଗାଁ କନକନା, ହରିଡ଼ାଯୋଡ଼ି, ଦେଓଝରକୁ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଏ ନେଇ ଲୋକେ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ପାହାଡ଼ ଉପରେ ଅବସ୍ଥିତ ଏହି ୩ଗ୍ରାମର ଦୂରତା ପରସ୍ପରଠାରୁ ୨ରୁ୩କି.ମି. ମଧ୍ୟରେ। ଚାରିଆଡ଼େ ଜଙ୍ଗଲ। ଏକ ପାର୍ଶ୍ୱର ପାହାଡ଼ ତଳେ ପ୍ରବାହିତ ବୈତରଣୀ। ହାତୀ ସହ ଭାଲୁ, ଅନ୍ୟ ବନ୍ୟପ୍ରାଣୀଙ୍କ ଆବାସ ସ୍ଥାନ ଭାବେ କନକନା ଜଙ୍ଗଲ ପରିଚିତ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ୧ନଂ ବୁଥ ହେଉଛି କନକନା। ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଏହି ବୁଥ। ଏଠାରେ ଭୋଟ ଦେଇଥାନ୍ତି କନକନା, ହରିଡାଯୋଡି ଓ ଦେଓଝର ଗ୍ରାମବାସୀ। ୩ ଗ୍ରାମର ଲୋକସଂଖ୍ୟା ୧୨ଶହରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଭୋଟରଙ୍କ ସଂଖ୍ୟା ୮ଶହରୁ ଊର୍ଦ୍ଧ୍ୱ। ସେଠାରେ ରହିଛି ୧୨ରୁ ଊର୍ଦ୍ଧ୍ୱ ବସ୍ତି। ସାଧାରଣତଃ ମୂଲ, ମଜୁରି ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଏଠାକାର ଲୋକେ ଚଳନ୍ତି। ବର୍ଷସାରା ହାତୀ ଭୟ ଲାଗି ରହିଥିବାରୁ ଚାଷକାର୍ଯ୍ୟ ଠପ୍ ହୋଇଥାଏ।

ଏହି ଗ୍ରାମଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶିକ୍ଷା ଆଦି ସମସ୍ୟା ରହିଛି। ପାନୀୟଜଳ ପାଇଁ ନଳକୂପ ଥିଲେ ହେଁ ନାଲିପାଣି ବାହାରୁଛି। ତାହା ପାନୀୟ ଉପଯୋଗୀ ହୋଇପାରୁନି। ପୁଣି କେତେକାଂଶରେ ନଳକୂପ ଅଚଳ ହୋଇ ଦୀର୍ଘଦିନ ଧରି ପଡ଼ି ରହୁଛି। ରାସ୍ତା ନାହିଁ। ଏଠାକାର ବସିନ୍ଦା ପିଡିଏସ୍ ସାମଗ୍ରୀ (ଚାଉଳ, ଗହମ) ନେବା ପାଇଁ ୭କି.ମି. ଜଙ୍ଗଲ ରାସ୍ତାରେ ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। କାନ୍ଧରେ ବୋହି ବିପଦସଙ୍କୁଳ ଭାବେ ପିଡିଏସ୍ ସାମଗ୍ରୀ ନେଇଥାନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ ହୋଇଛି। ୧୦୮, ୧୦୨ ଆମ୍ବୁଲାନ୍ସ ସେବା କଙ୍କଡ଼ାଯୋଡ଼ି ଘାଟି ରାସ୍ତା ଦେଇ କନକନା ଗ୍ରାମରେ ପହଞ୍ଚି ପାରୁଥିଲେ ହେଁ ଦେଓଝର, ହରିଡ଼ାଯୋଡି ଗ୍ରାମକୁ ପହଞ୍ଚିପାରେ ନାହିଁ। ବିଦ୍ୟୁତ୍ ଆଲୋକ ଗ୍ରାମ ଗୁଡିକ ପାଇଁ ସାତସପନ ହୋଇଛି। ନିର୍ବାଚନ ପାଖେଇ ଆସିଥିଲେ ହେଁ କୌଣସି ପ୍ରାର୍ଥୀଙ୍କ ଏହି ଗାଁକୁ ପାଦ ପଡିନି। ନେତାମାନେ ଆସିଲେ ଖାଲି ପ୍ରତିଶ୍ରୁତି ଦେଇଥାନ୍ତି। କୌଣସି କାମ ହୁଏ ନାହିଁ। ଏଥରଭୋଟଦେବାକୁସେମାନେମନାକରିଛନ୍ତି।

## ଜଳଛତ୍ର ଖୋଲିବା ଦାବି

ଛତିଆ,୧୬।୪(ଡି.ଏନ୍.ଏ.)

ଦିନକୁ ଦିନ ଖରାର ପ୍ରକୋପ ବୃଦ୍ଧି ପାଉଥିବାବେଳେ ଛତିଆ ବସ୍‌ଷ୍ଟାଣ୍ଡ ନିକଟରେ ପ୍ରଶାସନ କିମ୍ବା କୌଣସି ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇନାହିଁ। ନିର୍ବାଚନ ପାଖେଇ ଆସୁଥିବାବେଳେ ଜଳଛତ୍ର ଖୋଲିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ବସ୍‌ଷ୍ଟାଣ୍ଡ ନିକଟରୁ ଢେଙ୍କାନାଳ, ଯାଜପୁର ଓ କଟକ ଆଦି ୩ ଜିଲାର ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏତଦ୍‌ବ୍ୟତୀତ ଛତିଆ ମନ୍ଦିରକୁ ଦୈନିକ ଶହ ଶହ ସଂଖ୍ୟାରେ ଭକ୍ତ ଆସିଥାନ୍ତି। ତେଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲିବା ନେଇ ମଙ୍ଗଳବାର ଜନସାଧାରଣ ଦାବି କରିଛନ୍ତି।

# ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି ପ୍ରାର୍ଥୀ

ଧର୍ମଶାଳା,୧୬।୪(ଡି.ଏନ୍.ଏ.)

ଚଳିତ ନିର୍ବାଚନରେ ଧର୍ମଶାଳା ବିଧାନସଭା ଅସନ ପାଇଁ ୧୦ ଜଣ ମଇଦାନକୁ ଓହ୍ଲାଇଛନ୍ତି। ସେଥିମଧ୍ୟରୁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବା ନେଇ ଚର୍ଚ୍ଚା ହେଉଛି। ଏହି କ୍ରମରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ବିଭିନ୍ନ ରଣନୀତି ଆପଣାଇ ଭୋଟରଙ୍କ ପାଖକୁ ଯାଉଛନ୍ତି। ତେବେ ୨୦୧୪ ବିଧାନସଭା ନିର୍ବାଚନରେ ୮ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଏବେ ୧୦ ଜଣ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଧର୍ମଶାଳା ବ୍ଲକର ୪୫ଟି ଏବଂ ରସୁଲପୁର ବ୍ଲକର ୯ଟି ପଞ୍ଚାୟତକୁ ମିଶାଇ ମୋଟ ୫୪ ପଞ୍ଚାୟତକୁ ନେଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଏଠାରେ ୧ଲକ୍ଷ ୫ ହଜାର ୨୧୫ ଜଣ ମହିଳା ଓ ୧ଲକ୍ଷ ୧୪ ହଜାର ୫୨୬ ଜଣ ପୁରୁଷଙ୍କୁ ମିଶାଇ ମୋଟ ୨ଲକ୍ଷ ୧୯ ହଜାର ୭୪୬ ଜଣ ମତଦାତା ରହିଛନ୍ତି। ୨୦୧୪ ଅପେକ୍ଷା ୨୪ ହଜାର ୮୯୩ ଜଣ ନୂତନ ଭୋଟର ନାମ ପଞ୍ଜୀକୃତ କରିଛନ୍ତି। ଅପରପକ୍ଷେ ଚଳିତ ନିର୍ବାଚନରେ ୫ବୁଥ କମ୍ କରାଯାଇ ୨୫୮ଟି ବୁଥ୍ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରମୁଖ ଦଳର ପ୍ରାର୍ଥୀ ଏବେ ମିଶ୍ରଣ ପର୍ବ ଏବଂ ପ୍ରଚାର ଜୋରଦାର ଆରମ୍ଭ କରିଛନ୍ତି। ଏହି କ୍ରମରେ ବିଜେଡି ପ୍ରାର୍ଥୀ ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରଚାର, ପ୍ରସାର ଓ ମିଶ୍ରଣ ପର୍ବରେ ଆଗୁଆ ଥିବା ବେଳେ ଅନ୍ୟ ପ୍ରାର୍ଥୀ ସୋମବାରଠାରୁ ଘରଘର ବୁଲି ନିଜ ପାଇଁ ଭୋଟ ଭିକ୍ଷା କରୁଥିବା ଦେଖାଯାଇଛି। ଚଳିତ ନିର୍ବାଚନରେ ଭାଜପାରୁ ରମେଶ ଚନ୍ଦ୍ର ପରିଡା ତୃତୀୟ ଥର ପାଇଁ, କଂଗ୍ରେସରୁ ସ୍ମୃତିରେଖା ପହୀ, ବିଏସ୍‌ପିରୁ ଦେବବ୍ରତ ରାଉତ, ଏସ୍‌ୟୁସିଆଇରୁ ମଧୁମିତା ସାହୁ, ଅଖିଳ ଭାରତ ହିନ୍ଦୁ ମହାସଭାରୁ ଈଶ୍ୱର ପ୍ରଧାନ ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇ ଘର ଘର ବୁଲି ପ୍ରଚାର କରୁଛନ୍ତି। ଏହିପରି ବିଧାନ ସଭା ପାଇଁ ଏଏନ୍‌ସିରୁ ପ୍ରିୟଦର୍ଶନ ଧୀର, କଳିଙ୍ଗ ସେନାରୁ ରବୀନ୍ଦ୍ର ଧୀର, କୃପା ପାର୍ଟିରୁ ହରମୋହନ କର, ସ୍ୱାଧୀନ ପ୍ରାର୍ଥୀଭାବେ ରାମଚନ୍ଦ୍ର ସିଂ ମଇଦାନକୁ ଓହ୍ଲାଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଚର୍ଚ୍ଚା ହେଉଥିବାବେଳେ ଯୁବ ଭୋଟର ଓ କୃଷକ ନିର୍ଣ୍ଣାୟକ ଭୂମିକା ନେଇ ପାରନ୍ତି ବୋଲି ନିର୍ବାଚନ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

## ମାଛ ଧରିବାକୁ ଯାଇ ଜୀବନ ଗଲା

ଔପଦା,୧୬।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକର ଗଡ଼ସାହି ପଞ୍ଚାୟତ ଅନ୍ତର୍ଗତ ବଡ଼ପଣ୍ଡୁଆ ଗ୍ରାମର ମହେନ୍ଦ୍ର ବିଶ୍ୱାଳ (୫୦) ମଙ୍ଗଳବାର ମଧ୍ୟାହ୍ନ ସମୟରେ ଜାଲ ନେଇ ମାଛ ଧରିବାକୁ ପୋଖରୀକୁ ଯାଇ ପ୍ରାଣ ହରାଇଛନ୍ତି। ମହେନ୍ଦ୍ର ପୋଖରୀରେ ଜାଲ ପକାଉଥିବା ବେଳେ ଅସାବଧାନତାବଶତଃ ତାଙ୍କ ଗୋଡ ଖସିଯାଇଥିଲା। ସେ ପୋଖରୀ ମଝିକୁ ଚାଲିଯିବାରୁ ଅନେକ ସମୟ ପର୍ଯ୍ୟନ୍ତ ଉପରକୁ ଉଠିପାରି ନ ଥିଲେ। ସ୍ଥାନୀୟ ପଡ଼ୋଶୀ ପୋଖରୀ ମଧ୍ୟରେ ପଶି ଖୋଜାଖୋଜି କରି ବହୁ ସମୟ ପରେ ଜାଲ ସହ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ସେ ପୁରା ପାଣି ପିଇ ଯାଇଥିବା ବେଳେ ତାଙ୍କ ଶ୍ୱାସକ୍ରିୟା ବନ୍ଦ ହୋଇଯାଇଥିଲା। ସେ ରେଳବିଭାଗରେ ପଶ୍ଚିମବଙ୍ଗ ସିଆଲଦା ଡିଭିଜନ୍‌ରେ ଚାକିରି କରୁଥିଲେ।

# ଶାସନ୍ଦାରେ ବିଜେଡିର ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମୀ ।

ବିଞ୍ଝାରପୁର,୧୬।୪(ଡି.ଏନ.ଏ.)

ନିର୍ବାଚନକୁ ଦୃଷ୍ଟିରେ ରଖି ଶାସନ୍ଦା ପଞ୍ଚାୟତ ବରୁଣାଠାରେ ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ତଥା ବିଧାୟକ ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଘର ଘର ବୁଲି ଜନସାଧାରଣଙ୍କୁ ଅବଗତ କରିବା ସହ ଜନମତ ସଂଗ୍ରହ କରିଥିଲେ। ଶାସନ୍ଦା ପଞ୍ଚାୟତର ବିଜେଡି ପର୍ଯ୍ୟବେକ୍ଷକ ପ୍ରମୋଦ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ବିଜେଡି ସମର୍ଥକଙ୍କ ସମେତ କାମଦେବ ଧଳ, ସନ୍ତୋଷ କୁମାର ନାୟକ, ମୁରଲୀଧର ବେହେରା, ଦର୍ପନାରାୟଣ ସ୍ୱାଇଁ, ଅଜୟ ସ୍ୱାଇଁ, ତାହିର ଅଲ୍ଲି ଖାନ, ତସ୍ୱର ଅଲ୍ଲୀ, ବାବୁନି ନାୟକ ପ୍ରମୁଖ ଛାମୁଆ ନେତା ଉପସ୍ଥିତ ଥିଲେ। ସେହିପରି ବିତନା, ଆଉଁରୀ ପଞ୍ଚାୟତରେ ବହୁ ଭାଜପା କର୍ମୀ ମାଁସଡାସ୍ଥିତ ପ୍ରାର୍ଥିନୀ ପ୍ରମିଳାଙ୍କ ବାସଭବନରେ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଛନ୍ତି। ଖଗେଶ୍ୱର ମହାନ୍ତି, ରବି ଧଳ, ମହେଶ୍ୱର ରାଉତ, ସମରେନ୍ଦ୍ର ସାହୁ ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

**ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଅଭିଜ୍ଞ-ନବାଗତ ଲଢ଼େଇ**

# ମତଦାନ ଉପରେ ପ୍ରଭାବ ପକାଇପାରେ ସ୍ଥାନୀୟ ସମସ୍ୟା

**ହେମନ୍ତ ନାୟକ**
**ପୁରୀ ଅଫିସ,୧୬।୪**

ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ଆସନ୍ତା ୨୩ ତାରିଖରେ ମତଦାନ ହେବ। ଆଉ ଅଳ୍ପଦିନ ମଧ୍ୟରେ କିଭଳି ଭୋଟରଙ୍କୁ ଆକୃଷ୍ଟ କରିହେବ ସେ ନେଇ ବିଭିନ୍ନ ଦଳୀୟ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଯୋଜନାବଦ୍ଧ ଭାବେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କିଏ ଘରକୁ ଘର ବୁଲୁଛନ୍ତି ତ କେହି ରୋଡ୍ ଶୋ, ସଭା କରୁଛନ୍ତି। ଏଥର ବିଜେଡି ମହେଶ୍ୱର ମହାନ୍ତିଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ଜୟନ୍ତ କୁମାର ଷଡ଼ଙ୍ଗୀ। ସେହିପରି କଂଗ୍ରେସରୁ ଇଂ. ଅରୋପ୍ରସାଦ ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ହେଲେ ପ୍ରାର୍ଥୀ ଘୋଷଣା ପରେ ପ୍ରମୁଖ ତିନିଦଳରେ କନ୍ଦଳ ଓ ଦଳ ଡିଆଁ ଦେଖିବାକୁ ମିଳିଥିଲା। ଗୋଟିଏ ଦଳ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ନେତା ନିଜ ସମର୍ଥକମାନଙ୍କ ସହ ବିରୋଧୀ ଶିବିରରେ ରହିଛନ୍ତି। ଏଭଳି ରୋଚକ ସ୍ଥିତିରେ ଏଥର ଅଭିଜ୍ଞ ଏବଂ ନବାଗତ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଲଢ଼େଇ। ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ଲୋକଙ୍କୁ ଭେଟୁଛନ୍ତି। କିନ୍ତୁ ଏଥର କେତେକ ସ୍ଥାନୀୟ ସମସ୍ୟା ମତଦାନ ଉପରେ ପ୍ରଭାବ ପକାଇପାରେ ବୋଲି ଭୋଟର କହୁଛନ୍ତି।


ମହେଶ୍ୱର ମହାନ୍ତି


ଜୟନ୍ତ କୁମାର ଷଡ଼ଙ୍ଗୀ


ଅରୋପ୍ରସାଦ ମିଶ୍ର

ପ୍ରମୁଖ ଦଳର ପ୍ରାର୍ଥୀମାନଙ୍କୁ ଦେଖିଲେ ମହେଶ୍ୱର ବେଶ୍ ଅଭିଜ୍ଞ। ସେ ଲଗାତର ୫ ଥର ଜିତିଛନ୍ତି। ହେଲେ ତାଙ୍କୁ ଦଳ ଭିତରୁ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ଚଳିତବର୍ଷ ବିଜୁ ଜୟନ୍ତୀ ପାଳନ ବେଳେ ପୁରୀ ବିଜେଡିର ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ ସିଂହଦ୍ୱାରରେ ଦୀପଦାନ କରିଥିଲେ। ଟିକେଟ ପାଇଁ ମଧ୍ୟ କେତେଜଣ ମହେଶ୍ୱରଙ୍କୁ ଖୋଲାଖୋଲି ବିରୋଧ କରିବା ସହ ଆଶାୟୀ ଥିଲେ। କିନ୍ତୁ ଶେଷରେ ମହେଶ୍ୱରଙ୍କ ଉପରେ ବିଜେଡି ସଭାପତି ଭରସା କରିଥିଲେ। ଫଳରେ ବିରୋଧ କରୁଥିବା ଗୋଷ୍ଠୀଙ୍କୁ ନିରାଶ ହେବାକୁ ପଡିଥିଲା। ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ ସମର୍ଥକଙ୍କ ସହ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଦଳରେ କନ୍ଦଳ ଓ ନିର୍ବାଚନୀ ପ୍ରସଙ୍ଗ ନେଇ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି ଯେ, ପୁରୀ ସହରରେ କେବଳ ପର୍ଯ୍ୟଟନ ଶିଳ୍ପ ହିଁ ସମ୍ବଳ। ଏହା ଯେତେ ସମୃଦ୍ଧ ହେବ ରାଜ୍ୟ ଅର୍ଥନୀତି ସେତେ ସୁଦୃଢ଼ ହେବ। ଏହା ହିଁ ବିଜେଡିର ପ୍ରମୁଖ ପ୍ରସଙ୍ଗ। କୌଣସି ଦଳୀୟ କନ୍ଦଳ ନାହିଁ, ଯିଏ କନ୍ଦଳ ସୃଷ୍ଟି କରୁଥିଲେ ସେ ଏବେ ଭାଜପାରେ ଅଛନ୍ତି ବୋଲି ମହାପାତ୍ର କହିଛନ୍ତି।

ବିଜେଡି କନ୍ଦଳର ଫାଇଦା ନେବା ଓ ମହେଶ୍ୱରଙ୍କୁ କଡ଼ା ଟକ୍କର ଦେବା ପାଇଁ ନବାଗତ ଜୟନ୍ତଙ୍କୁ ପ୍ରାର୍ଥୀ କରିଛି ଭାଜପା। ଯଦିଓ ଜୟନ୍ତ ପୌରସଂସ୍ଥା ନିର୍ବାଚନ ଲଢିଛନ୍ତି କିନ୍ତୁ ବିଧାନସଭା ଆସନ ଲାଗି ସେ ସମ୍ପୂର୍ଣ୍ଣ ନୂଆ। ଏଭଳି ସ୍ଥିତିରେ ତାଙ୍କୁ ଭାଜପାର ଏକ ଗୋଷ୍ଠୀ ଖୋଲା ବିରୋଧ କରିଥିଲା। କାରଣ ପୁରୀରୁ ଭାଜପା ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗତଥରର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା। ଜୟନ୍ତ ଭାଜପା ପ୍ରାର୍ଥୀ ହେବା ପରେ କୃଷ୍ଣଚନ୍ଦ୍ର ନିଜ ସମର୍ଥକଙ୍କ ସହ ଭାଜପା ଛାଡି ବିଜେଡିରେ ମିଶିଛନ୍ତି। ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଆମ ଦଳରେ ଆଦୌ କନ୍ଦଳ ନାହିଁ। ବିଧାୟକ ପ୍ରାର୍ଥୀ ଘୋଷଣା ପୂର୍ବରୁ ଯଦିଓ ମତାନ୍ତର ଥିଲା ତାହାର ଏବେ ସମାଧାନ ହୋଇଯାଇଛି। କାରଣ ଯିଏ ଆଶାୟୀ ଥିଲେ ସେ ଏବେ ଭାଜପାରେ ନାହାନ୍ତି। ବର୍ତ୍ତମାନ ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଦଳର ସମସ୍ତେ ଏକ ମନରେ ଲାଗି ପଡିଛନ୍ତି। ଏଥର ନିଶ୍ଚିତ ପୁରୀରେ ଭାଜପାର ବିଜୟ ହେବ। ଭାଜପା ପ୍ରାର୍ଥୀ ଜୟନ୍ତ କହିଛନ୍ତି, ୧୯ ବର୍ଷ ଧରି ଲୋକେ ଆଞ୍ଚଳିକ ଦଳକୁ ଦେଖିଲେ। ଏବେ ଜାତୀୟ ଦଳ ଭାଜପାକୁ ଭୋଟର ଚାହୁଁଛନ୍ତି। ନିଶ୍ଚିତ ଏଥର ପୁରୀରେ ପରିବର୍ତ୍ତନ ହେବ। ରାଜ୍ୟରେ ଏବଂ କେନ୍ଦ୍ରରେ ଭାଜପା ସରକାର ଗଢିବ।

କଂଗ୍ରେସରେ ମଧ୍ୟ ଦେଖିବାକୁ ମିଳିଥିଲା ଟିକେଟ କଳି। ଏକାଧିକ ଆଶାୟୀ ନିର୍ବାଚନ ଲଢିବେ ବୋଲି ଆଶା ବାନ୍ଧିଥିଲେ। ଶେଷରେ ଅରୋପ୍ରସାଦଙ୍କୁ ମିଳିଥିଲା ଟିକେଟ। ଏହା ପରଠାରୁ ପୁରୀ କଂଗ୍ରେସରେ ଅସନ୍ତୋଷ ଦେଖା ଦେଇଥିଲା। ଏପରି କି ପ୍ରାର୍ଥୀ ପରିବର୍ତ୍ତନର ନାରା ଦେଇ ରାସ୍ତାରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ନାମାଙ୍କନ ଦାଖଲର ପୂର୍ବରାତି ପର୍ଯ୍ୟନ୍ତ ଦଳରେ ଏଭଳି ଅସ୍ଥିରତା ଲାଗିରହିଥିଲା। କିନ୍ତୁ ଟିକେଟକୁ ନେଇ ଅସନ୍ତୁଷ୍ଟ ଥିବା ଜିଲା ନେତୃତ୍ୱଙ୍କୁ ମନାଇବାରେ ଅରୋପ୍ରସାଦ ସଫଳ ହୋଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଅରୋପ୍ରସାଦ କହିଛନ୍ତି, କଂଗ୍ରେସର କେତେଜଣ ଲୋକ ଭିତିରିଆ ବିଜେଡି ସହିତ ସମ୍ପର୍କରେ ରହିଥିଲେ। ସେମାନେ ବିଜେଡି ନେତୃତ୍ୱଙ୍କଠାରୁ ଟଙ୍କା ଆଣି କଂଗ୍ରେସ ବିରୋଧରେ କାମ କରୁଥିଲେ। ପ୍ରତି ନିର୍ବାଚନରେ ଏଭଳି ଦଳବିରୋଧୀ କାମ କରୁଥିଲେ। ଏଥର ମଧ୍ୟ ସେହିଭଳି ମନ୍ଦ ଉଦ୍ଦେଶ୍ୟ ରଖିଥିଲେ। ସେମାନଙ୍କ ଅସଲ ମୁଖା ଖୋଲିଯିବାରୁ ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ଏବେ ପୁରୀ କଂଗ୍ରେସରେ କୌଣସି କନ୍ଦଳ ନାହିଁ। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ଦୀର୍ଘବର୍ଷ ଧରି କ୍ଷମତାରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ମଧ୍ୟ ପୁରୀ ପୌରସଂସ୍ଥାର ନଗରପାଳ ରହିଥିଲେ। ଉଭୟେ ପୁରୀ ସହର ପାଇଁ କ'ଣ କାମ କରିଛନ୍ତି ତାହା ସହରବାସୀ ଭଲ ଭାବେ ଜାଣନ୍ତି। କେନ୍ଦ୍ରରେ ମୋଦି ସରକାର ହୁଅନ୍ତୁ କି ଓଡ଼ିଶାରେ ବିଜେଡି ସରକାର, ସେମାନେ ତୃଣମୂଳସ୍ତରର ଲୋକଙ୍କ ପାଇଁ ସେମିତି କୌଣସି ଯୋଜନା କରୁନାହାନ୍ତି। କଂଗ୍ରେସ ସରକାର ଚାଷୀ ଏବଂ ଚାଷର ବିକାଶ ଚିନ୍ତା କରୁଛି ବୋଲି ଅରୋପ୍ରସାଦ କହିଛନ୍ତି।

ଅନ୍ୟପକ୍ଷରେ ଭୋଟରମାନେ କେତେକ ପ୍ରସଙ୍ଗ ଉଠାଉଛନ୍ତି। ଭୋଟର ସରୋଜ କୁମାର ବେହେରା କହିଛନ୍ତି, ପୁରୀ-କୋଣାର୍କ ରାସ୍ତା ସିଦ୍ଧମହାବୀର ଲେଭଲ କ୍ରସିଂଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ପୁରୀବାସୀଙ୍କ ଦୀର୍ଘଦିନର ଏକ ଦାବି। ହେଲେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଗୋଟିଏ ଟ୍ରେନ୍ ପାସ୍ କରିବା ପାଇଁ ଯେତିକି ସମୟ ଫାଟକ ପଡୁଛି ସେହି ସମୟ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡି ଜାମ୍ ହୋଇଯାଉଛି। ଫାଟକ ଉଠିବା ପରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି। ତେଣୁ ଏହି ପ୍ରସଙ୍ଗ ଏଥର ମତଦାନକୁ ପ୍ରଭାବିତ କରିବ। ଅନ୍ୟ ଜଣେ ଭୋଟର ଶ୍ୟାମପ୍ରକାଶ ସେନାପତି କୁହନ୍ତି, ପୁରୀ ସହରର ଏକ ପ୍ରମୁଖ ସମସ୍ୟା ହେଉଛି ଡ୍ରେନେଜ ବ୍ୟବସ୍ଥା। ବର୍ଷା ହେଲେ ଜଳ ନିଷ୍କାସନ ଠିକ୍ ଭାବେ ହୋଇ ନ ଥାଏ। ବଡ଼ଦାଣ୍ଡ ସମେତ ବିଭିନ୍ନ ସାହି, ଗଳିରେ ସ୍ଥିତି ସଙ୍ଗିନ ହୋଇପଡେ। ତେଣୁ ଏହାକୁ ଏକ ପ୍ରସଙ୍ଗ ଭାବି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ସେ ଭାବୁଛନ୍ତି।

# ୧୮ରେ ୨ ବୁଥ୍‌ରେ ସାନି ମତଦାନ

## ମାଲକାନଗିରି ଏମ୍.ପି.ଭି. ୬୫ର ୨୫୪ନଂ ବୁଥ୍ ଓ ବ୍ରହ୍ମପୁର ସିଟି ହାଇସ୍କୁଲ ୬୩ନଂ ବୁଥ୍

**ମାଲକାନଗିରି,(ସ୍ୱ.ପ୍ର.)/ବ୍ରହ୍ମପୁର ଅଫିସ, ୧୬।୪**

ମାଲକାନଗିରି ଜିଲାର ମାଲକାନଗିରି ନିର୍ବାଚନ ମଣ୍ଡଳୀର ୨୫୪ନଂ ବୁଥରେ ସାନି ମତଦାନ ପାଇଁ କେନ୍ଦ୍ର ନିର୍ବାଚନ ଆୟୋଗ ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହି ବୁଥ୍ ରେ ଉଭୟ ନବରଙ୍ଗପୁର ଲୋକସଭା ଏବଂ ମାଲକାନଗିରି ବିଧାନସଭା ପାଇଁ ମତଦାନ ହେବ। ଏସମ୍ପର୍କରେ ମଙ୍ଗଳବାର ମାଲକାନଗିରି ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ୧୮ ତାରିଖ ସାନି ମତଦାନ ଘୋଷଣା ପରେ ଏହି ବୁଥ୍‌ର ଭୋଟରମାନଙ୍କୁ ନିଜ ସପକ୍ଷରେ ନେବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ନେତା ଓ କର୍ମୀମାନେ ଏମ୍.ପି.ଭି.- ୬୫ ଗ୍ରାମରେ ଭିଡ଼ ଜମାଇଛନ୍ତି। ପ୍ରଚାର ନ ହେଲେ ମଧ୍ୟ ବିଭିନ୍ନ ମାଧ୍ୟମରେ ଭୋଟରମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଦଳୀୟ ପ୍ରାର୍ଥୀମାନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି। ଗତ ୧୧ ତାରିଖରେ ଏମ୍.ପି.ଭି.-୬୫ ଗ୍ରାମର ୨୫୪ନଂ ବୁଥ୍‌ରେ ମତଦାନ ହୋଇଥିଲା। ମତଦାନ ପରେ ପ୍ରିଜାଇଡିଂ ଅଫିସର ଇଭିଏମ୍ ଟ୍ୟାମ୍ପରିଂ କରୁଥିବା କେତେକ ବ୍ୟକ୍ତି ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହା ଜାଣିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ସମ୍ପୃକ୍ତ ବୁଥ୍‌ର ପୋଲିଂ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ମାଡ ମାରି ତାଲା ପକାଇ ଦେଇ ଅଟକ ରଖିଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି ଜିଲା ନିର୍ବାଚନ ଅଧିକାରୀ ଅଗ୍ରୱାଲ କେନ୍ଦ୍ର ନିର୍ବାଚନ ଆୟୋଗଙ୍କୁ ୨୫୪ନଂ ବୁଥରେ ପୁନଃ ମତଦାନ କରିବା ପାଇଁ ସୁପାରିଶ କରିଥିଲେ।

ସେହିପରି ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ତଥା ବ୍ରହ୍ମପୁର ସହରର ୬୩ନମ୍ବର ବୁଥ୍‌ରେ ପୁଣିଥରେ ଭୋଟ୍‌ଗ୍ରହଣ କରାଯିବ। ମଙ୍ଗଳବାର ଏ ନେଇ ନିର୍ବାଚନ କମିଶନ୍‌ଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ବ୍ରହ୍ମପୁର ଲୋକସଭା ଏବଂ ବ୍ରହ୍ମପୁର ବିଧାନସଭା ପାଇଁ ମତଦାନ ହେବ। ୧୧ରେ ମତଦାନ ବେଳେ ୬୩ନଂ ବୁଥ୍‌ରେ ମୋଟ ୬୧୧ଜଣ ଭୋଟର୍ ପଞ୍ଜୀକରଣ କରିଥିବା ବେଳେ ୬୩୨ଖଣ୍ଡ ଭୋଟ୍ ପଡ଼ିଥିଲା। ଏହାକୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ବ୍ରହ୍ମପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଦିଗନ୍ତ ରାଉତରାୟ ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ପୁନଃ ମତଦାନ ପାଇଁ ନିର୍ବାଚନ କମିଶନ୍, ଭାରତଙ୍କ ତରଫରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟେ ରିଟର୍ନିଂ ଅଫିସର୍‌ଙ୍କ ତରଫରୁ ମଧ୍ୟ ମଙ୍ଗଳବାର ସର୍ବସାଧାରଣ ନୋଟିସ୍ ପ୍ରକାଶ ପାଇଛି। ୧୮ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାନି ମତଦାନ କରାଯିବ। ସିଟି ହାଇସ୍କୁଲ୍‌ରେ ଏହି ବୁଥ୍ ରହିଛି। ସମସ୍ତ ଭୋଟର୍ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଉପଜିଲାପାଳ ତଥା ରିଟର୍ନିଂ ଅଫିସର୍ ରାଉତରାୟ ଅନୁରୋଧ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ' ବେଳେ ଅଣ୍ଡାମାଡ଼ ଘଟଣା**

# ଅଟକ ବାଳଗୋପାଳଙ୍କ ସମେତ ୧୪ଜଣଙ୍କୁ ଛାଡ଼ିଲା ପୋଲିସ

**ବଲାଙ୍ଗୀର ଅଫିସ,୧୬।୪**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବଲାଙ୍ଗୀର ଜିଲାରେ ମାରାଥନ୍ ରୋଡ ଶୋ' କରିବା ସମୟରେ ଆଗଲପୁର ବ୍ଲକ ସାଲେଭଟାଠାରେ କଳାପତାକା ପ୍ରଦର୍ଶନ ଓ ଅଣ୍ଡାମାଡ ଘଟଣା ଘଟିଥିଲା। ଏହି ଘଟଣାରେ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ଓ ତାଙ୍କ ପୁଅ ଆକାଶ ମିଶ୍ରଙ୍କ ସମେତ ୧୪ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ତେବେ ମଙ୍ଗଳବାର ସମସ୍ତ ଅଟକଙ୍କୁ ଛାଡି ଦିଆଯାଇଛି। ଏହି ଘଟଣାକୁ ନେଇ ଲୋଇସିଂହା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏକ ସ୍ୱତନ୍ତ୍ର ବସ୍‌ରେ ରୋଡ ଶୋ କରି ରାତି ପ୍ରାୟ ୯ଟାରେ ଲୋଇସିଂହା ନିର୍ବାଚନମଣ୍ଡଳୀର ସାଲେଭଟାଠାରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବସ ସାଲେଭଟା ପହଞ୍ଚିବା ପରେ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଘର ନିକଟରୁ କେତେକ ଲୋକ ଅଣ୍ଡା ଫିଙ୍ଗିଥିଲେ। ତେବେ ଫିଙ୍ଗା ଯାଇଥିବା ଅଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଗାଡିରେ ନ ବାଜି କାରକେଡରେ ଥିବା ଗାଡିରେ ବାଜିଥିଲା। ପରେ କେତେକ କାରକେଡ ଗାଡି ଉପରକୁ ଟେକାମାଡ କରାଯାଇଥିଲା। ଏହି ଟେକାମାଡରେ ଗୋଟିଏ ପୋଲିସ ଗାଡି ସମେତ ୪ଟି ଘରୋଇ ଗାଡି କାଚ ଭାଙ୍ଗିଥିଲା।

# ବିଜେପୁରର ବିକାଶ ମୋର ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ବରପାଲି/ବିଜେପୁର/ଗାଇସିଲେଟ୍,୧୬।୪(ଡି.ଏନ୍.ଏ.)**

ଉପନିର୍ବାଚନବେଳେ ବିଜେପୁର ଆସିଥିଲି। ସେତେବେଳେ ଅଞ୍ଚଳବାସୀଙ୍କ ସ୍ନେହ, ଆଦର ବହୁତ ଭଲ ଲାଗିଥିଲା। ନିକଟରେ ଏହି ଅଞ୍ଚଳର ବହୁଲୋକ ଭୁବନେଶ୍ୱର ଯାଇ ମୋତେ ଭେଟିଥିଲେ। ଏପରି କି ବିଜେପୁର ନିର୍ବାଚନ ମଣ୍ଡଳୀରୁ ଲଢ଼ିବା ପାଇଁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମୁଁ ବିଜେପୁରରୁ ଦଳୀୟ ବିଧାନସଭା ପ୍ରାର୍ଥୀ ହୋଇଛି। ଏଣୁ ବିଜେପୁରର ବିକାଶ ହିଁ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ନିର୍ବାଚନୀ ପ୍ରଚାର ଶେଷ ଦିବସରେ ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀକୁ ଆସି ମୁଖ୍ୟମନ୍ତ୍ରୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଭୂମିକୁ ପ୍ରଥମେ ପ୍ରଣାମ ଜଣାଇଥିଲେ। ଏହାପରେ ବରପାଲି, ବିଜେପୁର ଓ ଗାଇସିଲେଟ୍‌ରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ସଫଳତା କଥା କହିଥିଲେ। କେନ୍ଦ୍ରର ଭାଜପା ସରକାର କାଳିଆ ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇ ଥିବାବେଳେ ସେ ଥିବା ପର୍ଯ୍ୟନ୍ତ ସେହି ଯୋଜନାକୁ କେହି ବନ୍ଦ କରି ପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନ ହିଁ ବାକି ସବୁଚାଷୀଙ୍କୁ ୨ଟି କିସ୍ତିରେ ୧୦ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏହା ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାରେ ଭାଜପା ସରକାର ବିଫଳ ହେବା, କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ଦାବି ଉପସ୍ଥାପିତ ହେବା ସତ୍ତ୍ୱେ ସେଥିପ୍ରତି ନୀରବ ରହିବା, ତାଙ୍କ ଦାବି ପରେ ବୁଣାକାରଙ୍କ ଉପରୁ ଜିଏସଟି ହ୍ରାସ ପାଇଥିବା ଆଦି ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ବିଜେପୁର ବିଧାନସଭା ଆସନରୁ ତାଙ୍କୁ ଏବଂ ବରଗଡ଼ ଲୋକ ସଭା ଆସନରୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ବରପାଲିରେ ବଡ଼ଗାଁ ପଡ଼ିଆରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନଙ୍କ ସମେତ ସ୍ଥାନୀୟ ବିଧାୟିକା ରୀତା ସାହୁ, ଏମ୍‌ପି ଡ. ପ୍ରଭାସ ସିଂ, ଭୂପିନ୍ଦର ସିଂ, ପ୍ରମିଳା ବହିଦାର, ଜ୍ୟୋତି ପାଣିଗ୍ରାହୀ, ଗୌରହରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜେପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭାରେ ମନ୍ତ୍ରୀ ସୁଶାନ୍ତ ସିଂ, ଜାନକୀ ମହାପାତ୍ର, ଗତିକୃଷ୍ଣ ମିଶ୍ର, ଦେବାନନ୍ଦ ଗଡ଼ତିଆ, ସୁରୁ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ମାନିନୀ ଭୋଇ, ରଙ୍ଗିଣୀ ମାହାଣା, ଭୀଷ୍ମଦେବ ସରାଫ, ଲଳିତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗାଇସିଲେଟରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ସାହୁ, ପ୍ରଣୟ ସାହୁ, କୀର୍ତ୍ତନ ଦାଶ, କିଶୋର ଦେବତା ପ୍ରମୁଖ ଯୋଗ ଦେଇଥିଲେ।


ବିଜେପୁର ନିର୍ବାଚନୀ ସଭାରେ ଉପସ୍ଥିତ ଜନସାଧାରଣ।

# ଭାଜପାରୁ ୧୫ ନେତା ବହିଷ୍କୃତ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଅନୁଶାସନଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପାରୁ ୧୫ଜଣ ନେତାଙ୍କୁ ମଙ୍ଗଳବାର ବହିଷ୍କୃତ ହୋଇଛନ୍ତି। ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ସେମାନଙ୍କୁ ବହିଷ୍କାର କରାଯାଇଥିବା ଜଣା ପଡ଼ିଛି। ସେମାନେ ହେଲେ ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରରୁ ଯୁଗାଂଶୁ ଶେଖର ପଣ୍ଡା, ଭୁବନେଶ୍ୱର ଏକାମ୍ର ବିଧାନସଭା କ୍ଷେତ୍ରରୁ ଭୀଷ୍ମ ନାରାୟଣ ନାୟକ, ବୋଲଗଡ-ବେଗୁନିଆ ବିଧାନସଭା କ୍ଷେତ୍ରରୁ ରୁଦ୍ର ନାରାୟଣ ବାହିନୀପତି, ରେଢାଖୋଲ ବିଧାନସଭା କ୍ଷେତ୍ରରୁ ସମର ପ୍ରଧାନ, ଚମ୍ପୁଆ ବିଧାନସଭା କ୍ଷେତ୍ରରୁ ଶ୍ରୀମନ୍ତ କୁମାର ତ୍ରିପାଠୀ, କରଞ୍ଜିଆ ବିଧାନସଭା କ୍ଷେତ୍ରରୁ ସମାଇ ଚରଣ ପୁର୍ତି, ବାରବାଟୀ-କଟକ ବିଧାନସଭା କ୍ଷେତ୍ରରୁ ହେମନ୍ତ କୁମାର ବେହେରା, ବାଙ୍ଗିରୀପୋଷୀ ବିଧାନସଭା କ୍ଷେତ୍ରରୁ ଜିତେନ୍ଦ୍ର ପାତ୍ର, କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରୁ ଉର୍ମିଳା ସେଠୀ, ରାଜନଗର ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ବେହେରା, ଯାଜପୁର ବିଧାନସଭା କ୍ଷେତ୍ରରୁ ପ୍ରଦୀପ କୁମାର ବେହୁରିଆ, ବସ୍ତା ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ନାୟକ ଏବଂ ସଚିନ୍ଦ୍ର ଦାସ, ପାଟଣା ବିଧାନସଭା କ୍ଷେତ୍ରରୁ ଅଖିଳ ଚନ୍ଦ୍ର ନାୟକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଥିବା ଭାଜପାର ମୁଖପାତ୍ର ଗୋଲକ ନାଏକ ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି।

**୨ୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ସରିଲା**

# କନ୍ଧମାଳ ଲୋକ ସଭା ଆସନକୁ ନେଇ ଉତ୍କଣ୍ଠା

**ଚିଦାନନ୍ଦ ଜେନା/ରାକେଶ ରାଉତ**
**ଫୁଲବାଣୀ ଅଫିସ, ୧୬।୪**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। କନ୍ଧମାଳ ଲୋକ ସଭା ଏବଂ ଏହା ଅଧୀନ ସମସ୍ତ ବିଧାନସଭା କ୍ଷେତ୍ରରେ ଗୁରୁବାର ଭୋଟ ଗ୍ରହଣ କରାଯିବ। ଲୋକ ସଭା ମଇଦାନରେ ଏକାଧିକ ଦଳର ପ୍ରତିନିଧିତ୍ୱ ଥିଲେ ମଧ୍ୟ ମୁଖ୍ୟ ପ୍ରତିଯୋଗିତା ବିଜେଡି-ଭାଜପା ମଧ୍ୟରେ ହେଉଥିବା ଦେଖିବାକୁ ମିଳୁଛି। ବିଜେଡିରୁ ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ପରେ ଚଳିତ ସାଧାରଣ ନିର୍ବାଚନରେ ବିଧାନସଭା ପ୍ରାର୍ଥୀଙ୍କ ଅପେକ୍ଷା ଏମ୍‌ପି ପ୍ରାର୍ଥୀଙ୍କୁ ନେଇ ଏଠାରେ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ରହିଥିବା କୁହାଯାଉଛି। ଏମିତି କି ଏମ୍‌ପି ପ୍ରାର୍ଥୀଙ୍କ ଲୋକପ୍ରିୟତା ଏବଂ ଗ୍ରହଣୀୟତା ହିଁ ବିଧାୟକ ପ୍ରାର୍ଥୀଙ୍କ ଜିତିବା, ହାରିବାକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି।

ପୂର୍ବରୁ ଏହି ଆସନରୁ ବିଜେଡିର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଜିତିଥିଲେ। ଦଳ ଟିକେଟ ନ ଦେବାରୁ ଏବେ ସେ ଭାଜପାରେ ଯୋଗ ଦେଇଛନ୍ତି। ତେବେ କନ୍ଧମାଳ ଲୋକ ସଭା କ୍ଷେତ୍ରରେ ରାଜେଶ୍ୱରୀଙ୍କୁ ଏତେଟା ପ୍ରଚାର କରୁଥିବା ଦେଖିବାକୁ ମିଳୁନାହିଁ। ରାଜେଶ୍ୱରୀଙ୍କ ସ୍ୱାମୀ ହେମେନ୍ଦ୍ର ସିଂ ୨୦୧୪ରେ କନ୍ଧମାଳ ଆସନରୁ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ତେବେ ତାଙ୍କର ଅକାଳମୃତ୍ୟୁ ହେବା ପରେ ଏଠାରେ ଉପନିର୍ବାଚନ ହୋଇଥିଲା। ସେଥିରେ ପ୍ରତ୍ୟୁଷା ଭାଜପା ପ୍ରାର୍ଥୀ ରୁଦ୍ରମାଧବ ରାୟଙ୍କୁ ଲକ୍ଷାଧିକ ଭୋଟରେ ପରାଜିତ କରିଥିଲେ। ବର୍ତ୍ତମାନ କନ୍ଧମାଳରେ ରାଜନୈତିକ ପାଣିପାଗରେ ପରିବର୍ତ୍ତନ ହୋଇଛି। ଶାସକ ବିଜେଡିର ପୂର୍ବସ୍ଥିତି ମଧ୍ୟ ଆଉ ନାହିଁ। ଦଳୀୟ ସଙ୍ଗଠନ ନାରେ କିଛିଟା ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ସେହିପରି ଦଳ ମହିଳା, ଆଦିବାସୀ ଏବଂ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭୋଟ୍ ଉପରେ ମଧ୍ୟ ନିର୍ଭରଶୀଳ। ତେଣୁ ପାରମ୍ପରିକ ଭୋଟ ବ୍ୟାଙ୍କ ହାତେଇ ବିଜେଡି ପୁଣିଥରେ ଜିତିବାକୁ ଚେଷ୍ଟା କରୁଛି। ସେହିପରି ସାରା ରାଜ୍ୟରେ ଭାଜପା ପ୍ରତି ଜନସମର୍ଥନ ବଢିବାରେ ଲାଗିଛି। ହେଲେ ଏହି ଜନସମର୍ଥନ କେତେ ପରିମାଣରେ ଭୋଟରେ ରୂପାନ୍ତରିତ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ କଂଗ୍ରେସ କେଉଁଠି ନା କେଉଁଠି ବହୁତ ପଛରେ ପଡ଼ି ଯାଉଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏଠାରେ ବିଜେଡିର ବିକଳ୍ପ ଭାବେ ଭାଜପା ଉଭା ହୋଇଥିବା କୁହାଯାଉଛି।

ମଙ୍ଗଳବାର ପ୍ରଚାରର ଶେଷ ଦିନରେ କନ୍ଧମାଳରେ ୩ପ୍ରମୁଖ ଦଳ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଜେଡି ପକ୍ଷରୁ ଏମ୍‌ପି ପ୍ରାର୍ଥୀ ସାମନ୍ତ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ପ୍ରଚାର କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ଫୁଲବାଣୀରେ ପ୍ରଚାର କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଖାରାବେଳ ଜି. ଉଦୟଗିରି ଏବଂ ଫିରିଙ୍ଗିଆରେ ପ୍ରଚାର କରିଛନ୍ତି। ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ଭୋଟ ବିଭାଜନର ସମ୍ଭାବନା ଦେଖାଦେଇଛି। ବିଜେଡି ନିଜର କିଛି ପାରମ୍ପରିକ ଭୋଟ ବ୍ୟାଙ୍କ ସହ ଏକ ସମ୍ପ୍ରଦାୟର ଭୋଟ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ଭାଜପା ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭୋଟ ଉପରେ ନଜର ରଖିଛି। ଭଞ୍ଜନଗର, ଦଶପଲ୍ଲା, ବୌଦ୍ଧ ଏବଂ କଣ୍ଟାମାଳରେ ଭାଜପା ପ୍ରାର୍ଥୀଙ୍କ ପ୍ରତି ପୂର୍ବାପେକ୍ଷା ସମର୍ଥନ ବଢିଥିବା ରାଜନୈତିକ ସମୀକ୍ଷକ ଆଲୋଚନା କରୁଛନ୍ତି। ତେଣୁ ଭାଜପା କେତେ ଭୋଟ ହାତଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ବିଜେଡିର ଜନୈକ ସ୍ଥାନୀୟ ନେତା ନାମ ଗୋପନ କରି କହିଛନ୍ତି ଜି.ଉଦୟଗିରିକୁ ବାଦ୍ ଦେଇ ବିଜେଡି ସବୁ ଆସନରୁ ଅଗ୍ରଣୀ ନେବାର ସମ୍ଭାବନା ଅଧିକ। ତେଣୁ ଏମ୍‌ପି ପ୍ରାର୍ଥୀଙ୍କୁ ଜିତିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି। ସେହିପରି କଂଗ୍ରେସର ଏମ୍‌ପି ପ୍ରାର୍ଥୀ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ହୋଇଥିବାରୁ ଦଳ ସ୍ଥାନୀୟ ଭୋଟକୁ ହାତେଇବାର ଲକ୍ଷ୍ୟ ରଖିଛି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା,୧୬।୪(ସ୍ୱ.ପ୍ର.):** ବାଲିକୁଦା ପୋଲିସ ସୋମବାର ରାତିରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଡେଙ୍ଗାପୋଲ ଅଞ୍ଚଳର ଗୋଲିଆ ସାହୁ ଓରଫ୍ ରବୀନ୍ଦ୍ର କୁମାର ସାହୁ। ତାଙ୍କ ନାମରେ ବାଲିକୁଦା ଥାନାରେ ମାମଲା ନଂ. ୩୦୯/୧୬ ରୁଜୁ ହୋଇଛି। ସେ ଅଦାଲତରେ ହାଜିର ହେଉ ନ ଥିବାରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ଚଢାଉ କରି ଡେଙ୍ଗାପୋଲଠାରୁ ତାଙ୍କୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା।

### ୧୯ରୁ ବାଦୀ ପାଲା

**ବାଲିଆ, ୧୬।୪:** ଜଗତସିଂହପୁର ଜିଲା ବୀରବରପାଟଣାର ସତ୍ୟପୀର ଅନୁଷ୍ଠାନ ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରେ ପାରମ୍ପରିକ ବାଦୀପାଲା ଅନୁଷ୍ଠିତ ହେବ। ଦୀର୍ଘ ୧୧ବର୍ଷ ହେଲା ଏଠାରେ ବାଦୀପାଲା ପ୍ରତିଯୋଗିତା ହୋଇଆସୁଛି। ଏହାକୁ ଅନୁଷ୍ଠାନର ମୁଖ୍ୟ ଆବାହକ ଅକ୍ଷୟ କୁମାର ନାୟକ, ବିଭୁତି ଭୁଷଣ ନାୟକ, ଦିବାକର ସାହୁ, ବ୍ରଜବନ୍ଧୁ ପୃଷ୍ଟି, ଉପେନ୍ଦ୍ର ନାଥ ପତି, ବିପ୍ରଚରଣ ନାୟକ ସଞ୍ଚାଳନା କରୁଥିବାବେଳେ ଗ୍ରାମବାସୀ ପୂର୍ଣ୍ଣ ସହାୟତା କରିଥାନ୍ତି। ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବାଦୀପାଲା ପ୍ରତିଯୋଗିତାରେ ଓଡ଼ିଶାର ଦୁଇ ସୁନାମଧନ୍ୟ ଗାୟିକା କେନ୍ଦ୍ରାପଡ଼ାର କଳ୍ପନା ନାୟକ ଓ ଆଠଗଡର ଲକ୍ଷ୍ମୀପ୍ରିୟା ସାହୁ ଯୋଗଦେଇ ପାଲା ପରିବେଷଣ କରିବେ ବୋଲି ଆବାହକ ନାୟକ କହିଛନ୍ତି।

### ସାରଦା ଏକାଡେମୀ ୧୯୮୧ ବ୍ୟାଚର ବିଷୁବମିଳନ

**ତିର୍ତ୍ତୋଲ,୧୬।୪(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ସାରଦା ଏକାଡେମୀର ୧୯୮୧ ବ୍ୟାଚ ପୁରାତନ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ ତରଫରୁ ଶାରଳାପୀଠ ବସନ୍ତ ବଗିଚାଠାରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଗଠନର ପରାମର୍ଶଦାତା କମିଟି ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ମହାନ୍ତି, କାର୍ଯ୍ୟକାରୀ କମିଟି ସଭାପତି ଭକ୍ତରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବିଷୁବ ମିଳନ ଅବସରରେ ଓଡିଶାର ରୀତିନୀତି ସଂସ୍କୃତି ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ରଜ ମହୋତ୍ସବକୁ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି ବ୍ୟାଚ୍‌ର ସହପାଠୀ ଆଡଭୋକେଟ ବିଭୂତି ଭୂଷଣ ପଣ୍ଡା, କିଶୋର ମନୋହରୀ, ଡଃ ନିଗମାନନ୍ଦ ଜେନା, ଅକ୍ଷୟ ତାରେଣିଆ, ଭୈରବ ବ୍ରହ୍ମ, ପ୍ରଭାତ ଭୋଇ, ପ୍ରିୟବ୍ରତ ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର, ପ୍ରସନ୍ନ ସାହୁ, କୁଞ୍ଜଲତା ବିଶ୍ୱାଳ, କୁନ୍ତଳା ଦାଶ, ଜୟଶ୍ରୀ ମହାନ୍ତି, ଅନୁପମା ବିଶ୍ୱାଳ, ବାସନ୍ତୀ ଦାସ, ଯଶୋବନ୍ତି ପଣ୍ଡା, ପୁଷ୍ପଶ୍ରୀ ସାହୁ, ଅଞ୍ଜଳି ରାଉତ, ସରସ୍ୱତୀ ନନ୍ଦ, ଶକୁନ୍ତଳା ଦାସ, ଶଶୀରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସମରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ଶାରଳା ମଣ୍ଡଳ କୈବର୍ତ୍ତ ମହାସଭା ବୈଠକ

**କୁଜଙ୍ଗ,୧୬।୪(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ଶାରଳା ମଣ୍ଡଳ କୈବର୍ତ୍ତ ମହାସଭାର ସାଙ୍ଗଠନିକ ବୈଠକ କନକପୁର ସ୍ଥିତ ମା' ଶାରଳା ପୀଠରେ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ତଥା କୁଜଙ୍ଗର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କୈବର୍ତ୍ତ ଜାତିର ପାରମ୍ପରିକ ସମସ୍ୟା ସମାଧାନ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା। ଜଗତସିଂହପୁର ଜିଲାର ୮ ବ୍ଲକ୍‌ର ହଜାର ହଜାର କୈବର୍ତ୍ତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧିକାରୀ ବଂଶୀଧର ଦାସ, ସମ୍ପାଦକ ନିରଞ୍ଜନ ରାଉତ, କ୍ଷୀରୋଦ କୁମାର ବେହେରା, ଅକ୍ଷୟ ବେହେରା, ମିହିର ବେହେରା, ବିଜୟ ଖଟୁଆ, ଛବିନ୍ଦ୍ର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲା ସଭାପତି ଲକ୍ଷ୍ମଣ ବେହେରା, ବିଷ୍ଣୁ ଚରଣ ବେହେରା, କୁଳମଣି ବେହେରା, ଦିଲୀପ ମହାପାତ୍ର ଓ ଅଜୟ ଚୌଧୁରୀ ଯୋଗଦେଇ ଜାତିର ଗଠନମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମା' ବାଉଳେଇ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ସଭାପତି ଅନୁରୋଧ କରିଥିଲେ। କୁଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ଯୋଗଦେଇ ଜାତି ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ମହିଳାମାନେ ଏହି କାର୍ଯ୍ୟରେ ସାମିଲ ହେବାକୁ ନିବେଦନ କରିଥିଲେ।

# କର୍ମୀଙ୍କୁ ଏକତ୍ରିତ କରୁଛନ୍ତି ପ୍ରାର୍ଥୀ

**ବାଲିକୁଦା,୧୬।୪(ସ୍ୱ.ପ୍ର.)**



ବାଲିକୁଦାରେ ବିଜେଡିର କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

■ବିଜେଡିର କର୍ମୀ ସମ୍ମିଳନୀ
■ବିଜେଡିରେ ମିଶିଲେ ଭାଜପା ଓ କଂଗ୍ରେସ କର୍ମୀ

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତର ଗୋଠପଡ଼ିଆଠାରେ ବିଜେଡିର ଏକ କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଛି। ଅପଣ୍ଡରା ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଯୋଗଦେଇ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଏମ୍‌ପି ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବା ପାଇଁ କହିଥିଲେ। ଏଥିସହିତ ସେ କଂଗ୍ରେସ ଓ ଭାଜପାକୁ କଟୁ ସମାଲୋଚନା କରିବା ସହିତ ରାଜ୍ୟରେ ନବୀନ ସରକାର ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ମହିଳା ସଶକ୍ତୀକରଣ ଦିଗରେ ନବୀନଙ୍କ ଭୂମିକା, ମହାନଦୀରେ ଛତିଶଗଡ଼ ସରାକରଙ୍କ ବେଆଇନ ବ୍ୟାରେଜ୍ ନିର୍ମାଣ ଓ ଚାଷୀ ସମସ୍ୟା ଉଠାଇ ସେ ଭାଜପାକୁ ଟାର୍ଗେଟ କରିଥିଲେ। ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ଦାସ ଯୋଗଦେଇ ନବୀନଙ୍କ ସ୍ୱଚ୍ଛ ଶାସନକୁ ଆଗେଇ ନେଇ ପ୍ରଗତିଶୀଳ ଓଡ଼ିଶା ଗଠନ କରିବାକୁ ହେଲେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତି, ବ୍ଲକ ବିଜେଡି କୃଷକ ସେଲ ସଭାପତି ସନ୍ତୋଷ ରାୟ, ସରପଞ୍ଚ ଶରତ ସେଠୀ, ସମିତି ସଭ୍ୟ ବିକ୍ରମ ସେଠୀ, ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ଶିବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ଅପଣ୍ଡରା ପଞ୍ଚାୟତରେ ବିଜେଡି ପ୍ରତି ବିପୁଳ ଜନସମର୍ଥନ ସୃଷ୍ଟି କରିବାକୁ କହିଥିଲେ। ଏହି ଅବସରରେ ଅପଣ୍ଡରା ଗାଁର ମାନସ ଜେନା, ଜଗା ସ୍ୱାଇଁ, ଶ୍ରୀବନ୍ତପୁରର ନାଟୁ ବାରିକ, ଦିବାକର ମହାନ୍ତି, ଧ୍ରୁବ ମହାନ୍ତି, ଛଇଳ ରାଉତ, ପ୍ରଶାନ୍ତ ମଲ୍ଲ, ଅନିଲ ଦାସ, ଯଦୁମଣି ସ୍ୱାଇଁ, ସୁରେଶ ବାରିକ, ରମା ଦାସ ପ୍ରମୁଖ କଂଗ୍ରେସ ଓ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ।

# ପ୍ରଚାରକୁ ଅଡୁଆ ଗ୍ରୀଷ୍ମ ପ୍ରବାହ

**ଜଗତ୍‌ସିଂହପୁର ଅଫିସ,୧୬।୪**

■ଦିନରେ କର୍ମୀ ସମ୍ମିଳନୀ, ସନ୍ଧ୍ୟାରେ ପଦଯାତ୍ରା
■ପୂର୍ବାହ୍ନ ୧୦ ପରେ ଘରୁ ବାହାରିବା କଷ୍ଟ

ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢି ଚାଲିଛି। ମଙ୍ଗଳବାର ଜଗତ୍‌ସିଂହପୁରର ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ହୋଇଥିବା କୁହାଯାଉଥିଲେ ସୁଦ୍ଧା ବାସ୍ତବରେ ଏହା ୪୩ ଡିଗ୍ରୀ ସେଲ୍‌ସିୟସ ପରି ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା କଷ୍ଟକର ହେଉଛି। ସେପଟେ ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରାର୍ଥୀମାନେ କର୍ମୀ ସମ୍ମିଳନୀ ଓ କ୍ୟାମ୍ପେନିଂ ଆଦି କରିବାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ଆସନ ସମେତ ଏମ୍‌ପି ସିଟ୍ ପାଇଁ ୪ର୍ଥ ପର୍ଯ୍ୟାୟ ଅର୍ଥାତ ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବ। ତେଣୁ ପ୍ରାର୍ଥୀମାନେ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଶୀତତାପ ନିୟନ୍ତ୍ରିତ କୋଠରୀ ଓ କାର ଆଦିରେ ଯାତାୟାତ କରୁଥିବା ନେତାମାନେ ବାଧ୍ୟବାଧକତାରେ ପ୍ରବଳ ଖରାରେ ଲୋକଙ୍କ ପାଖକୁ ଯାଉଛନ୍ତି। ଅନେକ ନେତା ଦିନରେ କେବଳ କୋଠରୀରେ ବୈଠକ ଓ ସମ୍ମିଳନୀ ଆଦି କରୁଥିବାବେଳେ ସକାଳ ଓ ସନ୍ଧ୍ୟା ପରେ ଗାଁକୁ ଗାଁ ବୁଲୁଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ଯୋଗୁ କେତେକ ନେତା ଅସୁସ୍ଥ ହୋଇପଡୁଛନ୍ତି। ତିର୍ତ୍ତୋଲ ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ମଇଦାନକୁ ଓହ୍ଲାଇଥିବା ବରିଷ୍ଠ ନେତା ବିଷ୍ଣୁ ଚରଣ ଦାସ ନିକଟରେ ଶୋଭାଯାତ୍ରାରେ ଯାଉଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆଶୁ ଚିକିତ୍ସା କରାଯିବା ପରେ ସୁସ୍ଥ ହୋଇଥିଲେ। ଜଗତ୍‌ସିଂହପୁର, ପାରାଦୀପ, ବାଲିକୁଦା-ଏରସମା ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଅନେକ ପ୍ରାର୍ଥୀ ଅଂଶୁଘାତ ଭୟରେ ଦିନବେଳା ଶୋଭାଯାତ୍ରା ଆଦି କରିବାକୁ ଚାହୁଁନାହାନ୍ତି।

# ଭାଜପାର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

**ବାଲିକୁଦା,୧୬।୪(ସ୍ୱ.ପ୍ର.)**



ସମ୍ମିଳନୀରେ ଭାଜପା ପ୍ରାର୍ଥୀ ଦାମୋଦର ରାଉତ ଓ ଅନ୍ୟମାନେ।

■ଦଳରେ ସାମିଲ ହେଲେ ବହୁ କର୍ମୀ
■୨୧ରେ ଆସିବେ ଧର୍ମେନ୍ଦ୍ର

ବଡ଼ଗାଁ ପଞ୍ଚାୟତ ନୂଆଗାଁ ସ୍ଥିତ ମା' କରକେଇଙ୍କ ପୀଠରେ ବାଲିକୁଦା ଭାଜପାର ୩ ନମ୍ବର ଜିଲା ପରିଷଦ ଜୋନ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୋରିକିନା ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଡା. ଦାମୋଦର ରାଉତ ଯୋଗଦେଇ ନବୀନ ସରକାରଙ୍କ ଉପରେ ବର୍ଷିବା ସହ କଂଗ୍ରେସକୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ। କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଡା. ରାଉତଙ୍କୁ କଣିଆ ଗାଁମୁଣ୍ଡରୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ବରିଷ୍ଠ ଭାଜପା ନେତା ସଞ୍ଜୟ କୁମାର ମହାନ୍ତି, ଶିବବ୍ରତ ଦାସ, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟା ଅମିତା ଦାସ ପ୍ରମୁଖ ଯୋଗଦେଇ ଭାଜପା ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ବିଜୟୀ କରିବାକୁ ସମସ୍ତେ ଏକିତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାର ୪ ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ଏଥିରେ ନେତାମାନେ ପ୍ରକାଶ କରିଥିଲେ। ଆସନ୍ତା ୨୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲିକୁଦା-ଏରସମା ଗସ୍ତରେ ଆସି ପ୍ରଚାର କରିବାକୁ ଥିବାରୁ ତାଙ୍କ ଗସ୍ତକୁ ସଫଳ କରିବା ପାଇଁ ଡା. ରାଉତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସମେତ ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରପଡ଼ାର ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମଧ୍ୟ ଆସିବେ ବୋଲି ସେ ସୂଚନା ଦେଇଥିଲେ। ବୋରିକିନା କଲେଜ ପଡିଆରେ ହେବାକୁ ଥିବା ନିର୍ବାଚନୀ ସଭାରେ ସେମାନେ ଉଦ୍‌ବୋଧନ ଦେବେ।

ଏହି ଅବସରରେ ବସନ୍ତ ମହାନ୍ତି, ତ୍ରିଲୋଚନ ସାସମଲ, ସତ୍ୟପ୍ରିୟ ଦାସ, ତପନ ଲେଙ୍କା, ବିଶ୍ୱରଞ୍ଜନ ଜେନା, କମଳାକାନ୍ତ ସାମଲ, ପ୍ରତାପ ସ୍ୱାଇଁ, ରାଜକିଶୋର ଦାସ, ସଞ୍ଜୟ ସ୍ୱାଇଁ, କାହ୍ନା ମଲ୍ଲିକ, ବିଜୟ ସାହୁ, କସ୍ତୁରୀ ସ୍ୱାଇଁ, ମଙ୍ଗୁଳି ସ୍ୱାଇଁ ପ୍ରମୁଖ ଭାଜପାରେ ମିଶିଥିଲେ। ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଖାଲି ପଡିଥିବା ତିନି ମଣ୍ଡଳର ସଭାପତି ନିଯୁକ୍ତ କରାଯାଇଥିଲା। ବାଲିକୁଦା ମଣ୍ଡଳ ସଭାପତି ଭାବେ ପ୍ରଶାନ୍ତ ଦାସ, ନହରଣା ମଣ୍ଡଳ ସଭାପତି ଭାବେ ପ୍ରଦୀପ୍ତ ସ୍ୱାଇଁ ଓ ଏରସମା ମଣ୍ଡଳ ସଭାପତି ଭାବେ ପବିତ୍ର ଛାଟୋଇଙ୍କୁ ମନୋନିତ କରାଯାଇଥିଲା।

# ପ୍ରଭୃତି ବିଜେଡି ସହପର୍ଯ୍ୟବେକ୍ଷକ

**ତିର୍ତ୍ତୋଲ,୧୬।୪(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ଗ୍ରାମର ବିଜେଡି ନେତା ତଥା କଟକ ଜୋନ ବିଜେଡି ଉପସଭାପତି ପ୍ରଭୃତି ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ସେ କୋରାପୁଟ ସିମିଳିଗୁଡ଼ା ବ୍ଲକର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେଠାରେ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଏଥିପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତି ପାଇଁ ଜଗତ୍‌ସିଂହପୁର ଜିଲା ଛାତ୍ର ଓ ଯୁବ ବିଜେଡି ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କର୍ମୀଙ୍କୁ ସଂଗଠିତ କଲେ ଲଲାଟେନ୍ଦୁ

**ଏରସମା,୧୬।୪(ସ୍ୱ.ପ୍ର.)**

ଏରସମା ବ୍ଲକ କାଣିପଦାସ୍ଥିତ ଜାମୁମଠ ପରିସରରେ କଂଗ୍ରେସର ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରାର୍ଥୀ ଡ. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ଚଳିତ ନିର୍ବାଚନରେ ସମସ୍ତେ ଏକତ୍ରିତ ହୋଇ ଦଳୀୟ ପ୍ରାର୍ଥୀଙ୍କ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ତାଙ୍କ ପିତା ବାସୁଦେବ ମହାପାତ୍ର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଭାବରେ ସୁନାମ ଅର୍ଜନ କରିଥିଲେ ମଧ୍ୟ ଶେଷ ସମୟରେ ତାଙ୍କ ପାଶବୁକରେ ମାତ୍ର ୫୪ ହଜାର ଟଙ୍କା ଥିଲା। ସେଭଳି ଏକ ପରିବାରରୁ ସେ ଆସିଛନ୍ତି। ସୁଯୋଗ ମିଳିଲେ ସେ ଲୋକଙ୍କ ସେବାରେ ଅବଶିଷ୍ଟ ଜୀବନ ଅତିବାହିତ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି ବୋଲି କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିଜରାଜ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିସିସି ସଦସ୍ୟ ତଥା ପଲିକଣ୍ଟା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ ଯୋଗଦେଇ କହିଲେ ଯେ ଦଳଗତ ନିର୍ବିଶେଷରେ ସାଧାରଣ ଜନତାଙ୍କ ହିତ ସାଧନ ପାଇଁ ମହାପାତ୍ର ଯେଉଁ ପରିସ୍ଥିତିରେ ଥିଲେ ମଧ୍ୟ ଏରସମା ଦୌଡ଼ି ଆସନ୍ତି। ପ୍ରତ୍ୟେକ ତାଙ୍କୁ ସମର୍ଥନ ଦେବା ଏକାନ୍ତ ବାଞ୍ଛନୀୟ। ସଭାରେ ଏରସମା ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ଗଡ଼ହରିଶପୁର ସରପଞ୍ଚ ଭୀମସେନ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବୈଷ୍ଣବ ଚରଣ ନାୟକ, ପୂର୍ବତନ ସମିତି ସଭ୍ୟ ଚିତ୍ରସେନ ଦାସ, ପୂର୍ବତନ ସରପଞ୍ଚ ନରେଶ ସ୍ୱାଇଁ, ଯୁବନେତା ନଳିନୀ ସ୍ୱାଇଁ, ଅଭିଳାଷ ବିଶ୍ୱାଳ, ଦୀପ୍ତିରାଣୀ ପ୍ରଧାନ, ସୁଧାକର ଖଟୁଆ, ରବୀନ୍ଦ୍ର ମୁଦୁଲି, ଅମୂଲ୍ୟ ସାହ, ରମେଶ ଦାଶ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



ଏରସମାରେ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କ କର୍ମୀ ସମ୍ମିଳନୀ।

# ନିର୍ବାଚନ ଅଧିକାରୀଙ୍କୁ ତାଲିମ

**ବିରିଡ଼ି,୧୬।୪(ଡି.ଏନ.ଏ.)**

ତିର୍ତ୍ତୋଲ ବିଧାନସଭା ଓ ଜଗତ୍‌ସିଂହପୁର ଲୋକସଭା ଆସନ ପାଇଁ ଏପ୍ରିଲ ୨୯ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ବିରିଡ଼ି ବ୍ଲକ ଅଧୀନରେ ୭୭ ବୁଥ କରାଯାଇଛି। ପ୍ରତି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର ଓ ୫ ଜଣ ପୋଲିଂ ଅଫିସର ନିଯୁକ୍ତ କରାଯାଇଛି। ସେମାନେ ନିର୍ବାଚନ ପରିଚାଳନା କରିବା ପାଇଁ ମଙ୍ଗଳବାର ତୃତୀୟ ପର୍ଯ୍ୟାୟରେ ହାଜିପୁର ସ୍ଥିତ ଧାନଚନ୍ଦ୍ର କଲେଜରେ ତାଲିମ ନେଇଛନ୍ତି। ଏହି କ୍ରମରେ ୧୨୬ ଜଣଙ୍କୁ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶନିବାର ପର୍ଯ୍ୟନ୍ତ ଚାଲିବ। ଏଠାରେ ମୋଟ ୪୬୨ ଜଣ ନିର୍ବାଚନ ଅଧିକାରୀ ତାଲିମ ଗ୍ରହଣ କରିବେ। ସେଥିମଧ୍ୟରୁ ୭୭ ଜଣ ପ୍ରିଜାଇଡିଂ ଅଫିସର ଅଛନ୍ତି।

# ବିଲ୍ ପାଇପାରୁ ନାହାନ୍ତି ଶ୍ରମିକ ନେତା

**ବାଲିକୁଦା,୧୬।୪(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କାର୍ଯ୍ୟାଳୟର କିରାଣି ଦୀର୍ଘଦିନ ହେଲା ଜିଲା ମୁଖ୍ୟ କାର୍ଯ୍ୟାଳୟ (କଲେକ୍ଟୋରେଟ୍)ରେ କାର୍ଯ୍ୟ କରୁଛନ୍ତି। ବ୍ଲକ ଉନ୍ନୟନ ବିଭାଗର ଦାୟିତ୍ୱ ସେ କାହାକୁ ଦେଇନାହାନ୍ତି। ତେଣୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କରିଥିବା ଶ୍ରମିକନେତାମାନେ ବିଲ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ତେଣୁ କିରାଣୀଙ୍କ ଅନପସ୍ଥିତିରେ ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଉତ୍ତମ ଚରଣ ଶତପଥୀ, ଦେବାଶିଷ ବିଶ୍ୱାଳ, ମହେଶ୍ୱର ମଲ୍ଲିକ, ପ୍ରମୋଦ କୁମାର ଷଡଙ୍ଗି, ପ୍ରଶାନ୍ତ ପଣ୍ଡା, ବିରଞ୍ଚିନାରାୟନ ପଣ୍ଡା, ପ୍ରକାଶ ପରିଜା, ନାରାୟଣ ଦାସ ଓ ଶଙ୍କର୍ଷଣ ବାରିକ ପ୍ରମୁଖ ବିଡିଓଙ୍କ ପରାମର୍ଶ ଲୋଡିଥିଲେ। ମାତ୍ର ବିଡିଓ କଲ୍ୟାଣୀ ପଟ୍ଟନାୟକ ମଧ୍ୟ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହି ଜିଲା କାର୍ଯ୍ୟାଳୟରେ ଥିବାରୁ ସେମାନେ ବ୍ଲକ ମୁଖ୍ୟ କିରାଣୀ ସୁଦର୍ଶନ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଉନ୍ନୟନ ବିଭାଗ କିରାଣିଙ୍କ ଅନୁପସ୍ଥିତି ପାଇଁ ବିଭିନ୍ନ ପଞ୍ଚାୟତରେ ଆମ ଗାଁ ଆମ ବିକାଶ, ବିଧାୟକ ପାଣ୍ଠି, ଏମ୍‌ପିଙ୍କ ଉନ୍ନୟନ ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠି, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦି ଅର୍ଥରେ ହୋଇଥିବା କାର୍ଯ୍ୟର ବିଲ ଆଗେଇ ନ ପାରି ପଡ଼ିରହିଛି। ଏ ସମ୍ପର୍କରେ ବିଡିଓ କଲ୍ୟାଣୀ ପଟ୍ଟନାୟକ କହିଛନ୍ତି, ନିର୍ବାଚନ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ ଅଛନ୍ତି। ଏତେ ଦିନ ଗଲାଣି, ଆଉ ଦିନ କେଇଟା ଅପେକ୍ଷା କଲେ ସବୁ କାର୍ଯ୍ୟ ଠିକ୍ ହୋଇଯିବ।

# ମା' ଜାଗୁଳାଈ ପୀଠରେ ପଞ୍ଚୁଦୋଳ ମେଳଣ

**ନାଉଗାଁ,୧୬।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିହୁଡ଼ାସ୍ଥିତ ମା ଜାଗୁଳାଇଙ୍କ ପୀଠ ପରିସରରେ ଚାଲୁଥିବା ୫୬ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ମଙ୍ଗଳବାର ମନ୍ଦିର ପରିସରରେ ପଞ୍ଚୁ ଦୋଳ ମେଳଣ କରାଯାଇଥିଲା। ଦୋଳ ବିମାନଗୁଡିକ ସୁସଜ୍ଜିତ ହୋଇ ନାଉଗାଁ ବଜାରସ୍ଥିତ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ଜାଗୁଳାଇ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ବାଣ, ବାଜା, ରୋସଣୀ କରି ବିମାନକୁ ମନ୍ଦିର ପରିସରକୁ ପାଛୋଟି ନେଇଥିଲେ। ମନ୍ଦିର ପରିସରରେ ବିମାନଗୁଡିକ ପହଞ୍ଚିବା ପରେ ଯଥା ରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏହି ମେଳଣ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନବନିର୍ମାଣ କୃଷକ ସଙ୍ଗଠନ ପ୍ରସ୍ତୁତି ବୈଠକ

**କୁଜଙ୍ଗ,୧୬।୪(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ମହ୍ଲାସାହି ବାଲିମଠଠାରେ ନବନିର୍ମାଣ କୃଷକ ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ବ୍ଲକ୍ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ବୈଠକରେ ନୂତନ ଚନ୍ଦ୍ର ତ୍ରିପାଠୀ, ଧରଣୀ ମହାପାତ୍ର, ପ୍ରମୋଦ ଜେନା, ସୌଦାମିନୀ ସ୍ୱାଇଁ, ସଞ୍ଜୀବ ରାଉତ, ଅଜୟ ପାଣି, ଭ୍ରମର ମହାପାତ୍ର, ଶୁଭ ସାହୁ, କାଞ୍ଚନବାଳା ସେଠୀ, ସୁଶିଳ ପାଣି ମନୋରଞ୍ଜନ ପଣ୍ଡା, ସାନନ୍ଦ ସାହୁ ପ୍ରମୁଖ ବହୁ ଚାଷୀନେତା ଯୋଗଦେଇଥିଲେ। ଏହି ଅବସରରେ ଚାଷୀଙ୍କ ଦାବି ପୂରଣ ନ ହେଲେ ଇଭିଏମ୍ ବାକ୍ସ ବୁଥ ଭିତରକୁ ପୁରାଇ ନ ଦେବାକୁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଅଗାମୀ ୨୧ରେ ହେବାକୁ ଥିବା କୁଜଙ୍ଗ ସମାବେଶକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା।

## ■ ନିରୀହ, ଶାନ୍ତିପ୍ରିୟ ବ୍ୟକ୍ତିଙ୍କ ବିରୋଧରେ ୧୦୭ ଦଫା

# ଥାନା ଆଗରେ ଗ୍ରାମବାସୀଙ୍କ ସତ୍ୟାଗ୍ରହ

**ରଘୁନାଥପୁର, ୧୬।୪ ଡି.ଏନ.ଏ.)**



ରଘୁନାଥପୁର ଥାନା ସମ୍ମୁଖରେ ଧାରଣାରେ ବସିଥିବା ଲୋକମାନେ।

ନିର୍ବାଚନ ପରିପ୍ରେକ୍ଷୀରେ ଶାନ୍ତିପ୍ରିୟ ତଥା ନିରୀହ ବ୍ୟକ୍ତି ଓ ଛାତ୍ର, ଜନସାଧାରଣଙ୍କ ନାମରେ ଲାଗିଛି ୧୦୭ ଦଫା। ପୋଲିସ ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ବିରୋଧ କରି ରଘୁନାଥପୁର ଥାନା ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ସତ୍ୟାଗ୍ରହରେ ବସି ରହିଛନ୍ତି ଅଞ୍ଚଳବାସୀ। ରାଢ଼ଙ୍ଗ ପଞ୍ଚାୟତର ଗାନ୍ଧିବାଦୀ ନେତା ସୁରେନ୍ ରାଉତ, ସାମାଜିକ କର୍ମୀ ଗୋବିନ୍ଦ ଓଝା ଓ ରେତୁଆ, ତଅଁରା, ପୁରୁଣାବସନ୍ତ, ସାଦେଇପୁର ଓ ଅଢେଇକୂଳ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି, ବ୍ଲକଛକ ନିକଟସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ରାଲିରେ ଆସି ଥାନା ସମ୍ମୁଖରେ ସତ୍ୟାଗ୍ରହରେ ବସି ରହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପୋଲିସ ଶାନ୍ତି ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ବିଶ୍ୱାସକୁ ନେଇ, ଯେଉଁମାନେ ଶାନ୍ତିପ୍ରିୟ ତଥା ନିରୀହ ଛାତ୍ର ଓ ବୟସ୍କ ବ୍ୟକ୍ତିଙ୍କ ନାମରେ ୧୦୭ ଦଫା ରୁଜୁ କରିଛି। ଏହା ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ଏବଂ ଆଦୌ ଗ୍ରହଣୀୟ ନୁହେଁ ବୋଲି ସାମାଜିକ କର୍ମୀ ଓଝା କହିଛନ୍ତି। କେଉଁ ଆଧାରରେ ପୋଲିସ ଏମାନଙ୍କ ନାମରେ ୧୦୭ ଦଫା ଲଗାଇଛି ତାହା ଜାଣିବା ଦରକାର ବୋଲି ସତ୍ୟାଗ୍ରହରେ ବସିଥିବା ବ୍ୟକ୍ତିମାନେ ଜିଦ୍ କରିଛନ୍ତି। ଆଇଆଇସି ବବିତା ଦଳାଇ ବସି ରହିଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରି ପ୍ରଥମେ ସେପରି ବ୍ୟକ୍ତି ବିଶେଷଙ୍କ ନାମକୁ ବାଦ୍ ଦେବା ଏବଂ ପରବର୍ତ୍ତୀ ସମୟରେ ହୋଇ ପାରିବନି ବୋଲି ମନା କରିଥିଲେ। ତେବେ ଉକ୍ତ ଦଫା କିଛି ନୁହଁ, ଯଦି କିଛି ଅସୁବିଧା ହୁଏ ତାହା ହେଲେ ମୁଁ ଅଛି ବୋଲି ଆଇଆଇସି ଦଳାଇ ଲୋକମାନଙ୍କୁ ବୁଝାଇ ଥିବା ସମ୍ପର୍କରେ ସାମାଜିକ କର୍ମୀ ଓଝା କହିଛନ୍ତି। ସତ୍ୟାଗ୍ରହକାରୀମାନେ ଏଥିରେ ରାଜି ନ ହୋଇ ବସି ରହିଛନ୍ତି। ଆଇଆଇସି ଦଳାଇ ଏ ସମ୍ପର୍କରେ ସୀମିତ ଜଣେ ଦୁଇଜଣଙ୍କୁ ବାଦ୍ ଦେବାକୁ କଥା ହେବା ପରେ ପରବର୍ତ୍ତୀ ସମୟରେ ଅଧିକ ବ୍ୟକ୍ତି ଏଥିରୁ ବାଦ୍ ଦେବା ପାଇଁ କହିବାରୁ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ପ୍ରକାଶ କରିଛନ୍ତି। ତେବେ ଏମାନେ ବିଭିନ୍ନ ସଙ୍ଗଠନ ସହ ଜଡିତ ଥିବା ଏବଂ ପୋଲିସ ଶାନ୍ତି ଭଙ୍ଗର ଆଶଙ୍କା କରି ନିଜ ଆଡୁ ୧୦୭ ଦଫା ଲଗାଇଥିବା ସମ୍ପର୍କରେ ଆଇଆଇସି ଦଳାଇ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିକୁଦା,୧୬।୪(ସ୍ୱ.ପ୍ର.)- ବାଲିକୁଦା ଥାନା ସଂଗ୍ରାମପୁର ପଞ୍ଚାୟତର ଗୋଗୋଳ ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ରଶ୍ମିରଞ୍ଜନ ସାହୁଙ୍କ ସ୍ତ୍ରୀ ନିରୁପମା(୩୦)। ପୂର୍ବାହ୍ନ ୧୧ଟାରେ ତାଙ୍କ ସ୍ୱାମୀ ଓ ଅନ୍ୟ ୨ ଜଣ ନିରୁପମାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଥାନାକୁ ଜଣାଇଥିଲେ। ଏହା ଦେଖି ରଶ୍ମିରଞ୍ଜନ ଓ ତାଙ୍କ ସହ ଯାଇଥିବା ଅନ୍ୟ ୨ ଜଣ ଜଗତସିଂହପୁର ନେଇଯିବାକୁ କହିଥିଲେ। ହେଲେ ପୋଲିସ ଆସିବା ପରେ ତୁମେ ଯେଉଁଆଡେ ନେବା କଥା ନେବ ବୋଲି କହି ଡାକ୍ତର ଅନ୍ୟ ରୋଗୀଙ୍କୁ ଦେଖିଥିଲେ। ତେବେ ସେମାନେ ପୋଲିସ ପହଞ୍ଚିବା ପୂର୍ବରୁ ନିରୂପମାଙ୍କୁ ଏକ ଗାଡିରେ ଘରକୁ ନେଇଯାଇଥିଲେ। ପରେ ପୋଲିସ ଆସି ପହଞ୍ଚିଥିଲେ ମଧ ନିରୂପମାଙ୍କୁ ଜଗତ୍‌ସିଂହପୁର ନିଆଯାଇଥିବା ଶୁଣି ଫେରିଆସିଥିଲା। ସେପଟେ ପରିବାର ଲୋକେ ମୃତଦେହ ସତ୍କାର କରିଦେଇଥିଲେ। କେଉଁ ପରିସ୍ଥିତିରେ ଓ କିଭଳି ନିରୂପମାଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡିନାହିଁ।

### ଶିଶୁ ମଙ୍ଗଳ ଯୁବକ ସଂଘ ପକ୍ଷରୁ ଜଳଛତ୍ର

ଆଳି, ୧୬।୪ (ଡି.ଏନ୍.ଏ.)- ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଆଳି ବ୍ଲକରେ ପ୍ରଶାସନ ପକ୍ଷରୁ ଏଯାଏଁ ଜଳଛତ୍ର ଖୋଲାଯାଇନାହିଁ। ତେଣୁ ଚଣ୍ଡିଆଗଡି ପଞ୍ଚାୟତ ମାଳପାଟଣା ଗ୍ରାମର ଶିଶୁ ମଙ୍ଗଳ ଯୁବକ ସଂଘ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ମାଳପାଟଣାଠାରେ ଏକ ଜଳଛତ୍ର ଖୋଲାଯାଇଛି। ଯୁବକ ସଂଘ ସଭାପତି ଅଶ୍ୱିନି କୁମାର ସାହୁ, ସ୍ୱପ୍ନଜିତ ଲେଙ୍କା, ଚିତ୍ତରଞ୍ଜନ ସାହୁ, ସତ୍ୟପ୍ରକାଶ ସାହୁ, ପ୍ରୀତିରାଜ ଲେଙ୍କା, ଆଲୋକ ବେହେରା, ମନୋଜ ବନ୍ଧ, ଜଗନ୍ନାଥ ସାହୁ, ସିଦ୍ଧାର୍ଥ ମାଣିକ, ପ୍ରକାଶ ବେହେରା, ପ୍ରକାଶ ନନ୍ଦି, ସତ୍ୟରଞ୍ଜନ ସାମଲ, ରଞ୍ଜିତ ସାମଲ, ରୁଦ୍ରକାନ୍ତ ଲେଙ୍କା, ଅମିତ ସାହୁ, ଗୌତମ ଲେଙ୍କା, ଦିବାକର ବେହେରା ପ୍ରମୁଖ ଉକ୍ତ କେନ୍ଦ୍ରରେ ରହି ପଥଚାରୀମାନଙ୍କୁ ଥଣ୍ଡା ପାନୀୟ ବଣ୍ଟନ କରିଥିଲେ।

# କର୍ମୀଙ୍କ ସହ ଘର ଘର ବୁଲୁଛନ୍ତି ପ୍ରାର୍ଥୀ

ଜଗତ୍‌ସିଂହପୁର ଅଫିସ,୧୬।୪

- ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ
- କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ପରିବାର
- ୪୬ ପଞ୍ଚାୟତ ବୁଲିଲେଣି ଭାଜପା ପ୍ରାର୍ଥୀ

ଆସନ୍ତା ୨୯ ତାରିଖରେ ଜଗତ୍‌ସିଂହପୁର ଜିଲାରେ ହେବ ନିର୍ବାଚନ। ତେଣୁ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ପ୍ରବଳ ଗ୍ରୀଷ୍ମ କାରଣରୁ ପ୍ରଚାରରେ ବାଧା ଉପୁଜୁଥିଲେ ସୁଦ୍ଧା ପ୍ରାର୍ଥୀମାନେ ବିଭିନ୍ନ ଉପାୟରେ ଭୋଟରଙ୍କ ନିକଟତର ହେଉଛନ୍ତି। ମଙ୍ଗଳବାର ବିଜେଡି ପ୍ରାର୍ଥୀ ନାଉଗାଁ ବ୍ଲକ ଅଞ୍ଚଳରେ ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ଓ ଭାଜପା ପକ୍ଷରୁ ଜଗତ୍‌ସିଂହପୁର ପୌରାଞ୍ଚଳର ପୃଥକ ୱାର୍ଡରେ ପ୍ରଚାର କରାଯାଇଛି।

ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ମଙ୍ଗଳବାର ନାଉଗାଁ ବ୍ଲକର ରୋହିଆ, ଗଜରାଜପୁର ଓ ଡେରିକି ଆଦି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ପ୍ରଚାର କରିଛନ୍ତି। ମୁଦୁଲିଙ୍କ ସହ ବିଜେଡି ବ୍ଲକ ସଭାପତି ସୁଜିତ ମଲ୍ଲିକ, ଜିଲା ପରିଷଦ ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ପ୍ରକାଶ ବସ୍ତିଆ, ଅଜୟ ମହାନ୍ତି, ପ୍ରବୀର ସ୍ୱାଇଁ, ଏଲିନା ଦାସ, ଅନିତା ସ୍ୱାଇଁ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅନିଲ ରାୟଙ୍କ ସମେତ ୨୧ ଜଣ କଂଗ୍ରେସ କର୍ମୀ ବିଜେଡିରେ ମିଶିଥିବା ସୂଚନା ଦିଆଯାଇଛି। ନିର୍ବାଚନ ମଣ୍ଡଳୀରେ ମୁଦୁଲି ନୂଆମୁହଁ ହୋଇଥିବାରୁ ତାଙ୍କୁ ଦେଖିବାକୁ ଲୋକଙ୍କ ଆକର୍ଷଣ ସୃଷ୍ଟି ହେଉଛି। ବଡ଼ କଥା ହେଲା ମୁଦୁଲି କିପରି ଭୋଟ ଭିକ୍ଷା କରୁଛନ୍ତି ତାକୁ ଭୋଟର ତର୍ଜମା କରୁଛନ୍ତି। ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା କହି ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିକାଶ ଧାରାରେ ସାମିଲ ହେଉ ବୋଲି ସେ କହୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳ ମଧ ସାହି, ବସ୍ତିରେ ଭୋଟ ଭିକ୍ଷା କରୁଛନ୍ତି। ତାଙ୍କ ସପକ୍ଷରେ ଭୋଟ ଜୁଟାଇବା ପାଇଁ ସ୍ତ୍ରୀ, ପୁଅ, ସାନଭାଇ ତଥା ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ ଓ ଭାଇ ବୋହୂ ପ୍ରଚାରରେ ସାମିଲ ହୋଇଛନ୍ତି। କଂଗ୍ରେସ କର୍ମୀମାନେ କହୁଛନ୍ତି ଯେ ଚିରଞ୍ଜୀବ ଓ ରଞ୍ଜୀବ ଏହି ୫ ବର୍ଷରେ ନିର୍ବାଚନମଣ୍ଡଳୀକୁ ବହୁ ଅନୁଦାନ ଦେଇଛନ୍ତି। ବିକାଶର ଧାରାକୁ ଆଗେଇ ନେଇଛନ୍ତି। ଚିରଞ୍ଜୀବଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ରହିଛି। ତେଣୁ ତାଙ୍କୁ ଆଉଥରେ ନିର୍ବାଚିତ କରିବାକୁ ଅନୁରୋଧ କରାଯାଉଛି। ମଙ୍ଗଳବାର ରଞ୍ଜୀବ ଜଗତ୍‌ସିଂହପୁର ପୌରାଞ୍ଚଳ ୱାର୍ଡ ସଂଖ୍ୟା ୮ ଅନ୍ତର୍ଗତ ଆଖୁନସାହିରେ ପ୍ରଚାର କରିଥିଲେ। ସେ ୱାର୍ଡର ଘରକୁ ଘର ବୁଲିଥିଲେ। ତାଙ୍କ ସହ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ସାହୁ, ରବୀନ୍ଦ୍ର ଦାସ, ସଞ୍ଜୀବ ସ୍ୱାଇଁ, ଅକ୍ଷୟ ସାହୁ ଓ ରୀତାଞ୍ଜଳି ସାସ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ଜଗତ୍‌ସିଂହପୁର ପୌରାଞ୍ଚଳର ୱାର୍ଡ ସଂଖ୍ୟା ୧୮ ଅନ୍ତର୍ଗତ ବେଲପୋଖରୀ, ଚାନ୍ଦୁରାରେ ପ୍ରଚାର କରିଥିଲେ। ସେ ସକାଳ ୯ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏ ସମ୍ପର୍କରେ ଭାଜପା ମିଡିଆ ସେଲ ପକ୍ଷରୁ କୁହାଯାଇଛି, ମହାପାତ୍ର ଏଥିମଧ୍ୟରେ ନିର୍ବାଚନମଣ୍ଡଳୀର ୪୬ ଗ୍ରାମ ପଞ୍ଚାୟତରେ ପଦଯାତ୍ରା କରି ସାରିଲେଣି। ଏବେ ଜଗତ୍‌ସିଂହପୁର ପୌରାଞ୍ଚଳରେ ପଦଯାତ୍ରା ଚାଲିଛି। ପ୍ରଚାରରେ ଭାଜପା ନଗର ସଭାପତି ଅକ୍ଷୟ ପାତ୍ର, ମିଡିଆ ସେଲର ଗଣେଶ ପ୍ରସାଦ ମହାନ୍ତି, ଅଜୟ ତ୍ରିପାଠୀ, ହେମନ୍ତ ପଲ୍ଲାଉରୀ, ବସନ୍ତ ବେହେରା, ମିଳନ ଜେନା, ସବିତା ସ୍ୱାଇଁ, ପ୍ରଭାତ ବେହେରା, ଶ୍ରୀକାନ୍ତ ଚୌଧୁରୀ ପ୍ରମୁଖ ସାମିଲ ଥିଲେ। ଯେହେତୁ ଜଗତ୍‌ସିଂହପୁର ସହରରେ ମହାପାତ୍ରଙ୍କ ସ୍ୱତନ୍ତ୍ର ପରିଚୟ ରହିଛି ତେଣୁ ସେ ଘର ଘର ବୁଲି ଭୋଟ ଭିକ୍ଷା କଲାବେଳେ ନିଆରା ପରିବେଶ ସୃଷ୍ଟି ହେଉଛି।


କର୍ମୀମାନଙ୍କ ସହ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି ଚିରଞ୍ଜୀବ ବିଶ୍ୱାଳ।



ନାଉଗାଁରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ଓ ଜଗତ୍‌ସିଂହପୁର ପୌରାଞ୍ଚଳରେ ଭାଜପା ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ର ପ୍ରଚାର କରୁଛନ୍ତି।

## ଗୌରବ ପକ୍ଷରୁ ବିଷୁବ ମିଳନ

ପଟ୍ଟାମୁଣ୍ଡାଇ, ୧୬।୪ (ସ୍ୱ.ପ୍ର)

ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୌରବ ପକ୍ଷରୁ ରବିବାର ବିଷୁବ ମିଳନ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପତ୍ରିକାର ସମ୍ପାଦକ କବି ଶଙ୍କର୍ଷଣ ଦାସଙ୍କ ଉଦ୍ୟମରେ ଠାକୁରସାହି ଗ୍ରାମଠାରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ସାମାଜିକ କର୍ମୀ ବସନ୍ତ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ଗୌରବ ପତ୍ରିକାର ଉପଦେଷ୍ଟା ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, କବୟିତ୍ରୀ ନବଜ୍ୟୋତି ରାୟ, କବି ଡା. ମନୋରଞ୍ଜନ ଦାଶ, ଗାଳ୍ପିକ ପ୍ରଦୀପ ନାୟକ, କବି ଅଭିରାମ ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟ ଆଲୋଚନାରେ ଭାଗ ନେଇଥିଲେ। ୨୯ବର୍ଷ ଧରି ପ୍ରକାଶିତ ଗୌରବ ସାହିତ୍ୟ ପତ୍ରିକା ପାଠକୀୟ ଆଦୃତି ଲାଭ କରିଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନବ ନିର୍ମିତ ଗୌରବ ଭବନ ଉଦ୍‌ଘାଟିତ ହୋଇଥିଲା। ଅନୁଷ୍ଠିତ କବିତା ପାଠ ଉତ୍ସବରେ କବୟିତ୍ରୀ ଆରାଧନା ଦାଶ, ନବଜ୍ୟୋତି ରାୟ, କବି ହେମନ୍ତ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ କବି କୁଳମଣି ସାହୁ, ପ୍ରମୋଦ ମଲ୍ଲିକ, ସନ୍ତୋଷ ପତି, ଶୁଭ୍ରାଂଶୁ ଦାସ, ମନୋଜ ଶତପଥୀ, କୁଞ୍ଜବିହାରୀ ପାଣ୍ଡବ, ଅଧ୍ୟାପକ ଅଭୟ ଦାସ, କାଳନ୍ଦୀ ଚରଣ କବି, ପ୍ରିୟବ୍ରତ ଶତପଥୀ, ସନ୍ନ୍ୟାସୀ ବେଜଙ୍କ ସମେତ ବହୁ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସିପ୍ରା ବେଦମତୀ ଧନ୍ୟବାଦ ଦେଇଥିଲେ।

## ସାମାଜିକ ବିଜ୍ଞାନ ବିଭାଗର ଆଲୁମ୍ନି ବୈଠକ

ଡେରାବିଶ, ୧୬।୪ (ସ୍ୱ.ପ୍ର.)

ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସାମାଜିକ ବିଜ୍ଞାନ (ସମ୍ମାନ) ବିଭାଗର ଆଲୁମିନି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନମୋହନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଧ୍ୟାପକ ଡା. ପ୍ରକାଶ କୁମାର ପରିଡ଼ା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା ଡା. ସୁଷମା ଶତପଥୀ ମୁଖ୍ୟବକ୍ତା, ବିଭାଗୀୟ ମୁଖ୍ୟ ଦିଲ୍ଲୀପ କୁମାର ଭୂୟାଁ ଏବଂ ଅଧ୍ୟାପକ ରମାକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀ ଲୁସନା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୀବନଜ୍ୟୋତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଦୟାନିଧି ପତି, ଅର୍ପିତା ମହାନ୍ତି, ସୁଭଦ୍ରା ପରିଡ଼ା, ଅମ୍ରିତା ବେହେରା, ସୁପ୍ରିୟା ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳସମ୍ପଦ କାର୍ଯ୍ୟାଳୟ ପାଚେରି ଭାଙ୍ଗିଦେଲେ

ବିରିଡ଼ି,୧୬।୪(ଡି.ଏନ.ଏ)

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ବିଲୁଆଖାଇ କେନାଲ ସବଡିଭିଜନ ବାଲିଆ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଥିବା ପାଚେରିକୁ ଦୁର୍ବୃତ୍ତମାନେ ଶନିବାର ଭାଙ୍ଗି ଦେଇଛନ୍ତି। ଦୁଇଟି ସ୍ଥାନରେ ପ୍ରାୟ ୮ ମିଟର ପାଚେରିକୁ ଭଙ୍ଗାଯାଇଥିବା ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ବିରିଡ଼ି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ପାଚେରି ଭଙ୍ଗାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ବାଲିଆଠାରେ ପ୍ରାୟ ୭ ଏକର ଜମିକୁ ଆବଦ୍ଧ କରି ପାଚେରି ନିର୍ମାଣ କରାଯାଇଥିଲା। ଏହି ଅଫିସ ହତା ମଧ୍ୟରେ ବହୁ ପୁରୁଣା ଆମ୍ବ, ଚାକୁଣ୍ଡା, ନଡ଼ିଆ, ଦେବଦାରୁ ଓ ବାଉଁଶ ଆଦି ଗଛ ରହିଛି। ସେଗୁଡିକ କାଟି ନେବାକୁ ଚକ୍ରାନ୍ତ କରି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପାଚେରି ଭାଙ୍ଗିଥିବା କୁହାଯାଉଛି। ପାଚେରି ଉପରେ ଖଞ୍ଜାଯାଇଥିବା ଭଙ୍ଗାକାଚ ତାଡ଼ି ଫୋପାଡି ଦେଇଛନ୍ତି। ନିର୍ବାଚନ କାର୍ଯ୍ୟ ଚାଲିଥିବାରୁ ଷ୍ଟାଫମାନେ ଜଗତ୍‌ସିଂହପୁର ଯାଉଛନ୍ତି। ଏହାର ସୁଯୋଗ ନେଇ ମୂଲ୍ୟବାନ ଗଛ କାଟିବା ପାଇଁ ଉଦ୍ୟମ ଚାଲିଥିବା କୁହାଯାଉଛି। ପୋଲିସ ଓ ଜଳସମ୍ପଦ ବିଭାଗ ଅଧିକାରୀ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।


ଭାଙ୍ଗି ଦିଆଯାଇଥିବା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପାଚେରି।


DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sqcm
Colour : ₹ 400 per sqcm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା– 8th to 10th & above.
Contact: 8339922964

**REQUIRED**
ଭୁବନେଶ୍ୱରସ୍ଥିତ Plot Selling ପାଇଁ Experienced Marketing Person (Male/ Female) & Tele Calling ପାଇଁ Smart Girl Required.
Contact: 9438119623

**CALL CENTER**
Videocon D2H & Airtel D2H
Salary : Rs 6,000/- to Rs 15,000/-
Qualification : 10th / +2 / Any Graduation
9040066658

**WALK IN-INTERVIEW**
We are All India Project Base, Real Estate & Construction Company, Odisha @ India. Now we required following Man Power in Bhubaneswar, Puri, Cuttack, Jajpur, Bhadrak, Sambalpur, Paradeep, Balasore, Berhampur Etc.
- ASST. GENERAL MANAGER(AGM) - 03Nos. Experience having Car/Bike
- BRANCH MANAGER(B.M) - 08Nos. Experience for Team
- UNIT MANAGER(U.M) - 10Nos. Experience for Team
- REGIONAL MANAGER(R.M) - 10Nos. Experience/Fresher
- MARKETING MANAGER(MM) - 12Nos. Experience/Fresher
- SALES MANAGER(S.M) (M/F) - 45Nos. Bike/Mobile must
- CUSTOMER CARE CUM TELECALLERS (Female) - 06Nos. Smart & Good looking
- OFFICE BOY & DRIVER - 04Nos.

Salary, Incentive, Tour, Travels & Extra Benefits are Negotiable by Company
JSMIL constructing future
JAI SANTOSHI MAA INFRASTRUCTURE (P) LTD.
Plot No.: 3911, Jagannath Nagar, Road No.: 14
P.O.: GGP, P.S.: Mancheswar, Khordha-751025
Call: 0674-2371183, Mob.: 9348830896, 9040033905
Website: www.santoshigroup.in
E-mail: jaisantoshimaainfra@rediffmail.com

ଘର କାମ, ରୋଷେଇ, ରୋଗୀ ଯତ୍ନ, ପିଲା ଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ, (ବୟସ: 18-55), ଦରମା: 6000- 10,000 + ରହିବା + ଖାଇବା ସୁବିଧା ଅଛି।
8114721727
9078788039

**URGENTLY WANTED**
POST- TALLY OPERATOR- (M/F)
ADD:- HIGHWAY TRADING PVT. LTD. 25A, UNIT-3, KHARVEL NAGAR, BBSR
CALL- 9437006047
9937006047

**URGENTLY REQUIRED**
AUTOCAD Operator- Diploma in Civil Engg. with 1 year Exp in Autocad 2D/3D & A car driver with Minimum 3 years Exp in driving (Bachelor)
U.C.E. BBSR
Contact No- 9776273661
0674-2507670

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25000/-.
Contact Immediately
Mob: 8763257042

**WANTED**
BOSCH Kitchen Appliances Require A Person For Sales& Marketing All Odisha. With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386
(11AM TO 2PM)

**ଆବଶ୍ୟକ**
ଇତିହାସ ବା ଭୂଗୋଳରେ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷାଗତ ଯୋଗ୍ୟତା ଥିବା B.Ed. ଶିକ୍ଷକ ଆବଶ୍ୟକ।
Contact:
8763123782, 9937619497
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଣ୍ଡରା, ଭୁବନେଶ୍ୱର

**DIRECT JOINING**
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710

**REQUIRED**
1. An ACCOUNTANT for concurrent audit of Bank in Bargarh and Angul area.
2. AMAIDSERVANTCUM PEON in Ravi Talkies area, Bhubaneswar.

Contact No.: 9438674500
Email ID: rkjena@hotmail.com, fca.ranjan1970@gmail.com

**INTERNATIONAL POTATO CENTRE (CIP),**
ICAR-CTCRI CAMPUS, DUMDUMA HOUSING BOARD, BHUBANESWAR-751019(ODISHA)
**WALK-IN-INTERVIEW**
A Walk-in-Interview will be conducted by INTERNATIONAL POTATO CENTRE (CIP) at ICAR-CTCRI campus , DUMDUMA H.B., Bhubaneswar 751019, **on date 23rd & 24th April 2019,** for selection of the following temporary positions under RKVY sponsored **GAINS- Phase II Project.**
1. **Field Extension Assistant:-** 6 (Six) positions. **Essential Qualification:** Technical Degree/ Graduate-Natural Science/Diploma in Agriculture/ Horticulture with 1-year experience in field activity/ in any organization, Computer knowledge, knowing English & fluency in Odia is a must. The selected candidates will be posted in four districts of Odisha **(Angul, Kheonjhar, Gajapati and Rayagada).** **Salary: Rs. 17,000.00 (consolidated).** **Interview Date: 23rd April** (for Gajapati and Keonjhar Districts) and **24th April** (for Rayagada and Angul Districts).
2. **Field Assistant:-** 2 (Two) positions. **Essential Qualification:** 10th Pass, Desirable: Diploma holder in Agriculture/ Horticulture, Fluency in Odia is a must. **Salary: Rs. 8000.00 (consolidated). Interview Date: 23rd April.**
3. **Project Assistant:-** 1 (One) Position. **Essential Qualification:** Technical degree or Graduate in B.com or BBA, Fluency in Oriya is a must and intermediate knowledge in English is desired, minimum 2 years' experience in administrative supportand logistic support, knowledge in computer applications. **Salary: Rs.25,000.00 (consolidated). Interview Date: 24th April.**

Sd./-(Project Coordinator, CIP, Odisha)
Contact No: 8249677904 (Mobile)

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**WANTED**
1. Marketing Executive, Graduate above
2. Trainee Engineer, Diploma, ITI or B-tech
3. Quality Engineer, BSC Graduate
4. Worker

Cont.- 7978787142
7077700103

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

**ଆବଶ୍ୟକ**
ଆମେ ମଇଶୂରପାକ/ବିସ୍କୁଟ୍/ ପାଉରୁଟି ତିଆରି କରୁ। ଯେ କୌଣସି ବ୍ୟକ୍ତି ତିଆରି କିମ୍ବା ମାର୍କେଟିଂ କାମ ପାଇଁ ଯୋଗାଯୋଗ କରିପାରନ୍ତି। କୌଣସି ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା ଆବଶ୍ୟକ ନାହିଁ। ଦୟାକରି ଫୋନ୍ ନକରି ହ୍ୱାଟସ୍ ଆପ୍ କରନ୍ତୁ:-
8908834912

**REQUIRED**
Ex-Serviceman, below 50 years of age having experience to handle supervision of security guards in Barbil, Keonjhar, Odisha. Interested may send application by email:-
INFO@LMSTECHNOLOGIES.COM
Before 20 April 2019

OrissaPOST HERE . NOW
English daily
**WANTED**

**Anchors**
- Candidates having Bachelors Degree in Journalism, Broadcasting or Communications and strong communication skills in English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

**Bulletin Producers**
- Experienced producers to coordinate newscasts, editorial packages & bulletins for digital platform.

**Translators**
- Should be well versed in English and Odia. (Full Time)

**Visual Graphic Designers**
- Candidate should be able to create visual packages & create attractive news / stories for digital audiences.
- Develop graphics and visuals for product illustrations.
- Responsible for creating on screen text, video graphics, developing company creatives, assist with custom graphics & packages and building marketing material.


Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ, ଜଣେ ଗୁରୁତର



ମାର୍ଶାଘାଇ,୧୬।୪(ଡିଏନଏ) ମାର୍ଶାଘାଇ ବ୍ଲକର ତାଳସଙ୍ଗା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗିରିଧାରୀ ବେହେରାଙ୍କ ୪ ବଖରା ଭସ୍ମୀଭୂତ ହୋଇଯାଇଛି । ଅଗ୍ନିକାଣ୍ଡରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିଲା । ଖବରପାଇ ମାର୍ଶାଘାଇରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଗିରିଧାରୀଙ୍କ ଘର , ଧାନ, ଚାଉଳ, ବିରି, ମୁଗ ସମେତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା । ନିଆଁକୁ ଲିଭାଇବାକୁ ଯାଇ ପ୍ରଭାତ ବେହେରା ଗୁରୁତର ଆହତ ହୋଇଛନ୍ତି । ଘର ଉପରେ ଚଢି ଛଣଛପର କାଢିବା ବେଳେ ଘର ଭିତରକୁ ସେ ଖସି ପଡିଥିଲେ । ଫଳରେ ନିଆଁର ପ୍ରକୋପରେ ସେ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

### ମା' ତାରିଣୀଙ୍କ ତୃତୀୟ ବାର୍ଷିକୋତ୍ସବ

**ଡେରାବିଶ, ୧୬।୪ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ତୃତୀୟ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମା' ତାରିଣୀଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ ଶୁଭାଧିବାସ ତଥା ଅଙ୍କୁରାରୋପଣ ସୋମବାର ଅନୁଷ୍ଠିତ ହୋଇଥିଲା। ୪ ବର୍ଷ ପୂର୍ବେ ତିରିଣିଆ ଗ୍ରାମର ନିତ୍ୟାନନ୍ଦ ସୂତାରଙ୍କୁ ସ୍ୱପ୍ନାଦେଶ ହେବା ପରେ ଛକନା ଗ୍ରାମର କୁଞ୍ଜକିଶୋର ମହାନ୍ତି ଚାନ୍ଦିଆବଟ ମହାପୁରୁଷଙ୍କ ପାଖରେ ମା'ତାରିଣୀଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ସେବେଠାରୁ ଗ୍ରାମର ଶ୍ୟାମସୁନ୍ଦର ରାଉତ, ବୈକୁଣ୍ଠ ବେହେରାଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ବାର୍ଷିକ ଉତ୍ସବ ପାଳନ ହେଉଛି।

### ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ରାଜନଗର,୧୬।୪(ଡିଏନଏ) :** ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ରିଘାଗଡ ଗାଁରେ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ ଖୋଳାଘାଟରୁ ୧୦୮ କଳସ ଯାତ୍ରା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ମଙ୍ଗଳବାର ୧୦୮ ଗୋମାତାଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି ଯଜ୍ଞରେ ଗ୍ରାମର ଭରତ ଚନ୍ଦ୍ର ସେଠୀ, ବ୍ରହ୍ମବାହନ ସେଠୀ, ରଞ୍ଜନ ମହାରଣା, ରଶ୍ମିରଞ୍ଜନ ମହାରଣା, ଅଭୟ ସେଠୀ, ହୃଷୀକେଶ ବେହେରା, ହୃଷୀକେଶ ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ।

### ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗ

**ରାଜନଗର, ୧୬।୪(ଡିଏନଏ) :** ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଶାରୀରିକ ସଂପର୍କ ରଖିବା ପରେ ପ୍ରତାରିତ କରିଥିବା ନେଇ ସଂପୃକ୍ତ ଯୁବତୀ ମଙ୍ଗଳବାର ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏ ନେଇ ଥାନାରେ ୫୬/୨୦୧୯ରେ ଦଫା ୨୯୪, ୩୭୬ (୨) (ଏନ), ୫୦୬, ୩୪ ରେ ମାମଲା ରୁଜୁ କରିଛି। ଖୁବଶୀଘ୍ର ସଂପୃକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ରାଜନଗର ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ ରାଜନଗର ଥାନା ଅଞ୍ଚଳର ଜନୈକା ଯୁବତୀ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ମିସ୍‌କଲରୁ ପ୍ରେମସଂପର୍କ ଗଢି ଉଠିଥିଲା। ଦୀର୍ଘ ୯ ବର୍ଷ ଧରି ସେମାନେ ପରସ୍ପର ପ୍ରତି ଆସକ୍ତ ଥିଲେ । ଏପରି କି ବିବାହ କରିବାକୁ କହି ଯୁବକ ଜଣକ ଯୁବତୀଙ୍କ ସହିତ ଶାରୀରିକ ସଂପର୍କ ରଖିଥିଲେ। ମାତ୍ର ପରେ ବିବାହ କରିବା ତ ଦୂରର କଥା ଫୋନ ଯୋଗେ ସଂପୃକ୍ତା ଯୁବତୀଙ୍କୁ ହତ୍ୟା ଧମକ ଦେବାକୁ ପଛାଇ ନ ଥିଲେ । ଫଳରେ ଯୁବତୀ ଜଣକ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

■ ମହାକାଳପଡ଼ା ବିଧାନସଭା ଆସନ ପାଇଁ ଲଢ଼େଇ ଜୋରଦାର

# ବଙ୍ଗୀୟ ଭୋଟରଙ୍କ ମନ ଜିଣିବାକୁ ସବୁ ଦଳର ପ୍ରୟାସ

**ମହାକାଳପଡା, ୧୬।୪ (ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡା ଜିଲା ମହାକାଳପଡା ବିଧାନସଭା ଆସନ ପାଇଁ ଜୋରଦାର ଲଢ଼େଇ ହେବାକୁ ଯାଉଛି। ଆସନ୍ତା ୨୯ ତାରିଖରେ ଏଠାରେ ନିର୍ବାଚନ ହେବ। ଏହି ବିଧାନସଭା କ୍ଷେତ୍ରରୁ ବିଜେଡ଼ି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବାର ସମ୍ଭାବନା ଅଧିକ ରହିଛି। କଂଗ୍ରେସ ମଧ୍ୟ ପଛରେ ପଡିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ୨୦୦୯ରେ ନୂତନ ମହାକାଳପଡା ବିଧାନସଭା କ୍ଷେତ୍ର ଗଠନ ହେବା ପରଠାରୁ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ଲଗାତାର ୨ ଥର ନିର୍ବାଚିତ ହୋଇଛନ୍ତି। ଏଥର ହାଟ୍ରିକ୍



ବିଜୟ ପ୍ରଧାନ



ବିଭ୍ରାଂଶୁ ଶେଖର ଲେଙ୍କା



ଅତନୁ ସବ୍ୟସାଚୀ ନାୟକ

ଲକ୍ଷ୍ୟରେ ସେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି କହିଛନ୍ତି। ୨୦୧୪ରେ ଅତନୁ ଏହି ନିର୍ବାଚନମଣ୍ଡଳୀରୁ ୮୧ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ୫୭ ହଜାରରୁ ଅଧିକ ଭୋଟ ପାଇଥିଲେ। ସେତେବେଳେ କଂଗ୍ରେସ ଦଳ ପ୍ରାର୍ଥୀ ବଳରାମ ପରିଡା ୨୫ ହଜାର ଭୋଟ ପାଇଥିଲେ। ଇତିମଧ୍ୟରେ ଭାଜପା ଓ କଂଗ୍ରେସ ନିଜର ଦଳୀୟ ସଂଗଠନକୁ ମଜଭୁତ କରିଥିବାରୁ ବଡ଼ ମୁକାବିଲା ହେବ ବୋଲି ଆଶା କରାଯାଉଛି।

ଅପରପକ୍ଷେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ସବୁ ଦଳ ଏବେ ବଙ୍ଗୀୟ ପ୍ରାର୍ଥୀଙ୍କ ଉପରେ ନଜର ରଖିଛନ୍ତି। ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବଟିଘର, ଖରିନାସୀ, ରାମନଗର, ଜମ୍ବୁ, ବଉଳକଣୀ, ସୁନିତି, କଂସାର ବଡଦାଣ୍ଡୁଆ, ଗଗୁଆ, ନାଞ୍ଜୁରା ଓ ପେଟ୍‌ଛେଲା ପଞ୍ଚାୟତରେ ୫୦ ହଜାରରୁ ଉର୍ଦ୍ଧ୍ୱ ବଙ୍ଗୀୟ ଭାଷୀ ଭୋଟର ରହିଛନ୍ତି। ଏହି ଭୋଟରମାନେ ଯେଉଁ ଦଳକୁ ସମର୍ଥନ କରିବେ, ସେହି ଦଳ ନିର୍ବାଚନ ଜିତିବାର ସମ୍ଭାବନା ଅଧିକ ରହିଛି ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ସେହିପରି ଏହି ନିର୍ବାଚନମଣ୍ଡଳୀରେ ଆସୁଥିବା ମାର୍ଶାଘାଇ ବ୍ଲକର ୧୭ ପଞ୍ଚାୟତ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀମାନେ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ମା' ରାମଚଣ୍ଡୀ ପୀଠରେ ଝାମୁଯାତ୍ରା ଅବସରରେ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ପହଞ୍ଚି ମା'ଙ୍କ ଆଶୀର୍ବାଦ ଲାଭ କରିଛନ୍ତି। ତେବେ ୨୩ ତାରିଖ ପରଠାରୁ ଏଠାରେ ପ୍ରଚାର ଜୋର ଧରିବ ବୋଲି ଆଶା କରାଯାଉଛି। ରାଜ୍ୟ ତଥା ଦେଶର ତୁଙ୍ଗ ନେତାମାନେ ଏହି ନିର୍ବାଚନମଣ୍ଡଳୀକୁ ଆସି ପ୍ରଚାର କରିବେ ବୋଲି ଆଲୋଚନା ହେଉଛି।

## ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଛାତ୍ର ନେତାମାନେ ।

**ରାଜନଗର,୧୬।୪(ଡିଏନଏ)**

ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରୁ ଏକ ମୋଟର ସାଇକେଲ ରାଲି ବାହାରିଥିଲା। ଏହି ରାଲି ଯିବା ବେଳେ ରାଜନଗର ଦେବୀ ମଣ୍ଡପ ଛକ, ବ୍ଲକ ଛକ, ତ୍ରିନାଥବଜାର ଛକ, ବାଲିସାହିପାଟଣା ଛକ, କେରଡାଗଡ ମାଉସୀ ମା ମନ୍ଦିର ଛକଠାରେ ପଥପ୍ରାନ୍ତ ସଭା କରାଯାଇ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ନେଇ ଜନତାଙ୍କୁ ଅବଗତ କରାଯାଇଥିଲା । ବିଜେଡିର ରାଜନଗର ବିଧାନସଭା ପ୍ରାର୍ଥୀ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ବିଜୁ ଯୁବ ଜନତା ଦଳର ନିର୍ବାଚନମଣ୍ଡଳୀ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଶତାଧିକ ଯୁବକ, ଛାତ୍ର ରାଲିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ଜନତା ଦଳର ନିର୍ବାଚନମଣ୍ଡଳୀ ସଭାପତି ସତ୍ୟବ୍ରତ ପାଣି, ଜିଲା ଛାତ୍ର ଜନତା ସାଧାରଣ ସଂପାଦକ ଦୀପକ ରାଉତ, ମନୋଜ ମଲ୍ଲିକ, ଆକାଶ ପ୍ରଧାନ, ବିନୋଦ ସ୍ୱାଇଁ, ସୌରଭ ଜେନା, ଦୀପକ ସେଠୀ, ରୋହିତ ରାଉତ, ବିଶ୍ୱରଞ୍ଜନ ସେଠୀ, ବରଦାକାନ୍ତ ଦାସ, ବିଭୁପ୍ରସାଦ ସାହୁ, ସନ୍ତୋଷ ବାରିକ, ସନ୍ଦିପ୍ତ ପଣ୍ଡା, ଜ୍ଞାନ ରଞ୍ଜନ ରାଉତ, ଟୁବୁଲା ପରିଡା, ବୈଲୋଚନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ମା' ପଞ୍ଚୁବରାହୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ରାଜନଗର, ୧୬।୪ (ଡିଏନଏ)**

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ବଗପାଟିଆ ଠାରେ ନୂତନ ଭାବେ ନିର୍ମିତ ମା' ପଞ୍ଚୁବରାହୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମା' ପଞ୍ଚୁବରାହୀ ମନ୍ଦିର ପରିଚାଳନା କମିଟି ଏବଂ ସାତଭାୟା ଗ୍ରାମବାସୀ ବୈଠକରେ ଉପସ୍ଥିତ ରହି ମା'ଙ୍କ ଆଗମନ ଦିବସରେ ଏହି ବାର୍ଷିକ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦ ତାରିଖ ଦିନ ମା'ଙ୍କର ସ୍ୱତନ୍ତ୍ର ପୂଜାବିଧି କରାଯିବ। ଏହାଛଡା ବଗପାଟିଆ ଥଇଥାନ ସ୍ଥଳୀରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଏକ ସଭାର ଆୟୋଜନ କରାଯାଇ ମା'ଙ୍କ ପୂଜାନୀତି ସଂପର୍କରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜନଗର ଅଞ୍ଚଳର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ କମିଟିର ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଅକ୍ଷୟ କୁମାର ସାହାଣୀ, ସାଧାରଣ ସଂପାଦକ ସୁଦର୍ଶନ ରାଉତ, କୋଷାଧ୍ୟକ୍ଷ ଶରତ କୁମାର ସାହାଣୀ ପ୍ରମୁଖ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାର ସାତଟି ଗାଁ ମଧ୍ୟରୁ ୬ଟି ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ତେବେ ଅବଶିଷ୍ଟ ୫୭୧ ପରିବାରଙ୍କୁ ରାଜ୍ୟ ସରକାର ସୁନେଇ ରୁପେଇ ସଂରକ୍ଷିତ ଜଙ୍ଗଲ ନିକଟ ବଗପାଟିଆ ଠାରେ ଗତବର୍ଷ ଥଇଥାନ କରିଛନ୍ତି। ସାତଭାୟାବାସୀଙ୍କୁ ସରକାର ନୂଆ ଠିକଣା ଦେବା ସହିତ ଗତବର୍ଷ ଏପ୍ରିଲ ୨୦ ତାରିଖରେ ବଙ୍ଗୋପସାଗର ତଟରେ ଅଷ୍ଟାଦଶ ଶତାବ୍ଦୀରୁ ପୂଜା ପାଇ ଆସୁଥିବା ମା' ପଞ୍ଚୁବରାହୀଙ୍କୁ ବଗପାଟିଆକୁ ସ୍ଥାନାନ୍ତରିତ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ କରିବା ପାଇଁ ଅନେକ କସରତ କରିବାକୁ



ମା' ପଞ୍ଚୁବରାହୀଙ୍କ ନୂତନ ମନ୍ଦିର ।

ପଡିଥିଲା। ବିଶାଳକାୟ ମୁଗୁନି ପଥରରେ ନିର୍ମିତ ୫ଟି ମୂର୍ତ୍ତିଙ୍କୁ ସୁସଜ୍ଜିତ ସ୍ୱତନ୍ତ୍ର ଯାନରେ ନଦୀପାର କରାଯାଇ ବଗପାଟିଆକୁ ଅଣାଯାଇଥିଲା। ମା'ଙ୍କ ବିଜେସ୍ଥଳୀରୁ ବଗପାଟିଆ ଦୀର୍ଘ ୮ କି.ମି. ପଥ ଅତିକ୍ରମ କରିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରିବାର ଦୃଶ୍ୟ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମା' ତାଙ୍କ ନୂଆଠିକଣା ବଗପାଟିଆରେ ଅବସ୍ଥାପିତ ହେବାର ଏକବର୍ଷ ପୁରିବାକୁ ଯାଉଛି।

## ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପଙ୍କ ରୋଡ ଶୋ

### ଅସୁସ୍ଥଥିବାରୁ ଆସିଲେନି ଅନୁଭବ

**ରାଜକନିକା,୧୬।୪(ଡି.ଏନ୍.ଏ)**

କେନ୍ଦ୍ରାପଡା ଲୋକସଭା ଏବଂ ଆଳି ବିଧାନସଭା ଆସନ ପାଇଁ ୨୯ରେ ଭୋଟଗ୍ରହଣ ହେବାକୁ ଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ପ୍ରଚାର ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବିଜେଡିର ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ଆଳି ବିଧାନସଭା କ୍ଷେତ୍ର ପ୍ରାର୍ଥୀ ପ୍ରତାପ ଦେବ ରାଜକନିକାର ବରୁଣାଡିହା ଛକରୁ ରୋଡ ଶୋ ଆରମ୍ଭ କରିଥିଲେ। ପୂର୍ବ ଯୋଜନା ମୁତାବକ ମଙ୍ଗଳବାର ଉଭୟ ପ୍ରାର୍ଥୀ ମିଳିତ ଭାବେ ରୋଡ ଶୋ କରିବାର କାର୍ଯ୍ୟକ୍ରମ ଥିଲା। ତେବେ ଅସୁସ୍ଥତା କାରଣରୁ ଅନୁଭବ ରୋଡ ଶୋରେ ଯୋଗଦେଇପାରି ନ ଥିଲେ। ପ୍ରତାପ ପଶ୍ଚିମକନିକାସ୍ଥିତ ପଧାନପଡା ପଞ୍ଚାୟତର ବାଲିସାହି ଗାଁରୁ ରୋଡ ଶୋ କରି ହାଟସାହି, ପଣସଗଣ୍ଡ, ଅବଦୁଲପୁର, ଦାମୋଦରପୁର, ହାଟସାହି, ସିହୋପଡା, ପେଗରପଡା ଓ ନହୁଣୀ ଗାଁ ପରିକ୍ରମା କରିଥିଲେ । ଏହି ରୋଡ ଶୋ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବିକାଶ ଦାସ, ଜୟଦେବ ଦାସ, କପିଳେନ୍ଦ୍ର ମଲିକ, ଶ୍ରୀନିବାସ ପ୍ରଧାନ,ପଦ୍ମଲୋଚନ ପରିଡା ଓ ପ୍ରଦୀପ ବେହୁରିଆ ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁଙ୍କ ନିର୍ବାଚନ ପ୍ରଚାର



ସମର୍ଥକଙ୍କ ଗହଣରେ କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ବାଇକ ରାଲିରେ ଯାଉଛନ୍ତି।

**ମାର୍ଶାଘାଇ,୧୬।୪(ଡିଏନଏ)**

ମହାକାଳପଡା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା ମଙ୍ଗଳବାର ମାର୍ଶାଘାଇ ଅଞ୍ଚଳରେ ରୋଡ ଶୋ କରି ନିର୍ବାଚନ ପ୍ରଚାର କରିଛନ୍ତି। ଅପରାହ୍ନରେ ସେ ନିଜର ସମର୍ଥକମାନଙ୍କ ଗହଣରେ ମାର୍ଶାଘାଇ ବ୍ଲକ ହିନ୍ଦୁଳିଆ ପଞ୍ଚାୟତରୁ ଏକ ବାଇକ ରାଲିରେ ବାହାରି ହଜାରୀ ଛକ, ହାତିଆ, ହିନ୍ଦୁଳିଆ, ଟୁବିହୁଡା, ମାଣତୀର ଗ୍ରାମ ପରିକ୍ରମା କରିଥିଲେ । ଏହାଛଡା ମଣିକୁଣ୍ଡା ପଞ୍ଚାୟତର ମଣିକୁଣ୍ଡା, ଦରବଚ୍ଛା, ପେହେଣ୍ଟା, କଷୋଟି ଗ୍ରାମ ପରିକ୍ରମା କରିବା ବେଳେ ନିଜ ପାଇଁ ଏବଂ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଧରଣୀଧର ନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ରାଲି ଜୁଣଛକ, ମାର୍ଶାଘାଇ ବଜାର ଦେଇ ଶିଳିପୁର ଛକ ଠାରେ ଥିବା ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଡେରାବିଶ, ୧୬।୪(ସ୍ୱ.ପ୍ର.)**

ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଅର୍ତ୍ତାମୂଳସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରଜାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କନକଲତା ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଆରସିସି ନରହରି ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଦାଶ ଓ ପୂର୍ବତନ ସିଆରସିସି ଦିଲିପ କୁମାର ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ତେଣ୍ଡାକୁଡ଼ାରେ ଭାଜପା କର୍ମୀ ସମ୍ମିଳନୀ

**ପାଟକୁରା,୧୬।୪ (ଡି.ଏନ୍.ଏ.)**

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତେଣ୍ଡାକୁଡ଼ା ପଞ୍ଚାୟତ ଅରାବଳ ଠାରେ ଭାଜପାର କର୍ମୀ ସମ୍ମିଳନୀ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ରନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ତାଙ୍କ ପୁଅ ଅରବିନ୍ଦ ମହାପାତ୍ର ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ୬୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ଭାରତୀୟ ଜନତା ଦଳର ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ସଙ୍କଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ନାୟକ, ଶତ୍ରୁଘ୍ନ ମଲିକ, ଅମୂଲ୍ୟ ସ୍ୱରୂପ ମହାନ୍ତି, ଜ୍ୟୋତିରଞ୍ଜନ ଦାସ, ହିମାଂଶୁ ଶେଖର ପାଇକରାୟ, ପ୍ରଭାକର ନାୟକ, ଅମ୍ବିକା ମହାନ୍ତି, ଜଗଦୀଶ ପାଣି, ତ୍ରୈଲୋକ୍ୟ ନାୟକ, ବସନ୍ତ ସେଠୀ, ଧନେଶ୍ୱର ଖଟୁଆ, ହେମନ୍ତ ବରାଳ, ସୁବାଶିଷ ମହାନ୍ତି, ଗୌତମ ଲେଙ୍କା, ଗଗନ ଦାସ, ହେମନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ବେଉରା ଧନ୍ୟବାଦ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନିର୍ବାଚନ ପ୍ରଚାର ମାଧ୍ୟମ ପାଲଟିଛି ପୁରୁଣା ଗୀତ

**କେନ୍ଦ୍ରାପଡା ଅଫିସ, ୧୬।୪**

■ ପୁରୁଣାକୁ ଆଧାର କରି ଲେଖାଯାଉଛି ନୂଆ ଗୀତ
■ ପୋଷ୍ଟର, ଲିଫଲେଟ ପାଇଁ ପ୍ରିଣ୍ଟିଂ ପ୍ରେସରେ ଜମୁଛି ଭିଡ଼
■ ବିଭିନ୍ନ ରୋଗର କାରଣ ସାଜୁଛି ଫ୍ଲେକ୍ସ ବ୍ୟାନର

କେନ୍ଦ୍ରାପଡା ଜିଲାରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ସ୍ୱାଧୀନ ଓ ରାଜନୈତିକ ଦଳର ପ୍ରାର୍ଥୀ ଏବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ତେବେ ପ୍ରଚାର ତରିକା ପୁରୁଣା ହୋଇଥିବା ବେଳେ ଏହାର ଏବେବି ଚାହିଦା ରହିଛି ବୋଲି ଆଲୋଚନା ହେଉଛି।

ପ୍ରଚାର ଗାଡିରେ ଏବେବି ବାଜୁଛି ରଙ୍ଗବତୀ, ନାଗିନ, କମଳ ଦେଶ ରାଜକୁମାର ଓ ମେଘ ବରଷିଲା ଟୁପୁରୁଟୁପୁରୁ ଭଳି ଗୀତ। ଚଳିତ ସାଧାରଣ ନିର୍ବାଚନରେ ମୋଟ ୧୭ ଜଣ ପ୍ରାର୍ଥୀଙ୍କ ପାଇଁ ୨ରୁ ୪ ଦଶନ୍ଧୀ ତଳେ ଜନ ମାନସରେ ପ୍ରଭାବ ବିସ୍ତାର କରିଥିବା ଲୋକଗୀତ, ଫିଲ୍ମ ଗୀତକୁ ଆଧାର କରି ନୂଆ ଗୀତ ଲେଖାଯାଇଛି ବୋଲି ଗିତିକାର ସରୋଜ ବିଶ୍ୱାଳ କହିଛନ୍ତି । ସେ କହିଛନ୍ତିଯେ, ଗୀତରେ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ଯଥେଷ୍ଟ ଉପାଦାନ ଖଞ୍ଜା ଯାଇଛି । ସେହିପରି ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ କୁହନ୍ତିଯେ, ନିର୍ବାଚନ ଆସିଲେ ଲୋକପ୍ରିୟ ଗୀତ ଖୋଜାପଡେ । ଦିନ ଥିଲା ଦିନରେ ବସନ୍ତ ଆମେ ରାତିରେ ବାସନ୍ତି ଗୀତ ଜନମନକୁ ହରଣ କରୁଥିଲା । ସେହି ଗୀତରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଦୁର୍ବଳତାକୁ ପ୍ରକାଶ କରିବା ପାଇଁ ପ୍ରାର୍ଥୀ ଏବେ ସାହାରା ନେଉଛନ୍ତି । ତେବେ ଆଧୁନିକ ଗୀତର ସୁରରେ ନିର୍ବାଚନୀ ପ୍ରଚାର ଗୀତର ସଂଯୋଜନା କରାଯାଇଛି । ସଂଗୀତ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଏକ ବଳିଷ୍ଠ ମାଧ୍ୟମ ବୋଲି ସଂଗୀତ ନିର୍ଦ୍ଦେଶକ ଦାଶ କହିଛନ୍ତି । ନିର୍ବାଚନୀ ସଂଗୀତ ପରି ଚଳିତ ନିର୍ବାଚନରେ ପୋଷ୍ଟର, ଫ୍ଲେକ୍ସ, ଲିଫଲେଟ ପାଇଁ ପ୍ରିଣ୍ଟିଂ ପ୍ରେସରେ ମଧ୍ୟ ଭିଡ ଦେଖିବାକୁ ମିଳୁଛି । ସହର ଓ ଆଖପାଖ ଅଞ୍ଚଳରେ ପୂର୍ବରୁ ମାତ୍ର ଅଳ୍ପ କିଛି ହାତଗଣତି ପ୍ରିଣ୍ଟି ପ୍ରେସ ଥିବାବେଳେ ଚଳିତ ନିର୍ବାଚନ ପାଇଁ ସହରରେ ୧୫ରୁ ଉର୍ଦ୍ଧ୍ୱ ଫ୍ଲେକ୍ସ କଟିଂ ଦୋକାନ ଖୋଲିଯାଇଛି। ସହରର ମେଡିକାଲ ଛକରେ ଥିବା ମଙ୍ଗୁ ଆର୍ଟସର ମାଲିକ ମାନସ ମହାନ୍ତି କୁହନ୍ତିଯେ, ଗତ ୬ ମାସ ପୂର୍ବରୁ ବେପାର ବଢ଼ିଛି। ଆଶାୟୀ ପ୍ରାର୍ଥୀ ପ୍ରତି ପଞ୍ଚାୟତରେ ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ପର୍ବପର୍ବାଣୀ ଓ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ହୋର୍ଡିଂ ଲଗାଇଥିଲେ । ଏବେ ନିର୍ବାଚନୀ କଟକଣା ଲାଗୁ ହୋଇଥିବାରୁ ବେପାର ମାନ୍ଦା ହୋଇଛି । କେବଳ ସ୍ୱାଧୀନ ପ୍ରାର୍ଥୀମାନେ ପୋଷ୍ଟର ବ୍ୟାନର ଅର୍ଡର ଦେଉଛନ୍ତି ବୋଲି ସେ କହିଛନ୍ତି । ସେହିପରି ଡେରାବିଶ ବଜାରରେ ନୂଆ କରି ଫ୍ଲେକ୍ସ ବ୍ୟବସାୟ ଖୋଲିଥିବା ଜାକିର ହୁସେନ ଖାଁ କହିଛନ୍ତିଯେ, ପୋଷ୍ଟର ବ୍ୟାପାର ନିର୍ବାଚନ ଶେଷ ଯାଏଁ ଚାଲିବ । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଖର୍ଚ୍ଚ କଟକଣା ସତ୍ତ୍ୱେ ଏହା ପ୍ରାର୍ଥୀଙ୍କ ଉପରେ ପ୍ରଭାବ ପକାଇବ ନାହିଁ । ବହୁ ସ୍ଥାନରେ ପ୍ରାର୍ଥୀ ନିଜ ଖର୍ଚ୍ଚରେ ପୋଷ୍ଟର ତିଆରି କରୁଥିଲେ ମଧ୍ୟ ସୌଜନ୍ୟରେ ଅନ୍ୟ ଜଣକ ନାମ ଲେଖୁଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ପୋଷ୍ଟର ଓ ପ୍ରଚାର ଗାଡିକୁ ନେଇ କେତେଜଣ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରାଧ୍ୟାପକ ଦେବୀପ୍ରସାଦ ସାହୁ, ପରିବେଶବିତ ହେମନ୍ତ କୁମାର ରାଉତ ଓ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି ଯେ, ନିର୍ବାଚନ ସମୟରେ ଫ୍ଲେକ୍ସ ବ୍ୟାନର ଓ ଉଚ୍ଚ ଶବ୍ଦଯୁକ୍ତ ପ୍ରଚାର ଗାଡି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଆବଶ୍ୟକ। ସେ କୁହନ୍ତିଯେ, ଫ୍ଲେକ୍ସ ହେଉଛି ଏକ ଥର୍ମୋପ୍ଲାଷ୍ଟିକ ପଦାର୍ଥ । ଯାହା ପିଭିସି ( ପଲି ଭିନାଇଲ କ୍ଲୋରାଇଡ) ତଥା ସିନ୍ଥେଟିକ ପଲିମରରୁ ପ୍ରସ୍ତୁତ । ଏହାର ପୁନଃ ପ୍ରକ୍ରୀୟାକରଣ ଅସମ୍ଭବ ହୋଇଥିବା ବେଳେ ମାଟିରେ ମିଶିବାକୁ ହଜାରରୁ ଉର୍ଦ୍ଧ୍ୱ ବର୍ଷ ସମୟ ଲାଗିଥାଏ । ଏହାକୁ ପୋଡି ନଷ୍ଟ କରାଗଲେ ଡାଇଓକ୍ସିନ ଓ ଫୁରନ ପରି ବିଷାକ୍ତ ଗ୍ୟାସ ସୃଷ୍ଟି ହୁଏ। ଏହି ଗ୍ୟାସ କ୍ୟାନସର, ଆଜମା, ନପୁଂସକତା, ବନ୍ଧ୍ୟାତ୍ୱ ତଥା ଅନ୍ୟାନ୍ୟ ମାରାତ୍ମକ ରୋଗର କାରଣ ସାଜେ। ପ୍ଲାଷ୍ଟିକ ପ୍ରଦୂଷଣ ପରି ଶବ୍ଦ ପ୍ରଦୁଷଣକୁ ରୋକିବା ପାଇଁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କଡା ଆଭିମୁଖ୍ୟ ପ୍ରଦର୍ଶନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହାର ସମାଧାନ ସମ୍ପର୍କରେ ସେ କହିଛନ୍ତି ଯେ, ନିଜ ନିର୍ବାଚନ କ୍ଷେତ୍ରର ଉନ୍ନତି ପାଇଁ କେଉଁ ପ୍ରକାର ଯୋଜନା ପ୍ରସ୍ତୁତ କରୁଛନ୍ତି, ସେ ନେଇ ପ୍ରାର୍ଥୀ ଇସ୍ତାହାରରେ ପ୍ରକାଶ କରିଲେ ନିର୍ବାଚନୀ ଖର୍ଚ୍ଚ କମିବା ସହ ପରିବେଶ ସୁସ୍ଥ ରହିବ ବୋଲି ସେ କହିଛନ୍ତି।

## ଡେରାବିଶ ଥାନା ପକ୍ଷରୁ ଜଳଛତ୍ର

**ଡେରାବିଶ, ୧୬।୪ (ସ୍ୱ.ପ୍ର.)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଚଣ୍ଡ ଖରା ଯୋଗୁ ଲୋକମାନେ ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରୁ ନାହାନ୍ତି। ଦରକାରୀ କାର୍ଯ୍ୟରେ ଲୋକମାନେ ଘରୁ ବାହାରି ଯାଉଥିବା ବେଳେ ଡେରାବିଶ ଥାନା ସମ୍ମୁଖ ଗୋଲରାହାଟ-ଲକ୍ଷ୍ମୀନାରାୟଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ସୋମବାର ଥାନା ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ଥାନା ଅଧିକାରୀ ଉମାକାନ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସବ୍-ଇନ୍ସପେକ୍ଟର ପଞ୍ଚାନନ ମିଶ୍ର ଓ ଜମ୍ମିତା ସାସମଲ ଏବଂ ଏଏସ୍‌ଆଇ ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ପଥଚାରୀଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏହି ଜଳଛତ୍ର ଗ୍ରୀଷ୍ମପ୍ରବାହ କମିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ଏହି ଜଳଛତ୍ର ପରିଚାଳନାରେ ଥାନା କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

# ଫସଲ ସଂରକ୍ଷଣରେ ସଙ୍ଗ ଆକର୍ଷକ

ଫସଲକୁ ଆକ୍ରମଣ କରୁଥିବା କେତେକ ନିର୍ଦ୍ଦିଷ୍ଟ ପୋକ ନିର୍ଦ୍ଦିଷ୍ଟ ରାସାୟନିକ ଉପାଦାନ ପ୍ରତି ଆକର୍ଷିତ ହୁଅନ୍ତି। ଯାହା ଫଳରେ ସେମାନଙ୍କର ବ୍ୟବହାରରେ କିଛି ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନକୁ ଆଧାର କରି ବୈଜ୍ଞାନିକମାନେ ଗବେଷଣା କରି କିଛି ନିଷ୍କର୍ଷ ଉଦ୍‌ଭାବନ କରିଛନ୍ତି। ସେହି ନିଷ୍କର୍ଷ ତତ୍ତ୍ୱକୁ ଫସଲ ସଂରକ୍ଷଣ କାର୍ଯ୍ୟରେ ବର୍ତ୍ତମାନ ଉପଯୋଗ କରାଯାଉଛି। ରାସାୟନିକ ଉପାଦାନଟି କେତେକ ସ୍ତ୍ରୀ ପୋକର ଶରୀରରୁ ସଂଗ୍ରହ କରାଯାଇଥାଏ। ଏହି ଉପାଦାନକୁ ଆକର୍ଷକ ବସ୍ତୁ କୁହାଯାଏ। ୧୯୫୯ରେ ଜର୍ମାନୀର କାର୍ଲସନ୍ ଏବଂ ବୁଟେନ୍‌ଣ୍ଡଟ୍ ନାମକ ୨ ଜଣ ରସାୟନବିତ୍ ଆକର୍ଷକ ବସ୍ତୁର ଉଦ୍ଭାବକ ରୂପେ ପରିଚିତ। ସେମାନେ ତୁତ୍ ଗଛକୁ ଖାଇ ରେଶମ ପ୍ରସ୍ତୁତ କରୁଥିବା ସ୍ତ୍ରୀ ତୁତ୍ ପୋକର ଶରୀରରୁ ଏହି ଆକର୍ଷକ ଉପାଦାନ ପାଇଥିଲେ। ତୁତ୍ ଗଛକୁ ଖାଇ ବଞ୍ଚି ରହୁଥିବା ୫ ଲକ୍ଷ ସ୍ତ୍ରୀ ତୁତ୍ ପୋକର ଶରୀରରୁ ସେହି ବୈଜ୍ଞାନିକମାନେ ମାତ୍ର ୧୨ ମିଲି ଗ୍ରାମ୍ ଆକର୍ଷକ ଉପାଦାନ ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଚାଷୀମାନେ ଏହି ଆକର୍ଷକ ବସ୍ତୁ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ଫସଲକୁ ଆକ୍ରମଣ କରୁଥିବା କ୍ଷତିକାରକ ପୋକଙ୍କ ବିନାଶ ନିମନ୍ତେ ଏହାକୁ ବ୍ୟବହାର କରୁଛନ୍ତି। ପ୍ରକୃତରେ ଏହି ଆକର୍ଷକ ବସ୍ତୁଗୁଡିକ ଅନିଷ୍ଟକାରୀ କୀଟଙ୍କୁ ମାରନ୍ତି ନାହିଁ। କିନ୍ତୁ ସେମାନେ ଅନିଷ୍ଟକାରୀ କୀଟଙ୍କର ପୁରୁଷ କୀଟଙ୍କୁ ଆକର୍ଷକ ଯନ୍ତା ମଧ୍ୟକୁ ଆକର୍ଷଣ କରନ୍ତି। ଆକର୍ଷିତ ପୁରୁଷ କୀଟମାନଙ୍କୁ କିରୋସିନ ଦ୍ୱାରା ବିନାଶ କରାଯାଏ। ପୁରୁଷ ପୋକଙ୍କୁ ଆକର୍ଷକ ଯନ୍ତା ମଧ୍ୟକୁ ଆଣିବା ଏବଂ ସେମାନଙ୍କୁ ବିନାଶ କରିବା ଯୋଗୁ ଫସଲ ତିଆରିରେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସପାଇବାରୁ ସ୍ତ୍ରୀ ପୋକଗୁଡିକ ବନ୍ଧ୍ୟା ହୁଅନ୍ତି। ଫଳସ୍ୱରୂପ ସେମାନେ ଛୁଆ ଜନ୍ମ କରି ପାଳିବାକୁ ଅକ୍ଷମ ହୁଅନ୍ତି। ଏହା ଫଳରେ ଅନିଷ୍ଟକାରୀ ପୋକଙ୍କ ସଂଖ୍ୟା ଖୁବ୍ କମ୍ ସଂଖ୍ୟକ ଅବସ୍ଥାକୁ ଚାଲିଆସେ। ବୈଜ୍ଞାନିକମାନେ ସ୍ତ୍ରୀ ପୋକର ଶରୀରରୁ ଏହି ଆକର୍ଷକ ଉପାଦାନ ସଂଗ୍ରହ କରି ବିଜ୍ଞାନାଗାର ମଧ୍ୟରେ ରାସାୟନିକ ପ୍ରକ୍ରିୟାରେ ଉକ୍ତ ଉପାଦାନକୁ ତଉଁରିଆ କିମ୍ବା ପ୍ଲାଷ୍ଟିକ୍ ନିର୍ମିତ ଖୋଳ ମଧ୍ୟରେ ରଖିଦିଅନ୍ତୁ। ଏହାକୁ ଇଂରାଜୀରେ ଲିଓର କୁହାଯାଏ। ଆବଶ୍ୟକ ସମୟରେ ଏଗୁଡିକୁ ଆକର୍ଷକ ଯନ୍ତା ମଧ୍ୟରେ ରଖାଯାଇ ପୋକ ଆକ୍ରମିତ ଫସଲ କିଆରିରେ ପ୍ରୟୋଗ କରାଯାଏ। କ୍ଷତିକାରକ ପୋକଙ୍କର ପ୍ରଜାତି ଅନୁସାରେ ଆକର୍ଷକ ଯନ୍ତାରେ ବ୍ୟବହୃତ ହେଉଥିବା ରାସାୟନିକ ଉପାଦାନ ବିଭିନ୍ନ ପ୍ରକାରର ନିର୍ଦ୍ଦିଷ୍ଟ ପୋକକୁ ଆକର୍ଷଣ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରକାରର ଲିଓର ବ୍ୟବହାର କରାଯାଏ। ଆକର୍ଷକ ଯନ୍ତାମଧ୍ୟରେ ଲିଓର ରଖି ସନ୍ଧ୍ୟା ସମୟରେ ଫସଲ କିଆରିରେ ଆକର୍ଷକ ଯନ୍ତା ରଖାଯାଏ। ଆକର୍ଷକ ଯନ୍ତାରୁ ରାସାୟନିକ ଉପାଦାନ ବାଷ୍ପ ଆକାରରେ ଫସଲ କିଆରିର ବିଭିନ୍ନ ଦିଗକୁ ବ୍ୟାପିଯାଏ। ଆକର୍ଷକ ପଦାର୍ଥ ବା ଉପାଦାନ ଫସଲର ଉପରିଭାଗରୁ ୧ରୁ ଦେଢ ଫୁଟ ଉଚ୍ଚତାରେ ରଖାଯାଏ। ଆକର୍ଷକ ଉପାଦାନ ସ୍ତ୍ରୀ ପୋକଙ୍କଠାରୁ ସଂଗୃହୀତ ହୋଇଥିବାରୁ ଏହା ଅନ୍ୟାନ୍ୟ ଉପକାରୀ କୀଟ ଯଥା ପରାଶ୍ରୟୀ, ପରାଙ୍ଗଭୋଜି ଏବଂ ପରାଗ ସଂଗମକାରୀ କୀଟମାନଙ୍କ ପ୍ରତି ନିରାପଦ। ଜିଆ, ବଗ, ବଣି, କାଉ, ବତକ ତଥା ଅନ୍ୟାନ୍ୟ ପ୍ରାଣୀ ଏବଂ ମନୁଷ୍ୟ ପ୍ରତି ମଧ୍ୟ ନିରାପଦ। ଜଳ, ବାୟୁ ଓ ପବନ ପ୍ରତି ମଧ୍ୟ ନିରାପଦ ହୋଇଥାଏ।





–ଡ. ବିଷ୍ଣୁ ଚରଣ ଜେନା
–ଦୀପକ କୁମାର ଦାସ

# ବେବି କର୍ଣ୍ଣ ଚାଷ ସମ୍ପର୍କରେ...

ସହରତଳି ଅଞ୍ଚଳରେ ଚାଷୀମାନଙ୍କର ଜୀବିକାଧାରଣର ଉନ୍ନତି ଘଟାଇବାରେ ସହାୟକ ହୋଇପାରୁଛି ପରିବା ମକା ବା ବେବି କର୍ନ। ଏହି ମକାରୁ ତରକାରୀ, ସାଲାଡ, ଖିରି, ଆଚାର, ସୁପ୍, ପକୋଡା, ଚଟଣୀ, ବରଫି ଓ ଲଡୁ ଆଦି ପ୍ରସ୍ତୁତ ହେଉଛି। ପରିବା ମକା ବ୍ୟବହାର କରି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହେଉଥିବାରୁ ହୋଟେଲମାନଙ୍କରେ ମକା ତରକାରି ଓ ବ୍ୟଞ୍ଜନର ଚାହିଦା ବଢିବାରେ ଲାଗିଛି।

ଆମ ରାଜ୍ୟ ପାଇଁ ବିଜ୍ଞପିତ ଓ ଅନୁମୋଦିତ ଅଧିକ ଅମଳକ୍ଷମ ଲୋକପ୍ରିୟ ଉନ୍ନତ ପରିବା ମକା କିସମ ହେଲା– ଭି.ଏଲ୍. ବେବି କର୍ଣ୍ଣ–୧। ଏକର ପ୍ରତି ବିହନ ୧୦ କି.ଗ୍ରା. ଦରକାର ହୁଏ। ୪୮:୨୪:୨୪ କିଗ୍ରା ଏନ୍.ପି.କେ. ଏକର ପ୍ରତି ଆବଶ୍ୟକ ହୋଇଥାଏ। ବେବି କର୍ଣ୍ଣ କ୍ଷେତ୍ରରେ ଯବକ୍ଷାରଜାନ ଓ ପଟାସ୍ ସାରକୁ ସମୁଦାୟ ୨ ଥରରେ ମୂଳସାର ଓ ବୁଣିବାର ୩–୪ ସପ୍ତାହବେଳକୁ କୋଡାଖୁସା କରି ମୂଳରେ ଦେଇ ହୁଡା ଟେକାଯାଏ।

ପରିବା ମକା କ୍ଷେତ୍ରରେ ଚଅଁର ବା ଚୁଟି ବାହାରିବା ମାତ୍ରେ ମକାକୁ ଗଛରୁ ଭାଙ୍ଗି ଅମଳ କରାଯାଏ। ୩–୪ ଥରରେ ଏହି ମକାଗୁଡିକୁ ୨ ମାସ ମଧ୍ୟରେ ଅମଳ କରାଯାଏ। ମକାର ଉପର ଚୋପା ଛଡାଇ ଦେଲେ ଯେଉଁ କ୍ଷୁଦ୍ର ମକାଟି ବାହାରେ ତାହା ହିଁ ପରିବା ମକା। ସହରରେ ଏହାକୁ କି.ଗ୍ରା. ପ୍ରତି ୨୫୦ ରୁ ୩୦୦ ଟଙ୍କାରେ ବିକ୍ରି କରାଯାଉଛି। ଆମ ରାଜ୍ୟରେ ବର୍ଷସାରା ପରିବା ମକା ଚାଷ କରାଯାଇପାରିବ। ପରିବା ମକାର ଅମଳ ଅତି ଗୁରୁତ୍ୱପୂର୍ଣ୍ଣ। ଅମଳ ବିଳମ୍ବ ହେଲେ ଏହା ବୁଢା ହୋଇ ଗୁଣରେ ହ୍ରାସ ଘଟିଥାଏ ଓ ଦାମ୍ କମିଯାଏ। ତେଣୁ ଯଥାଶୀଘ୍ର ମକା ଅମଳ କରି ବଜାରକୁ ପଠାଇଦେବା ଦରକାର। ପରିବା ମକା ଅମଳ ପରେ ଗଛକୁ ସବୁଜ ଗୋଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଏକର ପ୍ରତି ୬ କୁଇଣ୍ଟାଲ ପରିବା ମକା ଓ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ସବୁଜ ଗୋଖାଦ୍ୟ ମିଳିଥାଏ।



# ଭେଣ୍ଡିର ଉନ୍ନତ କିସମ

ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା–ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର, ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା–ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ, ୪୫କି.ଗ୍ରା ଯବକ୍ଷାରଜାନ, ୨୫କି.ଗ୍ରା ଫସଫରସ ଓ ୩୦ କି.ଗ୍ରା ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ ଗୋବରଖତ, ୮୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୪୫ସେ.ମି ବ୍ୟବଧାନରେ ମଞ୍ଜି ପୋତନ୍ତୁ।



# ଆଖୁରେ ସାର ପ୍ରୟୋଗ



ଫେବୃୟାରୀ ମାସରୁ ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୬୦ଦିନର ହୋଇଥିଲେ ଘାସ ବାଛି କୋଡାଖୁସା କରି ମନ୍ଦା ପିଛା ୧୦ଗ୍ରାମ ଲେଖାଏଁ ୟୁରିଆ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସରେ ଲଗାଯାଇଥିବା ଆଖୁର ଶୁଖିଲା ଆଖୁ ପତ୍ରକୁ ଆଖୁ ଗଛରୁ ଛଡାଇ ଦେଇ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ। ଆଖୁ ଫସଲ ଲଗାଇବାର ୧୦୫ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ।

# ମହୁଚାଷ



❖ମହୁବାକ୍ସ ଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ।

❖ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭–୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ।

❖ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



# କାଜୁ ଫସଲରେ ପୋକ ଦମନ

କାଜୁ ଫସଲରେ ମୂଳ ଓ କାଣ୍ଡ ବିନ୍ଧା ପୋକ ସାଧାରଣତଃ ଏପ୍ରିଲ ଓ ମେ ମାସରେ ଦେଖାଯାଇଥାଏ। ଚାଷୀଭାଇମାନେ କାଜୁଗଛର ମୂଳକୁ ନିରୀକ୍ଷଣ କଲେ ଯଦି ଅଠାଳିଆ ପଦାର୍ଥ ଦେଖାଯାଏ, ତେବେ ପୋକ ଆକ୍ରମଣ କରିବାର ସୂଚନା ମିଳିଥାଏ। ଏହାର ଦମନ ପାଇଁ ଗଛର ବକଳକୁ ଆସ୍ତେ ଆସ୍ତେ ଛଡାଇ ପୋକଗୁଡିକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।



# ଗେଣ୍ଡୁଫୁଲ

ଲାଲ ବୁଢିଆଣୀ ଓ ଅଷ୍ଟପଦୀର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ୍ ହିସାବରେ ସଲଫର ସେଚିତ ଗୁଣ୍ଡ କିମ୍ବା ୨.୫ମିଲି ଡାଇକୋଫଲ ମିଶାଇ ସିଞ୍ଚନ କରନ୍ତୁ। ଲଗାଇବାର ୩୦ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।



## ପ୍ରଥମ ପୃଷ୍ଠାରୁ...

### ‘ଚାଉଳ ଦେଉଛୁ ଆମେ, ...

ସୁଯୋଗ ଦିଅନ୍ତୁ ବୋଲି ମଙ୍ଗଳବାର ସମ୍ବଲପୁର ରେମେଡ଼ଠାରେ ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି କହି ଜନସାଧାରଣଙ୍କୁ ନିବେଦନ କରିବା ସହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ପ୍ରଥମେ ଜୟ ମା’ ସମଲେଇ ଜୁହାର କହି ମୋଦି ବକ୍ତବ୍ୟ ଆରମ୍ଭ କରିଥିଲେ। ସେ ଆହୁରି କହିଲେ ଯେ, ଲୋକଙ୍କୁ ମିଳୁଥିବା ଟଙ୍କିକିଆ ଚାଉଳ ପାଇଁ କେନ୍ଦ୍ର ସରକାର କିଲୋ ପ୍ରତି ୨୯ରୁ ୩୦ ଟଙ୍କା ଦେଉଛନ୍ତି। ସେଥିରେ ରାଜ୍ୟ ସରକାର ମାତ୍ର ଦୁଇଟଙ୍କା ମିଶାଉଛନ୍ତି। ହେଲେ ଲୋକଙ୍କୁ ରାଜ୍ୟ ସରକାର ୧ ଟଙ୍କାରେ ଚାଉଳ ଦେଉଥିବା କହୁଛନ୍ତି। ଏହି ପ୍ରସଙ୍ଗକୁ ଲୋକଙ୍କୁ ଭଲ ଭାବରେ ବୁଝାଇବାକୁ ଯାଇ ମୋଦି ଏକ ଉଦାହରଣ ଦେଇ କହିଲେ ଯେ, ଦିଲ୍ଲୀରେ ଚାକିରି କରୁଥିବା ଆପଣଙ୍କ ପୁଅ ମନିଅର୍ଡର ମାଧ୍ୟମରେ ଆପଣଙ୍କ ନିକଟକୁ ଟଙ୍କା ପଠାଇଲା। ପୋଷ୍ଟ ଅଫିସ କର୍ମଚାରୀ ଆପଣଙ୍କ ଘରକୁ ଆସି ଉକ୍ତ ଟଙ୍କା ପ୍ରଦାନ କଲେ। ତେବେ ଉକ୍ତ ଟଙ୍କାକୁ କ’ଣ ପୋଷ୍ଟ ଅଫିସ କର୍ମଚାରୀ ଆପଣଙ୍କୁ ଦେଲେ କି ବୋଲି ମୋଦି ପ୍ରଶ୍ନ କରିଥିଲେ। ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ ରହିଛି। ଏଥିରୁ ମିଳୁଥିବା ଟିକସ ରାଜ୍ୟକୁ ଦିଆଯାଉଛି। ହେଲେ ଏଠିକାର ସରକାର ଉକ୍ତ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି। ଭାଜପା ସରକାର ଆସିବା ପରେ ଗତ ୫ ବର୍ଷରେ ଦେଶରେ ଭ୍ରଷ୍ଟାଚାର କମିଛି। ଆତଙ୍କବାଦୀଙ୍କୁ ନିପାତ କରାଯାଉଛି। ଚୌକିଦାର ଭଳି ମୁଁ କାମ କରୁଛି। ତେଣୁ ଏବେ ସମସ୍ତେ ଏହି ଚୌକିଦାର ପଛରେ ପଡ଼ିଯାଇଛନ୍ତି। ହେଲେ ସମସ୍ତଙ୍କୁ ଏହାର ଜବାବ ଦେବାକୁ ପଡ଼ିବ। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ। ଚାଷୀଙ୍କୁ ସବୁ ସୁବିଧା ସହ ଉତ୍ପାଦିତ ଶସ୍ୟର ଉଚିତ ଦର ମିଳିବ। ମାଛଚାଷ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲାଯିବ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ। ଏଥିପାଇଁ ୧୦ ହଜାର କୋଟି ଟଙ୍କା ଅଟକଳ ରଖାଯାଇଛି। ଅପରପକ୍ଷେ ନଦୀଗୁଡ଼ିକର ସଂଯୋଗୀକରଣ କରାଯାଇ ଜଳସେଚନ ଓ ପାନୀୟ ଜଳ ସମସ୍ୟା ଦୂର କରାଯିବ। ୨୦୨୨ ସୁଦ୍ଧା ସବୁ ଯୋଗ୍ୟ ପରିବାରକୁ ପକ୍କାଘର ଦିଆଯିବ। ଘର ସହ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ପାଇଖାନା, ପାଣି, ବିଜୁଳି ଯୋଗାଇ ଦିଆଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ।

ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାଏକ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବି ନାଏକ, ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଦେବଗଡ଼ ବିଧାୟକ ପ୍ରାର୍ଥୀ ସୁବାସ ପାଣିଗ୍ରାହୀ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ସମ୍ବଲପୁର ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ ସାହୁ, ସମ୍ବଲପୁର ଲୋକ ସଭା କ୍ଷେତ୍ର ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ‘ଶେଷନିଃଶ୍ୱାସ ପର୍ଯ୍ୟନ୍ତ ...

୨କେନ୍ଦ୍ରମନ୍ତ୍ରୀ ସେଥିପ୍ରତି ମୁହଁ ଖୋଲିଲେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ତାଙ୍କ ଦାବି ପରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ ପାଇଛି। ମାତ୍ର କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ କେନ୍ଦ୍ରଠାରେ ଦାବି ଉପସ୍ଥାପନ କରିଥିବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ନିର୍ବାଚନ ଆସିଲେ କେବଳ ଭାଜପା ନେତା, ମନ୍ତ୍ରୀ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ସମସ୍ତଙ୍କ ସାଥିରେ ଅଛନ୍ତି। ଶେଷନିଃଶ୍ୱାସ ପର୍ଯ୍ୟନ୍ତ ରାଜ୍ୟର ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ସେ କହିଛନ୍ତି। ବିଜେଡି ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ସେ ଏହି ଅବସରରେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ କହିଥିଲେ, ବରଗଡ଼ ଜିଲାର ବିକାଶ ହିଁ ବିଜେଡିର ନୀତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେବେଳେ ଯାହା ଅନୁରୋଧ କରିଛି ଏଠାକାର ବିକାଶକୁ ତ୍ୱରାନ୍ୱିତ କରିବାରେ ସେ ସହଯୋଗ କରି ଆସିଛନ୍ତି। ଅଞ୍ଚଳର ସାହିତ୍ୟିକ, ଲୋକ କବିରତ୍ନ ପଦ୍ମଶ୍ରୀ ଡ.ହଳଧର ନାଗଙ୍କ ଭଳି କବି, ଚାଷୀ, ମହିଳା, ଯୁବକଙ୍କ ଅନୁରୋଧ ରଖି ମୁଖ୍ୟମନ୍ତ୍ରୀ ଜିଲାର ବିଜେପୁର ନିର୍ବାଚନମଣ୍ଡଳୀରୁ ଏଥର ପ୍ରାର୍ଥୀ ହୋଇଛନ୍ତି। ଫଳରେ ବରଗଡ଼ ଜିଲା ଉପରେ ଦେଶର ନଜର ରହିଛି। ଏହି ଦୃଷ୍ଟିରୁ ବରଗଡ଼ ଲୋକ ସଭା ତଥା ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ବହୁସଂଖ୍ୟାରେ ଭୋଟ୍ ଦେଇ ଅତୀତର ସବୁ ରେକର୍ଡ଼ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟିରେ ସହାୟକ ହେବାକୁ ସେ ଆହ୍ୱାନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଦେବେଶ ନବୀନ ସରକାରଙ୍କ ବହୁବିଧ ବିକାଶମୂଳକ ଯୋଜନା ଏବଂ ଅଞ୍ଚଳରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋକପାତ କରି ବିଜେଡି ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଧୁ ନେପାକ, ସୁବାସ ଚୌହାନ, ଦେବବ୍ରତ ମିଶ୍ର, କିଶୋର ମିଶ୍ର, ପ୍ରଫୁଲ୍ଲ ନାଏକ, ପ୍ରଶାନ୍ତ ବେହେରା, ବିମଳ କିଶୋର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ରେ ଉଦ୍‌ବୋଧନ ଦେବା ପରେ ମୁଖ୍ୟମନ୍ତ୍ରୀ ନିଜେ ଲଢୁଥିବା ବିଜେପୁର ନିର୍ବାଚନମଣ୍ଡଳୀ ଅଭିମୁଖେ ଯାଇ ନିର୍ବାଚନୀ ପ୍ରଚାର କରିଥିଲେ।

### ୧୮ରେ ୨୭୯ ପ୍ରାର୍ଥୀଙ୍କ ...

ଗଞ୍ଜାମ ଜିଲାର ହିଞ୍ଜିଳି ଏବଂ ବରଗଡ଼ ଜିଲାର ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଏହି ୨ ନିର୍ବାଚନମଣ୍ଡଳୀ ଉପରେ ସମସ୍ତଙ୍କ ନଜର ରହିଛି। ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ଅନ୍ୟ ପ୍ରମୁଖ ନେତାମାନେ ହେଲେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, କଳିକେଶ ନାରାୟଣ ସିଂଦେଓ, ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ, ନବ ଦାସ, କିଶୋର ମହାନ୍ତି, ଭାଜପାର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସୁରେଶ ପୂଜାରୀ, ସଙ୍ଗୀତା ସିଂଦେଓ, କନକବର୍ଦ୍ଧନ ସିଂଦେଓ, ମହାମେଘବାହନ ଐର ଖାରବେଳ ସ୍ୱାଇଁ, ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ପୀତାମ୍ବର ଆଚାର୍ଯ୍ୟ, କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର, ଜର୍ଜ ତିର୍କୀ, ସୁରେନ୍ଦ୍ର ସିଂ ଭୋଇ, ସନ୍ତୋଷ ସିଂ ସାଲୁଜା।

ସୂଚନାଥାଉ କି, ୨୦୧୪ରେ ଉପରୋକ୍ତ ୩୫ ବିଧାନସଭା ଆସନରୁ ବିଜେଡି ୨୪, ଭାଜପା ୪, କଂଗ୍ରେସ ୫ ଏବଂ ଅନ୍ୟାନ୍ୟ ୨ଟିରେ ବିଜୟୀ ହୋଇଥିଲେ। ସେହିପରି ୫ ଲୋକ ସଭା ଆସନ ମଧ୍ୟରୁ ବିଜେଡି ୪ ଏବଂ ଭାଜପା ଗୋଟିଏ ଅକ୍ତିଆର କରିଥିଲା।

### କୁଶଭଦ୍ରାରେ ବୁଡ଼ି ...

ଗଣ୍ଡର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏ ନେଇ ନିମାପଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରେ ଖୋଜିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ନଦୀକୂଳରୁ ସେମାନଙ୍କ ବ୍ୟାଗ, ଚପଲ ଓ ମୋବାଇଲ ମିଳିଛି।

## ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ଆଜି

### ଅପରାହ୍ଣ ସାଢେ ୩ଟାରେ ରଥଟଣା

ପୁରୁଣା ଭୁବନେଶ୍ୱର, ୧୬।୪(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜ ୫ ଦିନିଆ ରୁକୁଣା ରଥଯାତ୍ରା ସାରି ବୁଧବାର ସ୍ୱମନ୍ଦିର ବାହୁଡିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତେବେ ଚଳିତବର୍ଷ ମନ୍ଦିର ପ୍ରଶାସନ, ପୋଲିସ, ସେବାୟତଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୩ ଦିନିରେ ରଥ ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲା। ଦେଢଦିନ ଶ୍ରୀଜୀଉମାନେ ରାମେଶ୍ୱର ମନ୍ଦିରରେ ରହଣି ପରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଏଥିଲାଗି ଭୋର ସାଢେ ୬ଟାରେ ମଙ୍ଗଳ ଆଳତି ଓ ଅବକାଶ, ସକାଳ ସାଢେ ୮ଟାରେ ରୋଷ ହୋମ ଓ ପାକ କାର୍ଯ୍ୟ, ସକାଳ ସାଢେ ୬ରୁ ସାଢେ ୯ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ପୂର୍ବାହ୍ଣ ୧୦ଟାରୁ ୧୧ଟା ମଧ୍ୟରେ ମହାସ୍ନାନ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା, ଶ୍ରୀଜିଉଙ୍କ ବଲ୍ଲଭ, ଶ୍ରୀଭୁବନେଶ୍ୱରୀଙ୍କ ବଲ୍ଲଭ ଓ ଶ୍ରୀଜିଉଙ୍କ ସକାଳ ଧୂପ, ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ, ୧୧ଟାରୁ ସାଢେ ୧୨ଟା ଭୋଗ ମଣ୍ଡପ, ସାଢେ ୧୨ଟାରୁ ସାଢେ ୧ଟା ଅଧରପଣା ପୂଜା, ଅପରାହ୍ଣ ସାଢେ ୧ଟାରୁ ୩ଟା ଦିଅଁମାନଙ୍କ ପହଣ୍ଡି, ସାଢେ ୩ଟାରେ ରଥଟଣା ଆରମ୍ଭ ହେବ, ରଥଟଣା ବନ୍ଦ ହେବା ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ନିମାପଡ଼ା, ୧୬।୪(ଡି.ଏନ୍.ଏ.)

ନିମାପଡ଼ା–ଚାରିଛକ ରାସ୍ତାର ବିଶିମାତ୍ରି ଛକ ନିକଟରେ ମଙ୍ଗଳବାର ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମର ରଞ୍ଜିତ କୁମାର ପଲେଇ। ଗୁରୁତର ହେଲେ ଭିଲିଦେଉଳି ଗ୍ରାମର ଆକାଶ ରାଉତ। ସୂଚନା ଅନୁଯାୟୀ, ଉଭୟ ବାଇକ୍ ଆରୋହୀ କାକଟପୁରରୁ ମା’ ମଙ୍ଗଳାଙ୍କ ଦର୍ଶନ କରି ଘରକୁ ଫେରୁଥିବା ବେଳେ ବିଶିମାତ୍ରି ଛକ ନିକଟରେ ଏକ ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟଲୋକେ ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।

"ହ୍ୟାକ୍ ହୋଇଥିବା ୱିପ୍ରୋର କେତେକ କର୍ମଚାରୀଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଛି। ସେମାନଙ୍କ ସହ ଜଡ଼ିତ ଗ୍ରାହକ କମ୍ପାନୀଙ୍କୁ ଏ ସମ୍ପର୍କରେ ଚେତାଇ ଦିଆଯାଇଛି।"
–ଆବିଦାଲି ଜେଡ୍ ନିମୁଚୱାଲା, ସିଇଓ, ୱିପ୍ରୋ




"ଚଳିତ ଆର୍ଥିକ ବର୍ଷରେ ଟେଲିକମ୍ ସେକ୍ଟରରେ ୭% ରାଜସ୍ୱ ବୃଦ୍ଧି ହେବାର ସମ୍ଭାବନା ରହିଛି। ଟାରିଫ ଯୁଦ୍ଧ ଏବେ ଧୀରେ ଧୀରେ ସ୍ଥିର ହେଉଛି।"
–ହେତାଲ ଗାନ୍ଧୀ, ଡାଇରେକ୍ଟର, କ୍ରିସିଲ ରିସର୍ଚ୍ଚ



## ସଂକ୍ଷେପରେ

### ଶକ୍ତିକାନ୍ତଙ୍କ ସ୍ୱାକ୍ଷରରେ ଜାରି ହେବ ନୂଆ ୫୦ ଟଙ୍କିଆ ନୋଟ୍



ମୁମ୍ବାଇ,୧୬-୪: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବ୍‌ଶୀଘ୍ର ନୂଆ ୫୦ ଟଙ୍କିଆ ନୋଟ୍ ଜାରି କରିବାକୁ ଯାଉଛି। ମହାତ୍ମା ଗାନ୍ଧୀ ସିରିଜରେ ଜାରି ହେବାକୁ ଥିବା ନୂଆ ନୋଟ୍‌ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସ୍ୱାକ୍ଷର ରହିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ନୂଆ ନୋଟ୍‌ର ସମ୍ପୂର୍ଣ୍ଣ ଡିଜାଇନ ମହାତ୍ମା ଗାନ୍ଧୀ ସିରିଜ ଭଳି ହେବ। ଏହାବ୍ୟତୀତ ପୂର୍ବରୁ ପ୍ରଚଳନରେ ଥିବା ୫୦ ଟଙ୍କିଆ ମୂଲ୍ୟର ସମସ୍ତ ନୋଟ୍ ଆଇନଗତ ଭାବେ ବୈଧ ରହିବ, ଅର୍ଥାତ୍ ସମସ୍ତ ପୁରୁଣା ନୋଟ୍ ପ୍ରଚଳନରେ ରହିବ। ସୂଚନାଥାଉ କି, ୨୦୧୭ରେ ଆର୍‌ବିଆଇ ନୂଆ ୫୦ ଓ ୨୦୦ ଟଙ୍କିଆ ନୋଟ୍ ଜାରି କରିଥିଲା, ଯାହା ଏବେ ମଧ୍ୟ ପ୍ରଚଳନରେ ରହିଛି। ନୂଆ ନୋଟ୍‌ର ରଙ୍ଗ ଫ୍ଲୋରୋସେଣ୍ଟ ବ୍ଲୁ ହେବ ଏବଂ ମଝିରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରହିବ।

### ସେନସେକ୍ସ, ନିଫ୍ଟିରେ ନୂଆ ରେକର୍ଡ



ମୁମ୍ବାଇ,୧୬-୪: ଭାରତୀୟ ଶେୟାର ବଜାରରେ ମଙ୍ଗଳବାର ନିବେଶକଙ୍କ ଆଗ୍ରହ ବୃଦ୍ଧି ଯୋଗୁ ଉଭୟ ସେନସେକ୍ସ ଓ ନିଫ୍ଟିରେ ନୂଆ ରେକର୍ଡ ହୋଇପାରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ୩୯,୩୬୪.୩୪ର ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ୫୦ ଶେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ମଧ୍ୟ ଇତିହାସରେ ପ୍ରଥମ ଥର ୧୧,୮୦୦ ସ୍ତର ଛୁଇଁଛି। ସେନସେକ୍ସ ୩୬୯.୦ ପଏଣ୍ଟ ସହିତ ୩୯,୨୭୫.୬୪ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୯୬.୮୦ ପଏଣ୍ଟ ବୃଦ୍ଧି ସହ ୧୧,୭୮୭.୧୫ରେ ବନ୍ଦ ହୋଇଥିଲା। ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ କେନ୍ଦ୍ରରେ ପୁନର୍ବାର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଫେରୁଥିବା ମନେ କରି ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରେ ନିବେଶ ବୃଦ୍ଧି କରିଥିବାରୁ ଏବଂ ବାଣିଜ୍ୟ ତଥ୍ୟ ସକାରାତ୍ମକ ରହିବା କାରଣରୁ ଷ୍ଟକ ବଜାର ପ୍ରତି ଘରୋଇ ଓ ବିଦେଶୀ ନିବେଶକଙ୍କ ଆଗ୍ରହ ବେଶ ବଢ଼ିଥିବା ଦେଖାଯାଇଛି, ଯାହାର ପ୍ରତିଫଳନ ମଙ୍ଗଳବାର ଷ୍ଟକ୍ ବଜାରରେ ଦୃଷ୍ଟିଗୋଚର ହୋଇଥିଲା।

### ଏନ୍‌ପିଏ ହ୍ରାସରୁ ୦.୬% ବଢ଼ିବ ଜିଡିପି: ରିପୋର୍ଟ

ନୂଆଦିଲ୍ଲୀ,୧୬-୪: ବ୍ୟାଙ୍କରେ ଫସିଥିବା ଋଣ(ଏନ୍‌ପିଏ) ହ୍ରାସ କାରଣରୁ ବ୍ୟାଙ୍କଗୁଡ଼ିକର ଲାଭ ବୃଦ୍ଧି ପାଉଛି। ଫଳରେ ଆର୍ଥିକ ବର୍ଷ ୨୦୧୯-୨୦ରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ୦.୬% ବୃଦ୍ଧି ପାଇବ ବୋଲି ଆମେରିକା ବ୍ରୋକରେଜ କମ୍ପାନୀ ଗୋଲ୍ଡମ୍ୟାନ ସାକ୍ସ ରିପୋର୍ଟରେ କୁହାଯାଇଛି। ଏନ୍‌ପିଏ କାରଣରୁ ବ୍ୟାଙ୍କଗୁଡ଼ିକ ନିଜର ଖାତାରେ କ୍ଷତି ଦର୍ଶାଇବାକୁ ବାଧ ହୁଅନ୍ତି। ଲାଭ ବଢ଼ିବା କାରଣରୁ ସେମାନେ ଉତ୍ପାଦନ କାର୍ଯ୍ୟ ଲାଗି ଅଧିକ ଋଣ ଦେଇପାରିବେ। ଗୋଲ୍ଡମ୍ୟାନ ରିପୋର୍ଟ ଅନୁଯାୟୀ, ଋଣ ବାବଦ ଖର୍ଚ୍ଚ ହ୍ରାସ ପାଇବା କାରଣରୁ ଋଣ ପ୍ରଦାନ ୧.୪୦% ବୃଦ୍ଧି ପାଇବ, ଯାହା ଦ୍ୱାରା ବାସ୍ତବିକ ନିବେଶ ୨% ଏବଂ ବାସ୍ତବିକ ଜିଡିପି ୦.୬୦% ବୃଦ୍ଧି ପାଇବ। ଏଥିପୂର୍ବରୁ ରିଜର୍ଭ ବ୍ୟାଙ୍କ ୨୦୧୯-୨୦ରେ ଜିଡିପି ୭.୨% ରହିବ ବୋଲି ପୂର୍ବାନୁମାନ କରିଛି, ଯାହା କି ଫେବୃୟାରୀ ଅନୁମାନଠାରୁ ୦.୨% କମ୍। ବ୍ରୋକ୍‌ରେଜ୍ କମ୍ପାନୀର ଅନୁମାନ ଅନୁଯାୟୀ, ଆଲୋଚ୍ୟ ବର୍ଷରେ ଏନ୍‌ପିଏ ଲାଗି ବ୍ୟବସ୍ଥା ମୋଟ ବକେୟା ଋଣର ୧.୨୦% ପର୍ଯ୍ୟନ୍ତ ରହିଯିବ, ଯାହା କି, ୨୦୧୭-୧୮ରେ ୨.୩୦%ର ସର୍ବୋଚ୍ଚ ସ୍ତର ଥିଲା। ସମଗ୍ର ରୂପରେ ଏହି ରାଶି ୩.୩ ଲକ୍ଷ କୋଟି ଟଙ୍କାରୁ କମ୍ ହୋଇ ୧.୯ ଲକ୍ଷ କୋଟି ଟଙ୍କା ହୋଇଯିବ।

# କିଙ୍ଗଫିଶର ଦଶା ଭୋଗିପାରେ ଜେଟ୍

**ନୂଆଦିଲ୍ଲୀ,୧୬-୪**

କିଙ୍ଗଫିଶର ଏୟାରଲାଇନ୍ସ ଭଳି ଜେଟ୍ ଏୟାରୱେଜ ବନ୍ଦ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହା ଜଣାପଡୁଛି ବିଜୟ ମାଲ୍ୟାଙ୍କ କମ୍ପାନୀ ଭଳି ନରେଶ ଗୋୟଲଙ୍କ କମ୍ପାନୀ ମଧ୍ୟ ବନ୍ଦ ହେବାକୁ ଯାଉଛି। କାରଣ ଜେଟ୍‌ର ଅଂଶଧନ ବିକ୍ରି ପ୍ରୟାସ ସଫଳ ହେଉନାହିଁ। ବିରୋଧ କାରଣରୁ ଗୋୟଲଙ୍କ ନେତୃତ୍ୱାଧୀନ ୩ କମ୍ପାନୀ ବିଡିଂ ପ୍ରକ୍ରିୟାରୁ ଦୂରେଇ ଯାଇଛନ୍ତି। ଗୋୟଲଙ୍କୁ ବିଡିଂ ପ୍ରକ୍ରିୟାରୁ ନ ହଟାଇଲେ ସେମାନେ ଏଥିରୁ ଓହରି ଯିବେ ବୋଲି ଏଥିପୂର୍ବେ ଏଟିହାଦ ଏୟାରୱେଜ ଏବଂ ଟିପିଜି କ୍ୟାପିଟାଲ ଧମକ ଦେଇଥିଲା। ଏହା ଜାଣିବା ପରେ ଗୋୟଲ ବିଡିଂ ପ୍ରକ୍ରିୟାରୁ ଦୂରେଇ ଯାଇଛନ୍ତି। ଏହାରି ଭିତରେ ଜେଟ୍ ମ୍ୟାନେଜମେଣ୍ଟ ନିଜ ବୋର୍ଡ ନିକଟରେ କମ୍ପାନୀର କାରବାରକୁ କିଛି ସମୟ ପାଇଁ ବନ୍ଦ କରିବାକୁ ପ୍ରସ୍ତାବ ଦେଇଛି। ପାଣ୍ଠି ଯୋଗାଡ ପର୍ଯ୍ୟନ୍ତ କାରବାର ବନ୍ଦ ସପକ୍ଷରେ ମ୍ୟାନେଜମେଣ୍ଟ ଯୁକ୍ତି ବାଢ଼ିଛି। କାରଣ ବ୍ୟାଙ୍କରୁ ପାଣ୍ଠି ମିଳିବାର ଆଉ ଆଶା ନାହିଁ ବୋଲି କୁହାଯାଇଛି। ପାଣ୍ଠି ଅଭାବରେ ଜେଟ୍‌ର ଏବେ ମାତ୍ର ୭ ବିମାନ ଉଡ଼ାଣ ଭରୁଛି। କାରଣ ବହୁ କଷ୍ଟରେ ବିମାନ ଇନ୍ଧନ ପାଇଁ ଖର୍ଚ୍ଚ କରାଯାଇପାରୁଛି। ମଙ୍ଗଳବାର ମୁମ୍ବାଇରେ ଜେଟ ଏୟାରୱେଜ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ମ୍ୟାନେଜମେଣ୍ଟ ପକ୍ଷରୁ ଉକ୍ତ ପ୍ରସ୍ତାବ ଦିଆଯାଇଛି। ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏହାର ଗ୍ରାହକଙ୍କୁ ଠକିବାକୁ ଚାହୁଁନାହିଁ। କାରଣ ଏବେ ଉଡ଼ାଣ ଭରିବା କଥା କହିବା ହାସ୍ୟାସ୍ପଦ ହେବ। ସୂଚନାଥାଉ କି, ଗୋୟଲଙ୍କ ଜେନେରାଲ ସେଲ୍ସ ଏଜେନ୍ସି ଜେଟ ଏୟାର ଏକ ଆମେରିକୀୟ କମ୍ପାନୀ ଫ୍ୟୁଚର ଟ୍ରେଣ୍ଡ କ୍ୟାପିଟାଲ ଏବଂ ଲଣ୍ଡନସ୍ଥିତ ଏକ କମ୍ପାନୀ ଏଡି ପାର୍ଟନର୍ସ ସହାୟତାରେ ଜେଟ୍ ଅଂଶଧନ କିଣିବା ଲାଗି ଶୁକ୍ରବାର ସନ୍ଧ୍ୟା ୬.୦୮ଟାରେ ଆଗ୍ରହ ପତ୍ର ଦାଖଲ କରିଥିଲା। କିନ୍ତୁ ଏହା ଜମା କରିବାର ସମୟସୀମା ସନ୍ଧ୍ୟା ୬ଟା ଯାଏ ଧାର୍ଯ୍ୟ ହୋଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଂଶଧନ ବଢ଼ାଇବା ଲାଗି ଏଟିହାଦ ପକ୍ଷରୁ ଦୁଇଟି ସର୍ତ୍ତାରୋପ କରାଯାଇଛି। ପ୍ରଥମତଃ ଜେଟ୍‌ରୁ ଗୋୟଲଙ୍କୁ ସମ୍ପୂର୍ଣ୍ଣ ବିଦା କରିବା ଏବଂ ଦ୍ୱିତୀୟରେ ଶେୟାର ବଜାରରେ ଓପନ ଅଫର ଦେବାରୁ ରକ୍ଷା କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ପିଏନ୍‌ବି, ଆଇସିଆଇସିଆଇ ଓ ୟେସ ବ୍ୟାଙ୍କ ଜେଟ୍‌କୁ ଜରୁରୀ ପାଣ୍ଠି ଦେବା ସପକ୍ଷରେ ନ ଥିବା ବେଳେ ଏସ୍‌ବିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କ ପାଣ୍ଠି ଦେବା ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି। ଫଳରେ ପାଣ୍ଠି ଦେବା ନେଇ ନିଷ୍ପତ୍ତି ନିଆଯାଇପାରୁନି।



ନରେଶ ଗୋୟଲ।

- ଜେଟକୁ ସାମୟିକ ବନ୍ଦ ଲାଗି ମ୍ୟାନେଜମେଣ୍ଟର ପ୍ରସ୍ତାବ
- ବିଡ଼ିଂରୁ ଓହରିଲେ ଗୋୟଲ
- ଏବେ ଚାଲୁଛି ମାତ୍ର ୭ ବିମାନ
- ପାଣ୍ଠି ଦେବାକୁ ରାଜି ନୁହନ୍ତି କିଛି ବ୍ୟାଙ୍କ

### ବିମାନ ଭଡ଼ା ଉପରେ ଡିଜିସିଏର ନଜର

**ନୂଆଦିଲ୍ଲୀ,୧୬-୪:** ଜେଟ୍ ଏୟାରୱେଜରେ ସଙ୍କଟ ଦେଖାଦେବା ପରେ ବିମାନ କ୍ଷେତ୍ରରେ ଟିକେଟ ମୂଲ୍ୟ ଆକାଶଛୁଆଁ ହେଲାଣି। ଏହାଦ୍ୱାରା ଯାତ୍ରୀମାନେ ସିଧାସଳଖ ପ୍ରଭାବିତ ହେବା ସହିତ ସରକାରଙ୍କ ରାଜସ୍ୱ କମିବାରେ ଲାଗିଛି। ଏଣୁ ଦୈନିକ ଭିତ୍ତିରେ ବିମାନ ଭଡା ଉପରେ ନଜର ରଖିବାକୁ ବେସାମରିକ ବିମାନ ଚଳାଚଳ ନିୟାମକ ଡିଜିସିଏ ନିଷ୍ପତ୍ତି ନେଇଛି। ଏନେଇ ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ବିମାନ ଟିକେଟ ମୂଲ୍ୟ ବୃଦ୍ଧି ପାଇବା ନେଇ ମଙ୍ଗଳବାର ଡିଜିସିଏ ପକ୍ଷରୁ ୧୦ ବିମାନ କମ୍ପାନୀର ମୁଖ୍ୟମାନଙ୍କ ସହ ବୈଠକ ହୋଇଥିଲା। ସୂଚନାଥାଉ କି, ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟ କାରଣରୁ ଏହାର ବିମାନ ଉଡ଼ାଣ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଫଳରେ ବିଭିନ୍ନ ରୁଟ୍‌ରେ ବିମାନ ଟିକେଟ ମୂଲ୍ୟ ଅହେତୁକ ବୃଦ୍ଧି ପାଇବାରେ ଲାଗିଛି। କମ୍ପାନୀଗୁଡ଼ିକୁ ନିଜ ସ୍ତରରେ ବିମାନ ଟିକେଟ ମୂଲ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିବାବେଳେ ଯଥାସମ୍ଭବ ଟିକେଟ ମୂଲ୍ୟ କମ ରଖିବାକୁ କୁହାଯାଇଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

# ଷ୍ଟାଇଲ ସ୍ପାରେ ଏଣ୍ଡ ଅଫ୍ ସିଜନ ସେଲ୍

**ଭୁବନେଶ୍ୱର,୧୬-୪**

**ମିଳୁଛି ୭୦% ପର୍ଯ୍ୟନ୍ତ ରିହାତି**

ପ୍ରମୁଖ ଫର୍ନିଚର ନିର୍ମାତା କମ୍ପାନୀ ଷ୍ଟାଇଲ ସ୍ପା ପକ୍ଷରୁ ଏଣ୍ଡ୍ ଅଫ୍ ସିଜନ ସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ୭୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହା କମ୍ପାନୀର ବଛା ବଛା ପ୍ରଡକ୍ଟ ଉପରେ ଲାଗୁ ହେବ। ଅଫରର ଅବଧି ସୀମିତ ସମୟ ଲାଗି ରହିଛି। କେ.କେ. ବିର୍ଲା ଆଡଭେଣ୍ଟ୍ଜ ଏବଂ ଫୋର୍ଟେ ଫର୍ନିଚର ମିଳିତ ଭାବେ ଷ୍ଟାଇଲ ସ୍ପା ବ୍ରାଣ୍ଡର ଫର୍ନିଚର ପ୍ରସ୍ତୁତ କରୁଛନ୍ତି। ଚେନ୍ନାଇଠାରେ ଏସିଆର ସର୍ବବୃହତ୍ ମାନୁଫାକଚରିଂ ୟୁନିଟ ସହ ଏହା ପ୍ରଡକ୍ଟ ପ୍ରସ୍ତୁତି କରୁଛି। ସାରା ଦେଶରେ ୫୦ କମ୍ପାନୀ ଆଉଟଲେଟରେ ଏହି ଅଫର ଗ୍ରାହକ ଲାଭ କରିପାରିବେ। ଏହି ଅଫର ରାଜ୍ୟର ସମ୍ବଲପୁର, ଅନୁଗୋଳ ଏବଂ ଭୁବନେଶ୍ୱରର ବାପୁଜୀନଗର ସ୍ଥିତ ଶୋ'ରୁମରେ ଉପଲବ୍ଧ ହେଉଥିବା କମ୍ପାନୀର ଏଏସ୍‌ଏମ୍ ଇନ୍ଦ୍ରଜିତ୍ ମହାନ୍ତି ସୂଚନା ଦେଇଛନ୍ତି। ଯାଜପୁର ଏବଂ ପଟିଆଠାରେ କମ୍ପାନୀ ଏହାର ନୂଆ ଡିଲରଶିପ ସ୍ଥାପନ କରିଛି। ରାଜ୍ୟର ଅନ୍ୟ ପ୍ରାନ୍ତରେ ସ୍ଥିତି ଦୃଢୀକରଣ ଲାଗି ପଦକ୍ଷେପ ଜାରି ରହିଥିବା ମହାନ୍ତି ସୂଚନା ଦେଇଛନ୍ତି। ଶୋ'ରୁମରେ ସୋଫାସେଟ, ବେଡରୁମ କମ୍ବୋ ସେଟ, ଡାଇନିଂ ସେଟ ସହ ଅଫିସ ଏବଂ ହୋମ ଫର୍ନିଚରର ବିଭିନ୍ନ ବର୍ଗରେ ନୂଆ ପ୍ରଡକ୍ଟ ସାମିଲ କରାଯାଇଛି। ବଜାଜ ଫାଇନାନ୍ସ କାର୍ଡରେ ଜିରୋ ଡାଉନପେମେଣ୍ଟ ଏବଂ ଜିରୋ ଇଣ୍ଟେରେଷ୍ଟରେ ଗ୍ରାହକ ପ୍ରଡକ୍ଟ ନେଇପାରିବେ ବୋଲି ମହାନ୍ତି କହିଛନ୍ତି।

# ଟେଷ୍ଟି ଟ୍ରିଟ୍‌ର ନୂଆ ପ୍ରଡକ୍ଟ

**ଭୁବନେଶ୍ୱର, ୧୬-୪**

ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ୍‌ର ଟେଷ୍ଟି ଟ୍ରିଟ୍ ବ୍ରାଣ୍ଡ ପକ୍ଷରୁ ୫ଟି ସ୍ୱାଦରେ ପଟାଟୋ ଚିପ୍ସ ବଜାରକୁ ଆସିଛି। ଏହା ମଧ୍ୟରେ ଚିଜ୍,ସୋର କ୍ରିମ ଆଣ୍ଡ ଓନିଅନ, ଟ୍ୟାଙ୍ଗି ଟମୋଟୋ, କ୍ଲାସିକ ସଲ୍ଟ ଏବଂ ଦେଶୀ ମସାଲା ମ୍ୟାଜିକ ରହିଛି। ପ୍ୟାକଗୁଡିକରେ ଅତିରିକ୍ତ ଚିପ୍ସ ରହିଛି। ଏହା ୫ ଟଙ୍କା,୧୦ ଟଙ୍କା, ୨୦ ଟଙ୍କା ଏବଂ ୩୫ ଟଙ୍କା ପ୍ୟାକରେ ଆସୁଛି। ଏହା ଫ୍ୟୁଚର ଗ୍ରୁପର ବିଗ୍ ବଜାର, ବିଗ୍ ବଜାର ଜେନ ନେକ୍ସଟ, ଇଜି ଡେ କ୍ଲବ, ହେରିଟେଜ୍ ଫ୍ରେସ, ହାଇପରସିଟି ଏବଂ ଫୁଡୱାର୍ଲଡ ଆଦି ଷ୍ଟୋରରେ ଉପଲବ୍ଧ। ଖୁବ କମ୍ ସମୟ ମଧ୍ୟରେ ଟେଷ୍ଟି ଟ୍ରିଟ୍ ଦେଶର ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇ ପାରିଛି ବୋଲି ଫ୍ୟୁଚର ଗ୍ରୁପ ସିଇଓ ସଦାଶିବ ନାୟକ କହିଛନ୍ତି।

# ଗଡ଼ିଲା ନୂଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୧୬-୪**

ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ପୁଣି ଏକ ନୂଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରାଯାଇଛି। ଜୁନ ମାସ ଶେଷ ପର୍ଯ୍ୟନ୍ତ ସାନ୍ତ୍ରାଗାଛି-ଚେନ୍ନାଇ ସେଣ୍ଟ୍ରାଲ ଟ୍ରେନ ଚଳାଚଳ କରାଇବାକୁ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ଯାତ୍ରୀ ଭିଡକୁ ଏଡାଇବା ଦିଗରେ ଏହି ସ୍ୱତନ୍ତ୍ର ଟ୍ରେନ ସହାୟକ ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ଯାତ୍ରୀ ଭିଡକୁ ନଜରରେ ରଖି ଏହାର ପରିସୀମା ମଧ୍ୟରୁ ଏବଂ ଏହା ମଧ୍ୟ ଦେଇ ଦେଶର ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯାଉଛି। ଅଧିକ ବର୍ଥ ସଂଯୋଗ କରାଯିବା ସହ ଭିଡ କମାଇବାକୁ ପଦକ୍ଷେପ ନିଆଯାଇଛି। ପୂର୍ବରୁ ପୂର୍ବତଟ ରେଳପଥ ୧୫ ଯୋଡା ସ୍ୱତନ୍ତ୍ର ଟ୍ରେନ ଚଳାଇବା ଲାଗି ଘୋଷଣା କରିଥିବା ବେଳେ ନୂଆ କରି ଆଉ ଏକ ଯୋଡା ଟ୍ରେନ ଚଳାଇଛି। ଏହି ସ୍ୱତନ୍ତ୍ର ଟ୍ରେନରେ ଚାରୋଟି ଏସି ଟାୟାର, ପାଞ୍ଚଟି ୩ଏସି ଟାୟାର, ୪ଟି ସ୍ଲିପର କ୍ଲାସ, ୨ଟି ଗାର୍ଡ ଏବଂ ଲଗେଜ ଭ୍ୟାନ ରହିଛି। ଏହା ଖଡଗପୁର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ, ବ୍ରହ୍ମପୁର, ବିଜୟନଗରମ, ଦୁଭାଦା, ରାଜମହେନ୍ଦ୍ରି, ବିଜୟୱାଡା, ନେଲୋର ଏବଂ ଗୁଡୁର ଷ୍ଟେଶନଠାରେ ରହିବ।



**ହୀରାଖଣ୍ଡ, ରାଉରକେଲା-ଜଗଦଲପୁର ଏକ୍ସପ୍ରେସ ଜୟପୁର ଯାଏ ଚାଲିବ**

ପୂର୍ବତଟ ରେଳପଥ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ ଜୟପୁର-ଜଗଦଲପୁର ରେଳ ସେକ୍ସନର ୩ଟି ସେକ୍ସନରେ ନିରାପତ୍ତା ସଂକ୍ରାନ୍ତ ଆଧୁନିକିକରଣ କାର୍ଯ୍ୟ ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହେବ ବୋଲି ସୂଚନା ରହିଛି। ଭୁବନେଶ୍ୱରରୁ ଜଗଦଲପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଓ ରାଉରକେଲାରୁ ଜଗଦଲପୁର ଯାଉଥିବା ଏକ୍ସପ୍ରେସ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଜୟପୁର ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ ଦୁଇଟିକୁ ଜୟପୁର ଏବଂ ଦଗଦଲପୁର ମଧ୍ୟରେ ଆଂଶିକ ବାତିଲ କରାଯିବାକୁ ନିଷ୍ପତ୍ତି ହୋଇଛି।


# କଲ୍ୟାଣ ଜୁଏଲର୍ସ ପକ୍ଷରୁ ନୂଆ ଅଭିଯାନ

**ଭୁବନେଶ୍ୱର, ୧୬-୪**

କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ମାଗଣା ଗୋଲ୍ଡ କଏନ ଭାବେ ଶୋ'ରୁମ ପକ୍ଷରୁ ୩୦୦ କିଲୋ ପର୍ଯ୍ୟନ୍ତ ସୁନା ଗ୍ରାହକଙ୍କୁ ପ୍ରଦାନ ଲାଗି ଯୋଜନା ହାତକୁ ନିଆଯାଇଛି। ସାରା ବିଶ୍ୱରେ ଥିବା ଗ୍ରାହକଙ୍କ ଲାଗି ଏଭଳି ବ୍ୟବସ୍ଥା ରହିଛି। ଏହି ସମୟରେ ସୁନା ଗହଣାର ଗଢା ମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ସର୍ବୋତ୍ତମ ଅଫର ସହ ଗ୍ରାହକଙ୍କ ଉତ୍ସବ ପାଳନରେ ଏକ ଅଂଶ ହୋଇଛୁ ବୋଲି କମ୍ପାନୀର ଅଧ୍ୟକ୍ଷ ଟି.ଏସ୍.କଲ୍ୟାଣ ରମଣ କହିଛନ୍ତି। ଏହି ଅଫର ଜୁନ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ସୂଚନା ରହିଛି।

# ଟିଡିଏସ୍ ସାର୍ଟିଫିକେଟ ଫର୍ମାଟରେ ସଂଶୋଧନ

**ନୂଆଦିଲ୍ଲୀ,୧୬-୪**




ଆୟକର ବିଭାଗ ଟିଡିଏସ୍ ସାର୍ଟିଫିକେଟ ଅର୍ଥାତ୍ ଫର୍ମ ୧୬ରେ ସଂଶୋଧନ କରିଛି। ଏଥିରେ ଘରଭଡ଼ାରୁ ହେଉଥିବା ଆୟ ତଥା ଅନ୍ୟ ନିଯୁକ୍ତିଦାତାଙ୍କଠାରୁ ପ୍ରାପ୍ତ ଦରମା ସମେତ ବିଭିନ୍ନ କ୍ଷେତ୍ର ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ହେବ। ଏହାକୁ ଅଧିକ ବ୍ୟାପକ କରାଯିବା ଦ୍ୱାରା ଟିକସ ଫାଙ୍କିକୁ ସହଜରେ ରୋକି ହେବ। ଏଥିରେ ବିଭିନ୍ନ ଟିକସ ସଞ୍ଚୟକାରୀ ନିବେଶ ଯୋଜନା, ଉତ୍ପାଦ ସମ୍ପର୍କରେ ଟିଡିଏସ୍ କାଟିବା, କର୍ମଚାରୀ ଦ୍ୱାରା ପ୍ରାପ୍ତ ବିଭିନ୍ନ ଭତ୍ତା ସହିତ ଅନ୍ୟ ସ୍ରୋତରୁ ପ୍ରାପ୍ତ ଆୟ ସମ୍ପର୍କରେ ଭିନ୍ନ ଭିନ୍ନ ସୂଚନା ଦେବାକୁ ପଡିବ। ସୂଚନାଥାଉ କି, ଫର୍ମ୧୬ ଏକ ସାର୍ଟିଫିକେଟ ଯାହାକୁ ନିଯୁକ୍ତିଦାତା ଜାରି କରିଥାନ୍ତି। ଏଥିରେ କର୍ମଚାରୀଙ୍କ ଟିଡିଏସ୍(ଟ୍ୟାକ୍ସ ଡିଡକ୍ଟେଟ ଆଟ୍ ସୋର୍ସ)ର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥାଏ। ଏହାକୁ ଜୁନ ମଧ୍ୟଭାଗରେ ଜାରି କରାଯାଏ ଏବଂ ଏହାକୁ ଆୟକର ରିଟର୍ନ ଦାଖଲ ବେଳେ ବ୍ୟବହାର କରାଯାଇଥାଏ। ଆୟକର ବିଭାଗ ଦ୍ୱାରା ଅଧିସୂଚିତ ସଂଶୋଧିତ ଫର୍ମ ମେ ୧୨ରୁ କାର୍ଯ୍ୟକାରୀ ହେବ। ଆୟକର ବିଭାଗ ପୂର୍ବରୁ ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ ଫର୍ମ ଜାରି କରିସାରିଛି।

# ଭାରତରେ ତିଆରି ହେବ ଆପଲ୍ ଆଇଫୋନ

**ନୂଆଦିଲ୍ଲୀ,୧୬-୪**

କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ଦେଶରେ ଖୁବ୍‌ଶୀଘ୍ର ଆପଲ୍‌ର ଆଇଫୋନ ତିଆରି ହେବ। ଆଇଫୋନ ଆସେମ୍ବ୍ଲିଂ କରୁଥିବା କମ୍ପାନୀ ଫକ୍ସକନ୍ ଟେକ୍ନୋଲୋଜି ଗ୍ରୁପ୍ ଏ ସମ୍ପର୍କରେ ସୂଚନା ଦେଇଛି। କମ୍ପାନୀ ଅଧ୍ୟକ୍ଷ ଟେରି ଗୌଉ କହିଛନ୍ତି ଯେ, ଚଳିତ ବର୍ଷ ଭାରତରେ ଆଇଫୋନକୁ ବ୍ୟାପକ ହାରରେ ନିର୍ମାଣ କରାଯିବ। ଅଦ୍ୟାବଧି ଅଧିକାଂଶ ଆଇଫୋନ ଚାଇନାରେ ନିର୍ମାଣ କରାଯାଉଛି। କମ୍ପାନୀ ନିଜର ପଲିସିରେ ଏହି ପରିବର୍ତ୍ତନ କରିଛି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଭାରତରେ ନିମନ୍ତ୍ରଣ କରିଛନ୍ତି। ସେ ଭାରତରେ କମ୍ପାନୀର ସମ୍ପ୍ରସାରଣ ଯୋଜନା ତିଆରି କରୁଛନ୍ତି। ସୂଚନାଥାଉ କି, ଗତ କିଛି ବର୍ଷ ହେଲା ବେଙ୍ଗାଲୁରୁ ପ୍ଲାଣ୍ଟରେ ଆପଲ୍‌ର ପୁରୁଣା ଫୋନ୍ ତିଆରି କରାଯାଉଛି, କିନ୍ତୁ ଅତ୍ୟାଧୁନିକ ମଡେଲ ଦୃଷ୍ଟିରୁ ଏହା ପ୍ରଥମ ହେବ। ଖୁବ୍‌ଶୀଘ୍ର ଆପଲ୍ ଆଇଫୋନ ନିର୍ମାଣର ଟ୍ରାୟାଲ ଆରମ୍ଭ ହେବ ବୋଲି ଆଶାକରାଯାଉଛି। ଅଧିକ ଦାମ ଦୃଷ୍ଟିରୁ ଭାରତରେ ଆପଲ୍‌ର ଆଇଫୋନ ବଜାର ସେଭଳି ବଢ଼ିନି। ସ୍ଥାନୀୟ ପ୍ଲାଣ୍ଟରେ ଏହାର ନିର୍ମାଣ ହେଲା ଏହା ପୂର୍ବାପେକ୍ଷା ଶସ୍ତା ହେବ ଯାହାର ଫାଇଦା ଗ୍ରାହକ ପାଇବେ ବୋଲି ମିଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଛି।

# ଜିଏସ୍‌ଟି ଅଡିଟ ରିପୋର୍ଟ ଫର୍ମ ଜାରି

**ନୂଆଦିଲ୍ଲୀ,୧୬-୪**

ଆର୍ଥିକ ବର୍ଷ ୨୦୧୭-୧୮ ଲାଗି ୨ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଜିଏସ୍‌ଟି ଅଡିଟ ରିପୋର୍ଟ ଦାଖଲ କରିବାକୁ ହେବ। ଏଥିପାଇଁ ଜିଏସ୍‌ଟି ନେଟ୍‌ୱାର୍କ(ଜିଏସ୍‌ଟିଏନ୍) ନିଜର ପୋର୍ଟାଲରେ ଫର୍ମ ଜାରି କରିଛି। ଅଡିଟ ରିପୋର୍ଟ ଦାଖଲ କରିବାର ଅନ୍ତିମ ଦିବସ ଜୁନ୍ ୩୦ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ କରିବାର ପ୍ରଥମ ବର୍ଷ ଥିଲା। ଅର୍ଥ ମନ୍ତ୍ରଣାଳୟ ଗତବର୍ଷ ଡିସେମ୍ବର ୩୧ରେ ବାର୍ଷିକ ରିଟର୍ନ ଫର୍ମ ଜିଏସ୍‌ଟିଆର-୯, ଜିଏସ୍‌ଟିଆର-୯ଏ ଏବଂ ଜିଏସ୍‌ଟିଆର-୯ସି ପାଇଁ ନୋଟିଫିକେଶନ ଜାରି କରିଥିଲେ। ଜିଏସ୍‌ଟି କାଉନସିଲ ଡିସେମ୍ବରରେ ଏହି ଫର୍ମ ପୂରଣ କରିବାର ଶେଷଦିବସ ୩ ମାସ ବଢ଼ାଇ ଜୁନ ୩୦ କରିଛନ୍ତି। ଜିଏସ୍‌ଟି ନେଟୱାର୍କ ଜିଏସ୍‌ଟିଆର୍-୯ସିକୁ ଅଫଲାଇନରେ ଉପଲବ୍ଧ କରାଇଛି। ଏହାକୁ ଟିକସଦାତା ନିଜେ ପୂରଣ କରିବା ସହ ପୋର୍ଟାଲରେ ଅପ୍‌ଲୋଡ କରିପାରିବେ। ସୂଚନାନୁଯାୟୀ, ଜିଏସ୍‌ଟିଆର୍-୯ ପଞ୍ଜୀକୃତ ସମସ୍ତ ଟିକସଦାତାଙ୍କ ବାର୍ଷିକ ରିଟର୍ନ ଫର୍ମ ହୋଇଥାଏ। ଜିଏସ୍‌ଟିଆର୍-୯ଏ ଗୋଟିଏ ଥର ଯୋଜନା ଆପଣାଉଥିବା ଟିକସଦାତାଙ୍କ ଲାଗି ଉପଲବ୍ଧ କରାଯାଇଛି। ସେହିପରି ଜିଏସ୍‌ଟିଆର୍-୯ସି ଏକ ତଥ୍ୟ ମିଳାଇବା ଫର୍ମ ହୋଇଥାଏ। ଏହାକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଥବା କଷ୍ଟ ଆକାଉଣ୍ଟାଣ୍ଟ ଭେରିଫିକେଶନ କରିଥାନ୍ତି। ବାର୍ଷିକ ୨ କୋଟି ଟଙ୍କା କାରବାର କରୁଥିବା ବ୍ୟବସାୟୀ ବାର୍ଷିକ ରିଟର୍ନ ସହିତ ଏହାକୁ ଜମା କରିଥାନ୍ତି।




**ଜୁନ ୩୦ ଜମା କରିବାର ଶେଷ ଦିବସ**

# ସେଣ୍ଟ୍ରାଲ ବ୍ୟାଙ୍କରେ ସତର୍କତା ସଚେତନତା

**ଭୁବନେଶ୍ୱର,୧୬-୪**

ସଚେତନତା ଅଭାବ ଓ ଚାରିତ୍ରିକ ବିଷମତା ଯୋଗୁ ମଣିଷ ଭ୍ରଷ୍ଟାଚାରରେ ଲିପ୍ତ ହୋଇଥାଏ। ଏହା ଦ୍ୱାରା ସାମାଜିକ ପ୍ରଣାଳୀ ଏବଂ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପଡେ। ଭ୍ରଷ୍ଟାଚାର ଏକ ସାମାଜିକ ବ୍ୟାଧି ହୋଇଥିବାରୁ ଏହାକୁ ରୋକିବା ଲାଗି କଠୋର ଆଇନ ପ୍ରଣୟନ ସହ ଜନ ସମାଜର ମିଳିତ ଉଦ୍ୟମ ଜରୁରୀ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ(ସିଭିଓ) ପର୍ଶୁରାମ ପଣ୍ଡା କହିଛନ୍ତି। ନୟାପଲ୍ଲୀସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ 'ପ୍ରିଭେଣ୍ଟିଭ ଆୱାରନେସ ଭିଜିଲାନ୍ସ ମିଟ୍'ରେ ଅଧିକାରୀଙ୍କୁ ସମ୍ବୋଧିତ କରି ପଣ୍ଡା ଏହା କହିଛନ୍ତି।

# ବିମାନରେ ୱାଇ-ଫାଇ ପାଇଁ ଜିଓର ଆବେଦନ

**ନୂଆଦିଲ୍ଲୀ,୧୬-୪**

ରିଲାଏନ୍ସ ଜିଓ ବିମାନରେ ୱାଇ-ଫାଇ ସେବା ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଟେଲିକମ ବିଭାଗ(ଡିଓଟି) ନିକଟରେ ଲାଇସେନ୍ସ ପାଇବାକୁ ଆବେଦନ କରିଛି। ଏଥିପୂର୍ବରୁ ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍‌ଏନ୍‌ଏଲ ଏବଂ ଘରୋଇ କମ୍ପାନୀ ଏୟାରଟେଲ ଏଥିପାଇଁ ଆବେଦନ କରିସାରିଛି। ଏହାଛଡ଼ା ଇନ୍-ଫ୍ଲାଇଟ କନେକ୍ଟିଭିଟି ଲାଗି ଓରଟସ୍ କମ୍ୟୁନିକେଶନ୍ସ, ଷ୍ଟେଶନ ସ୍ୟାଟ୍‌କମ୍ ଏବଂ କ୍ଲାଉଡ କାଷ୍ଟ ଡିଜିଟାଲ ମଧ୍ୟ ଆବେଦନ କରିଛି। ତେବେ ଓରଟସ୍ କମ୍ୟୁନିକେଶନ୍ସଠାରୁ ଡିଓଟି କେତେକ ସୂଚନା ମାଗିଛି। ସୂଚନାଥାଉ କି, ଡିଓଟି ଏଥିପୂର୍ବରୁ ପ୍ରଥମେ ହ୍ୟୁଜେସ୍ କମ୍ୟୁନିକେଶନ ଇଣ୍ଡିଆ ଲିମିଟେଡକୁ ଲାଇସେନ୍ସ ଦେଇଥିଲା। ଏହାବ୍ୟତୀତ ଟାଟା ଟେଲିନେଟ, ବିଏସ୍‌ଏନ୍‌ଏଲ ଓ ଓମ୍‌ନି କନେକ୍ଟକୁ ଲାଇସେନ୍ସ ମିଳିଥିଲା। ଏଥିପୂର୍ବରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଡିଓଟି ଏବଂ ଟେଲିକମ୍ ଆୟୋଗ ଉକ୍ତ ସେବା ଯୋଗାଣ ଲାଗି ସ୍ୱଦେଶୀ ସାଟେଲାଇଟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲା। ୟୁରୋକନସୁଲେଟର କହିବାନୁଯାୟୀ, ୨୦୨୭ ସୁଦ୍ଧା ୨୩ ହଜାରରୁ ଅଧିକ ବାଣିଜ୍ୟିକ ବିମାନ ନିଜର ଯାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ପାରିବେ। ୨୦୧୭ ସୁଦ୍ଧା ୭୪୦୦ ବିମାନ ଏହି ସୁବିଧା ଦେଉଥିଲେ। ନର୍ଦନଖ ସ୍କାଇ ରିସର୍ଚ୍ଚର ଏରୋନଟିକାଲ ସ୍ୟାଟ୍‌କମ୍ ମାର୍କେଟ-୨୦୧୭ ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ ଶେଷ ସୁଦ୍ଧା ୩ରୁ ଗୋଟିଏ ବାଣିଜ୍ୟିକ ବିମାନରେ ଭିଏସ୍‌ଏଟି(ଭେରି ସ୍ମଲ ଆପର୍ଚର ଟର୍ମିନାଲ) କନେକ୍ଟିଭିଟି ସ୍ଥାପନ ହୋଇଯିବ। ଆରମ୍ଭରେ ଗ୍ରାହକମାନେ ବିମାନ ମଧ୍ୟରେ କେବଳ ଇଣ୍ଟରନେଟ ସର୍ଫିଙ୍ଗ ସୁବିଧା ମିଳିବ। କଥାବାର୍ତ୍ତା ସୁବିଧା ଯୋଗାଇବାକୁ କିଛି ସମୟ ଲାଗିଯିବ।

SASHI BHUSAN GOVT. (AUTO)
WOMENS COLLEGE, BERHAMPUR
No. 916 Date: 15.04.19

**Tender Call Notice**

**Tender Notice for award of contract for providing of services of Highly Skilled person to work in Controller of Examination Section/College Office.**

Sealed Tenders are invited from reputed manpower agencies/service providers to provide a highly skilled person to work in controller of Examination Section for a period of one year w.e.f. the **Date of Engagement** through a suitable placement agency on contract basis for day to day work which may be extended as per requirement.

The detailed information for outsourcing the services of the aforesaid engagement may be obtained in person from the office of the PRINCIPAL, SASHI BHUSAN RATH GOVT. (AUTO) WOMENS COLLEGE, BERHAMPUR-760001 on any working day between 11.00 A.M. to 3.00 P.M. from **15th April 2019 to 23rd April 2019.** The Tender Document will be received through Regd. Post/Speed Post or by Person. The last date for submission of tender is **23rd April 2019.**

Sd./- Principal
Sashi Bhusan Rath Govt. (Auto)
Womens College, Berhampur



❝ ଓପନର୍, ଫିନିଶର୍ କିମ୍ବା ୪ ନମ୍ବର ସ୍ଥାନରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ, ଦୀନେଶ କାର୍ତ୍ତିକଙ୍କୁ ଆଗାମୀ ବିଶ୍ୱକପ୍‌ରେ ଯେଉଁ ଦାୟିତ୍ୱ ଦିଆଯିବ ସେ ତାହା କରିପାରିବେ ।

—ଅଭିଷେକ ନାୟାର, ନାଇଟ୍‌ରାଇଡର୍ସ ମେଣ୍ଟର



❝ ଡେଭିଡ୍ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ବିଶ୍ୱକପ୍‌ରେ ଓପନିଂ ବ୍ୟାଟ୍ସମ୍ୟାନ ଚୟନକୁ ନେଇ ଅଡୁଆ ବଢ଼ିଯାଇଛି। ତେବେ ଆମେ ଓପନିଂରେ ଖେଳାଳି ରୋଟେଟ୍ କରିବୁ ।

—ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ ମୁଖ୍ୟ କୋଚ୍

## ସଂକ୍ଷେପରେ

### ମୋଣ୍ଟେ-କାର୍ଲୋରୁ ଜୋକୋଭିଚ୍ ଭ୍ରାତାଙ୍କ ବିଦାୟ



**ମୋନାକୋ (ଫ୍ରାନ୍ସ), ୧୬।୪:** ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଓ ତାଙ୍କ ଭ୍ରାତା ମାର୍କୋ ଏଠାରେ ଚାଲିଥିବା ମୋଣ୍ଟେ-କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାର ପୁରୁଷ ଡବଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ଜୋକୋଭିଚ୍ ଭ୍ରାତା ୧-୬, ୩-୬ ସିଧାସଳଖ ସେଟ୍‌ରେ ୪ର୍ଥ ସିଡ୍ ସେବାଷ୍ଟିଆନ କାବଲ ଓ ରୋବର୍ଟ ଫର୍‌ହାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। କଲମ୍ବିଆ ଯୋଡ଼ି ସେବାଷ୍ଟିଆନ ଓ ରୋବର୍ଟ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୫୫ ମିନିଟ୍ ସମୟ ନେଇଥିଲେ। ଜୋକୋଭିଚ୍ ଏଥିପୂର୍ବରୁ ଚଳିତ ବର୍ଷ ବିଏନ୍‌ପି ପରିବାସ ଓପନ୍‌ର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ଫାବିଓ ଫୋଗନିନିଙ୍କୁ ସାଥୀ କରି ଖେଳିଥିଲେ। ସେହିଭଳି ଭାଇ ମାର୍କୋଙ୍କୁ ସାଥୀ କରି ଜୋକୋଭିଚ୍ ସିଜନ ଆରମ୍ଭରେ ଅନୁଷ୍ଠିତ ଦୋହା ପ୍ରତିଯୋଗିତାର ମଧ ସେମିଫାଇନାଲକୁ ଉନ୍ନୀତ କରିଥିଲେ।

# ଏଏଫ୍‌ସି କପ୍ ଉପରେ ଚେନ୍ନାଇନ୍‌ର ନଜର

**ଅହମ୍ମଦାବାଦ, ୧୬।୪(ପି.ଟି.)**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସୁପର କପ୍ ଫୁଟବଲ ଟାଇଟଲକୁ ଅଳ୍ପକେ ହାତଛଡ଼ା କରିଥିବା ଚେନ୍ନାଇନ୍ ଏଫସି ଏବେ ଏଏଫ୍‌ସି କପ୍ ଉପରେ ନଜର ପକାଇଛି। ଦଳ ବୁଧବାର ଏଠାରେ ନିଜର ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ନେପାଳୀ ଦଳ ମାନଙ୍ଗ ମର୍ଶିଆଙ୍ଗଡିକୁ ଭେଟିବାକୁ ଯାଉଛି। ୨୦୧୭-୧୮ ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ଚେନ୍ନାଇନ୍ ଗତ ସିଜନରେ ଅତି ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ନିମ୍ନରେ ରହିଥିଲା। ତେବେ ସୁପର କପ୍‌ରେ ଦଳ ଆକର୍ଷଣୀୟ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା ଏବଂ ଏଫସି ଗୋଆ ନିକଟରୁ ୧-୨ ଗୋଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏବେ ଏହି ନୈରାଶ୍ୟକୁ ପଛରେ ପକାଇ ଦଳ ଏଏଫସି କପ୍‌ରେ ନେପାଳ ଲିଗ୍ ଚାମ୍ପିୟନ ବିପକ୍ଷରେ ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି।

ଜନ ଗ୍ରେଗୋରିଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇନ୍ ଦଳ ମିନର୍ଭା ପଞ୍ଜାବ ବିପକ୍ଷ ଏହାର ଏଏଫସି କପ୍ ଗ୍ରୁପ 'ଇ' ପ୍ରଥମ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ସ୍ଥାନୀୟ ଟ୍ରାନ୍ସଷ୍ଟାଡିଆ ଆରେନାକୁ ଚେନ୍ନାଇନ୍ ହୋମ୍‌ଭେନ୍ୟୁ କରିଛି। ମିନର୍ଭା ବିପକ୍ଷ ମ୍ୟାଚକୁ ଦଳ ଏଠାରେ ଖେଳିଥିଲା ଏବଂ ଆଗାମୀ ମ୍ୟାଚକୁ ମଧ ଏଠାରେ ଖେଳିବାକୁ ଯାଉଛି। ଆଇଏସଏଲ ସମୟରେ ଆହତ ହୋଇଥିବା ଜେରି ଲାଲରିନ୍‌ଜୁଆଲା ଓ ଧନପାଲ ଗଣେଶ ଇତି ମଧ୍ୟରେ ସୁସ୍ଥ ହୋଇ ଯାଇଛନ୍ତି। ତେଣୁ ପୂରା ଫିଟ୍ ଦଳ ସହ ଚେନ୍ନାଇନ୍ ପଡ଼ିଆକୁ ଓହ୍ଲାଇବ। ଗତ କିଛି ମ୍ୟାଚରେ ଅନିରୁଦ୍ଧ ଥାପା ମିଡ୍‌ଫିଲ୍ଡରେ ଏବଂ ମାଲିସନ ଆଲଭେସ ବ୍ୟାକ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଜେଜେ ଲାଲପେଖଲୁଆ ଓ ସି.କେ. ଭିନିଥଙ୍କଠାରୁ ଦଳ ଫ୍ରଣ୍ଟଲାଇନ୍‌ରେ ଅନେକ କିଛି ଆଶା କରୁଛି। "ସୁପର କପ୍ ଫାଇନାଲରେ ପରାଜିତ ହୋଇଥିବାରୁ ଆମେ କିଛିଟା ନୈରାଶ୍ୟ ସହ ପଡ଼ିଆକୁ ଓହ୍ଲାଇବାକୁ ଯାଉଛୁ। ତେବେ ଆମେ ଏବେ ଏଏଫସି କପ୍ ମ୍ୟାଚ ଉପରେ ପୂରା ଫୋକସ କରୁଛୁ। ଏଏଫସି କପ୍‌ରେ ଖେଳିବା ଚେନ୍ନାଇ ଏବଂ ଦେଶ ପାଇଁ ସମ୍ମାନର କଥା। ଏହା ଏକ କଷ୍ଟସାଧ୍ୟ ମ୍ୟାଚ ହେବ। ତେବେ ଆମେ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ" ବୋଲି ଗ୍ରେଗୋରି କହିଛନ୍ତି।

ଏଏଫସି କପ୍ ଆମକୁ ଉତ୍ସାହିତ କରିଛି। ଏହା ଆମପାଇଁ ବଡ଼ ପ୍ଲାଟ୍‌ଫର୍ମ। ଏଥିରେ ଖେଳିବା ଆମପାଇଁ ସମ୍ମାନ ସଦୃଶ। ତେଣୁ ଆମେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ପ୍ରସ୍ତୁତ। ଆଇଏସଏଲ ନୈରାଶ୍ୟପରେ ଗୌରବ ଫେରି ପାଇବା ପାଇଁ ଏହା ଆମପାଇଁ ବଡ଼ ସୁଯୋଗ ଆଣିଛି ବୋଲି ଗ୍ରେଗୋରି ପ୍ରକାଶ କରିଛନ୍ତି। ମିନର୍ଭା ବିପକ୍ଷ ମ୍ୟାଚରେ ଆମେ ଗୋଲ ସ୍କୋର କରି ମ୍ୟାଚ ଜିତିବା ପାଇଁ ବହୁ ସୁଯୋଗ ପାଇଥିଲୁ। ମ୍ୟାଚ ଜିତିପାରି ନ ଥିଲେ ହେଁ ଆମେ ଏହି ମ୍ୟାଚକୁ ଶୃଙ୍ଖଳିତଭାବେ ଶେଷ କରିଥିଲୁ। ଏବେ ପ୍ରଦର୍ଶନରେ ଉନ୍ନତି ଆଣି ବିଜୟ ହାସଲ କରିବା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ନେପାଳ ପକ୍ଷରୁ ପ୍ରଥମ କ୍ଲବଭାବେ ଏଏଫସି କପ୍ ଗ୍ରୁପ ପର୍ଯ୍ୟାୟ ଖେଳୁଥିବା ମାନଙ୍ଗ ମର୍ଶିଆଙ୍ଗଡି ନିଜର ପ୍ରଥମ ମ୍ୟାଚରେ ଢାକାର ଆବାହାନୀଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା। ବାଂଲାଦେଶୀ କ୍ଲବ ବିପକ୍ଷରେ ଦଳ ଭଲ ଖେଳିଥିଲେ ହେଁ ଗୋଟିଏ ଗୋଲରେ ହାର ମାନିଥିଲା। ନେପାଳୀ ଦଳର ଦୁଇ ନାଇଜେରିଆନ ଫରୱାର୍ଡ ଓଲୁୱାନମି ସୋମିଡେ ଓ ଆଫିଜ୍ ଓଲାୱାଲେଙ୍କ ଉପରେ ଚେନ୍ନାଇନ୍ ଡିଫେଣ୍ଡରଙ୍କ ନଜର ରହିବ। ଏହି ଦଳର ଅନ୍ୟ ଦୁଇ ମୁଖ୍ୟ ଖେଳାଳି ହେଲେ ବିଶାଲ ରାଜ ଓ ଅଞ୍ଜନ ବିସ୍ତା। ମାନଙ୍ଗ ମର୍ଶିଆଙ୍ଗଡି ଦଳର ଡିଫେଣ୍ଡର ହେଲେ ଜଣେ ଭାରତୀୟ ମହମ୍ମଦ ଅସିଫ। ସେ ଆଗାମୀ ମ୍ୟାଚରେ ନିଜ ଦେଶର ଏକ କ୍ଲବ ବିପକ୍ଷରେ ଖେଳିବେ।



ଚେନ୍ନାଇନ ଏଫ୍‌ସି ଦଳ।

## ପାଟସୁନ୍ଦରପୁର ଚାମ୍ପିୟନ



**ଫୁଲନଖରରା, ୧୬।୪ (ଡି.ଏନ୍.ଏ.):** କଟକ ସଦର ଥାନା ବ୍ରାହ୍ମଣଝରିଲୋ ଗ୍ରାମର ମା' ନାଗେଶ୍ୱରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ପାଟସୁନ୍ଦରପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ କଟକସଦର ଥାନା କାଜିପାଟଣା କ୍ଲବ ଓ ପାଟସୁନ୍ଦରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପାଟସୁନ୍ଦରପୁର ୮୪ ରନ ସଂଗ୍ରହ କରିଥିଲା। ଜବାବରେ କାଜିପାଟଣା ୫୦ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ପାଟସୁନ୍ଦରପୁର ୩୪ ରନରେ ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଗଣେଶ ଚନ୍ଦ୍ର ସାହୁ, ରାଜ କୁମାର ସ୍ୱାଇଁ, ପ୍ରଶାନ୍ତ କୁଣ୍ଡୁ, ରଜତ ମଲ୍ଲିକ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ ଦଳକୁ କପ୍ ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟଜିତ୍ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

# ସଙ୍ଗୀତା ଓଡ଼ିଶା ଦଳର ନେତୃତ୍ୱ ନେବେ



ଜାତୀୟ ଜୁନିୟର ବାଳିକା ଫୁଟବଲ ଟୁର୍ନାମେଣ୍ଟ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି):** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ଚଳିତମାସ ୨୦ରୁ ମେ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ମଙ୍ଗଳବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ସଙ୍ଗୀତା ଦାସ ଓଡ଼ିଶା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଲିଗ୍ ପର୍ଯ୍ୟାୟ ପାଇଁ ଓଡ଼ିଶା ଦଳ ପଣ୍ଡିଚେରୀ ଓ ଛତିଶଗଡ଼ ସହିତ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଛତିଶଗଡ଼ ସହିତ ଏପ୍ରିଲ ୨୧ ଓ ପଣ୍ଡିଚେରୀ ସହିତ ୨୩ ତାରିଖରେ ଖେଳିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଦଳ ମଙ୍ଗଳବାର କୋହ୍ଲାପୁର ଯାତ୍ରା କରିଛି। ନାଲ୍‌କୋର ଏଏଫ୍‌ସି 'ସି' ଫୁଟବଲ କୋଚ୍ ସୁରଜ ଥାପ୍ପା ଓଡ଼ିଶା ଦଳର କୋଚ୍ ଏବଂ ସୁଲତାନା ପରବିନ ମ୍ୟାନେଜରଭାବେ ଦଳସହ ଯାତ୍ରା କରିଛନ୍ତି।

**ଓଡ଼ିଶା ଦଳ:** ମଞ୍ଜୁ ଗାନ୍ଧୁ, ମିଲି ମାଝି, ସଙ୍ଗୀତା ଦାସ(ଅଧିନାୟିକା), ପୂର୍ଣ୍ଣିମା ମଲିକ, ସୁନୀତା ସୋରେନ, ମୋମିତା ସୋରୋନିଆ, ସସ୍ମିତା ଅମଙ୍ଗା, ସଲ୍‌ମା ମୁର୍ମୁ, ସାଲ୍‌ଗେ ମାଝି, ଜ୍ୟୋତ୍ସ୍ନା ଲାକ୍ରା, ସୁମିତ୍ରା ହେମ୍ବ୍ରମ, ସରିତା ସୋରେଙ୍ଗ, କ୍ରିଷ୍ଣା ବାରିକ, ଜାହ୍ନବୀ କିଷାନ, ମାଳତୀ ମୁଣ୍ଡା, ଶୁଭସ୍ମିତା ଶୁଭଦର୍ଶୀ ଦାସ, ଜ୍ୟୋତି କୁମାରୀ, ମନୀଷା ନାଏକ, ବର୍ଷା ମହାକୁଡ଼, ଲକ୍ଷ୍ମୀପ୍ରିୟା ଲେଙ୍କା।

## ତ୍ରିବେଣୀ କପ୍‌ରେ ଭାଗନେବେ ୩୨ ଦଳ

**ଭୁବନେଶ୍ୱର, ୧୬।୪(ସ୍ପୋର୍ଟ୍ସ ବ୍ୟୁରୋ)**

ଆଇଆରସି ଭିଲେଜସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ୧୩ତମ ତ୍ରିବେଣୀ କପ୍ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୨୫ରୁ ଆରମ୍ଭ ହେବ। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ୯ ଜଣ ଲେଖାଏ ଖେଳାଳି ରହିବେ ଏବଂ ମ୍ୟାଚ ଗୁଡ଼ିକ ୬ ଓଭର ବିଶିଷ୍ଟ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୫୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡର ଏବଂ ମ୍ୟାନ ଅଫ ଦି ଫାଇନାଲ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଆଗ୍ରହୀ ଦଳ ଗୁଡ଼ିକ ୩୫୦୦ଟଙ୍କାର ଏଣ୍ଟ୍ରି ଫି ଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

# ବାଲେଶ୍ୱର ରାଣୀପାଟଣା ସ୍କୁଲ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳିମାନେ।

**କଟକ ଅଫିସ, ୧୬।୪**

**ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ**

ବିହାରର ମୁଜାଫରପୁରଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବାଲେଶ୍ୱରର ରାଣୀପାଟଣା ସ୍କୁଲ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ରାଣୀପାଟଣା ଦଳ ୯ ଉଇକେଟରେ ଝାଡଖଣ୍ଡର ଏକଦଳକୁ ହରାଇ ଏହି ଟାଇଟଲ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାଡଖଣ୍ଡ ଦଳ ୫ଉଇକେଟ ବିନିମୟରେ ୭୦ରନ କରିଥିଲା। ଗୋଟଏ ଉଇକେଟ ହରାଇ ରାଣୀପାଟଣା ବିଜୟ ଲକ୍ଷ ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଅପରାଜିତ ୩୦ରନ କରିଥିବା ଶିଙ୍ଗରାଇ ମାଝି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗର ଆର୍.କେ.ଏମ ସ୍କୁଲକୁ ହରାଇ ଓଡ଼ିଶାର ରାଣୀପାଟଣା ଦଳ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ସୂଚନାଥାଉକି ପୂର୍ବାଞ୍ଚଳ ସ୍କୁଲ ସ୍ତରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଟାଇଟଲ ଓଡ଼ିଶା ବଜାୟ ରଖିଛି। ଗତ ସଂସ୍କରଣରେ କୋରାପୁଟର ଏକ ଦଳ ଚାମ୍ପିୟନ ହୋଇଥିଲା। କାଭି ସଭାପତି ଜାଫର ଇକବାଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭାରତୀୟ ଦଳ ସହ ଯିବେ ୪ ନେଟ୍ ବୋଲର

**ନୂଆଦିଲ୍ଲୀ, ୧୬।୪:** ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଥିଲା। ତେବେ ବିଶ୍ୱକପ୍ ସମୟରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍ସରେ ବୋଲିଂ ସହାୟତା କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୪ଜଣ ଦ୍ରୁତ ବୋଲରଙ୍କୁ ମନୋନୀତ କରିଛି। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କ ସମେତ ଦୀପକ ଚହର, ନବଦୀପ ସଇନି ଓ ଅଭେଷ ଖାଁ ବିଶ୍ୱକପ୍ ସମୟରେ ନେଟ୍ସରେ ଭାରତୀୟ ଖେଳାଳିଙ୍କୁ ପ୍ରସ୍ତୁତିରେ ସହାୟତା କରିବେ ବୋଲି ବିସିସିଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହି ୪ ଜଣ ଦ୍ରୁତ ବୋଲର ବର୍ତ୍ତମାନ ଚାଲିଥିବା ଆଇପିଏଲ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଦୀପକ ଓ ନବଦୀପ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳୁଛନ୍ତି। ସେହିଭଳି ଅଭେଷ ଓ ଖଲିଲ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଅଂଶଗ୍ରହଣ କରୁଛନ୍ତି। ଆଇପିଏଲ୍‌ରେ ବାଙ୍ଗାଲୋର ଖରାପ ପ୍ରଦର୍ଶନ ଜାରି ରହିଥିଲେ ମଧ ଉଭୟ ଦୀପକ ଓ ନବଦୀପ ବର୍ତ୍ତମାନ ସୁଦ୍ଧା ୧୦ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ତେବେ ଅଭେଷ ଓ ଖଲିଲ୍ କେବଳ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛନ୍ତି। ପ୍ରକାଶଯୋଗ୍ୟ, ମେ ୩୦ରୁ ଇଂଲଣ୍ଡରେ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବ। ଭାରତ ଜୁନ୍ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୨ୟ ମ୍ୟାଚ୍‌ରେ ଭାରତ ଜୁନ ୯ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଲିଗ୍ ପର୍ଯ୍ୟାୟ ଜୁନ ୧୬ରେ ମାଞ୍ଚେଷ୍ଟରଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ହାଇଭୋଲଟେଜ ମ୍ୟାଚ୍ ଅନୁଷ୍ଠିତ ହେବ।

# ମୋର୍ତ୍ତାଜାଙ୍କୁ ନେତୃତ୍ୱ

**ଢାକା, ୧୬।୪:** ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ମଙ୍ଗଳବାର ବାଂଲାଦେଶ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ନୂଆମୁହଁ ଭାବେ ଦ୍ରୁତ ବୋଲର ଆବୁ ଜାୟେଦଙ୍କୁ ସ୍ଥାନ ମିଳିଛି। ୨୫ବର୍ଷୀୟ ଡାହାଣହାତୀ ବୋଲର ଜାୟେଦ ଗତବର୍ଷ ଜାତୀୟ ଦଳ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିଲେ। ସେ ବର୍ତ୍ତମାନ ସୁଦ୍ଧା ୩ ଟି୨୦ ମ୍ୟାଚ୍ ମଧ ଖେଳିଛନ୍ତି। ତେବେ ସେ ବିଶ୍ୱକପ୍ ଅବସରରେ ଦିନିକିଆ କ୍ୟାରିୟର ଆରମ୍ଭ କରିବାର ସମ୍ଭାବନା ରହିଛି। ସେହିଭଳି ମୋର୍ତ୍ତାଜାଙ୍କୁ ସହାୟତା ଲାଗି ବରିଷ୍ଠ ଅଲ୍‌ରାଉଣ୍ଡର ଶାକିବ ଅଲ୍‌ହାସାନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ୟାଟ୍ସମ୍ୟାନ ମୋସାଡେକ ହୋସେନ ମଧ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ପାଇଁ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆନ୍ କପ୍‌ରେ ସେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱକପ୍ ପରି ବଡ଼ ଟୁର୍ନାମେଣ୍ଟ ହୋଇଥିବାରୁ ଦଳରେ ଅଭିଜ୍ଞ ଖେଳାଳିଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ବାଂଲାଦେଶ କ୍ରିକେଟ ଚୟନ କମିଟିର ମୁଖ୍ୟ ମିନହାଜୁଲ ଆବେଦିନ କହିଛନ୍ତି। ଜୁନ ୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ଖେଳି ବାଂଲାଦେଶ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ।

**ବାଂଲାଦେଶ ଦଳ**

**ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ ଦାସ, ସୌମ୍ୟ ସର୍କାର, ମୁଶଫିକର ରହିମ୍ (ଉଇକେଟ୍‌କିପର), ମହମ୍ମଦୁଲ୍ଲା ରିୟାଦ, ଶାକିବ ଅଲ୍ ହାସାନ, ମହମ୍ମଦ ମିଥୁନ, ସବିର ରହମନ, ମୋସାଦେକ ହୋସେନ, ମହମ୍ମଦ ସୈଫଉଦ୍ଦିନ, ମେହିଦୀ ହାସାନ, ରୁବେଲ ହୋସେନ, ମୁସ୍ତାଫିଜୁର ରେହମାନ ଓ ଆବୁ ଜାୟେଦ।**



ମାଶ୍ରାଫି ମୋର୍ତ୍ତାଜା





# ବହୁଦିନର ସ୍ୱପ୍ନ ପୂରଣ ହୋଇଛି: କାର୍ତ୍ତିକ

**କୋଲକାତା, ୧୬।୪ (ପି.ଟି.):** ଯୁବ ଉଇକେଟ୍ କିପର ରିଷଭ ପନ୍ତଙ୍କୁ ପଛରେ ପକାଇ ଭେଟେରାନ ଦୀନେଶ କାର୍ତ୍ତିକ ଆସନ୍ତା ଆଇସିସି ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ନିଜର ଉଇକେଟ୍-କିପିଂ ଦକ୍ଷତା ବଳରେ ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ପାଇଥିବା କାର୍ତ୍ତିକ ବହୁଦିନର ସ୍ୱପ୍ନ ଶେଷରେ ପୂରଣ ହୋଇଥିବା କହିଛନ୍ତି। 'ମୁଁ ବହୁତ ଉତ୍ସାହିତ ରହିଛି। ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନେଇ ରହିଥିବା ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ମୁଁ ଏହି ଟିମ୍‌ର ସଦସ୍ୟ ହେବାକୁ ଚାହୁଁଥିଲି' ବୋଲି କାର୍ତ୍ତିକ ନିଜର ଆଇପିଏଲ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସର ଅଫିସିଆଲ୍ ୱେବସାଇଟ୍‌ରେ ଉଲ୍ଲେଖ କରିଛନ୍ତି। ସ୍ମରଣଯୋଗ୍ୟ, ୨୦୦୪ରେ ଏକଦିବସୀୟ ପଦାର୍ପଣ କରିଥିବା ୩୩ ବର୍ଷୀୟ କାର୍ତ୍ତିକ ବହୁଦିନ ଧରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିଲେ ମଧ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଖେଳିବା ସୁଯୋଗ ପାଇନାହାନ୍ତି। ଏଥିପୂର୍ବରୁ କାର୍ତ୍ତିକ ୨୦୦୭ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ ମଧ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତି ଯୋଗୁ ଗୋଟିଏ ବି ମ୍ୟାଚ୍ ଖେଳିପାରି ନ ଥିଲେ। ସେହିଭଳି ତାଙ୍କୁ ୨୦୧୧ ଓ ୨୦୧୫ ବିଶ୍ୱକପ୍ ଟିକେଟ୍ ମିଳି ନ ଥିଲା। ଏହି ତାମିଲନାଡୁ ଭେଟେରାନ ଉଇକେଟ୍‌କିପର ଜାତୀୟ ଦଳ ପକ୍ଷରୁ ୨୬ ଟେଷ୍ଟ, ୯୧ ଦିନିକିଆ ଓ ୩୨ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି। ଦିନିକିଆରେ ସେ ୯ଟି ଅର୍ଦ୍ଧଶତକ ସହାୟତାରେ ୩୧ ଆଭରେଜରେ ୧୭୩୮ ରନ ସଂଗ୍ରହ କରିଛନ୍ତି।



"ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଚୟନକର୍ତ୍ତାମାନେ ଏକ ଶକ୍ତିଶାଳୀ ଦଳ ଚୟନ କରିଛନ୍ତି। ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଆଶା ରହିଛି।
–ଶିଖର ଧାୱନ, ଓପନିଂ ବ୍ୟାଟ୍ସମ୍ୟାନ



"ବିଶ୍ୱକପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରୁଥିବାରୁ ବହୁତ ଉତ୍ସାହିତ ରହିଛି। କିନ୍ତୁ ବର୍ତ୍ତମାନ ବଳକା ଥିବା ଆଇପିଏଲ୍‌ର ୭ ମ୍ୟାଚ୍ ଉପରେ ଫୋକସ୍ କରିବି।
–ୟୁଜବେନ୍ଦ୍ର ଚହଲ, ଭାରତୀୟ କ୍ରିକେଟର



## ଆଜିର ମ୍ୟାଚ

ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ



ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ


# ତୃତୀୟ ସ୍ଥାନରେ ମୁମ୍ବାଇ

ମୁମ୍ବାଇ,୧୬।୪ (ପି.ଟି.)

ଡେଥ୍ ଓଭର ସ୍ପେଶାଲିଷ୍ଟ ଲସିଥ ମାଲିଙ୍ଗା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୩୧ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୫ ଉଇକେଟରେ ପରାସ୍ତ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ମୁମ୍ବାଇ ୧୯ ଓଭରରେ ୫ ଉଇକେଟ ହରାଇ ୧୭୨ ରନ କରି ବିଜୟୀ ହୋଇଥିଲା। ମୁମ୍ବାଇ ୮ ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବାଙ୍ଗାଲୋର ୮ ମ୍ୟାଚରୁ ଗୋଟିଏ ବିଜୟ, ୭ଟି ପରାଜୟ ସହ ୨ ପଏଣ୍ଟରେ ସ୍ଥିର ରହି ତାଲିକାର ନିମ୍ନରେ ରହିଛି। ୩୧ ରନ ବ୍ୟୟ କରି ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୨ ରନ ଟାର୍ଗେଟର ପିଛା କରିଥିବା ମୁମ୍ବାଇ ପକ୍ଷରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର କ୍ୱିଣ୍ଟନ ଡି'କକ୍ ୭୦ ରନର ଓପନିଂ ପାର୍ଟନରଶିପ୍ ସ୍ଥାପନ କରିଥିଲେ। ରୋହିତ ୧୯ ବଲରୁ ୨ ଚୌକା ଓ ୨ ଛକା ସହ ୨୮ ଓ ଡି'କକ୍ ୨୬ ବଲରୁ ୫ ଚୌକା ଓ ୨ ଛକା ସହ୪୦ ରନ କରି ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ୯ ବଲରୁ ୩ ଛକା ସହ ୨୧ ରନ କରି ଇଶାନ କିଷନ ଓ ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୯ ରନ କରି ସୂର୍ଯ୍ୟକୁମାର ଯାଦବ ୟୁଜବେନ୍ଦ୍ର ଚହଲଙ୍କ ଶିକାର ହୋଇଥିଲେ। ଏହାପରେ କ୍ରୁନାଲ ପାଣ୍ଡ୍ୟା ମାତ୍ର ୧୧ ରନକରି ମହମ୍ମଦ ସିରାଜଙ୍କ ଦ୍ୱାର ଆଉଟ ହେବା ପରେ ଭାଇ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୩୭ ରନ (୧୬ବଲ, ୫ ଚୌକା, ୨ ଛକା)କରି ଦଳକୁ ବିଜୟୀ କରାଇଥିଲେ। ୧୯ ତମ ଓଭରରେ ହାର୍ଦ୍ଦିକ ପବନ ନେଗୀଙ୍କୁ ନିର୍ଦ୍ଧୁମ ପ୍ରହାର କରି ୨୧ ରନ କରି ଦଳକୁ ଜିତାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ଚମକହୀନ ପ୍ରଦର୍ଶନ କରିଥିଲା। ଓପନର ପାର୍ଥିବ ପଟେଲ, ଅଭିଜ୍ଞ ଡିଭିଲର୍ସ ଓ ମୋଇନ ଅଲିଙ୍କୁ ବାଦ୍ ଦେଲେ ଅନ୍ୟମାନେ ବିଫଳ ହୋଇଥିଲେ। ଅଧିନାୟକ ବିରାଟଙ୍କୁ ହରାଇ ବାଙ୍ଗାଲୋର ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୮ ରନ କରିଥିବା ବେଳେ କୋହଲି ଜାସନ ବେହରେନଡର୍ଫଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡି'କକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫୧ଟି ବଲର ସମ୍ମୁଖୀନ ହୋଇ ଡିଭିଲର୍ସ ୬ ଚୌକା ଓ ୪ ଛକା ସହ ୭୫ ରନ କରି ପୁଣି ଥରେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ। ତେବେ ସେ କିରନ ପୋଲାର୍ଡଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ମୋଇନ୍ ୩୨ଟି ବଲ ଖେଳି ୧ ଚୌକା, ୫ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତୃତୀୟ ଉଇକେଟ ଯୋଡିରେ ଡିଭିଲର୍ସ ଓ ମୋଇନ ୬୧ ବଲରୁ ୯୫ ରନ ସଂଗ୍ରହ କରିଥିଲେ। ପାର୍ଥିବ ଦ୍ରୁତ ୨୮ (୨୦ ବଲ, ୪ ଚୌକା, ୧ ଛକା) ରନ ସଂଗ୍ରହ କରି ଆଉଟ ହୋଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲସିଥ୍ ମାଲିଙ୍ଗା।

### ସଂକ୍ଷିପ୍ତ ସ୍କୋର

- ବାଙ୍ଗାଲୋର ୨୦ ଓଭରରେ ୧୭୧/୭ (ଡି' ଭିଲର୍ସ- ୭୫, ମୋଇନ- ୫୦, ପାର୍ଥିବ- ୨୮, ମାଲିଙ୍ଗା- ୪/୩୧ )।
- ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭରରେ ୧୭୨/୫ (ଡିକକ୍- ୪୦, ହାର୍ଦ୍ଦିକ- ୩୭*, ସୂର୍ଯ୍ୟକୁମାର- ୨୯, ରୋହିତ- ୨୮, ଇଶାନ- ୨୧, ଚହଲ- ୨/୨୭, ମୋଇନ- ୨/୧୮, ସିରାଜ- ୧/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | ୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫୦ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | -୧.୧୧୪ |

## ସଂକ୍ଷେପରେ

### ମିଥାଲି ଭାରତୀୟ ଦଳ ଗୁଡୱିଲ୍ ଆମ୍ବାସାଡର



ନୂଆଦିଲ୍ଲୀ, ୧୬।୪(ପି.ଟି.): ଅଭିଜ୍ଞ ମହିଳା କ୍ରିକେଟର ମିଥାଲି ରାଜ ଷ୍ଟ୍ରିଟ୍ ଚାଇଲ୍ଡ ୱାର୍ଲ୍ଡ କପ୍ ପାଇଁ ଭାରତୀୟ ଦଳର ଗୁଡୱିଲ ଆମ୍ବାସାଡର ବା ସଦ୍‌ଭାବନା ରାଜଦୂତ ନିଯୁକ୍ତ ହୋଇଛନ୍ତି। ଭାରତୀୟ ମହିଳା ଦିନିକିଆ ଦଳ ଅଧିନାୟିକା ମିଥାଲି ଓ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସମେତ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ମଧ ଏହି ଭାରତୀୟ ଦଳକୁ ସମର୍ଥନ ଜଣାଇଛନ୍ତି। ଏ ନେଇ ମିଥାଲି ଖୁସି ଜାହିର କରିଛନ୍ତି। ଭାରତରେ ସଡ଼କ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ୨୦ ଲକ୍ଷ ପିଲା ରହିଛନ୍ତି ଓ ଏମାନେ ଆମ ଦେଶର ଅମୂଲ୍ୟ ସମ୍ପଦ ବୋଲି ମିଥାଲି କହିଛନ୍ତି।

# 'ରାୟୁଡୁଙ୍କୁ ଉପେକ୍ଷା ନେଇ ଆଲୋଚନା ହେବା ଉଚିତ'

ନୂଆଦିଲ୍ଲୀ, ୧୬।୪ (ପି.ଟି.): ଆଇସିସି ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରୁ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ କ୍ରିକେଟର ଗୌତମ ଗମ୍ଭୀର ମୁହଁ ଖୋଲିଛନ୍ତି। 'ଋଷଭ ପନ୍ତଙ୍କୁ ଅଣଦେଖା ଅପେକ୍ଷା ଅମ୍ବାତି ରାୟୁଡୁଙ୍କ ବିଷୟରେ ଅଧିକ ଆଲୋଚନା ହେବାର ଆବଶ୍ୟକ ରହିଛି' ବୋଲି ଗମ୍ଭୀର କହିଛନ୍ତି। 'ଏହା ବହୁତ ଦୁର୍ଭାଗ୍ୟର ବିଷୟ ଯେ, ଧଳା ବଲ (ସୀମିତ ଓଭର) କ୍ରିକେଟରେ ୪୮ ଆଭରେଜ ଖେଳିବା ସହ ବୟସ ମାତ୍ର ୩୩ ହୋଇଥିଲେ ମଧ ରାୟୁଡୁଙ୍କୁ ବାଦ୍ ଦିଆଯାଇଛି। ଅନ୍ୟ କୌଣସି ଖେଳାଳିଙ୍କ ଚୟନ ନିଷ୍ପତ୍ତି ଅପେକ୍ଷା ଏହା ମୋ ପାଇଁ ଅଧିକ ହୃଦୟ ବିଦାରକ ଘଟଣା' ବୋଲି ଗମ୍ଭୀର ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।


ନିକଟ ଅତୀତରେ ଭାରତୀୟ ଦଳର ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଅଧିନାୟକ ବିରାଟ କୋହଲିଙ୍କର ପ୍ରଥମ ପସନ୍ଦର ବ୍ୟାଟ୍ସମ୍ୟାନ ଥିଲେ। କିନ୍ତୁ ଗତ ମାସରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ଖରାପ ପ୍ରଦର୍ଶନ କାରଣରୁ ରାୟୁଡୁଙ୍କୁ ନେଇ ଚୟନକର୍ତ୍ତାମାନେ ପୁର୍ନବିଚାର କରିଥିଲେ। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ ମଧ ଗମ୍ଭୀରଙ୍କୁ ସମଦଶା ଭୋଗିବାକୁ ପଡ଼ିଥିଲା। 'ରାୟୁଡୁଙ୍କ ପାଇଁ ମୁଁ ଦୁଃଖିତ। ୨୦୦୭ରେ ଠିକ୍ ଏହିଭଳି ମୋ ସହ ଘଟିଥିଲା। ଯେତେବେଳେ କି ମୋତେ ସେମାନେ ଚୟନ କରି ନ ଥିଲେ। ବିଶ୍ୱକପ୍ ପାଇଁ ଚୟନ ନ ହେବା କେତେ କଷ୍ଟଦାୟକ ତାହା ମୁଁ ଜାଣେ। କ୍ରିକେଟର ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବା ସମସ୍ତ ଯୁବ ଖେଳାଳିଙ୍କୁ ପିଲାଦିନରୁ ସ୍ୱପ୍ନ ରହିଥାଏ। ତେଣୁ ବିଶ୍ୱକପ୍ ଲାଗି ଚୟନ ହୋଇ ନ ଥିବା ଅନ୍ୟକୌଣସି ଖେଳାଳିଙ୍କ ଅପେକ୍ଷା ରାୟୁଡୁଙ୍କ ପାଇଁ ମୁଁ ଅଧିକ ଦୁଃଖପ୍ରକାଶ କରୁଛି' ବୋଲି ଏହି ଦିଲ୍ଲୀ କ୍ରିକେଟର ପ୍ରକାଶ କରିଛନ୍ତି।

# ଜିମ୍ବାୱେର କ୍ଲିନ୍‌ସୁଇପ୍

ହରାରେ, ୧୬।୪

ଭ୍ରମଣକାରୀ ୟୁଏଇ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୪ର୍ଥ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ଡିଏଲ୍ ପଦ୍ଧତିରେ ୩ ଉଇକେଟ୍‌ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ୟୁଏଇ ୧୭୫ ରନ ଅଲ୍‌ଆଉଟ୍ ହୋଇଥିଲା। ତେବେ ବର୍ଷା କାରଣରୁ ଜିମ୍ବାୱେ ୩୦ ଓଭରରେ ୧୨୮ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଫଳରେ ଜିମ୍ବାୱେ ୩୧ ବଲ୍ ବଳକା ଥାଇ ୭ ଉଇକେଟ୍ ହରାଇ ମ୍ୟାଚ୍ କବ୍‌ଜା କରିନେଇଥିଲା। ଏହି ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୪-୦ରେ କ୍ଲିନ୍‌ସୁଇପ୍ କରିନେଇଛି।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ୟୁଏଇ ୪୭.୧ ଓଭରରେ ୧୭୫ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଓପନର୍ ଚିରାଗ ସୁରି ୪୬ ଓ ସିପି ରିଜୱାନ ୪୫ ଓ ମହମ୍ମଦ ଉସମାନ ୨୭ ରନ କରିଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଘରୋଇ ଦଳ ପକ୍ଷରୁ କାଏଲ୍ ଜାର୍ଭିସ, କ୍ରିସ ମୋଫୁ, ସିନ୍ ୱିଲିୟମ୍ସ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜିମ୍ବାୱେ ଇନିଂସ ଆରମ୍ଭରୁ ବର୍ଷା ହେବାରୁ ମ୍ୟାଚ୍‌କୁ ୩୦ ଓଭରରେ ୧୨୮ ରନର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ୨୪.୫ ଓଭରରେ ୭ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା। ଦଳ ପକ୍ଷରୁ ତିମସିଏନ ମାରୁମା ସର୍ବାଧିକ ୩୫ ରନ କରିଥିବାବେଳେ ବ୍ରାଏନ ଚାରି (୧୯), ରେଗିସ ଚକାଭା (୨୮) ଓ ସିନ୍ ୱିଲିୟମ୍ସ (୨୦) ତାଙ୍କୁ ସହାୟତା କରିଥିଲେ। ୟୁଏଇ ଅଧିନାୟକ ମହମ୍ମଦ ନବିଙ୍କୁ ୨ଟି ଉଇକେଟ୍ ମିଳିଥିଲା।





ଉଇକେଟ ହାସଲ ପରେ ସିନ୍ ୱିଲିୟମ୍ସ।

# ଅଲ୍‌ଜାରି ଯୋଶେଫ ଆଇପିଏଲ୍‌ରୁ ଆଉଟ୍

ମୁମ୍ବାଇ, ୧୬।୪ (ପି.ଟି.): କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଅଲଜାରି ଯୋଶେଫ୍ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ଶକ୍ତ ଧକ୍କା ଲାଗିଛି। ଆଣ୍ଟିଗୁଆର ଏହି ୟଙ୍ଗଷ୍ଟାର ଏପ୍ରିଲ ୧୩ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ମୁମ୍ବାଇ ଦଳ ତରଫରୁ ଫିଲ୍ଡିଂ କରୁଥିବାବେଳେ ବଲ୍‌କୁ ଏକ ବାଉଣ୍ଡାରୀରୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଆହତ ହୋଇଥିଲେ। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡର ଆଡାମ ମିଲ୍‌ନେ ଆଘାତପ୍ରାପ୍ତ ହେବାରୁ ଯୋଶେଫଙ୍କୁ ମୁମ୍ବାଇ ଦଳରେ ସ୍ଥାନ ମିଳିଥିଲା। ଏପ୍ରିଲ ୬ରେ ଆୟୋଜକ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ତାଙ୍କର ସେ ଆଇପିଏଲ ପଦାର୍ପଣ କରିଥିଲେ। ଏଥିରେ ସେ ମାତ୍ର ୧୨ ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରି ଲିଗ୍ ରେକର୍ଡ କରିଥିଲେ।

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଭାଗନେବ

ଲସେନ,୧୬।୪(ପି.ଟି.)

ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ଭାରତ ଆସନ୍ତାବର୍ଷ ଯୋଗଦେବ। ଏହି ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ଭାରତ ଯୋଗ ଦେଇ ନ ଥିଲା। ତେବେ ଆସନ୍ତା ଜାନୁୟାରୀରେ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌ରେ ଭାରତୀୟ ହକି ଦଳ ଯୋଗ ଦେବା ନିଶ୍ଚିତ ହୋଇଛି ଏଫ୍‌ଆଇଏଚ୍ ସ୍ପଷ୍ଟ କରିଛି। ଅଂଶଗ୍ରହଣ କରିଥିବା ଅନ୍ୟ ଜାତୀୟ ଆସୋସିଏଶନଗୁଡିକ ସର୍ବସମ୍ମତି କ୍ରମେ ଭାରତର ଯୋଗ ଦାନକୁ ସମର୍ଥନ କରିଛନ୍ତି। କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏଫ୍‌ଆଇଏଚ୍ ଏ ନେଇ ସ୍ପଷ୍ଟ କରିଛି। ପୂର୍ବରୁ ୨୦୧୭ରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଏହି ଲିଗ୍‌ରୁ ଓହରିଯାଇଥିଲେ। ଲିଗ୍‌ରୁ ପୂର୍ବରୁ ଓହରିଯିବା ସମ୍ପର୍କରେ ହକି ଇଣ୍ଡିଆ କୌଣସି କାରଣ ଉଲ୍ଲେଖ କରି ନ ଥିଲା। ତେବେ ମହିଳା ଦଳରେ ନିମ୍ନ ମାନର ର୍‍ୟାଙ୍କିଙ୍ଗ୍ କାରଣରୁ ଭାରତ ଏହି ଲିଗ୍‌ରୁ ଓହରିଯାଇଥିଲା। ଫଳରେ କେବଳ ଗୋଟିଏ ଦଳ ନେଇ ଭାରତ ଲିଗ୍‌ରେ ଯୋଗ ଦେବାକୁ ଚାହିଁ ନ ଥିଲା ବୋଲି କୁହାଯାଇଥିଲା। ହକି ୱାର୍ଲ୍ଡ ଲଗ୍ ମାଧମରେ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଗତ ଜାନୁୟାରୀରେ ଖେଳାଯାଇଥିବା ପ୍ରୋ– ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ୯ଟି ଦଳ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଜୁନ ପର୍ଯ୍ୟନ୍ତ ଉଭୟ ଘରୋଇ ଓ ବାହାର ପରିବେଶରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫିକେଶନ ଇଭେଣ୍ଟ ପାଇଁ ଟିକେଟ ହାସଲ କରିଥିଲେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଯୋଗଦେବା ଏକ ବଡ଼ କଥା ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ କହିଛନ୍ତି। ଭାରତରେ ହକିର ଲୋକପ୍ରିୟତା ବେଶ୍ ଅଧିକ ରହିଛି। ୨୦୨୦ ଓ ୨୦୨୧ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ ବୋର୍ଡ ଅନୁମୋଦନ କରିଛି। ପ୍ରତିବର୍ଷ ପ୍ରଥମ ୬ ମାସରେ ଲିଗ୍ ପ୍ରତିଯୋଗିତା ଆୟୋଜନ ହେବ। ଚଳିତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳୁ ନ ଥିବାରୁ ଭାରତ ହକି ସିରିଜ ଫାଇନାଲ୍ସ ଖେଳି ଆସନ୍ତାବର୍ଷ ଅଲିମ୍ପିକ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଆସନ୍ତା ଜୁନ୍‌ରେ ଭୁବନେଶ୍ୱରରେ ୩ଟି ହକି ସିରିଜ ଫାଇନାଲ୍ସର ଗୋଟିଏ ସିରିଜ ଆୟୋଜନ ହେବ।





# ପ୍ଲେ-ଅଫ୍ ଲକ୍ଷ୍ୟରେ ସୁପର କିଙ୍ଗ୍ସ

ହାଇଦ୍ରାବାଦ, ୧୬।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୩ତମ ମ୍ୟାଚ୍‌ରେ ବୁଧବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ। ଏପର୍ଯ୍ୟନ୍ତ ଲିଗ୍‌ରେ ସଫଳତମ ଦଳ ସାବ୍ୟସ୍ତ ହୋଇଥିବା ଚେନ୍ନାଇ ୮ଟି ମ୍ୟାଚ୍ ଖେଳି ୭ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ୪ଟି ପରାଜୟ ସହ ୬ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଘରୋଇ ପରିବେଶର ଫାଇଦା ଉଠାଇ ବିଜୟୀ ହେବା ସହ ପଏଣ୍ଟ ତାଲିକାରେ ଉନ୍ନତି କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଚେନ୍ନାଇ ତା'ର ବିଜୟଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ଦଳରୁ ବାଦ୍ ପଡିଥିବା ଚେନ୍ନାଇ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ନିରାଶ କରିଥିବ। ଆଉ ଗୋଟିଏ ବିଜୟ ହାସଲ କଲେ ଚେନ୍ନାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବ। ତେଣୁ ରାୟୁଡୁ ସ୍ୱତନ୍ତ୍ର କିଛି କରି ଦେଖାଇ ଚେନ୍ନାଇକୁ ବିଜୟୀ କରିବା ପାଇଁ ଚେଷ୍ଟା କରିବେ।

ହାଇଦ୍ରାବାଦ ଭଲ ଖେଳିଥିଲେ ମଧ ହଠାତ୍ ଗତ ୩ଟି ମ୍ୟାଚ୍‌ରେ ପରାଜୟବରଣ କରିଛି। ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହାଇଦ୍ରାବାଦ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ଚେନ୍ନାଇ ଏକ ଅଭିଜ୍ଞ ତଥା ଅପେକ୍ଷାକୃତ ଅଧିକ ବୟସ୍କ ଦଳ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରିଛି। ବିଭିନ୍ନ ପ୍ରକାର ପରିସ୍ଥିତି ପାଇଁ ଚେନ୍ନାଇ ପାଖରେ ଉପଯୁକ୍ତ ରଣନୀତି ରହିଛି। ଅନ୍ୟପଟେ ହାଇଦ୍ରାବାଦ ତା'ର ଦୁଇ ଓପନରଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡିଛି। ଯେତେବେଳେ ଓପନିଂ ଯୋଡି ଜନୀ ବେୟାରଷ୍ଟୋ ଓ ଡେଭିଡ ୱାର୍ନର ବିଫଳ ହୋଇଛନ୍ତି ସେତେବେଳେ ହାଇଦ୍ରାବାଦ ପରାସ୍ତ ହୋଇଛି। ୱାର୍ନର ଏପର୍ଯ୍ୟନ୍ତ ୪୦୦, ବେୟାରଷ୍ଟୋ ୩୦୪ ରନ କରିଥିବା ବେଳେ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବିଜୟ ଶଙ୍କର ୧୩୨ ରନ ସଂଗ୍ରହ କରିଛନ୍ତି। ହାଇଦ୍ରାବାଦର ମୂଳ ସମସ୍ୟା ହେଉଛି ମିଡଲ ଅର୍ଡରର ବିଫଳତା। ମନୀଷ ପାଣ୍ଡେ ୬ଟି ମ୍ୟାଚ୍‌ରୁ ୫୪, ଦୀପକ ହୁଡା ୪୭ ଓ ୟୁସୁଫ ପଠାନ ମାତ୍ର ୩୨ ରନ ସଂଗ୍ରହ କରି ସାଂଘାତିକ ଭାବେ ବିଫଳ ହୋଇଛନ୍ତି। ପୂର୍ବରୁ ଆଇପିଏଲରେ ଦମ୍‌ଦାର ପ୍ରଦର୍ଶନ କରି ବେଶ୍ ଚର୍ଚ୍ଚିତ ହୋଇଥିବା ୟୁସୁଫ ଏଥର ଗୋଟିଏ ହେଲେ ବି ମ୍ୟାଚ୍ ବିଜୟୀ ଇନିଂସ ଖେଳିନାହାନ୍ତି।

ଅପରପକ୍ଷରେ ଧୋନୀ ଭିନ୍ନ ଭିନ୍ନ ପରିସ୍ଥିତିରେ ଓ ଗ୍ରାଉଣ୍ଡକୁ ଦୃଷ୍ଟିରେ ରଖି ଅଲଗା ଅଲଗା ଦଳ ସହ ପଡିଆକୁ ଓହ୍ଲାଇଛନ୍ତି। ଖେଳାଳିମାନେ ମଧ ତାଙ୍କ ଭରସାର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଗ୍ରାଉଣ୍ଡ ଅନୁସାରେ ସେ ହରଭଜନ ସିଂ, ମିଚେଲ ସାଣ୍ଟନର, ୪୦ ବର୍ଷୀୟ ସ୍ପିନର ଇମ୍ରାନ ତାହିରଙ୍କୁ ଖେଳାଇଛନ୍ତି ଓ ସଫଳତା ମଧ ପାଇଛନ୍ତି। ଅଧିନାୟକଙ୍କ ଯୋଜାନକୁ କାର୍ଯ୍ୟକାରୀ କରିବାରେ ଖେଳାଳିମାନେ ପ୍ରୟାସ କରି ବେଶ୍ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ହାଇଦ୍ରାବାଦକୁ ବେଶ୍ କଷ୍ଟ କରିବାକୁ ପଡିବ। ଚେନ୍ନାଇ ମଧ ଏହି ମ୍ୟାଚ୍‌କୁ ହାଲ୍‌କା ଭାବେ ନେବ ନାହିଁ। କାରଣ ଚେନ୍ନାଇ ପ୍ଲେ– ଅଫ୍‌ଠାରୁ ଆଉ ଗୋଟିଏ ବିଜୟ ଦୂରରେ ରହିଛି।



ଏକ ହାଲ୍‌କା ମୁହୂର୍ତ୍ତରେ ମୋହିତ ଶର୍ମା ଓ ବିଜୟ ଶଙ୍କର।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର–ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ–ଦିପ୍ତାଂଶୁ କିରଣ କର, ଝିଅ–ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ–୧୨୧୭୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶାନ୍ତ କୁମାର ଜେନା
ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୭।୦୩।୧୯୬୨
ତିରୋଧାନ: ୦୭।୦୪।୨୦୧୯
ଏତେ ଶୀଘ୍ର ସବୁ ମାୟା ଭୁଲି ତୁମେ ବାହୁଡ଼ିଗଲ ବିଶ୍ୱାସ କରି ହେଉନାହିଁ। ଏକାଦଶାହ ତିଥିରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ: ପତ୍ନୀ– ନିରୁପମା, ଭାଇ– ଢଗୁ, ପୁତ୍ର– ରାକା, ଗୁଲୁ, ପିଙ୍କୁ, ବୁଲୁ, କନ୍ୟା– ବୁଲ୍‌ବୁଲ୍, ବୋହୂ– ସୋନି, ମଧୁ, ଭଣଜା– ବିଟୁ, ଲିଟୁ, ଭଉଣୀ ଓ ଭିଣୋଇ– ପ୍ରଦୀପ, ବିଗୁଲି, ଭାଇବୋହୂ– ମିତା, ମାମା, ନାତି– ଋଷି, ଆତ୍ମୀୟସ୍ୱଜନ, ବନ୍ଧୁ ପରିବାରବର୍ଗ। ଧ–୧୨୧୭୮

### ଏକାଦଶାହ



ସ୍ୱର୍ଗତା ସୁଧାରାଣୀ ପଟ୍ଟନାୟକ
ତା ୧୯।୧୦।୧୯୨୩ – ତା ୦୮।୦୪।୨୦୧୯
ସ୍ୱା– ସ୍ୱର୍ଗତ ମହେଶ୍ୱର ପଟ୍ଟନାୟକ
(ବଡ଼ମ୍ବାଗଡ଼ – କଟକ)
ମା, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ତୁ ଆରପାରିକୁ ଚାଲିଯିବାର। ଲାଗୁଛି ପ୍ରତି ମୁହୂର୍ତ୍ତରେ ତୁ ରହିଛୁ ଆମ ପାଖରେ, ଆମ ଚିନ୍ତା ଓ ଚେତନାରେ। କର୍ମ, ଭକ୍ତି ଓ ଜ୍ଞାନର ତୁ ଥିଲୁ ପବିତ୍ର ତ୍ରିବେଣୀ। ତୋ'ର ଅଚଳ ଈଶ୍ୱର ଭକ୍ତି, ଦୃଢ଼ ଆତ୍ମବିଶ୍ୱାସ ଏବଂ କର୍ତ୍ତବ୍ୟପରାୟଣତା ଆମ ଚଲାପଥରେ ପାଥେୟ ହେଉ। ତୋ'ର ଆରାଧ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ତାଙ୍କ ପାଦପଦ୍ମରେ ଆଶ୍ରୟ ଦେଇଥାନ୍ତୁ, ଆମର ବିଭୁ ଚରଣରେ ଏତିକି ପ୍ରାର୍ଥନା। ପୁତ୍ର ଓ ପୁତ୍ରବଧୂ – ମୃତ୍ୟୁଞ୍ଜୟ–କନକ, ହରିଶ୍ଚନ୍ଦ୍ର–ପରାଶ, ଗୋପବନ୍ଧୁ–ଶ୍ୱେତା, ଜଗତ୍‌ବନ୍ଧୁ–ଜ୍ୟୋତ୍ସ୍ନା, ବିଭୁଦ, ସବ୍ୟସାଚୀ–ଗାୟତ୍ରୀ, କନ୍ୟା ଓ ଜାମାତା– ଇନ୍ଦୁରେଖା–ଅମିୟ, ପ୍ରିୟମ୍ବଦା–ବିଜୟ, ଅନସୂୟା–ଅକ୍ଷୟ, ରଶ୍ମିରେଖା–ତୁଷାରଙ୍କ ସମେତ ଶୋକାତୁର ପରିବାର ସଦସ୍ୟଗଣ। ଧ–୧୨୧୮୫

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀ ।

**ଧର୍ମଶାଳା,୧୬।୪(ଡି.ଏନ୍.ଏ.)**

ଧର୍ମଶାଳା ପୋଲିସ ସୋମବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରା ସାମଗ୍ରୀ କିଣୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫବେଳେ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୨ ରାଉଣ୍ଡ ଅଫୁଟାଗୁଳି, ଭୁଜାଲି, ୨ଟି ଲୁହା ରଡ଼ ପ୍ରଭୃତି ମାରଣାସ୍ତ୍ର ସହ ୨ଟି ନମ୍ବର ବିହୀନ ବାଇକ୍, ୭ଟି ଦାମୀ ମୋବାଇଲ ଏବଂ ୨ଟି କ୍ୟାମେରା ଜବତ କରିଥିବା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି । ଏଥିସହ ଅଭିଯୁକ୍ତଙ୍କ ନାମରେ ଯାଜପୁର ସଦର ଥାନାରେ ୨ଟି ଡକାୟତି ମାମଲା ସହ ବିଭିନ୍ନ ଥାନାରେ ଲୁଟ୍ କେସ୍‌ଭଳି ମାମଲା ରହିଛି । ଏ ନେଇ ଏକ ମାମଲା (୧୭୩/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିଲା । ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ସୋମବାର ରାତିରେ ଦେଉଳି ପାହାଡ ନିକଟରେ ଥିବା କାଜୁ ଜଙ୍ଗଲରେ ଉକ୍ତ ଡକାୟତ ଗ୍ୟାଙ୍ଗ ଜାରକା ବଜାରରେ ଥିବା ଶ୍ରୀ ଜଗନ୍ନାଥ କ୍ଲଥ୍ ଷ୍ଟୋର୍‌ରେ ଡକାୟତି ପାଇଁ ଯୋଜନା କରୁଛନ୍ତି । ଏହି ଖବର ବିଶ୍ୱସ୍ତ ସୂତ୍ରରୁ ପାଇ ଥାନା ଅଧିକାରୀ ସରୋଜ କୁମାର ସାହୁ ଏକ ଟିମ୍ ସହ କାଜୁ ଜଙ୍ଗଲରେ ଚଢାଉ କରିଥିଲେ ।

### ବନ୍ଧୁକ ସହ ମାରଣାସ୍ତ୍ର ଜବତ

ଚଢାଉବେଳେ ପୋଲିସ ଯାଜପୁର ଜିଲା ପଣସ ଲାଲବାଗ ଗ୍ରାମର ପ୍ରତେଷ ରାଉତରାୟ(୧୯), ଜରି(ମଠସାହି) ଗ୍ରାମର ନୀତୀଶ କୁମାର ମଲ୍ଲିକ(୧୯), ପ୍ରକାଶ ମଲ୍ଲିକ(୧୯), ବୈଦ୍ୟରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ଜେନା(୨୨), ଯାଜପୁରସ୍ଥିତ ବିଧାନପୁରର କିଶାନ ପୃଷ୍ଟି(୧୯)ଙ୍କୁ ଗିରଫ କରିଥିଲା । ପରେ ସେମାନଙ୍କଠାରୁ ଚୋରା ଜିନିଷପତ୍ର କିଣୁଥିବା ଯାଜପୁର ଜିଲା ମକେଇପୁର ଗ୍ରାମର ଦେବାଶିଷ ରାଉତଙ୍କୁ ପୋଲିସ ଗିରଫ କରିଥିଲା । ପ୍ରକାଶ ଯେ, ଏହି ଡକାୟତ ଦଳ ଗତ ଜାନୁୟାରୀ ୧୩ ତାରିଖରେ କୁମାରୀ ଗ୍ରାମର ସେକ୍ ସୋହେଲ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ମନ୍ଦିରଠାରେ ଏକ ଦାମୀ କ୍ୟାମେରା ଓ ମୋବାଇଲ ଛଡାଇ ନେଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା । ସେହିପରି ଗତ ୧୧ ତାରିଖରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ଜାତୀୟ ରାଜପଥରେ ସାଲେପୁର ଅଞ୍ଚଳର ଶୁଭଶ୍ରୀ ଚନ୍ଦନ ଜେନା ନାମକ ଜଣେ ବ୍ୟକ୍ତିଙ୍କଠାରୁ ମଧ୍ୟ କ୍ୟାମେରା ଓ ମୋବାଇଲ ଲୁଟ ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିବା ପୋଲିସ ସୂଚନା ଦେଇଛି ।

## ■ ନଗର ସଂଖ୍ୟାଲଘୁ ସମ୍ପ୍ରଦାୟ ବିଜେଡି କର୍ମୀଙ୍କ ଅସନ୍ତୋଷ

# ଦଳ ମୋହ ତ୍ୟାଗ କରିବାକୁ ଦେଲେ ଚେତାବନୀ

**କେନ୍ଦ୍ରାପଡା ଅଫିସ, ୧୬।୪**

କେନ୍ଦ୍ରାପଡା ନଗର ସଂଖ୍ୟାଲଘୁ ସମ୍ପ୍ରଦାୟ ବିଜେଡି କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରି ଦଳରେ ବିଭିନ୍ନ ପଦବୀ ବଣ୍ଟନ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସହରର ମାଧପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏକ ବୈଠକ ଆୟୋଜନ କରାଯାଇଥିଲା । ଏଥିରେ ଆସନ୍ତା ୨ ଦିନ ମଧ୍ୟରେ ବିବାଦର ସମାଧାନ ନ ହେଲେ ବହୁ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଜେଡି କର୍ମୀ ଦଳ ମୋହ ତ୍ୟାଗ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ ମହମ୍ମଦ ନିୟାଜ, ସେକ୍ ଗୋଫରାନ, ସେକ୍ ଲିୟାକତଙ୍କ ସମେତ କେନ୍ଦ୍ରାପଡ଼ା ନଗରର ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ । ଏଥିରେ ଆଲୋଚନା ହୋଇଥିଲା ଯେ, ଗତ କିଛି ଦିନ ମଧ୍ୟରେ ବିଜେଡିକୁ ଆସିଥିବା କର୍ମୀଙ୍କୁ ସାଂଗଠନିକ ଦାୟିତ୍ୱ ଦିଆଯାଇଛି । ତେବେ ଦୀର୍ଘ ୧୯ ବର୍ଷ ଧରି ବିଜେଡିରେ ରହି ଦଳ ପାଇଁ କାମ କରିଥିବା କର୍ମୀଙ୍କୁ ପ୍ରୋତ୍ସାହିତ କରାଯାଉନାହିଁ । ସଂଖ୍ୟାଲଘୁ ବିଜେଡିରେ ବହୁ ବ୍ୟକ୍ତି ଶିକ୍ଷିତ ଓ ସାଂଗଠନିକ ଦୃଷ୍ଟିରୁ ସୁଦୃଢ଼ ଥିଲେ ମଧ୍ୟ ପଦବୀ ମିଳି ପାରୁନାହିଁ । ଏନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆକବର ଖାଁ, ଚାନ୍ଦ ଖାଁ, ଅଞ୍ଜୁମ ଖାଁ ଏବଂ ସେକ୍ ମୁଫାକତୁଲ୍ଲା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।




**For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).**
**Also available in CSD. Special offers for Defence Personnel, Government, PSU and Corporate employees.**

*Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of 2019 manufacturing. Additional offers available on select stocks only. The abovementioned offers are valid till 30th April, 2019. ^^0% Rate of Interest is calculated on a loan amount of ₹ 205 312/- for a tenure of 18 months. Rate of interest may vary based on loan amount and tenure. Finance at sole discretion of Renault Finance. **Warranty of 4 years include (Manufacturer Warranty of 2 Years or 50 000 km + Extended Warranty of 2 Years or 50 000 km). ##Price mentioned are ex-showroom price for the RxE Petrol. Offers mentioned are for Diesel versions only. ^0% Rate of Interest is calculated on a loan amount of ₹ 727 000/- for a period of 18 months. Rate of interest may vary based on loan amount and tenure. Finance at sole discretion of Renault Finance. ^^^Insurance through Renault Assured only. ***For this offer refer to the terms & conditions on the website: www.renault.co.in/offers/specialprice. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India, and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR**: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +91 7290055349. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI




8.5 crore+ HEROES
ଅଗଣିତ ସମ୍ପର୍କ

World leading brands from the House of Hero
Splendor+ | Super Splendor | iSmart+ | Passion Pro | Glamour | HF Deluxe | Xtreme 200R | Maestro Edge | Pleasure | Destini 125

HeroFinCorp.

HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ˙As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.
For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମକି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଲେଶ୍ୱର:** ସାଇ ହୀରୋ - 7799766407. **ଜଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍ସ - 248001, 248002. **ରାଇରଙ୍ଗପୁର:** ମା ସାକମ୍ବରୀ ମୋଟର୍ସ - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୭ ଏପ୍ରିଲ, ୨୦୧୯

## ସଂକ୍ଷେପରେ

### ପେଣ୍ଟକଟା ବସ୍ତିରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

ପୁରୀ ଅଫିସ,୧୬।୪:ଆସନ୍ତା ୨୩ତାରିଖରେ ପୁରୀ ଲୋକ ସଭା ଏବଂ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋର୍‌ଦାର ଚାଲିଛି। ବିଭିନ୍ନ ସାହିବସ୍ତିରେ ବୁଲି ଭୋଟ ଭିକ୍ଷା କରୁଛନ୍ତି ପ୍ରାର୍ଥୀ। ରୋଡ୍ ଶୋ, ପଦଯାତ୍ରା ବି ହେଉଛି। ସହରରେ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ବୁଲୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ସକାଳେ ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ଏବଂ ବିଧାନସଭା ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ ପେଣ୍ଟକଟା ବସ୍ତିରେ ପ୍ରଚାର କରିଥିଲେ। ଦୁହେଁ ବସ୍ତିରେ ଚାଲି ଚାଲି ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଭାଜପାର ଏହି ପଦଯାତ୍ରା ପେଣ୍ଟକଟା ପେଟ୍ରୋଲ ପମ୍ପଠାରୁ ଆରମ୍ଭ ହୋଇଥିଲା। ଚୈତ୍ର ମଙ୍ଗଳବାର ଥିବାରୁ ବସ୍ତିର ବିଭିନ୍ନ ଗଳିରେ ମହିଳାମାନେ ମା'ମଙ୍ଗଳାଙ୍କ ପୂଜା କରୁଥିଲେ। ପୂଜାସ୍ଥଳରେ ଉଭୟ ପ୍ରାର୍ଥୀ ଅଟକି ମା'ମଙ୍ଗଳାଙ୍କୁ ମୁଣ୍ଡିଆ ମାରିବା ସହ ମହିଳାମାନଙ୍କ ଆଶୀର୍ବାଦ କାମନା କରିଥିଲେ। କୌଣସି ବରିଷ୍ଠ ନାଗରିକଙ୍କୁ ଦେଖିଲେ ତାଙ୍କ ସହ ଦୁଃଖସୁଖ ହେଉଥିଲେ ସମ୍ବିତ୍ ବସ୍ତିରେ କ'ଣ ସବୁ ସମସ୍ୟା ରହିଛି, କେମିତି ସେମାନେ ଚଳୁଛନ୍ତି, ସରକାରୀ ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ଆଦି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ।

### ମଦ ଜବତ: ୩ ଗିରଫ

ପୁରୀ ଅଫିସ,୧୬।୪ : ବେଆଇନ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବ୍ରହ୍ମଗିରି ଥାନା ଅଧୀନ ଅରକୁଦାର ସୁମନ୍ତୀ ବେହେରା(୨୬), ସାତପଡାର ଉପେନ୍ଦ୍ର ନାୟକ(୫୧) ଓ ସାନପାଟଣାର ସୁନ୍ଦରୀ ବେହେରା(୬୦)। ଏମାନଙ୍କଠାରୁ ୬୦ଲିଟର ମଦ ଓ ୪୦ଲିଟର ପୋଚ ଜବତ ହୋଇଛି।

### ପୃଥକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ବ୍ରହ୍ମପୁର ଅଫିସ,୧୬।୪: ପୃଥକ୍ ଦୁର୍ଘଟଣାରେ ଗୁରୁତର ଥିବା ୩ ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଗଜପତି ନଗରରେ ରହୁଥିବା ଏମ. କଲ୍ୟାଣୀ ଓ ପୋଲସରା ଥାନା ମଥୁରା ଗ୍ରାମର କାହ୍ନା ଜେନା । କଲ୍ୟାଣୀଙ୍କ ସ୍ୱାମୀ ଏମ. ଦୁର୍ଯ୍ୟୋଧନ ରାଓ ଚିକିତ୍ସାଧୀନ ଥିବା ବଡ଼ ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି । ପୋଲିସ ୨ଟି ମୃତଦେହ ଜବତ କରିଛି। ଆନ୍ଧ୍ରପ୍ରଦେଶ କାଞ୍ଚୁଲି ଥାନା ଅନ୍ତର୍ଗତ ଗଙ୍ଗାଧର ଗ୍ରାମର ଏମ. ଦୁର୍ଯ୍ୟୋଧନ ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ କିଛି ମାସ ହେଲା ଗଜପତି ନଗରରେ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ଏହି ଦମ୍ପତି ଇଚ୍ଛାପୁରମର ଏକ ମନ୍ଦିରକୁ ଯାଇ ବାଇକ୍‌ରେ ବ୍ରହ୍ମପୁର ଫେରୁଥିଲେ। ସୁରଳ ଛକରେ ବାଇକ୍‌କୁ ଏକ କାର ଧକ୍କା ଦେଇ ପଳାଇବାରୁ ଦମ୍ପତି ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସରେ ବଡ଼ ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ କଲ୍ୟାଣୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି କାହ୍ନା ଜେନା ସୋମବାର ସନ୍ଧ୍ୟାରେ ବାଇକରେ ଯାଉଥିବା ବେଳେ ମଥୁରା ନିକଟରେ ଏକ ଅଟୋ ଧକ୍କା ଦେଇଥିଲା। ଫଳରେ କାହ୍ନା ଆହତ ହୋଇଥିଲେ। ତାଙ୍କୁ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ ଉଦ୍‌ଯାପିତ

# ୪ ଯୁଗର କାହାଣୀ ବଖାଣିଲେ ନୃତ୍ୟଶିଳ୍ପୀ

ପୁରୀ ଅଫିସ, ୧୬।୪

ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟି ଆନୁକୂଲ୍ୟରେ ସିଂହଦ୍ୱାର ନିକଟରେ ତିନିଦିନ ବ୍ୟାପୀ ଚାଲିଥିବା ୪୯ତମ ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ବିଶ୍ୱଜିତ ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ବଡ ଓଡ଼ିଆ ମଠ ମହନ୍ତ ବଂଶୀଧର ଦାସ ମହାରାଜ, ସଂସ୍କୃତି ଗବେଷକ ଭାସ୍କର ମିଶ୍ର, ଦକ୍ଷିଣ ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ ମହାରାଜ ଏବଂ ଭୁବନ ମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ରଙ୍କୁ 'ଶ୍ରୀକ୍ଷେତ୍ର ନୃତ୍ୟଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟଗୁରୁ ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ 'ନବ ପ୍ରତିଭା'ର ନୃତ୍ୟଶିଳ୍ପୀମାନେ ଶ୍ରୀମନ୍ଦିରର



ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପରିବେଷଣ।

### ଆକର୍ଷଣ ସାଜିଲା ପିଲାଙ୍କ ମାହାରୀ ନୃତ୍ୟ

ବିଲୁପ୍ତ ମାହାରୀ, ଓଡ଼ିଶୀରେ ହରଚଣ୍ଡୀ ମାଲେଶ୍ୱରୀ ଓ ନୃତ୍ୟ ନାଟିକା 'ସୃଷ୍ଟି' ପରିବେଷଣ କରିଥିଲେ। ୪ ଯୁଗର କାହାଣୀ ଉପରେ ପର୍ଯ୍ୟବେସିତ ଥିଲା 'ସୃଷ୍ଟି'। ନୃତ୍ୟଶିଳ୍ପୀମାନେ ଦ୍ୱାପର, ତ୍ରେତୟା, କଳି ଓ ସତ୍ୟ ଯୁଗର ଇତିହାସକୁ ଅତି ଚମତ୍କାର ଭାବେ ମଞ୍ଚରେ ଉପସ୍ଥାପନ କରି ସମସ୍ତଙ୍କ ମନ ଜିଣିଥିଲେ। ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା। କମିଟି ସଭାପତି ଇଂ. ବଳଦେବ ସିଂହାରୀ, ସମ୍ପାଦକ ଚନ୍ଦ୍ରମାଧବ ପୂଜାପଣ୍ଡା, ପରିଚାଳନା ସମ୍ପାଦକ ସୁଦର୍ଶନ ପୂଜାପଣ୍ଡା ସାମନ୍ତ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଅମିତ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ରାଜକିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

## ସାହିଯାତକୁ ନେଇ ଗଣ୍ଡଗୋଳ ଘଟଣା: ୨ଗିରଫ

# ଛାଡ଼ିବା ଦାବିରେ ଥାନା ଘେରାଉ

## ଘଟଣା ପଛରେ ରାଜନୈତିକ ହିଂସାକାଣ୍ଡ ଚର୍ଚ୍ଚା

ପୁରୀ ଅଫିସ,୧୬।୪

ସାହିଯାତକୁ ନେଇ ବାଲିସାହିରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳବାର ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିସାହିର ଲୋକନାଥ ପ୍ରଧାନ ଏବଂ ଦାମୋଦର ମହାଭୋଇ। ଉଭୟଙ୍କୁ ଛାଡ଼ିଦେବା ଦାବିରେ ସାହିବାସିନ୍ଦା ଦୀର୍ଘ ସମୟ ଧରି ଥାନା ଘେରାଉ କରିଥିଲେ।

ସୂଚନା ଅନୁଯାୟୀ, ରାମନବମୀଠାରୁ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ବାଲିସାହି ପକ୍ଷରୁ ସାହିଯାତ ପଟୁଆର ବାହାରିଥିଲା। ଏହି ସମୟରେ କୌଣସି କାରଣକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ଜଣ ଗୁରୁତର ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ୨ଜଣଙ୍କୁ ଗିରଫ କରାଯାଇଛି। ଉଭୟଙ୍କୁ ଛାଡ଼ିଦେବା ପାଇଁ ଦାବି କରି ବାଲିସାହିର ଶତାଧିକ ଯୁବକ ଅପରାହ୍ନରେ ଥାନା ଘେରାଉ କରିଥିଲେ। ଥାନା ଆଗରେ ବହୁ ସମୟ ଧରି ବସିରହିବା ପରେ ସେମାନଙ୍କୁ ପୋଲିସ ବୁଝାଶୁଝା କରିଥିଲା। ଏ ନେଇ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର କହିଛନ୍ତି ଯେ, ଘଟଣାର ଆପୋଷ ସମାଧାନ ଲାଗି ଉଭୟ ପକ୍ଷ ଥାନାକୁ ଆସିଥିଲେ। ଅନ୍ୟପକ୍ଷେ ଘଟଣା ପଛରେ ରାଜନୈତିକ ହିଂସାକାଣ୍ଡ ରହିଥିବା କୁହାଯାଉଛି। ଜନୈକ ପ୍ରଭାବଶାଳୀ ନେତାଙ୍କ ସମର୍ଥକମାନେ ଅନ୍ୟ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି।



ଥାନା ଘେରାଉ କରିଛନ୍ତି ବାଲିସାହି ବାସିନ୍ଦା।

## ନିର୍ମାଣ ହେଉନି ପାଚେରି

# ପ୍ରଦୂଷିତ ହେଉଛି ଇନ୍ଦ୍ରଦ୍ୟୁମ୍ନ ପାଣି

ପୁରୀ ଅଫିସ,୧୬।୪

ଆଗକୁ ରଥଯାତ୍ରା। ପୁରୀକୁ ଲକ୍ଷାଧିକ ଭକ୍ତ ଆସିବେ। ପବିତ୍ର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ତେବେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଇନ୍ଦ୍ରଦ୍ୟୁମ୍ନର ପାଣି ପ୍ରଦୂଷିତ ହେବାରେ ଲାଗିଛି। ଏହି ପୁଷ୍କରିଣୀର ପାଚେରି ବିଭିନ୍ନ ସ୍ଥାନରେ ଭାଙ୍ଗିପଡ଼ିଥିବାରୁ ଅଳିଆ ଆବର୍ଜନା ଉଡ଼ିଆସି ପଡୁଛି। ଏପରି କି ସ୍ୱେରେଜର ମଇଳା ପାଣି ଇନ୍ଦ୍ରଦ୍ୟୁମ୍ନରେ ପଶୁଥିଲେ ମଧ୍ୟ ଏଥିପ୍ରତି କେହି ଧ୍ୟାନ ଦେଉ ନାହାନ୍ତି। ମଙ୍ଗଳବାର ମଇଳା ପାଣିର ଏକ ଧାର ଇନ୍ଦ୍ରଦ୍ୟୁମ୍ନରେ ମିଶୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପବିତ୍ର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ବିପଦପୂର୍ଣ୍ଣ ହୋଇପଡିଛି ପାଚେରି, ପ୍ରଦୂଷିତ ହୋଇଛି ଏହାର ପାଣି। ଗତବର୍ଷ ଅଗଷ୍ଟ ୬ ତାରିଖ ରାତିରେ ପ୍ରବଳ ବର୍ଷାରେ ଏହାର ପୂର୍ବ ପାର୍ଶ୍ୱ ପାଚେରି ପ୍ରାୟ ୫୬ ଫୁଟ ଏବଂ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୫୦ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତାର ପାଚେରି ଭୁଶୁଡ଼ି


ଇନ୍ଦ୍ରଦ୍ୟୁମ୍ନ ପୋଖରୀ।

ପଡିଥିଲା। ସେହିପରି ଗତବର୍ଷ ଅକ୍ଟୋବର ୧୧ତାରିଖ ରାତିରେ ହୋଇଥିବା ବର୍ଷାରେ ଉତ୍ତର ପାର୍ଶ୍ୱ ପାଚେରି ପ୍ରାୟ ୪୦ରୁ ୫୦ଫୁଟ ଭୁଶୁଡି ପଡିଥିଲା। ଇତିମଧ୍ୟରେ ପ୍ରାୟ ୬ମାସ ବିତିଗଲାଣି କିନ୍ତୁ ପାଚେରି ତିଆରି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସନ ପୂର୍ବ ପାର୍ଶ୍ୱରେ ଭାଙ୍ଗିଥିବା ପାଚେରି କଡ଼ରେ ସିମେଣ୍ଟ କାନ୍ଥ ବାଡା ତିଆରି କରିଥିବାବେଳେ ଉତ୍ତର ପାର୍ଶ୍ୱରେ ଇଟା ଯୋଡେଇ କାନ୍ଥ କରିଛି। ଏହା ପାଚେରିଠାରୁ ପଛକୁ କରାଯାଇଥିବାବେଳେ ଆଗରେ ବାଲିବସ୍ତା ପ୍ୟାକ୍ ଦିଆଯାଇଛି, ଯାହାକି ଇନ୍ଦ୍ରଦ୍ୟୁମ୍ନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ବାଲିବସ୍ତାଗୁଡ଼ିକ ମଧ୍ୟରୁ ଅଧିକାଂଶ ବସ୍ତା ଫାଟିଗଲାଣି। ପୂର୍ବପଟେ ରାସ୍ତା ତଳେ ଯାଇଥିବା ସ୍ୱେରେଜ ବୋର୍ଡ ନଳାର ଜଏଣ୍ଟ ସ୍ଥାନ ଫାଟିଯାଇଥିବାରୁ ଏଠାରୁ ମଇଳା ପାଣି ବାହାରି ବାଲିବସ୍ତା ଉପର ଦେଇ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ମିଶୁଛି। ମଙ୍ଗଳବାର ଏହି ପୁଷ୍କରିଣୀରେ ମଇଳା ପାଣିର ଧାର ପଡୁଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ ଶ୍ରଦ୍ଧାଳୁ ଏବଂ ସ୍ଥାନୀୟ ଲୋକେ। ଏ ସମ୍ପର୍କରେ ସ୍ୱେରେଜ ବୋର୍ଡ ନିର୍ବାହୀ ଅଧିକାରୀ ପି.କେ. ଦେଓଙ୍କୁ ପଚାରିବାରେ କହିଛନ୍ତି ଯେ, ୩/୪ ମାସ ହେବ ଏ ନେଇ ଆମ ପାଖରେ ଅଭିଯୋଗ ହୋଇଥିଲା। କେବଳ ଆମର ନୁହେଁ, ଡ୍ରେନ୍ ପାଣି ମଧ୍ୟ ପଶୁଥିବା ନେଇ ଅଭିଯୋଗ ହେବା ପରେ ଆମର କର୍ମଚାରୀମାନେ ସେଠାକୁ ଯାଇଥିଲେ। କିନ୍ତୁ କେତେଜଣ ସ୍ଥାନୀୟ ବ୍ୟକ୍ତି ସହଯୋଗ କରି ନ ଥିଲେ। ସ୍ଥାନୀୟ ଲୋକେ ସହଯୋଗ କଲେ କେଉଁଠି ଅସୁବିଧା ରହିଛି ତାହା ଚିହ୍ନଟ କରାଯାଇ ଏହାର ସମାଧାନ କରାଯାଇପାରିବ।

## ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ ବିବାଦ

# ଆଜି ଜିଲାପାଳଙ୍କ କୋର୍ଟରେ ଶୁଣାଣି

ପୁରୀ ଅଫିସ,୧୬।୪

ପୁରୀରେ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ ବିବାଦ ନେଇ ବିଚାରାଧୀନ ମାମଲାର ଶୁଣାଣି ବୁଧବାର ଜିଲାପାଳ ତଥା ପିକେଡିଏ ଉପାଧ୍ୟକ୍ଷଙ୍କ କୋର୍ଟରେ କରାଯିବାକୁ ସ୍ଥିର ହୋଇଛି। ସୂଚନା ଅନୁଯାୟୀ, ସମୁଦ୍ରକୂଳ ସିପସରୁବାଲି ମୌଜାରେ ଏକ ମନ୍ଦିର କମ୍ପ୍ଲେକ୍ସ ତିଆରି କରିବା ଲାଗି ଇସ୍କନ ୨୦୧୫ ମସିହାରେ ପିକେଡିଏଠାରୁ ଅନୁମୋଦନ ନେଇଥିଲା। କିନ୍ତୁ ସେଠାରେ ଇସ୍କନ ଏକ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ କରିବ ବୋଲି ୨୦୧୬ ମସିହାରେ ଅଭିଯୋଗ ଉଠିଥିଲା। ଏହାପରେ ଉପୁଜିଥିଲା ବିବାଦ। ଜନ ଆନ୍ଦୋଳନ ଏବଂ ରାଜନୈତିକ ବିବାଦ ଯୋଗୁ ଏହାକୁ ପ୍ରଶାସନ ବନ୍ଦ କରିଦେଇଥିଲା। ଅନୁମୋଦିତ ନକ୍ସାରେ ଜଗନ୍ନାଥ ମନ୍ଦିର ନ ଥିବାବେଳେ କିପରି ଇସ୍କନ ଏହାକୁ ନିର୍ମାଣ କରିବ ବୋଲି ପ୍ରଶ୍ନ କରିଥିଲା ପିକେଡିଏ। ଏଥିସହ ଅନୁମୋଦିତ ନକ୍ସା କାହିଁକି ବାତିଲ କରାଯିବ ନାହିଁ ବୋଲି ଇସ୍କନକୁ ପିକେଡିଏ ନୋଟିସ ଜାରି କରିଥିଲା। ଏହାକୁ ବିରୋଧ କରି ଇସ୍କନ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଦୁଇ ମାସ ମଧ୍ୟରେ ବିଚାର ଶେଷ କରିବାକୁ ହାଇକୋର୍ଟ ପିକେଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ମାର୍ଚ୍ଚ ୧୭ ତାରିଖରେ ଇସ୍କନ ପିକେଡିଏକୁ ଏକ ଚିଠି ଦେଇଛି। ଦ୍ୱିତୀୟ ମନ୍ଦିର ନିର୍ମାଣ କରିବାର ପ୍ରସ୍ତାବ ନାହିଁ, ଯେଉଁ ମନ୍ଦିର ତିଆରି କରାଯିବ ସେଠାରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ରଖାଯିବ ନାହିଁ। ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଇବେ। ତେଣୁ ମନ୍ଦିର ନିର୍ମାଣ ଲାଗି ଅନୁମତି ଦେବାକୁ ଚିଠିରେ ଦର୍ଶାଯାଇଛି।

## ସାହିଯାତର ୪ର୍ଥ ସନ୍ଧ୍ୟା

# ପିତୃ ସତ୍ୟ ରକ୍ଷା ଲାଗି ବନବାସ ଗଲେ ଶ୍ରୀରାମ

ପୁରୀ ଅଫିସ, ୧୬।୪

ଜନକ ନନ୍ଦିନୀ ସୀତାଙ୍କୁ ବିବାହ କରି ଶ୍ରୀରାମ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ ଶ୍ରୀରାମ ଅଯୋଧ୍ୟାର ରାଜା ହେବେ ବୋଲି ପ୍ରଜାଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା। ଶ୍ରୀରାମଙ୍କ ରାଜାଭିଷେକ ଶୁଣି ଦଶରଥଙ୍କ ଦ୍ୱିତୀୟ ପତ୍ନୀ କୈକେୟୀ ସ୍ୱାମୀଙ୍କୁ ୨ଟି ବର ମାଗିଥିଲେ। ଶ୍ରୀରାମଙ୍କ ୧୪ବର୍ଷ ବନବାସ ଏବଂ ଭରତଙ୍କ ରାଜାଭିଷେକ। ପିତୃ ସତ୍ୟ ରକ୍ଷା କରି ଶ୍ରୀରାମ ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କୁ ଧରି ବନ ଗମନ କରିଥିଲେ। ମଙ୍ଗଳବାର ସାହିଯାତର ୪ର୍ଥ ସନ୍ଧ୍ୟାରେ ବିଗ୍ରହଙ୍କ ସମ୍ମୁଖରେ ମାର୍କଣ୍ଡେଶ୍ୱର ସାହି ଭଗବତୀ କୋଟ ଆଖଡା ପକ୍ଷରୁ ବନଯୋଗ ନୀତି ପ୍ରସ୍ତାବ ଆଗତ ଅବସରରେ ଏହା ପରିବେଷଣ ହୋଇଛି।

ଏଥିସହ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ବନବାସ ନୀତି ସମ୍ପର୍ଣ୍ଣ ହୋଇଥିଲା। ଶ୍ରୀରାମ ନବମୀଠାରୁ ସାହିଯାତ ଚାଲିଛି। ଏଥିଲାଗି ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଛି। ସାତ ସାହି ଜାଗା ଆଖଡା ପକ୍ଷରୁ କଳାକାରମାନେ ସମର କଳା ପ୍ରଦର୍ଶନ ସହ ବିଭିନ୍ନ ବେଶ ଧାରଣ କରି ସାହି ସାହି ବୁଲୁଛନ୍ତି। ଚୈତ୍ର ଶୁକ୍ଳ ଦ୍ୱିତୀୟାରେ ସାହିଯାତର ବନବାସ ନୀତି ସମ୍ପର୍ଣ୍ଣ ହୋଇଛି। ଭଗବତୀ କୋଟ ଜାଗାରୁ ପ୍ରଭୁ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ବିଶ୍ୱାମିତ୍ର, ଗୁହକ ଶବରମାନଙ୍କୁ ନେଇ ନିରାଡମ୍ବର ପଟୁଆର ବାହାରିଥିଲା।

ଅନ୍ୟପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଓ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ନେଇ ରତ୍ନସିଂହାସନରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଠାକୁରଙ୍କ ପାଲିଙ୍କି ବିଜେ ପରେ ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଠାକୁରମାନଙ୍କୁ ମଠ ଝୁଲଣ ଖଟରେ ବିଜେ କରାଇଥିଲେ। ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କ ଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ହୋଇଥିଲା। ପରେ ଭଗବତୀ କୋଟ ଆଖଡା ନୀତିରେ ସାମିଲ ହୋଇଥିଲେ। ଏହି ନୀତି ଦେଖିବା ଲାଗି ମଠରେ ପ୍ରବଳ ଭିଡ ଜମିଥିଲା।

## ସନ୍ତାନମାନଙ୍କ ମଙ୍ଗଳ କାମନା

# ଚୈତ୍ର ମଙ୍ଗଳବାର ଓଷା ଉଦ୍‌ଯାପିତ

ଖଣ୍ଡପଡ଼ା,୧୬।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ଓଡ଼ିଆ ଘରର ମହିଳାମାନେ ସନ୍ତାନମାନଙ୍କ ମଙ୍ଗଳ କାମନା କରି ଚୈତ୍ର ମଙ୍ଗଳବାର ଓଷା କରିଛନ୍ତି। ଏହି ବ୍ରତ ଗତ ମାର୍ଚ୍ଚ ୨୬ ତାରିଖଠାରୁ ଆରମ୍ଭ ହୋଇଥିବାବେଳେ ୪ର୍ଥ ପାଳିରେ ଉଦ୍‌ଯାପିତ ହୋଇଯାଇଛି । ସକାଳୁ ବିଭିନ୍ନ ଗ୍ରାମ ସାହି, ରାସ୍ତା ପାର୍ଶ୍ୱ ପୂଜାସ୍ଥଳରେ ଗାତ ଖୋଳି ତା' ଚାରିପାଖ ଗୋବର ଲେପନ କରିଥିଲେ ଶ୍ରଦ୍ଧାଳୁ ମହିଳାମାନେ। ବିଭିନ୍ନ ରଙ୍ଗର ମୁରୁଜ ପକାଇବା ସହିତ ମହିଳାମାନେ ଏକତ୍ରିତ ଭାବେ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା, ଧୂପ, ଦୀପ ଅର୍ପଣ କରିଥିଲେ । ପୂଜା ଶେଷରେ ମା'ଙ୍କ ଉଦ୍ଦେଶ୍ୟରେ ଗୋଟିଏ ପାତ୍ରରେ ରଖା ଯାଇଥିବା ପଣାକୁ ମହିଳାମାନେ ପୂଜାସ୍ଥଳରେ ଖୋଳା ଯାଇଥିବା ଗାତରେ ଢାଳି ସନ୍ତାନମାନଙ୍କ ମଙ୍ଗଳ କାମନାପୂର୍ବକ ମୁଣ୍ଡିଆ ମାରି ଘରକୁ ଫେରିଥିଲେ ।

# ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ବିଷୁବ ଆସର

ପୁରୀ ଅଫିସ,୧୬।୪

ସ୍ଥାନୀୟ ସର୍ବମଙ୍ଗଳା ପାଠାଗାର ପରିସରରେ ସୋମବାର ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୨୮ତମ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଏବଂ କବି ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ସୁରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବୟିତ୍ରୀ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ରୋଜାଲିନ ପଣ୍ଡା ଧନ୍ୟବାଦ ଦେଇଥିଲେ ।



କାନ୍ଥ ଲେଖାରେ ତ୍ରୁଟି: ଦଶପଲ୍ଲା ନିର୍ବାଚନମଣ୍ଡଳୀର ଏକ ସ୍ଥାନରେ ବିଧାୟକ ପ୍ରାର୍ଥୀ ବଦଳରେ ସାଂସଦ ପ୍ରାର୍ଥୀ ରମେଶ ବେହେରା ଲେଖାଯାଇଛି।

## ସ୍ୱେରେଜ ବୋର୍ଡ ମ୍ୟାନ୍‌ହୋଲ ଚାମ୍ବର

# ଦିନରେ ତିଆରି କଲେ, ରାତିରେ ଭାଙ୍ଗିଲେ


ପୁରୀ ଅଫିସ, ୧୬।୪

ପୁରୀ ଜିଲାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ସରକାରୀ ଅର୍ଥ ଅପବ୍ୟୟ ହେଉଛି। କୌଣସି ପ୍ରକଳ୍ପ ନିର୍ମାଣ ହେବା ପରେ ତାକୁ ପୁଣି ଭାଙ୍ଗିବାକୁ ପଡୁଛି। ଏମିତି ଭଙ୍ଗାଗଢାର ସଦ୍ୟ ଉଦାହରଣ ହେଉଛି ସ୍ୱେରେଜ ବୋର୍ଡର ମ୍ୟାନ୍‌ହୋଲ। ସୋମବାର ଅପରାହ୍ନରେ ପିକେଡିଏ ଛକ-ଟାଉନ ହଲ୍ ରାସ୍ତା କଡ଼ରେ ୭/୮ଟି ମ୍ୟାନହୋଲ ଚାମ୍ବରକୁ ଉଚ୍ଚା କରାଯାଇଥିଲା। ରାସ୍ତାଠାରୁ ଏହା ପ୍ରାୟ ୧ଫୁଟ ଉଚ୍ଚା ହୋଇଥିଲା। ଫଳରେ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ଉପୁଜିଥିଲା। ଏଥିଯୋଗୁ ସ୍ୱେରେଜ ବୋର୍ଡ ବାଧ୍ୟହୋଇ ରାତିରେ ଏହାକୁ ଭାଙ୍ଗିଦେଇଛି।


ରାସ୍ତାରେ ଥିବା ମ୍ୟାନହୋଲ।

### ପାଣିରେ ପଡ଼ିଲା ସରକାରୀ ଅର୍ଥ

୨୦୧୫ ନବକଳେବରର ସମୟରେ ପୁରୀ ସହରର ରାସ୍ତାଘାଟ କାମ ହୋଇଥିଲା। ପୂର୍ତ୍ତ ବିଭାଗ ଏବଂ ପୌରସଂସ୍ଥା ପକ୍ଷରୁ ମ୍ୟାନ୍‌ହୋଲଗୁଡ଼ିକ ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱେରେଜରେ ଜଳ ନିଷ୍କାସନ ଠିକ୍ ଭାବେ ନ ହେବାରୁ ସହରବାସୀ ସ୍ୱେରେଜ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ। ଏପରି କି ସ୍ୱେରେଜ ବୋର୍ଡକୁ ସମାଲୋଚନା ମଧ୍ୟ କରିଥିଲେ। ଏହାର ମରାମତି ପାଇଁ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଥିଲେ ସୁଦ୍ଧା ସମସ୍ତ ମ୍ୟାନହୋଲକୁ ପାଇ ନ ଥିଲେ। ତେଣୁ ରାସ୍ତା ଖୋଳି ମ୍ୟାନ୍‌ହୋଲ ଚିହ୍ନଟ କରିବା ସହ ସେଗୁଡ଼ିକୁ ଉଚ୍ଚା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ପିକେଡିଏ ଛକ-ଟାଉନ ହଲ୍ ରାସ୍ତା ପାର୍ଶ୍ୱସ୍ଥ ୭/୮ଟି ମ୍ୟାନ୍‌ହୋଲ ଚାମ୍ବରକୁ ସୋମବାର ରାସ୍ତାଠାରୁ ପ୍ରାୟ ୧ଫୁଟ ଉଚ୍ଚା କରାଯାଇଥିଲା। ତେବେ ସନ୍ଧ୍ୟାରେ ଏହା ଯାତାୟାତ ଓ ଗାଡ଼ି ଚଳାଚଳ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏ ନେଇ ଅସନ୍ତୋଷ ପ୍ରକାଶ ପାଇବାରୁ କର୍ତ୍ତୃପକ୍ଷ ରାତିରେ ମ୍ୟାନ୍‌ହୋଲ ଚାମ୍ବରକୁ ଭାଙ୍ଗିଦେଇଥିଲେ। ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବାରୁ କୋଟି କୋଟି ଟଙ୍କା ଅଯଥା ପାଣିରେ ପଡ଼ିଲା ବୋଲି ସହରବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ୱେରେଜ ବୋର୍ଡ ନିର୍ବାହୀ ଅଧିକାରୀ ପି.କେ.ଦେଓଙ୍କୁ ପଚାରିବାରୁ କହିଛନ୍ତି ଯେ, ପିକେଡିଏ ଛକରୁ ଟାଉନହଲ୍ ରାସ୍ତା ପାର୍ଶ୍ୱସ୍ଥ କେତେକ ମ୍ୟାନ୍‌ହୋଲ ଚାମ୍ବରକୁ ଉଚ୍ଚା କରାଯାଇଥିଲା। କିନ୍ତୁ ଏହା ଲୋକଙ୍କ ଯାତାୟାତରେ ସମସ୍ୟା ହେବ ବୋଲି ଜଣାପଡ଼ିବା ପରେ ରାତାରାତି ସେଗୁଡ଼ିକୁ ଭାଙ୍ଗିଦିଆଯାଇଛି। ରାସ୍ତା କାମ ହେବା ପରେ ମ୍ୟାନ୍‌ହୋଲ କାମ ହେବ।



ସନ୍ତୋଷ ହେଉଛି ପ୍ରକୃତି ଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
- ସକ୍ରେଟିସ୍



## ସଂକ୍ଷେପରେ

### ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଯାଞ୍ଚ

ନୟାଗଡ଼ ଅଫିସ,୧୬।୪: ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଇଦାନରେ ଥିବା ପ୍ରାର୍ଥୀମାନଙ୍କର ନିର୍ବାଚନ ଖାତା ତଦାରଖ କରିଛନ୍ତି ଖର୍ଚ୍ଚ ପର୍ଯ୍ୟବେକ୍ଷକ ବଲରାମ ସାହା। ୧୦,୧୬ ଓ ୨୦ ତାରିଖ ୩ ଦିନ ଖାତା ଯାଞ୍ଚ ହେବା ପାଇଁ ସ୍ଥିର କରାଯାଇଥିଲା। ୧୦ ଓ ୧୬ ତାରିଖର ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ଯାଞ୍ଚ କରାଯାଇଥିଲା। ୨୦ ତାରିଖ ଖାତା ଯାଞ୍ଚ କରିବାର ଶେଷ ଦିନ ରହିଛି। ତେଣୁ ଯେଉଁ ପ୍ରାର୍ଥୀମାନେ ଖାତା ଯାଞ୍ଚ କରିନାହାନ୍ତି ଉକ୍ତ ଦିନ ସେ ନିଜେ କିମ୍ବା ତାଙ୍କର ପ୍ରତିନିଧିମାନଙ୍କ ଦ୍ୱାରା ଏହି ଯାଞ୍ଚ କରାଇବା ପାଇଁ ସୂଚନା ଦିଆଯାଇଛି। ଯେଉଁମାନେ ଅନୁପସ୍ଥିତ ରହିବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ ସାମିଲ ହେଉନାହାନ୍ତି ବିଧାୟକ

ରଣପୁର,୧୬।୪(ସ୍ୱ.ପ୍ର.): ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ନୟାଗଡ ଜିଲା ରଣପୁର ନିର୍ବାଚନମଣ୍ଡଳୀର ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋର୍‌ସୋର୍ ପ୍ରଚାର ଚଳାଇଛନ୍ତି। ତେବେ ବିଜେଡିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ତେଣୁ ଦଳ ଭିତରେ ଅନ୍ତଃକନ୍ଦଳ ରହିଥିବା ବିଭିନ୍ନ ମହଲରେ କୁହାଯାଇଛି। ପ୍ରକାଶ ଯେ, ନୟାଗଡ ଜିଲା ବିଜେଡି ସଭାପତି ତଥା ରଣପୁର ବିଧାୟକ ରବିନାରାୟଣ ମହାପାତ୍ରଙ୍କୁ ୨୦୧୯ ନିର୍ବାଚନ ପାଇଁ ଦଳୀୟ ଟିକେଟ୍ ଦିଆ ନ ଯାଇ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଛି। ଉକ୍ତ ନିର୍ବାଚନମଣ୍ଡଳୀର ସମସ୍ତ ବିଜେଡି ନେତା ଓ କର୍ମୀ ପ୍ରଧାନଙ୍କ ପ୍ରଚାରରେ ସାମିଲ ହୋଇ ଭୋଟରମାନଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ବିଧାୟକ ମହାପାତ୍ର ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ଯାଉନାହାନ୍ତି ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ମହାପାତ୍ରଙ୍କୁ ମନାଇବା ପାଇଁ ରଣପୁର ବିଜ୍ଞାପିତ ଅଞ୍ଚଳର ୧୩ ଜଣ କାଉନସିଲରଙ୍କ ସମେତ ନେତାମାନେ ଯାଇଥିଲେ । କିନ୍ତୁ ସେ ଅଭିମାନ କରି ପ୍ରଚାରକୁ ଆସୁ ନାହାନ୍ତି। ଏହା ସାଧାରଣ ଭୋଟରଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି। ଏ ବିଷୟରେ ମହାପାତ୍ରଙ୍କୁ ପଚାରିବାରୁ ଏହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ। କୌଣସି ସଭା କିମ୍ବା ପ୍ରଚାରରେ ମୋତେ ଜିଲା ସଭାପତି ସହଯୋଗ କରୁ ନାହାନ୍ତି ବୋଲି ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି।

## ■ ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ

# ସରିଲା ବିଭିନ୍ନ ଦଳର ପ୍ରଚାର

ନୟାଗଡ଼ ଅଫିସ,୧୬।୪

ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ। ସେଥିପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ସକାଳୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଚାର ଜମିଥିଲା। ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମାଳମାଳ ପ୍ରଚାର ଗାଡ଼ି ସହର ଓ ଗାଁ ଗଳିକନ୍ଦିରେ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଦଳର ପ୍ରାର୍ଥୀମାନେ ମଧ୍ୟ ନିଜ ଦଳ ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ପୂର୍ବାହ୍ନରେ ଦଶପଲ୍ଲା ବଜାରରେ ବାଇକ୍ ରାଲି କରିଥିବା ବେଳେ ଅପରାହ୍ନରେ ଗଣିଆରେ ମଧ୍ୟ ବାଇକ୍ ରାଲି କରି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକ ମଧ୍ୟ ଗ୍ରାମକୁ ଗ୍ରାମ ବୁଲି ପ୍ରଚାର କରି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ନାୟକ ନିଜର ସମର୍ଥକମାନଙ୍କ ସହିତ ଗ୍ରାମକୁ ଗ୍ରାମ ବୁଲି ନିଜ ସପକ୍ଷରେ ପଚାର କରୁଥିବା ଦେଖିବାକୁ ମିଳିଥିଲା। ମଇଦାନକୁ ଓହ୍ଲାଇଥିବା ୭ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରଚାରକୁ ଜୋରସୋର୍‌ରେ ମଙ୍ଗଳବାର ଶେଷ କରିଥିବା ଦେଖିବାକୁ ମିଳିଥିଲା। ପ୍ରଚାର ଶେଷ ହୋଇ ଯାଇଥିବା ବେଳେ ଏବେ ଗୁପ୍ତ ଲଢ଼େଇ ଚାଲିବା ନେଇ ଚର୍ଚ୍ଚା ହେଉଛି। ବିଭିନ୍ନ ଉପାୟରେ ଭୋଟରଙ୍କ ନିକଟତର ହେବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ ଚଳାଇଛନ୍ତି। ଏପରିକି ଅନ୍ଧାରି ବିଜେ ପାଇଁ ପ୍ରାର୍ଥୀମାନେ ପ୍ରସ୍ତୁତ ହୋଇଛନ୍ତି। ଗୋଟିଏ ଦିନର ବ୍ୟବଧାନ ପରେ ଭୋଟ ହେଉଥିବାରୁ ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଗୁରୁବାର ଦଶପଲ୍ଲା ନିର୍ବାଚନମଣ୍ଡଳୀର ୨୪୩ଟି ବୁଥ୍‌ରେ ଯୋଗ ଦେବା ଲାଗି କର୍ମଚାରୀମାନେ ବାହାରି ଯାଇଛନ୍ତି। ସକାଳ ୭ଟାରେ ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଫିସରମାନେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରିପୋର୍ଟିଂ କରିଥିଲେ। ଏହାପରେ ସମସ୍ତ କର୍ମଚାରୀଙ୍କୁ ଇଭିଏମ୍, ଭିଭିପିଏଟ୍ ମେଶିନ୍, ଭୋଟ ପାଇଁ ଆବଶ୍ୟକ ସମସ୍ତ ଜିନିଷ ଯୋଗାଇ ଦିଆଯାଇଛି। ମଙ୍ଗଳବାର ସନ୍ଧ୍ୟା ୭ଟା ସୁଦ୍ଧା ନିଜ ବୁଥ୍‌ରେ ଯୋଗଦେବା ପାଇଁ କୁହାଯାଇଛି। ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ଗନ୍ତବ୍ୟସ୍ଥଳକୁ ଯିବା ଲାଗି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅପେକ୍ଷାରତ ପୁଲିଂ ପାର୍ଟି।

**ଏଥର ଅନ୍ଧାରି ବିଜେକୁ ଅପେକ୍ଷା**

### ୩ ଜଣଙ୍କ ନାମରେ ଗିରଫ ନୋଟିସ ଜାରି

ନୟାଗଡ଼ ଅଫିସ,୧୬।୪-ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଗୁରୁବାର ଭୋଟ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ନିର୍ବାଚନମଣ୍ଡଳୀର ୨୩୪ ବୁଥ ପାଇଁ ମଙ୍ଗଳବାର ପୋଲିଂ ପାର୍ଟି କର୍ମଚାରୀ ଓ ଅଧିକାରୀମାନେ ସମସ୍ତ ନିର୍ବାଚନ ଉପକରଣ ନେଇ ନିଜ ନିଜ ବୁଥ୍‌ରେ ଯୋଗ ଦେଇଛନ୍ତି। ହେଲେ ୩ ଜଣ କର୍ମଚାରୀ ପୋଲିଂ ପାର୍ଟି କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଫଳରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ସେମାନଙ୍କ ନାମରେ ଗିରଫ ନୋଟିସ୍ ଜାରି କରିଛନ୍ତି। ସେମାନେ ହେଲେ ନୟାଗଡ଼ ବ୍ଲକ ସଜନାପଡ଼ା କେ.ଏନ୍.ଜନତା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହମ୍ମଦ ଜୁବେର, ନୂଆଗାଁ ବ୍ଲକ ମାଳିସାହି ଜେ.ଏନ. ବାଳିକା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭ୍ରମରବର ପ୍ରଧାନ ଓ ରଣପୁର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜ୍ଞାନ ମାଣିଆ ।

### ମଦ ଜବତ, ୨ ଗିରଫ



ଦଶପଲ୍ଲା,୧୬।୪ (ଡି.ଏନ.ଏ.)

ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ଅବକାରୀ ବିଭାଗ ବହୁ ପରିମାଣର ମଦ ରନ୍ଧା ସାମଗ୍ରୀ ସହ ୧୭ ଲିଟର ଦେଶୀ ମଦ ଜବତ କରିଛି। ୨୨୦ କିଗ୍ରା ପୋଚ ନଷ୍ଟ କରିଥିବାବେଳେ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ମାନେ ହେଲେ ଦଶପଲ୍ଲା ଥାନା ଲୁଧାପଙ୍ଗା ଗ୍ରାମର ଶମ୍ଭୁ ନାୟକ(୩୩) ଓ ଜାନିପଦର ଗ୍ରାମର ଆରତ ନାୟକ(୪୨)। ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ଦାଶଙ୍କ ନେତୃତ୍ୱରେ ବସନ୍ତପୁର, ମକରପ୍ରସାଦ, ବିଡାପାଙ୍କୁ , ଲେମ୍ବୁଗୋଛା, ଜାମୁସାହି, ଝରିମୁଣ୍ଡିଆ ଓ ଗୁଣ୍ଡୁରିବାରୀ ପ୍ରଭୃତି ସ୍ଥାନରେ ଏହି ଚଢ଼ାଉ କରାଯାଇଛି। ୨ ଶହ ୨୦ କିଗ୍ରା ମହୁଲ ପୋଚ ଜବତ କରାଯାଇ ଜଙ୍ଗଲ ମଧ୍ୟରେ ନଷ୍ଟ କରାଯାଇଛି। ପରେ ଲୁଧାପଙ୍ଗା ଗ୍ରାମରେ ଚଢ଼ାଉ କରାଯାଇ ଶମ୍ଭୁଙ୍କ ଘରୁ ୧୨ ଲିଟର ଓ ଆରତଙ୍କ ଠାରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୩ୟ ଦିବସ

# ଶ୍ରୀରାମଙ୍କ ଦ୍ୱାରା ଗଣ୍ଡାବଧ



ଗଣ୍ଡାବଧ ଉତ୍ସବରେ କଳାକାର ଓ ଶ୍ରଦ୍ଧାଳୁମାନେ।

ଦଶପଲ୍ଲା,୧୬।୪(ଡି.ଏନ.ଏ.)

ମହାବୀର କ୍ଷେତ୍ର ଦଶପଲ୍ଲାର ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉତ୍ସବର ମଙ୍ଗଳବାର ୩ୟ ଦିବସରେ ଗଣ୍ଡାବଧ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମନ୍ଦିର ପରିସରରେ ଠାକୁରଙ୍କ ଦେବନୀତି ଶାସ୍ତ୍ରମତେ କରାଯାଇଥିଲା । ରାତିରେ ରଙ୍ଗମଞ୍ଚରେ ଗଣ୍ଡାବଧ ଉତ୍ସବ ଆୟୋଜିତ ହୋଇଥିଲା। ପିତୃ ପୁରୁଷଙ୍କ ଶ୍ରାଦ୍ଧ କାର୍ଯ୍ୟ ନିମନ୍ତେ ରାଜ ପରମ୍ପରା ଅନୁଯାୟୀ ଗଣ୍ଡା ଆବଶ୍ୟକ ହେଉଥିବାରୁ ଗଣ୍ଡାବଧ ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣ ଓ ପାତ୍ରମନ୍ତ୍ରୀ ଅମାତ୍ୟଙ୍କୁ ନେଇ ପାରିଧି ବିଜେ କରିଥିଲେ। ଏହି ଉପଲକ୍ଷେ ଶ୍ରୀରଘୁନାଥ ଏବଂ ମହାବୀର ଦେବଙ୍କ ମନ୍ଦିରଠାରୁ ଏକ ବର୍ଣ୍ଣାଢ୍ୟ ପଟୁଆର ବାହାରି ନଗର ପରିକ୍ରମା କରିଥିଲା ଏବଂ ଦୀର୍ଘ ଏକ ମାଇଲ ବ୍ୟାପୀ ଶୋଭାଯାତ୍ରା ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖସ୍ଥ ନେତାଜୀ ମଇଦାନ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଖୋଲା ରଙ୍ଗମଞ୍ଚରେ କଳାକାରମାନଙ୍କ ଦ୍ୱାରା ରାମନାଟକ ପ୍ରଦର୍ଶିତ ହୋଇଥିଲା ଏବଂ ଗଣ୍ଡାବଧ କାର୍ଯ୍ୟ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଶୋଭାଯାତ୍ରାରେ ଆକର୍ଷଣୀୟ ନାଚଗୀତର ଆୟୋଜନ ହୋଇଥିଲା। କଳାକାରମାନଙ୍କ ସହ ଯାତ୍ରା କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସେଠାରେ ମିନି ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଗଣ୍ଡାବଧ ଉତ୍ସବ ଦେଖିବା ନିମନ୍ତେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା।

### ପେଟ୍ରୋଲ ପମ୍ପ ସେଲ୍‌ସମ୍ୟାନ୍‌ଠାରୁ ଟଙ୍କା ଲୁଟ୍

୯୦ ହଜାର ଉଦ୍ଧାର, ଅଭିଯୁକ୍ତଙ୍କୁ ଥାନାରେ ଅଟକ

ଓଡ଼ଗାଁ,୧୬।୪(ସ୍ୱ.ପ୍ର.)

ସ୍ଥାନୀୟ ଥାନା ଓ ଗୋଡିପଲ୍ଲୀ ନିକଟସ୍ଥ ପେଟ୍ରୋଲ୍ ପମ୍ପରେ ନିୟୋଜିତ ସେଲ୍ସମ୍ୟାନ୍‌ଙ୍କଠାରୁ ନାଇଟୱାଚର୍(ରାତ୍ର ଜଗୁଆଳି)ଟଙ୍କା ଲୁଟ୍‌କରିଥିବା ଅଭିଯୋଗରେ ଥାନାରେ ଅଟକଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗଞ୍ଜାମ ଜିଲା ବିଜିପୁର ଅଞ୍ଚଳର ଅଭିଯୁକ୍ତ ଉକ୍ତ ପେଟ୍ରୋଲ ପମ୍ପରେ କିଛିଦିନ ହେଲା ନାଇଟ୍‌ୱାଚର ଭାବେ କାର୍ଯ୍ୟ କରୁଥଲେ। ତେବେ ରାତିଡ୍ୟୁଟି ସାରି ସେଲ୍ସମ୍ୟାନ୍ ଜଣକ ମଙ୍ଗଳବାର ସକାଳେ ସେଲ୍ସ ଟଙ୍କା ଗଣୁଥିବାବେଳେ ଅଭିଯୁକ୍ତ ସମୁଦାୟ ଟଙ୍କାକୁ ଛଡାଇ ଗାମୁଛାରେ ବାନ୍ଧି ଦୌଡି ପଳାଇଥିଲେ । ଏହାପରେ ଅଭିଯୁକ୍ତ ଜଣକ ଗାଁରେ ବୁଲୁଥିଲେ। ଖବର ପ୍ରକାଶ ପାଇବାପରେ ନାଇଟ୍‌ୱାଚରଙ୍କ ସମ୍ପର୍କୀୟମାନେ ଆସି ସିସିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଲୁଟ୍ ଟଙ୍କା ଫେରାଇଦେବାକୁ କହିଥିଲେ । ଏଥିରେ ଅଭିଯୁକ୍ତ ରାଜି ନ ହୋଇ ଉପସ୍ଥିତ ପେଟ୍ରୋଲ ପମ୍ପ ମାଲିକଙ୍କ ସମ୍ପର୍କୀୟଙ୍କୁ କାମୁଡି, ଛୁରିରେ ଆଘାତ କରି ଦୌଡି ପଳାଉଥିବାବେଳେ ଲୋକେ କାବୁକରି ପୋଲିସରେ ହସ୍ତାନ୍ତର କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ଲୁଟ୍ ହୋଇଥିବା ସମୁଦାୟ ପ୍ରାୟ ୯୦ ହଜାର ଟଙ୍କା ନାଇଟ୍ ୱାଚରଙ୍କ ଘରୁ ଉଦ୍ଧାର କରାଯାଇଥିବା ମାଲିକଙ୍କ ସମ୍ପର୍କୀୟଙ୍କଠାରୁ ପ୍ରକାଶ । ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଥାନାରେ ରଖି ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି।

## ■ ଓଡ଼ଗାଁ ରାମନବମୀ ଯାତ୍ରାର ଚତୁର୍ଥ ସନ୍ଧ୍ୟା

# ଧନୁଭଗ୍ନ ପାଇଁ ଶ୍ରୀରାମଙ୍କ ଗଙ୍ଗା ପାର

ଓଡ଼ଗାଁ,୧୬।୪(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ହେଉଛି ଚତୁର୍ଥ ସନ୍ଧ୍ୟା । ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ରଙ୍କ ସହିତ ପୁରାଣ ବର୍ଣ୍ଣିତ ଜନକପୁରୀ ଗମନ ସମୟରେ ପ୍ରଭୁ ଅନ୍ୟ ଏକ ଲୀଳା ପ୍ରକଟ କରିଛନ୍ତି । ସନ୍ଧ୍ୟା ଆଳତୀ ନିମନ୍ତେ ମନ୍ଦିର ଦୁଆର ଖୋଲିବା ମାତ୍ରେ ପ୍ରଭୁ ଗଙ୍ଗା ପାର ଦୃଶ୍ୟରେ ଶ୍ରଦ୍ଧାଳୁଙ୍କୁ ଭକ୍ତି ବିଭୋର କରିଛନ୍ତି । ପାଷାଣୀ ଅହଲ୍ୟା ଶାପମୁକ୍ତ ହୋଇ ନାରୀ ପାଲଟିଯିବା ପରେ ବିଜ୍ଞାନୀ କୈବର୍ତ୍ତ ପ୍ରଭୁଙ୍କୁ ଡଙ୍ଗାରେ ବସାଇବାକୁ ଅମଙ୍ଗ ହୋଇଥିଲେ । କାଳେ ପ୍ରଭୁଙ୍କ ପଦ ସ୍ପର୍ଶରେ ନଉକା ନାରୀ ପାଲଟିଯିବ । ତେଣୁ ପ୍ରଭୁଙ୍କ ପଦ ଧୌତପୂର୍ବକ ଡଙ୍ଗାରେ ବସାଇବାକୁ କୈବର୍ତ୍ତ ସର୍ତ୍ତ ରଖିଥିଲେ । ଭକ୍ତର ନିବେଦନକୁ ସାଦରେ ଗ୍ରହଣ କରି ବେନିପାଦ ଧୌତ ନିମନ୍ତେ ଶ୍ରୀରାମ ପଦ ବଢ଼ାଇ ଦେଇଥିଲେ । ନିଜକୁ ଧନ୍ୟ ମନେକରିଛନ୍ତ ଭକ୍ତ କୈବର୍ତ୍ତ। ଶ୍ରୀରାମ ଗଙ୍ଗାପାର ପରେ ଜନକପୁରୀରେ ଆତିଥେୟତା ଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ପ୍ରଭୁଙ୍କ ଧନୁଭଗ୍ନ ତଥା ସୀତାବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ସୀତା ବିବାହ ମହାସମାରୋହରେ ଆୟୋଜନ ନିମନ୍ତେ ବାଜା, ଲୋକନୃତ୍ୟ ଆଦିର ପ୍ରସ୍ତୁତି ହୋଇଛି । ପ୍ରଶାସନ ପକ୍ଷରୁ ଏଥିପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏହି ଦିବସରେ ଦମୟନ୍ତକ ଯାତ୍ରା ଥିବାରୁ ପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ଶ୍ରୀଜୀଉ ମଣିବିମାନରେ ବିଜେ କରି ପଟୁଆରରେ ରାଧାକାନ୍ତ ମଠକୁ ଗମନ କରିଥିଲେ । ମଠରେ ଭୋଗଲାଗି ସହିତ ଆଳତି ପରେ ସୀତାରାମ, ଲକ୍ଷ୍ମଣ ଆଦି ଜୀଉମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ରତ୍ନ ସିଂହାସନକୁ ବିଜେ କରିଥିଲେ । ପୂଜକ ଓ ସେବକ ପରିଷଦଙ୍କ ସହିତ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।



ଗଙ୍ଗା ପାର ବେଶରେ ଶ୍ରୀରଘୁନାଥଜୀଉ।

## ରଣପୁର ନିର୍ବାଚନମଣ୍ଡଳୀ

# ପ୍ରବଳ ଖରାରେ ଜୋର୍ ଧରିଲାଣି ପ୍ରଚାର

ରଣପୁର,୧୬।୪(ସ୍ୱ.ପ୍ର.)

■ବାଇକ୍‌ରେ ଚାଲିଛି ସତ୍ୟଙ୍କ ପ୍ରଚାର, କାର ମାଧ୍ୟମରେ ସୁରମା
■ଘର ଘର ବୁଲୁଛନ୍ତି ଶୁଭଶ୍ରୀ

ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁମୁଳି ଭିତରେ ରଣପୁରରେ ଚାଲିଛି ନିର୍ବାଚନ ପ୍ରଚାର। ବିଭିନ୍ନ ଦଳର ନେତାମାନେ ନିଜ ନିଜ ରଣ କୌଶଳ ପ୍ରୟୋଗ କରି ଭୋଟରଙ୍କ ନିକଟତମ ହୋଇ ଭୋଟ ପାଇବା ପାଇଁ ପ୍ରୟାସ ଚଳାଇଛନ୍ତି। ଆସନ୍ତା ୨୩ ତାରିଖ ୩ୟ ପର୍ଯ୍ୟାୟରେ ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ୧୦ ଜଣ ପ୍ରାର୍ଥୀ ରଣାଙ୍ଗନକୁ ଓହ୍ଲାଇଥିଲେ ମଧ୍ୟ ତିନି ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବା ନେଇ ଚର୍ଚ୍ଚା ହେଉଛି। କିଏ ବାଇକ୍ ଯୋଗେ ତ ଆଉ କିଏ କାରରେ ବୁଲି ପ୍ରଚାର କରୁଛନ୍ତି। ପୁଣି କିଏ ଘର ଘର ବୁଲି ପ୍ରଚାର କରୁଛନ୍ତି । ଦ୍ୱିତୀୟ ଥର ବିଜୟ ହେବା ପାଇଁ ଆଶା ରଖି ବିଜେଡିରୁ ପ୍ରାର୍ଥୀ ହୋଇଥିବା ସତ୍ୟ ନାରାୟଣ ପ୍ରଧାନ ବାଇକ୍ ଯୋଗେ ଗାଁ ଗହଳିର ଗଳି କନ୍ଦି ବୁଲି ପ୍ରଚାର କରୁଥିବାବେଳେ ଚାରିଅଡ଼େ ନିଜର ଓ ଦଳୀୟ ପୋଷ୍ଟର, ବ୍ୟାନର୍ ଛାଇ ଦେଇଛନ୍ତି । ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତିକୁ ଆୟୁଧ କରି ସକାଳେ, ସନ୍ଧ୍ୟାରେ ଭୋଟ ଭିକ୍ଷା କରୁଛନ୍ତି । ଅନ୍ୟ ପକ୍ଷେ ସତ୍ୟ ନାରାୟଣଙ୍କୁ ହରାଇବା ପାଇଁ ଭାଜପା ପ୍ରାର୍ଥିନୀ ସୁରମା ପାଢୀ ପ୍ରତିଦିନ କାର୍ ଯୋଗେ ବିଭିନ୍ନ ଗ୍ରାମ ବୁଲି ସଭା ସମିତି ମାଧ୍ୟମରେ ଭୋଟ ଭିକ୍ଷା କରୁଛନ୍ତି । ସେ ବିଜୟୀ ହେଲେ କିପରି ନିର୍ବାଚନ ମଣ୍ଡଳୀର ଉନ୍ନତି ହେବ ସେ ନେଇ ଭୋଟରଙ୍କୁ ବୁଝାଉଛନ୍ତି । ସେହିପରି କଂଗ୍ରେସରୁ ପ୍ରାର୍ଥିନୀ ହୋଇଥିବା ଶୁଭଶ୍ରୀ ପଣ୍ଡା ବିଭିନ୍ନ ଗ୍ରାମକୁ ଯାଇ ଭୋଟ ନିବେଦନ କରିବା ସହ ଦ୍ୱାର ଦ୍ୱାର ବୁଲି ପ୍ରଚାର କରୁଛନ୍ତି ।



ବାଇକ୍ ରାଲିରେ ବିଜେଡି ବିଧାୟକ ପ୍ରାର୍ଥୀ।

# ଘାସ ଓ ଦଳରେ ପରିପୂର୍ଣ୍ଣ ଜଳାଶୟ

ଖଣ୍ଡପଡ଼ା,୧୬।୪(ସ୍ୱ.ପ୍ର.)

■ଜଳ ବ୍ୟବହାର ଅନୁପଯୋଗୀ
■ପାଲଟିଛି ମଶା ଓ ସରୀସୃପଙ୍କ ଅନ୍ତୁଡ଼ିଶାଳ
■ନିର୍ବାଚନ ପୂର୍ବରୁ ପୁନରୁଦ୍ଧାର ଦାବି

ନିର୍ବାଚନ ପୂର୍ବରୁ ନେତାମାନେ ଦେଇଥିବା ପ୍ରତିଶ୍ରୁତି ସବୁକୁ ପରେ ଭୁଲିଯାଆନ୍ତି। ସେହିଭଳି ବିଗତ ୨ ଦଶନ୍ଧି ଧରି ନେତାମାନେ ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତସ୍ଥ ଅକୁରା ସର(ନାଳ)ର ପୁନରୁଦ୍ଧାର ନେଇ ଲୋକଙ୍କୁ ଭୁଆଁ ବୁଲେଇବାରେ ଲାଗିଛନ୍ତି। ବର୍ତ୍ତମାନ ନାଳଟି ଘାସ ଓ ଦଳରେ ପୂରି ରହିଥିବାବେଳେ ପ୍ରବଳ ମାତ୍ରାରେ ମଶା ଓ ସରୀସୃପଙ୍କ ଏନ୍ତୁଡିଶାଳ ପାଲଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସମ୍ପ୍ରତି ଗ୍ରାମବାସୀଙ୍କ ଜୀବନ ଓ ଜୀବିକା ପାଲଟିଥିବା ଏହି ସର ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଜଳାଶୟର ଉପରିଭାଗ ଅନାବନା ଘାସ, ଦଳରେ ପରିପୂର୍ଣ୍ଣହୋଇ ଜଳ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ନିର୍ବାଚନ ଜିତିବା ପରେ ଏହାର ବିକାଶ, ପୁନରୁଦ୍ଧାର ହେବ ବୋଲି ବାରମ୍ବାର ନେତାମାନେ କହିଆସୁଛନ୍ତି। ଏହା ସ୍ଥାନୀୟ ଲୋକଙ୍କ ଦେହସୁହା ହୋଇଗଲାଣି। ତେଣୁ କେବଳ କଥାରେ ନୁହେଁ, ଆମେ କାମରେ ଦେଖିବାକୁ ଚାହୁଁ ବୋଲି ଗ୍ରାମବାସୀ ଏବେ କହୁଛନ୍ତି। ସ୍ଥାନୀୟ ଭୋଟରମାନେ ଦାବି କରିଛନ୍ତି ଯେ, ନିର୍ବାଚନ ପରେ ନୁହେଁ ବରଂ ପୂର୍ବରୁ ଉକ୍ତ ସମସ୍ୟାର ସମାଧାନ ଆବଶ୍ୟକ। ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ବନ୍ୟା ସମୟରେ ମହାନଦୀର ବନ୍ୟା ଜଳ ସ୍ଲୁଇସ୍ ଗେଟ୍ ଦେଇ ଗହୀର ବିଲ ମଧ୍ୟରେ ପ୍ରବେଶ କରିଥିଲା। ପରେ ବଳରାମପ୍ରସାଦ ଗ୍ରାମ ଶେଷମୁଣ୍ଡ ପୂର୍ବ-ପଶ୍ଚିମ ଦିଗରେ ୨.୫ କି.ମି. ଲମ୍ବ ଓ ୩ ଶହ ମିଟର ଓସାରରେ ଏକ ଜଳାଶୟ ସୃଷ୍ଟି କରିଥିଲା । ୧୭.୪୦ ଏକର ପରିମିତ ଏହି ଜଳାଶୟ ପରବର୍ତ୍ତୀ ସମୟରେ ଅକୁରାବନ୍ଧ ସର ବା ଅକୁରାସର ନାଳ ଭାବରେ ପରିଚିତ ହେଲା । କୁହାଯାଏ, ସମ୍ପୃକ୍ତ ସରରେ ଥିବା ମାଛ ୧୦ କିଲୋରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ସେସବୁ କତାଳିଆ ନ ହୋଇ ମଧୁର, ସ୍ୱାଦଯୁକ୍ତ ହୋଇଥାଏ । ସ୍ଥାନୀୟ ଲୋକେ ସ୍ନାନ, ଶୌଚାଦି ସମ୍ପନ୍ନ କରିଥାନ୍ତି । ନିକଟସ୍ଥ ଗ୍ରାମଗୁଡ଼ିକରେ ପୋଖରୀ କିମ୍ବା ଅନ୍ୟ କୌଣସି ଜଳାଶୟ ନ ଥିବାରୁ ଏହି ବୃହତ୍ ଜଳାଶୟ ଉପରେ ସିଧାମୂଳା, ଘୋଡାମାରୀଦ୍ୱାର ଓ ବଳରାମପ୍ରସାଦ ଗ୍ରାମର ୩ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି । ୩ ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏଥିରୁ ମାଛମାରି ପରିବାର ପ୍ରତିପୋଷଣ କରିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ଉକ୍ତ ସର ବ୍ୟତୀତ ଅନ୍ୟ କିଛି ନ ଥିବାରୁ ଗ୍ରାମବାସୀ ବହୁ ହଇରାଣ, ହରକତ ହେଉଥିବା କୁହାଯାଇଛି।

ସୂଚନାଯୋଗ୍ୟ, ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ କ୍ରମେ ୨୦୦୯ ଜୁଲାଇରେ ତତ୍କାଳୀନ ନୟାଗଡ ଜିଲାପାଳ ପରେଶ ଚନ୍ଦ୍ର ନାୟକ ଉକ୍ତ ଜଳାଶୟକୁ ପରିଦର୍ଶନରେ ଆସିଥିଲେ। ଏହାର ଅନୁଧ୍ୟାନ ପରେ ପୁନରୁଦ୍ଧାର, ବିକାଶ ପାଇଁ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ଉକ୍ତ ଅର୍ଥର ସଦ୍‌ବିନିଯୋଗ ହୋଇପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରନାଳ ସମସ୍ୟାର ସମାଧାନ ନିମନ୍ତେ ଦୃଷ୍ଟି ଦେଉଥିବା ନେତାଙ୍କୁ ଆମେ ଚାହୁଁ ବୋଲି ବଳରାମପ୍ରସାଦ ଗ୍ରାମ ସଭାପତି ବିଜୟ କୁମାର ଲେଙ୍କା, ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ରାଉତ, ଘନଶ୍ୟାମ ମିଶ୍ର, ସନାତନ ଲେଙ୍କା, ବିଜୟ କୁମାର ସାହୁ, ସିଧାମୂଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀ, ପରିବେଶପ୍ରେମୀ ମହେଶ୍ୱର ରଣା, ପଞ୍ଚାନନ ଦଳେଇ, ଜୟକୃଷ୍ଣ ମହାଳିକ, ଭଗବାନ ଦଳେଇ ଓ ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି। ସନ୍ଧ୍ୟା ହେଲେ ସ୍ଥାନୀୟ ଲୋକେ ବାଘ, ଭାଲୁଠାରୁ ମଧ୍ୟ ଅଧିକ ଭୟ କରନ୍ତି ଏହି ସରରେ ଥିବା ମଶା, ଡାଆଁଶ ଓ ସରୀସୃପଙ୍କୁ ବୋଲି ଗ୍ରାମର ଗୋଲଖ ଲେଙ୍କା, ନାରାୟଣ ରାଉତ, ସନାତନ ଲେଙ୍କା, ବନ୍ଧୁ ବିଶ୍ୱାଳ ଓ ଘନଶ୍ୟାମ ମିଶ୍ର ପ୍ରମୁଖ କୁହନ୍ତି । ବର୍ତ୍ତମାନ ଏହା ମଣିଷ କିମ୍ବା ଗୃହପାଳିତ ପଶୁଙ୍କ ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅକୁରାସରର ପ୍ରଦୂଷିତ ଜଳ ଓ ପରିବେଶ ଯୋଗୁ ଅନେକ ଲୋକ ବାରମ୍ବାର ମ୍ୟାଲେରିଆ ଏବଂ ବାତଜ୍ୱରରେ ପୀଡିତ ହେଉଥିବା ଗ୍ରାମର ବିଜୟ କୁମାର ପୃଷ୍ଟି ଓ ସିଧାମୂଳା ଗ୍ରାମର ମହେଶ୍ୱର ରଣା ପ୍ରମୁଖ ଅଭିଯୋଗ କରିଛନ୍ତି ।



ଦଳରେ ପରିପୂର୍ଣ୍ଣ ଅକୁରା ସର।